କାଶ୍ମୀରର ମହାରାଜା ଜୁବିଲି ଉପଲକ୍ଷରେ ଜମ୍ମୁ ନଗରର ତାଓନଦୀ ଉପରେ ଗୋଟିଏ ପ୍ରକାଣ୍ଡ ସେତୁ ନିର୍ମାଣର ପ୍ରସ୍ତାବ କରିଅଛନ୍ତି । ଏଥିରେ ଯେମନ୍ତ ଅନେକଲକ୍ଷ ଟଙ୍କା ବ୍ୟୟ ହେବ ସେମନ୍ତ ଲୋକମାନଙ୍କର ଅନେକ ଉପକାର ସାଧିତ ହେବ । ମହାରାଜାଙ୍କ ଏ ପ୍ରସ୍ତାବ ତାଙ୍କ ବଦାନ୍ୟତା ଓ ବୁଦ୍ଧିର ପରିଚାୟକ ଓ ଅମ୍ଭେମାନେ ଏ ପ୍ରସ୍ତାବକୁ ଅତି ଆନନ୍ଦ ସହକାରେ ଅନୁମୋଦନ କରୁଅଛୁଁ ।

ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କ ଜୁବିଲି ସମ୍ବନ୍ଧରେ ବିଲାତରେ ଗତମାସ ତା ୧୨ ରିଖରେ ଏକ ସଭା ହୋଇଥିଲା । ଯୁବରାଜ ପ୍ରିନ୍ସ ଅଫ ୱେଲସ୍ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାପତି ମହାଶୟ ଏତଦୁପଲକ୍ଷରେ ଗୋଟିଏ ଚିରସ୍ଥାୟୀ ପ୍ରଦର୍ଶନୀ ସମିତି ସ୍ଥାପିତ ହେବାର ପ୍ରସ୍ତାବ କଲେ ଓ ତାହା ଏକବାକ୍ୟରେ ଧାର୍ଯ୍ୟ ହେଲା । ଏହି ସମିତିରେ ନାନା ଦେଶୀୟ ଶିଳ୍ପ ବାଣିଜ୍ୟାଦି ସମ୍ବନ୍ଧୀୟ ଦ୍ରବ୍ୟଜାତ ପ୍ରଦର୍ଶିତ ହେବ ।

ବୋମ୍ବାଇଠାରେ ଶ୍ରୀ ଶ୍ରୀମତୀ ଭିକ୍ଟୋରିଆଙ୍କ ଜୁବିଲି ପର୍ବ୍ବ ଉପଲକ୍ଷରେ ଗୋଟିଏ ଶିଳ୍ପବିଦ୍ୟାଳୟ ସ୍ଥାପିତ ହେବାର ଉଦ୍ଯୋଗ ଚାଲିଅଛି । ଏଥି ନିମିତ୍ତ ସେଠା ଗବର୍ଣ୍ଣମେଣ୍ଟ ଟ ୨୦୦୦୦୦ଙ୍କା ଓ ମିଉନିସିପାଲିଟି ଟ୪୦୦୦୦ଙ୍କା ଦେବାର ସ୍ୱୀକାର ହୋଇଅଛି ମଧ୍ୟ ବମ୍ବଇର ଲର୍ଡ ରିପନଙ୍କ ସ୍ମୃତି ସ୍ଥାପନ ନିମିତ୍ତ ସଂଗୃହୀତ ହୋଇଥିବା ଦୁଇଲକ୍ଷ ଟଙ୍କା ମଧ୍ୟ ଏଥିରେ ବ୍ୟୟିତ ହେବ ।—ଉକିଲ ।

## କଟକର ସମ୍ବାଦ ।

ଗତମାସ ତା ୧୩ ରିଖରେ ଅସ୍ମାମାନଙ୍କ ମାନ୍ୟମାନ ଛୋଟଲାଟ ଶ୍ରୀ ବଲେଣ୍ଡର ସାହେବ ମହୋଦୟ ଏ ଜିଲ୍ଲାକୁ ଗସ୍ତରେ ଆସିଥିଲେ, ଏଠାରେ ପ୍ରବେଶ ମାତ୍ରେ ବହୁ ସମାରୋହ ସହକାରେ ସାହେବ ମହୋଦୟଙ୍କୁ ଅଭ୍ୟର୍ଥନା କରାଯାଇ ତୋପଧ୍ୱନି ପୂର୍ବକ ସଲାମି ଦିଆଯାଇଥିଲା । ସାହେବ ମହୋଦୟ ଏଠାରେ ଦୁଇ ସମୟ ରହି ଏଠାର କଲେଜ ଡାକ୍ତରଖାନା ଓ ସ୍କୁଲ ଇତ୍ୟାଦି ତଦନ୍ତ କରି ଫେରିବା ସମୟରେ ଅନେକ ଭଦ୍ରପ୍ରଜାମାନେ ସାହେବ ମହୋଦୟଙ୍କଠାରେ ସାକ୍ଷାତ କରି ତହିଁର ଯଥାର୍ଥ ଉତ୍ତର ପାଇ ସାହେବଙ୍କ ସନ୍ତୋଷ ଲାଭ କଲେ ।

ମାଘମାସର କେତେକ ଦିନ ଅମ୍ଭେମାନେ ଦେଖୁ ଅଛୁଁ, ବହୁ ଶୀତର ଅଭାବର କଥା ବୁଝାଯାଉ ନାହିଁ, ପୁଣି ଏଥିସଙ୍ଗେ ବସନ୍ତ ରୋଗର ପ୍ରାଦୁର୍ଭାବ ଆରମ୍ଭ ହେଉଅଛି । ଶୀତ ଯେପରିମାଣେ ହୋଇଅଛି ତାହାଙ୍କ ପ୍ରବଳ ସେହି ପ୍ରମାଣେ ପ୍ରବଳ ହେବ ବୋଲି ଅନେକଙ୍କ ମନରେ ଧାରଣା ହୋଇଅଛି ।

କଟକରେ ମାଣ୍ଟିଅମଙ୍ଗଳା ନାମକ ଏକ ଠାକୁରାଣୀ ଅଛନ୍ତି ତାଙ୍କର ହୁକୁମ ଅଛି ଯେ ନିକଟବର୍ତ୍ତୀ ଗ୍ରାମମାନଙ୍କରେ କେହି ଚିଡ଼ିଚିଡ଼ା ଧାନ କୁଟିବେ ନାହିଁ, କେବଳ ହାତପାହୁଣ୍ଡରେ ଧାନ କୁଟିବେ ଯେ କେହି ଏଥିର ବହିର୍ଭୂତ କରେ ତାକୁ ବାଧ ଲାଗେ । କଳିଯୁଗରେ ଦେବତାମାନଙ୍କର ପ୍ରତାପ ବର୍ତ୍ତମାନ ଅଛି ।

ଶୁଣିବାକୁ ମିଳିଲା ଯେ କଲିକତା ପର୍ଯ୍ୟନ୍ତ ... ଜାହାଜରେ ... ଅଠାଅଶୀ, ତଥାପି ଦର୍ଶନ ହୋଇଅଛି, ବେଶ ଶସ୍ତା ଟିକଟ ମିଳୁଅଛି । ଦର୍ଶକମାନେ ଏହି ସମୟରେ ଗଲେ ବେଶ ସୁବିଧା ଓ ଶସ୍ତାରେ ଟିକଟ ପାଇବେ ।

## ପୁରୀ ସମ୍ବାଦ ।

ଗତମାସ ତା ୧ ରିଖେ ରବିବାର ଦିନ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ କମିଶନର ସାହେବ ମହୋଦୟ ପୁରୀରେ ପହଞ୍ଚିଲେ ସ୍ୱୟଂ ଶ୍ରୀଯୁତ ଡାକ୍ତର ସାହେବଙ୍କ ସମଭିବ୍ୟାହାରେ କେତେକ ସ୍ଥାନ ପର୍ଯ୍ୟଟନ କରିବାବେଳେ ଓଭରସିୟର ବାବୁ ଓ ଜମାଦାର ପ୍ରଭୃତି ସଙ୍ଗେ ଥାଇ ମାର୍କଣ୍ଡେୟ ପୁଷ୍କରିଣୀ ଓ ନିଷ୍ଠିଅଣୀରେ ହୋଇଥିବା ନୂତନକୂପ ଓ ଶ୍ୱେତଗଙ୍ଗା, ଆଉ କେତେକ ଯାତ୍ରୀ ପାଣ୍ଡାଘର ମଇଳା ପୋତା ହେବା ସ୍ଥାନମାନ ମଧ୍ୟ ପାଏଖାନାସବୁ ଦେଖି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିଭ୍ରମଣ କରି ପ୍ରସ୍ଥାନ କରିଅଛନ୍ତି । କେବଳ ସହର ସ୍ୱାସ୍ଥ୍ୟସମ୍ବନ୍ଧେ ମିଉନିସିପାଲିଟିର ଚେୟାରମେନ ବାବୁଙ୍କ ସହିତ କଥୋପକଥନ ହୋଇଥିଲା । ସାହେବ ପ୍ରଶଂସିତଙ୍କର ମତ ସମ୍ମତ ପ୍ରକାଶ ହୋଇ ନାହିଁ ପଶ୍ଚାତ୍ ଜଣାଇଲେ ପ୍ରକାଶ କରାଯିବ ।

ଗତ ତା ୧୪ ରିଖ ପ୍ରଭାତ ସମୟେ ଝାଉଗ୍ରେନନାମକ ଜାହାଜରେ ଦ ୨୦୦୦ ହଜାର ଯାତ୍ରୀ ଦର୍ଶନାର୍ଥ ଆଗମନ କରିଥିଲେ ତନ୍ମଧ୍ୟରେ ଦୁଇଜଣ ଯାତ୍ରୀ କାଷାୟବସ୍ତ୍ର ପରିଧାନ କରି ଗୋଟିଏ ଏକତାରା ଯନ୍ତ୍ର ଧାରଣ କରି ଓଁକାର ଉଚ୍ଚାରଣ କରି ନାଦବ୍ରହ୍ମଙ୍କର ଉପାସନା କରୁଥିଲେ । କଳିକାଳରେ ଏପରି ସମ୍ପ୍ରଦାୟର ଲୋକ ଏଠାରେ ଦେଖାଗଲେ । କିନ୍ତୁ ଯାତ୍ରିମାନେ ବହୁଦିନ ରହି ନ ପାରି ତା ୧୭ ରିଖ ଦିନ ଘ ୧ ଣ୍ଟା ସମୟେ ଉକ୍ତ ଜାହାଜରେ ଏଠାରୁ ପ୍ରସ୍ଥାନ କଲେ ।

ଏହି ମାସରେ ଜ ୪ ଣ ବ୍ରାହ୍ମଣ ପୁରୀରେ ପହଞ୍ଚି ଶ୍ରୀଯୁକ୍ତ ପ୍ରଭାତ ବାବୁ ଉପୋଷିଙ୍କ ଆଶ୍ରୟରେ ରହି ଉପାସନା ଓ ନଗରସଙ୍କୀର୍ତ୍ତନାଦି କରି କଣ୍ଟକ ପାଥେୟ ନେଇ ଚାଲିଗଲେ ।

ଅସ୍ମାମାନଙ୍କ କଲେକ୍ଟର ସାହେବ ମୋଫସଲ ଗସ୍ତରେ ଥିଲେ ତା ୧୯ ରିଖ ଦିନ ଘ ୪ ଣ୍ଟା ସମୟେ ଏଠାରେ ପହଞ୍ଚିଅଛନ୍ତି ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

ମହାଶୟ !

ଗଦ୍ୟରଚନାରେ ବିଶୁଦ୍ଧ ବର୍ତ୍ତମାନକାଳର ଓ ଅନଦ୍ୟତନ ଅବା ଅନିଶ୍ଚିତ ଭୂତକାଳର କ୍ରିୟାପଦରେ, ଅଛୁ, ଅଛି, ଅଛ, ଅଛନ୍ତି, ଲଗଇ ଯଥା—କରୁଅଛୁ, କରୁଅଛି, କରୁଅଛ, କରୁଅଛନ୍ତି, କରିଅଛୁ, କରିଅଛି, କରିଅଛ, କରିଅଛନ୍ତି ଇତ୍ୟାଦି । ମାତ୍ର ପଦ୍ୟରଚନାରେ ଅନେକ ସ୍ଥଳେ, କରୁଛୁ; କରୁଛି, କରିଛି, କରିଛ ଇତ୍ୟାଦି ବ୍ୟବହାର ହୁଅଇ । କଥିତଭାଷାରେ ଓ ନାଟକରେ ଏହିପ୍ରକାର ବ୍ୟବହାର ହୁଏ । ସର୍ବ୍ବସାର ବ୍ୟାକରଣ, ଲେସିସାହେବଙ୍କ ବ୍ୟାକରଣରେ ଏ ଉଭୟପ୍ରକାର ବିଭକ୍ତି ଦେଖାଯାଏ । ତେବେ ପଦ୍ୟରଚନା ପରି ଗଦ୍ୟରେ ପୂର୍ବୋକ୍ତପ୍ରକାର ବିଭକ୍ତି ଅର୍ଥାତ୍ କରୁଛି, କରିଛି ଇତ୍ୟାଦି ବ୍ୟବହାର କଲେ କି ଦୋଷ ? ଆମ୍ଭଜାଣିବାରେ ତହିଁ ହାନି ନାହିଁ ବରଂ ଲାଭ । ଯେହେତୁ ସଂସ୍କୃତବ୍ୟାକରଣରେ ଉକ୍ତ ଅଛି କି ମାତ୍ରାଲାଘବ ପୁତ୍ରଲାଭ ତୁଲ୍ୟ ଅଟେ ଅର୍ଥାତ୍ କୌଣସି ଅକ୍ଷର ମାତ୍ରାଦ୍ୱାରା ପ୍ରକାଶ ହେଲେ ଅଳ୍ପ ପରିଶ୍ରମ ଓ ଅଳ୍ପ ସ୍ଥାନ ଲାଗଇ ଏଣୁକରି ଏହା ପୁତ୍ରଲାଭ ତୁଲ୍ୟ ସୁଖକର ଅଟଇ । ଆମ୍ଭପ୍ରସ୍ତାବମତେ ଏକାବେଳକେ "ଅ" ଅକ୍ଷରଟି ଲୋପ ହେବ ମାତ୍ରା ସୁଦ୍ଧା ଆବଶ୍ୟକ ହେବ ନାହିଁ । ଏ ହେତୁ ଏହା ଅଧିକ ଲାଭର କଥା । ଅଛି, ଅଛୁ, ଅଛନ୍ତି ଇତ୍ୟାଦି ପୃଥକ୍ ଶବ୍ଦ ଅଟଇ ଏହା କୌଣସି କ୍ରିୟାଶବ୍ଦ-ସଙ୍ଗେ ଯୋଗ ହେଲେ ତାହା ଯୁଗ୍ମ ଶବ୍ଦ ହୁଅଇ । ଅଛି, ଅଛୁ, ଇତ୍ୟାଦି ପରିବର୍ତ୍ତେ କେବଳ ଛି, ଛୁ, ଛନ୍ତି ଯୋଗ ହେଲେ ( ଯଥା; କରୁଛି, ଯାଉଛୁ, ଖାଉଛନ୍ତି ଇତ୍ୟାଦି ) ଗୋଟିଏ କ୍ରିୟାପଦ ତୁଲ୍ୟ ହେବ । ଅଥଚ ଅଶୁଦ୍ଧ ନ ହେବ କିମ୍ବା ଅର୍ଥର ବ୍ୟତିକ୍ରମ ନ ହେବ ଏବଂ ସ୍ଥାନ ଓ ପରିଶ୍ରମ ଊଣା ହୋଇଯିବ । ଅତଏବ ଆପଣ ଓ ଆଧୁନିକ ଗ୍ରନ୍ଥକାରମାନେ ଏ ବିଷୟର ଆଲୋଚନା କରନ୍ତୁ ଯଦି ଆମ୍ଭର ପ୍ରସ୍ତାବ ଆପଣଙ୍କର ମନୋନୀତ ହୁଏ ତେବେ ଆପଣ ଅଗ୍ରେ ଏହିପରି କ୍ରିୟାପଦ ଆପଣଙ୍କ ପତ୍ରିକାରେ ବ୍ୟବହାର କରନ୍ତୁ । କେହି କେହି କହି ପାରନ୍ତି କି ଏ କ୍ରିୟାପଦମାନ ବାକ୍ୟର ଶେଷରେ ବ୍ୟବହୃତ ହୁଅଇ । "ଅ" ଲୋପ ହେଲେ ଉଚ୍ଚାରଣ ଲଘୁ ହୋଇ ସୁଶ୍ରାବ୍ୟ ହେବ ନାହିଁ । ଏହା କେବଳ ଅଭ୍ୟାସର କଥା–ବର୍ତ୍ତମାନ "କରୁଅଛି" "ଯାଉଅଛି" ବ୍ୟବହାର ହେଉଛି ବୋଲି ସୁଶ୍ରାବ୍ୟ ହୋଇଛି ମାତ୍ର "କରୁଛି" "ଯାଉଛି" ଇତ୍ୟାଦି ଏଣିକି ସତତର ବ୍ୟବହାର ହେଲେ କ୍ରମେ ସୁଶ୍ରାବ୍ୟ ହୋଇଯିବ ସନ୍ଦେହ ନାହିଁ । ସୁତରାଂ ଏଥିରେ ଆମ୍ଭେ କୌଣସି ଦୋଷ ଦେଖୁ ନାହୁଁ ଓ ଲାଭ ଉପରେ ଦର୍ଶାଇଛୁଁ । ଭରସାକରୁଁ ଆପଣ ଆପଣଙ୍କ ପ୍ରସ୍ତାବସ୍ତମ୍ଭରେ ଏଥିର ଆଲୋଚନା ଓ ଘୋଷଣା କରିବା ହେବେ ଇତି ।

କଟକ ୧୫।୧।୮୨ } ବଶମ୍ବଦ ଶ୍ରୀ———

---

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ପତ୍ରିକାରେ ସ୍ଥାନଦେଇ ବାଧିତ କରିବା ହେବେ ।

ସାପେକ୍ଷା ବର୍ତ୍ତମାନ ହାଇଂଗଭର୍ଣ୍ଣର ପଦାର୍ପଣ କଲେଣି ତଥାଚ ତାଙ୍କର ଜ୍ଞାନଚକ୍ଷୁ

Split by PDF Splitter
Digitized by srujanika@gmail.com

Split by PDF Splitter



ଉନ୍ମୀଳନ ହେଲା ନାହିଁ ଏହା ବଡ଼ ଦୁଃଖର ବିଷୟ । ଆଶା କରେଁ ତାଙ୍କର ଭ୍ରମ ଦେଖାଇ ଦେଲେ ସେ ରାଗ କରିବେ ନାହିଁ ।

ଗତ ପ୍ରକାଶିତ ପତ୍ରିକାରେ ଓଡ଼ିଶାର ଶିକ୍ଷା ବୃତ୍ତି ପ୍ରଭୃତି ପରୀକ୍ଷାର ପରୀକ୍ଷକ ନିଯୁକ୍ତ ବିଷୟ ଆଲୋଚନା କରି ତାଙ୍କ ନିକଟକୁ ଏକ ପ୍ରେରିତ-ପତ୍ରରୁ ଦୀପିକା କେତେକ ଅଂଶ ଉଦ୍ଧୃତ କରିଅଛନ୍ତି । ଏଥିରୁ ପ୍ରକାଶ ପାଉଅଛି ଯେ ପତ୍ରଲେଖକଙ୍କ ସହିତ ଦୀପିକାଙ୍କର ମତ ମିଳୁଅଛି । ଏହି ହେତୁରୁ କହିବାକୁ ହେଉଅଛି ଯେ ଦୀପିକାଙ୍କର ଜ୍ଞାନଚକ୍ଷୁ ଉନ୍ମୀଳିତ ହେଉ ନାହିଁ । ସେ କିପରି ଭ୍ରମରେ ପଡ଼ି ଅଛନ୍ତି ତାହା ନିମ୍ନରେ ଦେଖାଇ ଦିଆ ଯାଉଅଛି ।

ସେଥିରେ ଲେଖାଅଛି * * * * "ସାଧୁ ବାବୁଙ୍କ ସମସ୍ତଙ୍କ ହିତ ଗର୍ବେ ? ତାଙ୍କଠାରେ ବ୍ରାହ୍ମଧର୍ମର ଗନ୍ଧ ଥିବାରୁ ଏବଂ ସେ ମଧୁବାବୁଙ୍କ ଆତ୍ମୀୟ ହୋଇ ଡେପୁଟିପଦ ଏଡ଼େ ଉଚ୍ଚ ପଦ ପାଇଲେ କି ?" ସାଧୁବାବୁଙ୍କର ବ୍ରାହ୍ମଗନ୍ଧ ପ୍ରଭୃତି ସତ କି ମିଛ ଏହା ସ୍ଥିର କରିବା ଆମ ଉଦ୍ଦେଶ୍ୟ ନୁହେ ଏମ୍ଭା ପ୍ରୟୋଜନ ନାହିଁ । ମାତ୍ର ଉକ୍ତ ଉଦ୍ଧୃତାଂଶରୁ ଯେପରି ଭାବରେ ଲେଖା ହୋଇଅଛି ସେଥିରୁ ଜଣା ଯାଉଅଛି ଯେପରି ତାହାକୁ ଦୀପିକାନୁମୋଦରେ ସତ ବୋଲି ସ୍ୱୀକାର କରାଯାଏ ତେବେ ସେ କାର୍ଯ୍ୟ ପତ୍ରଲେଖକ ଓ ଦୀପିକାଙ୍କ ବିଚାରରେ ଗର୍ହିତ ଅଟେ । ଏପରି ବୁଝିବା ଭ୍ରମମୂଳକ ଓ ଦୀପିକାଙ୍କ ପରି ବ୍ୟକ୍ତିଙ୍କଠାରେ ଏପରି ବିଷୟ ଆଶ୍ଚର୍ଯ୍ୟଜନକ ଅଟେ । ବରଂ ଉଦ୍ଧୃତାଂଶରେ ଯେଉଁ ଭାବ ପ୍ରକାଶ ହୋଇଅଛି ତାହା ସତ ନ ହୋଇଥିଲେ ଅନ୍ୟାୟ ହୋଇଅଛି । ପତ୍ରଲେଖକ ସାଧୁବାବୁଙ୍କ ଡେପୁଟିପଦବାର ଯେଉଁ କାରଣମାନ ଅନୁମାନ କରନ୍ତି ଯଦି ସେ କାରଣମାନ ପ୍ରକୃତ ହୋଇଥାଏ ତାହା ହେଲେ ସେ କାର୍ଯ୍ୟ ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ ଓ ଈଶ୍ୱରାନୁମୋଦିତ କାର୍ଯ୍ୟ ହୋଇଅଛି । ତାହା କିପରି, ପାଠକେ, ଟିକିଏ ଧୈର୍ଯ୍ୟ ଅବଲମ୍ବନ କରି ଦେଖନ୍ତୁ ।

ବାବୁ ମଧୁସୂଦନ ରାଓ ଏଠା ସାଧାରଣ ବ୍ରାହ୍ମସମାଜର ଆଚାର୍ଯ୍ୟ ତାଙ୍କପରି ଲୋକମାନେ ଈଶ୍ୱରଙ୍କର ଅନୁଗ୍ରହର ପାତ୍ର ବୋଲି ଅବଶ୍ୟ ସ୍ୱୀକାର କରିବାକୁ ହେବ । ମଧୁବାବୁ ଆଚାର୍ଯ୍ୟବେଦୀରେ ବସି ଉପଦେଶ ଦେଉଅଛନ୍ତି ଯେ ଈଶ୍ୱରଙ୍କର ଦୟା ପ୍ରଭୃତି ଯେଉଁ ଗୁଣମାନ ଅଛି ତାହା ସାଧ୍ୟାନୁସାରେ ଅନୁକରଣ କରିବା ମନୁଷ୍ୟର ଉଚିତ ଏବଂ ଈଶ୍ୱରଙ୍କ ନିକଟରେ ସବୁ ମନୁଷ୍ୟ ସମାନ ଅଟନ୍ତି । ଏହି ହେତୁରୁ ମଧୁବାବୁଙ୍କ ପରି ଲୋକଙ୍କ ନିକଟରେ [illegible] ସାଧୁ ଅସାଧୁ ସମସ୍ତେ ସମାନ ସୁତରାଂ ସାଧୁଚରଣ ରାୟଙ୍କ ପଦବର୍ଦ୍ଧିରେ ଯଦି ମଧୁବାବୁଙ୍କ ପରି ଆଚାର୍ଯ୍ୟମାନେ ଜଣେ ଗଣ୍ଡମୂର୍ଖଙ୍କୁ ବିଶ୍ୱବିଦ୍ୟାଳୟର ଉତ୍ତମ ପରୀକ୍ଷକ ପଦରେ ନିଯୁକ୍ତ କରନ୍ତି ବା କରିନ୍ତି ତେବେ ସେମାନଙ୍କ ବିଚାରରେ ତାହା ଧର୍ମ କର୍ମ ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ ହେଉଅଛି ଏହିପରି ଯେ କେଉଁଣସି କାର୍ଯ୍ୟ ହେଉ ନା କାହିଁକି ଆଚାର୍ଯ୍ୟମାନଙ୍କଦ୍ୱାରା ହେଲେ ତହିଁରେ କାହାର ଦ୍ୱିରୁକ୍ତି କରିବା ଉଚିତ ନୁହେ ।

ପୁନଶ୍ଚ ମଧୁବାବୁଙ୍କ ପରି ଆଚାର୍ଯ୍ୟମାନେ କହନ୍ତି ଯେ ଈଶ୍ୱରଙ୍କୁ ଉପାସନା କଲେ ଈଶ୍ୱର ପ୍ରୀତ ହୁଅନ୍ତି ଏବଂ ପୂର୍ବରେ କୁହା ହୋଇଅଛି ଯେ ଈଶ୍ୱରଙ୍କର ଗୁଣମାନ ସାଧ୍ୟାନୁସାରେ ଅନୁକରଣୀୟ ତେବେ ଯଦି ଯେଉଁ କାର୍ଯ୍ୟରେ ପଣ୍ଡିତବର ଶ୍ରୀ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବାଦ ଲେଖିବାର ଉଚିତ ତାକୁ ଯଦି ଆଚାର୍ଯ୍ୟମାନେ ସେମାନଙ୍କର ଉପାସକ ସାଧୁବାବୁ କାହିଁକି ଜଣେ [illegible] ଦଅନ୍ତି ବା ଦଅନ୍ତି ତାହା ହେଲେ କୌଣସି ଅନ୍ୟାୟ ହେଲା ନାହିଁ ବରଂ ଅତି ମହତ୍ କାର୍ଯ୍ୟ ହେଲା ।

ପରିଶେଷରେ ବକ୍ତବ୍ୟ ଏହି ଯେ ଆଚାର୍ଯ୍ୟମାନଙ୍କୁ କ୍ଷମତା ଦେବାକୁ କିଏ କହେ ପୁଣି ସେମାନଙ୍କ କାର୍ଯ୍ୟରେ ଦୋଷ ଦେଖାଇ ଗୋଳମାଳ କରିବାକୁ କିଏ କହେ ? ସାଧୁବାବୁ ମଧୁବାବୁଙ୍କ କଥା ନୁହେ ସେ ଅନ୍ୟ କେହି ବା ହେଲେ ଅନ୍ୟ ଉକ୍ତ ବାବୁ ଦୁହିଙ୍କ ସମ୍ବନ୍ଧରେ ଯାହା ଅନୁମାନ କରା ହୋଇଅଛି ତାହା ସତ ହେଉ ବା ମିଛ ହେଉ ସେଥିରେ କିଛି ନାହିଁ କେବଳ ଏହା ମନେ ରଖିବା ଉଚିତ ଯେ ଆଚାର୍ଯ୍ୟମାନଙ୍କ ହାତରେ କାର୍ଯ୍ୟର ଭାର ଜମା କ୍ଷମତା ଦେଲେ ଯଦି ସେମାନେ ସେମାନଙ୍କ କଥା ଅନୁସାରେ କାର୍ଯ୍ୟ କଲେ ବା କରାଇଲେ ତହିଁରେ ପରମସନ୍ତୋଷ ପ୍ରକାଶ କରିବା ଉଚିତ ।

ଏଥିପାଇଁ କହିବାକୁ ହେଉଅଛି ଯେ ଦୀପିକାଙ୍କର ଜ୍ଞାନଚକ୍ଷୁ ଫିଟିଲା ନାହିଁ ଏବଂ ପରିଶେଷରେ ପ୍ରାର୍ଥନା କରୁଅଛୁଁ ଯେ ଯେଉଁଠାରେ ଆଚାର୍ଯ୍ୟ ଅଛନ୍ତି ସେଠାର ନାମ ସମାଲୋଚନା କରିବା ପୂର୍ବରୁ ଦୀପିକା ଅଗ୍ରେ ଟିକିଏ ବିବେଚନାମତେ ପଣ ପଢ଼ାଉଥିବେ ।

| | |
|---|---|
| କଟକ | ଆପଣଙ୍କର |
| | ବଶମ୍ବଦ |
| ୨୫।୧।୮୭ | ଗୋଲକଧନା |

ଅଧିକ କଥନ ହେଲେ ଟିକିଏ ବୁଦ୍ଧିର ଭ୍ରମ ଜନ୍ମେ ଏବଂ [illegible] ଆମ୍ଭେମାନେ [illegible] ଅକ୍ଷମ ଅଟୁଁ — ସମ୍ପାଦକ ।

---

( ଗତ ପ୍ରକାଶିତ ପରରୁ )

ବ୍ରହ୍ମବୈବର୍ତ୍ତ ପୁରାଣୋକ୍ତ ଷୋଡ଼ଶମାତୃକା-ଙ୍କ ମଧ୍ୟରେ ନାଡ଼ୀଚ୍ଛେଦନକାରିଣୀ ମାତାର ଉଲ୍ଲେଖ ନାହିଁ । ଅନ୍ୟଦେଶରେ ଜନନୀଦ୍ୱାରା ନାଡ଼ୀ ଛେଦନ କରା ଯାଉଅଛି ଅତଏବ ପ୍ରାଗୁକ୍ତ ମାତାଙ୍କ ମଧ୍ୟରେ ନାଡ଼ୀଚ୍ଛେଦନକାରିଣୀ ଜନନୀ ଅଧିକ ମାନ୍ୟା ହେଉଅଛି । ଏ ବିଷୟରେ ବହୁଶାସ୍ତ୍ରପ୍ରମାଣରେ ମଧ୍ୟ ଉକ୍ତ ହୋଇଅଛି ଯଥା; ଗର୍ଭଧାରଣ ଏବଂ ପ୍ରତିପାଳନ କରିବା ପ୍ରଯୁକ୍ତ ପିତାଦିମାନଙ୍କ ଅପେକ୍ଷା ଜନନୀ ଅଧିକ ମାନନୀୟା । ପୁନଶ୍ଚ ସ୍ତନ୍ୟଦାତ୍ରୀ ମାତା ଶୋଚନୀୟା ହେଲେ ବ୍ରାହ୍ମଣ ଏବଂ ସନ୍ନ୍ୟାସୀ ଜାତିମାନଙ୍କଦ୍ୱାରା ଜନମ୍ଭରଣୀୟା ହେବ ନାହିଁ କିନ୍ତୁ ସେମାନଙ୍କର ଅନ୍ତଃପୁର ଭରଣ ପାଳନାଦି କାର୍ଯ୍ୟ କରିବେ । ଯେବେ ସ୍ତନ-ଦାନରେ ଜନନୀ ଭିନ୍ନ କୌଣସି ସ୍ତ୍ରୀ ନାଡ଼ୀ କର୍ତ୍ତନ କାର୍ଯ୍ୟ କରେ ସେ ନାଚଜାଗିସ୍ୟା ହେଲେ ସ୍ତନ୍ୟଦାତ୍ରୀ ମାତା ସଦୃଶ ତାହାର ଭରଣ ପାଳନାଦି କାର୍ଯ୍ୟ କରିବେ କିନ୍ତୁ ସେ ମାତା ସ୍ତନ୍ୟଦାତ୍ରୀ ମାତା ସମାନ ପୂଜନୀୟା ହେବ ନାହିଁ ।

ତଥାପ୍ୟପ୍ରଶ୍ନୋତ୍ତରଂ ।

ଜମାତୁର୍ଗର୍ଭିଣୀ ପୁତ୍ରେଣ ଜୁଚୋତ୍ତୁଂ ନ ଶକ୍ୟତେ; ମାତୁଃ ସପିଣ୍ଡବାହୁ, ଶକ୍ୟପରୀଭୂକ୍ତ ଶ୍ୱାନ; ଦମାତୁର୍ମାତୃକ୍ଷଂ ଅଶୌଚପ୍ରକରଣେ ଯଥାବ ଭୁବନ୍ନଃ । ପିଣ୍ଡୋଦକମଶୌଚଂ ଶ୍ୟାତ୍ ଷଣ୍ମାସାଭ୍ୟନ୍ତରେ । ମାତୁର୍ବିମାତୁଃ; ମାତୁଃ ସପିଣ୍ଡସ୍ୟ ଇକାଦାଶୋଦଶ୍ୟଂ ଯଥାବ ମନୁଃ । ଅସପିଣ୍ଡା ଚ ଯା ମାତୁ ରସଗୋତ୍ରା ଚ ଯା ପିତୁଃ । ସା ପ୍ରଶସ୍ତା ଦ୍ୱିଜାତୀନାଂ ଦାରକର୍ମଣି ମୈଥୁନେ । ଦାରକର୍ମଣି ଦାରଗ୍ରହଣେ ଭବାଟେ । [illegible] ଅନ୍ୟେ ମୈଥୁନବାତ୍ୟ ସ୍ତ୍ରୀପୁଂସ [illegible] କର୍ମଣି । ନ କେବଳ- [illegible]

Digitized by srujanika@gmail.com

...ର୍ଗିଣି । ଗୁରୁପତ୍ନୀତୁଲ୍ୟଙ୍କ ଯଥାଃ ମନୁଃ ।
ମାତୃଷ୍ୱସା ମାତୁଲାନୀ ଶ୍ୱଶ୍ରୂରଥ ପିତୃଷ୍ୱସା ।
ପୂଜ୍ୟା ଗୁରୁପତ୍ନୀବତ୍ ସମସ୍ତା ଗୁରୁଭାର୍ଯ୍ୟାଃ ।
ଗୁରୁପତ୍ନୀ ତୁଲ୍ୟା ଏବଂ ମାତାର ସପିଣ୍ଡା ହେବାରୁ ଉକ୍ତ ମାତାର ଭଗିନୀକୁ ପୁତ୍ର ବିବାହ କରି ନ ପାରେ । କନ୍ୟାମାତ୍ର ମାତୃବ୍ୟ ବିଷୟରେ ଅଶୌଚ ପ୍ରକରଣରେ ମନୁ କହିଅଛନ୍ତି ଯଥା; ଉକ୍ତ ଜ ନ୍ମ ଏବଂ ପଂତ୍ତା ନିମିତ୍ତ ସ୍ପର୍ଶ ...ବର୍ଷ ଅଶୌଚ ପାଳନ କରିବ ଏବଂ କନ୍ୟା ...ତା ନିମିତ୍ତ ତ୍ରିରାତ୍ର ଅଶୌଚ ପାଳନ କରିବ । ମାତାର ସପିଣ୍ଡରେ ବିବାହ ନୋହିବା ବିଷୟ ମନୁରେ ଉକ୍ତ ହୋଇଅଛି ଯଥା; ମାତାର ଅସପିଣ୍ଡା ପିତାର ଅସଗୋତ୍ରା କନ୍ୟା ବ୍ରାହ୍ମଣମାନଙ୍କର ବିବାହ ଓ ମୈଥୁନକାର୍ଯ୍ୟରେ ପ୍ରଶସ୍ତା ଅଟେ । ଗୁରୁପତ୍ନୀ ସମ ବିଷୟ ମଧ୍ୟ ମନୁରେ ଉକ୍ତ ହୋଇଅଛି, ଯଥା—ମାତାର ଭଗିନୀ ମାତୁଳାନୀ ଶ୍ୱଶ୍ରୂ ପିତାର ଭଗିନୀ ଗୁରୁଭାର୍ଯ୍ୟାର ସମାନ ପୂଜନୀୟା ଅଟନ୍ତି ।

୧୯।୧।୮୭ } ବଶମ୍ବଦ
ଦାମୋଦରପୁର } ଜାଜପୁର ଶ୍ରୀ ସଦାଶିବମିଶ୍ର ଶର୍ମ୍ମା
ଶାସନ } ଉର୍ଫ ନୀଳକଣ୍ଠ ଦେଉନାଥ ।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ମଦନମୋହନ ପଟ୍ଟନାୟକ ଢେଙ୍କାନାଳ | ଅଗ୍ରିମ | ଟ ୩ |
| ମହନ୍ତ ମୋହନ ଦାସ | ବକାୟା | ଟ ୨ |
| ବାବୁ ଗୋପାଳଚନ୍ଦ୍ର ଦାସ କଟକ | ଅଗ୍ରିମ | ଟ ୧ |
| ବାବୁ ଅଚ୍ୟୁତାନନ୍ଦ ... ପଟ୍ଟନାୟକ | " | ଟ ୩ |
| ଶ୍ରୀ ଶ୍ରୀ ... | " | ଟ ୩ |
| ବାବୁ ବ୍ରଜମୋହନ ... | ବକାୟା | ଟ ୩। |
| ବାବୁ ଜଗବନ୍ଧୁ ମିଶ୍ର ... | " | ଟ ୨ |
| ଏବଂ | ଅଗ୍ରିମ | ଟ ୩ |

# ବିଜ୍ଞାପନ ।

ବିଶେଷ ଦ୍ରଷ୍ଟବ୍ୟ ! ବିଶେଷ ଦ୍ରଷ୍ଟବ୍ୟ !!
ବିଶେଷ ଦ୍ରଷ୍ଟବ୍ୟ !!!

ରାଜା କୃଷ୍ଣସିଂହଙ୍କ କୃତ

## ମହାଭାରତ ।

—୦—

ମହାଭାରତ ଯେ କେମନ୍ତ ପରମାଦରଣୀୟ ଗ୍ରନ୍ଥ ଏହା ପ୍ରାୟ କୌଣସି ହିନ୍ଦୁମଣ୍ଡଳୀରେ ଅପ୍ରକାଶ୍ୟ ନାହିଁ । ଏ ମହାଗ୍ରନ୍ଥକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ କାମନାରେ ବିଶୁଦ୍ଧମାନସରେ ସତତ ଶ୍ରବଣ କରିବାର ପ୍ରଥା ଥିବା ପ୍ରତ୍ୟକ୍ଷେ କେବଳ ପ୍ରଧାନ୨ ଗୃହମାନଙ୍କ ଗୃହରେ ଏଥିର ଏକ୨ ସାର ଯତ୍ନପୂର୍ବକ ସଞ୍ଚିତ ହୋଇ ରହିଥିବାର ଲକ୍ଷିତ ହୁଏ । ଏଥିର ପୂର୍ଣ୍ଣ ଅଷ୍ଟାଦଶପର୍ବ ଲେଖାଇ ରଖିବା ଯେମନ୍ତ ସୁଦୀର୍ଘ ବ୍ୟାପାର ତେମନ୍ତ ବହୁବ୍ୟୟସାଧ୍ୟ । ସୁତରାଂ ଏଥିର ଅଭାବ ସାଧାରଣରେ ସର୍ବଦା ବିଦ୍ୟମାନ ରହିଅଛି ।

ଦେଶହିତୈଷୀ ବିଜ୍ଞ ଓ ଧନବୃନ୍ଦଙ୍କ ସାହାଯ୍ୟ ବ୍ୟତିରେକେ ଏତଦଭାବ ବିଦୂରିତ ହେବାର ଉପାୟାନ୍ତର ନାହିଁ । ଏଥିପାଇଁ ଆମ୍ଭେମାନେ ଏକାବେଳକେ ସମସ୍ତ ବ୍ୟୟଭାର ବହନ କରିବାକୁ କାହାରିକି ଅନୁରୋଧ କରି ନ ପାରୁଁ କେବଳ ଏଥିର ମର୍ମଗ୍ରାହୀ ଓ ଅଭିଳାଷିଗଣ ଏଥିରୁ ଏକ୨ ସାର ଅନୁଗ୍ରହସହ ଗ୍ରହଣ କରିବା ବିଷୟରେ କୃତସଙ୍କଳ୍ପ ହେଲେ ଆମ୍ଭେମାନେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଅତି ସୁଲଭମୂଲ୍ୟରେ ସାଧାରଣଙ୍କୁ ଉକ୍ତ ଗ୍ରନ୍ଥ ଯୋଗାଇବା ବିଷୟରେ ଅଗ୍ରସର ହେବୁଁ ।

ଏ ପ୍ରଦେଶରେ ଦୁଇପ୍ରକାର ମହାଭାରତ ପ୍ରଚଳିତ ଅଛି ଅର୍ଥାତ୍ ଶାରଳାଦାସଙ୍କ କୃତ ଓ କୃଷ୍ଣସିଂହଙ୍କ କୃତ । ଶାରଳାଦାସ ମହାଭାରତଠାରୁ କୃଷ୍ଣସିଂହଙ୍କର ମହାଭାରତ ବୃହତ୍ ଓ ଉତ୍କୃଷ୍ଟ, କାରଣ ଏହା ସଂସ୍କୃତମହାଭାରତରୁ ଦେଶଭାଷାରେ ଅନୁବାଦିତ । ଏଥିର ଉଦ୍‌ଯୋଗପର୍ବରେ ଭଗବଦ୍‌ଗୀତା ସମ୍ପୂର୍ଣ୍ଣ, ଶାନ୍ତିପର୍ବରେ ରାଜଧର୍ମ, ଦାନଧର୍ମ, ମୋକ୍ଷଧର୍ମ ଓ ଶେଷଭାଗରେ ହରିବଂଶପର୍ବ ଇତ୍ୟାଦି ବହୁବିଧ ଉତ୍ତମ୨ ବିଷୟ ସନ୍ନିବିଷ୍ଟ ଅଛି । ଶାରଳାଦାସ ମହାଭାରତରେ ଏସବୁ ବିଷୟର ଖର୍ବତା ଲକ୍ଷିତ ହୁଏ । ଯେ ଏ ମହାଭାରତକୁ ଥରେ ମାତ୍ର ଶୁଣିଅଛନ୍ତି ବା ଶୁଣିବେ, ତାହାଙ୍କର ଶାରଳାଦାସ ମହାଭାରତ ଶ୍ରବଣରେ କଦାପି ତୃପ୍ତି ଲାଭ ହେବ ନାହିଁ ଏଣୁକରି ଏହି ଉତ୍କୃଷ୍ଟଗ୍ରନ୍ଥକୁ ଛାପା କରାଇବା ନିମନ୍ତେ ଆମ୍ଭେମାନେ ମନୋନୀତ କରିଅଛୁଁ ।

ଆମ୍ଭେମାନେ ଅନୁମାନ କରୁଁ କି ଏ ଗ୍ରନ୍ଥ ରଏଲ ଆଠପେଜି ଆକାରରେ ପ୍ରା ୬୦୦ ଫର୍ମ ଅର୍ଥାତ୍ ପୃ ୪୮୦୦ ପୃଷ୍ଠା ହେବ ଏବଂ ସାଧ୍ୟମତ ଅଳ୍ପସମୟରେ ସମ୍ପୂର୍ଣ୍ଣ ପୁସ୍ତକ ଯୋଗାଇ ନ ପାରିଲେ ଗ୍ରାହକମାନଙ୍କର ତୃପ୍ତି ନ ହେବା ଦୃଷ୍ଟିରେ ପ୍ରତିମାସରେ ପୃ ୧୪୪ ପୃଷ୍ଠା ଲେଖାଏ ମୁଦ୍ରିତ କରି ନ୍ୟୂନାଧିକ ବ ୨୫ ବର୍ଷମଧ୍ୟରେ ପୁସ୍ତକ ସମ୍ପୂର୍ଣ୍ଣ କରିବାକୁ ସଙ୍କଳ୍ପ କରି ଅଛୁଁ; ମାତ୍ର ଅନ୍ୟୂନ ଦୁଇଶତ ଗ୍ରାହକ ନ ହେଲେ କାର୍ଯ୍ୟାରମ୍ଭ କରିପାରିବୁଁ ନାହିଁ । ଗ୍ରାହକମାନେ ଆପଣା୨ ସୁବିଧାକ୍ରମେ ତଳଲିଖିତ ନିୟମରେ ମୂଲ୍ୟ ଦେଇ ପାରିବେ ଯଥା;—

| | | | |
|---|---|---|---|
| ଏଥିର ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ଅଗ୍ରିମମୂଲ୍ୟ ସହର ନିମିତ୍ତ | ଟ ୧୩ | | |
| ଡାକମାସୁଲ ସହିତ ମଫସଲ ନିମିତ୍ତ | ଟ ୧୫ | | |
| ତ୍ରୈମାସିକ ଅଗ୍ରିମ ମୂଲ୍ୟ | ଟ ୨୧ | ଡାକମାସୁଲ | ଟ ୦।୰ |
| ଷାଣ୍ମାସିକ " | ଟ ୩। | " | ଟ ୦।୰ |
| ବାର୍ଷିକ " | ଟ ୬୧ | " | ଟ ୦।୰ |

ଏମନ୍ତ ସୁଲଭମୂଲ୍ୟରେ ଏ ବୃହତ୍ ମହାଭାରତ ଲଭିବାର ସୁଯୋଗକୁ ବିଜ୍ଞ, ଧାର୍ମିକ ଓ ବିଦ୍ୟାର୍ଥୀ ବ୍ୟକ୍ତିମାତ୍ରେ ଉପେକ୍ଷା ନ କରିବେ ଏହା ସେମାନଙ୍କଠାରେ ଏକାନ୍ତ ପ୍ରାର୍ଥନା ।

ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରିବେ ସେମାନେ ଆପଣା ନାମ, ଧାମ ଓ ଯେଉଁପ୍ରକାରେ ମୂଲ୍ୟ ଦେବାକୁ ପ୍ରସ୍ତୁତ ହେବେ ତାହା ଲେଖି ପଠାଇବେ । ଗ୍ରାହକ ସଂଖ୍ୟା ପୂର୍ଣ୍ଣ ହେବାର ଏକମାସ ଉତ୍ତାରୁ କାର୍ଯ୍ୟାରମ୍ଭ ହେବ ଏବଂ ତହିଁପୂର୍ବରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

ପ୍ରକାଶ ଥାଉ କି ଯେଉଁମାନେ ଜ ୧୦ ଣ ଗ୍ରାହକଙ୍କର ଏକବର୍ଷର ମୂଲ୍ୟ ଅଗ୍ରିମ ଏକକାଳୀନ ଦାନକରିବେ ସେମାନଙ୍କ ନାମ ଏକ୍ଷେଷ୍ଠ-ଶ୍ରେଣୀଭୁକ୍ତ କରି ବିନା ମୂଲ୍ୟରେ ଏକବର୍ଷର ମହାଭାରତ ଦାନ କରିବୁଁ ।

ଏହି ମହାଭାରତସମ୍ବନ୍ଧୀୟ ମୂଲ୍ୟ ଏବଂ ସମସ୍ତ ପତ୍ରାଦି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେଟରୀ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ମାତ୍ର ରିପ୍ଲାଇ ଅର୍ଥାତ୍ ଡବଲକାର୍ଡ ଅଥବା ଦୁଇପଇସିଆ ଡାକ ଟିକଟ ଏକଖଣ୍ଡ ନ ପଠାଇଲେ ଉତ୍ତର ଦିଆଯିବ ନାହିଁ । କମ୍ପା ବେରଂପତ୍ର ଗୃହୀତ ହେବ ନାହିଁ ।

କଟକପ୍ରିଣ୍ଟିଂକମ୍ପାନୀ ଅଫିସ } ଶ୍ରୀ ଭଗୀରଥୀପାଢ଼ୀ
ଦରଘାବଜାର କଟକ } ପ୍ରକାଶକ

## NOTICE

Wanted a Head Pundit for the Mission English High School Cuttack. One who has not passed the Sanskrit Oriental Title Examination and has had some experience in teaching will be preferred—salary twenty (20) Rupees a month.

Applications to be sent to the Secretary.

Cuttack }
14—1—87 } ALEX. H. YOUNG.

Split by PDF Splitter

Digitized by srujanika@gmail.com

Split by PDF Splitter



# ସତୀନାଟକ ।

ଅମୃତ୍ରଲାଲ ଏ ନାଟକର ପ୍ରସଙ୍ଗ ଏହି— କୌଣସି ରାଜା ଜଣେ ପରମସୁନ୍ଦରୀ ନାରୀ ପ୍ରତି ଆଶକ୍ତ ହେବାରୁ ସେ ସ୍ତ୍ରୀ ବୁଦ୍ଧିଷ୍ଟୈର୍ଯ୍ୟ ବଳ କୌଶଳରେ ଓ ଅନେକ କଷ୍ଟ ସହି ଆପଣା ସତୀତ୍ୱ ରକ୍ଷା କଲା ଓ ପରିଶେଷରେ ଅସହାୟ ଅବସ୍ଥାରେ ଆତ୍ମହତ୍ୟା କଲା । ପ୍ରସଙ୍ଗଟି ଅତି ମନୋରମ ଓ ରସଯୁକ୍ତ ଅଟଇ । ଏଥିରେ ଅନେକ ହିତୋପଦେଶ ଅଛି । ଏବଂ କେତେକ ଗଦ ଓ ଗୀତମାଳ ଦିଆ ହୋଇଅଛି । ମୂଲ୍ୟ ଟ ୦।୵ ଅମ୍ଭଠାରେ ଓ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଶ୍ରୀ ଜଗନ୍ମୋହନ ଲାଲ

---

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ବିକ୍ରୟ ହେଉଥିବା ନିମ୍ନଲିଖିତ ପୁସ୍ତକମାନଙ୍କର ମୂଲ୍ୟ ଉଣା ହୋଇଅଛି । ଯଥା;—

| | |
|---|---|
| କାମ୍ବକାବେରୀ ନାଟକ | ଟ ୦। |
| ପ୍ରେମତରଙ୍ଗ ( ଗାଥା ) | ଟ ୦୵ |
| ଶିଶୁପାଠ ୧ ମ ଭାଗ | ଟ ୦। |
| " ୨ ୟ ଭାଗ | ଟ ୦। |
| " ୩ ୟ ଭାଗ | ଟ ୦ ୵ |

---

# ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ନିକାର୍ଣ୍ଣ କୌଶଳଦ୍ୱାରା ଉଚିତ ଲୁହେ ସାମାନ୍ୟ ଅର୍ଥବ୍ୟୟ ସହକାରେ ଜୀବନର ମାୟା ପରିତ୍ୟାଗ କରିବାକୁ ହେବ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ସେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବସ୍ତ୍ରଗ୍ରନ୍ଥିରେ ପଚ୍ଛଣତ ନ ହେଲେ ଅନ୍ୟ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅଟେହରଷ୍ଟ୍ରୋଟ ନମ୍ବର ବଦଳରେ ଧି, କେ, ଗୁପ୍ତ କମ୍ପାନୀଙ୍କଠାରେ ଏବଂ କଟକ

ହରଗୋବିନ୍ଦ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୵ ଟା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚା ପୃଥକ୍ ।

---

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରିଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ପଣି | କାଗଜ ନମ୍ବର | ଦ ୧୬ ଟ ୨୵ |
| ୧୮ ପଣି | " | " ଟ ୨। |
| ୧୨ ପଣି | " | " ଟ ୧୵ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକାଟରେ ୪ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରିଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ କଲମ ଓ ରେଶମୀଓ ଗେର ଲୁଗା ଓ ଷ୍ଟେସନରୀ ଓ କନ୍ଧର୍ଥ ଆଦି ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବଦଳ ପଡ଼ୁ । ଉପରନ୍ତ ଅଧୁ କେତେକ ଯେତେକି ନିତ୍ୟାବ୍ୟବହାର ବିକ୍ରୟ ସହକାରେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଙ୍ଗଳାର ଶାଢ଼ି ବିକ୍ରୟ ସହକାରେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କ ନିକଟ୍ୟ ବଳଯିବ । ଯଦି ଉକ୍ତ ଶାଢ଼ିମାନ ବିକ୍ରୟ ହେବା ପରେ ଅପଣା ମଙ୍ଗଳରୁ ସହକାରେ ବଡ଼ା ଖୁଦାନ୍ତ ନେବେ ଏକ ଖଣ୍ଡକୁ ଟ ବଳ ଟ ୦୵୨ ହିସାବରେ ବଡ଼ା ଦେଲେ ପାଇ ପାରିବେ ! ମାତ୍ର ତାହାର ଖଣ୍ଡ ଖଣ୍ଡ ନିଜର ଭାର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଶାଢ଼ିର ପଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫର୍ଦ୍ଦ ।

| | |
|---|---|
| କଲମ ଦେଖଣା ଓ ଲିଖିବା ବେଳେ ଭରିଲେ । | ଲାଲ ଶିଶର ଖାତ ଓ ଚଇ ବସ୍ତର ଓ ଖାତା |
| ଚଣ୍ଡେଲିଆତ | ଚମଡ଼ା ବେହେର |
| କବ୍ରୀ ବେଲ ଚଳଣା ଗଛର ଖାତା ଓ କୋଳ ସହିତ । | ଲର୍ଡ ଜୁତାସହିତ |
| | " ଏକପଦ ଜୁତା |
| | କେନଭାସ ଝୋଲାର ସମ କେବଳ ଥଳେ |

ଚୁରଟ ଅର୍ଥାତ୍ ନିକଟା ଚକଟା ଓ ଭଲ ପେନ୍ସିଲ ଓ କଲମ । ପେନ୍ସିଲ କାଟିବା ଛୁରୀ । ନାନା ପ୍ରକାରର ଚଟ କାଗଜ ଓ ଲଫାଫା ଷ୍ଟେସନରୀ ଦ୍ରବ୍ୟ । ତୈଳ ଛତା । ଚସମା ସାବୁନ । ଚାକାଣି ସାବାନ ଏବଂ ବେ ଲୁଗା ପରିଷ୍କାର ହୁଏ । ଚକୋଲେଟ ଦେଖ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ । ଅଏଲ ଜୁତା । ଓଷଧ ସ୍ପଞ୍ଜ ଛଡ଼ା । ବହୁତ ଅଳ । ହୋମିଓପାଥି । ସୋଲସହିତ କେତେକ ନେଟ ଓ ଚଉକ ଗୋଛ ଗଜେ ଷ୍ଟେମ୍ପ ଭାର ଅର୍ଥାତ୍ ଲେଖିବାରେ ରେଖା ଓ ଖୁଣ୍ଟିରେ ଲଗା ହେବ । ଆଉଜା ଚଣ୍ଡା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ ପକେଟବୁକ ପଂଚଶ ପାଣ୍ଟି ସହିତ ଟ ୦ ୵ । ମୋଜା ଓ ମୋଜାକଳ ଗଞ୍ଜି ଏଥି କବଚଇ ଚସଗ ସାହିତ କଲା କରି ଓ ପାଇକର ରୌପ୍ୟ ଫିତା

ମାର୍ବଲ କାଗଜ ଲୁଗାରେ ଚଳି ବେଳେ ଘୋଡ଼ ସଜେ କରିବା ଲେଖ କାହି । ଏ, ହୋଷ ଙ୍କ ଔଷଧିର ଭାମିକ ଓ ବୃଦ୍ଧା । ଚଇନ ଅପ୍ରକ୍ଷେର । ଏକତ କାଗଜ । ସୁଅଳ ପେନ । ଅଷ୍ଟେଲିଅ ପେନ୍ସିଲ ଓ ଥାଡ଼ ଏ ପେନ୍ସିଲରେ ଲେଖି କପିଙ୍ଗ ପେପ ଭଲ ଛାପ ହୋଇ ପେନ୍ସିଲ ଲେଖା ଓ ପରେ କେଉ ଜ୍ୱାଳ ହେଲେ ଉଠି ନ ଯିବ ନ ଲଗେ । ଭଡ଼ିଙ୍ଗ ପେପର । ଉପଯୋଗ ଦେଖରେ ବର କାଗ ଟାଣ । ଇଟଲିଆ କେଷର ଅଧିକ ଚଠାଳ ବଟନ ଆ ଲଗାଇ ଇଟକ । ନମାଗା । ଲେଡ଼ି ଡ଼୍ କେନ୍ସିଲ୍ ! ଭଲ ହୋଲଡ଼ର ଜାଳଜିରୀ ସାଲ ଓ ଘୋଡ଼ା ଓ ଖଲ ମତ୍ସ୍ୟଧାରାର ଓ ଝିନ ପାଇ ପାଶଖେଳ ଓ ସାଜୀ । ପ୍ରିଣ୍ଟିଂ କାଳି

ଅର୍ଦ୍ଧେନ୍ଦୁ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ପ୍ରକାଶବାର ଦର । ଏହାର ନିମ୍ନ ଲିଖିତ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ପ୍ରକାଶେ

| | |
|---|---|
| ଆଠ ଧାଡ଼ି | ଟ ୦୵ |
| ଅତିରିକ୍ତ | ଟ ୨ ୧ |
| ପୁନଃ ଏକ ସ୍ଥାନ | ଅର୍ଦ୍ଧ |

ମାତ୍ର କୌଣସି ବିଜ୍ଞାପନ କେବେ ଅଳ୍ପ ହେଲେହେଁ ତହିଁର ଦର ଟ ୦୵ ରୁ ଊଣା ହେବ ନାହିଁ ।

ଟ ୨୨ ଓ ଚିତ୍ରକର ପ୍ରକାରେ ସର୍ବ ପ୍ରଥମ ଅଗ୍ରିମ ଦେବା ଓ ଦୃଷ୍ଟାନ୍ତ ସହିତ ହେବ ।

ଅଗ୍ରିମ ବିନା ପ୍ରକାରେ ପ୍ରଚାର ସମ୍ପାଦକ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ପ୍ରକାଶ ପୂର୍ବରୁ ଦେବାକୁ ହେବ

---

ଏହି ଉତ୍କଳଦୀପିକା ପ୍ରତି ଶନିବାର ସମ୍ପାଦକଙ୍କ ଦ୍ୱାରା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୨ ସ
ସ ୭ ଅଙ୍କ
ତା ୪ ଠାରୁ ମାହେ ଫିବ୍ରୁଏରି ସନ ୧୮୮୭ ମସିହା । ମୁ । ମାଘ ଉ ୨୪ ଦ ସନ ୧୨୯୪ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦେୟ ଟ ୬୯

କଣ୍ଟାଗଡଠାରୁ ଏକବ୍ୟକ୍ତି ଲେଖିଅଛନ୍ତି ଯେ ସେଠା ରାଜାଙ୍କ ଡାକ୍ତରଖାନାର ଡାକ୍ତର ବାବୁ ଗିରୀଶଚନ୍ଦ୍ର ସେନ ମହାଶୟ ଅମଳ ଓ ପ୍ରଜାବର୍ଗଙ୍କର ଚିକିତ୍ସାବ୍ୟବହାର ଓ ଭଲ ବ୍ୟବହାର ନିମନ୍ତେ ରୋଗ ବିଶେଷ ଯତ୍ନ ଓ ଯୋଗ୍ୟତା-ଯୁକ୍ତ ଔଷଧ ଦେଉଥିବାରୁ ସନ୍ତୁଷ୍ଟ ହୋଇଅଛନ୍ତି । ଏମନ୍ତ ଅତି ଭାର ଥିବାରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଡାକ୍ତର ବାବୁଙ୍କୁ ରାଜସରକାରଙ୍କ ପ୍ରବର୍ତ୍ତିତ ନାନାବିଧ ଇଂରାଜୀ ଔଷଧ ଏବଂ ଅଷ୍ଟାଙ୍ଗ ଅଟାଳ ଡାକ୍ତର-ଖାନାରେ ଯେମନ୍ତ ଉତ୍କୃଷ୍ଟ ଅବସ୍ଥାରେ ରକ୍ଷି-ଅଛନ୍ତି ସେମନ୍ତ ପ୍ରତ୍ୟହ ସକାଳୁ ସନ୍ଧ୍ୟାପର୍ଯ୍ୟନ୍ତ ରୋଗୀଙ୍କର ଚିକିତ୍ସା କରିବାଦ୍ୱାରା ତାହାଁର ଉପକାରିତା ଚତୁର୍ଦ୍ଦିଗରେ ବିସ୍ତାରିତ କରୁଅଛନ୍ତି । ଏତଦ୍ଦ୍ୱାରା ଇଂସ୍ପେକ୍ଟରଙ୍କର ଅବର ରହିନ୍ତି ନାହିଁ ବୋଲିଯାଉଥିବେ ମାତ୍ର ଗଡ-ଜାତର ଡାକ୍ତରମାନେ ଏହିପରି କାର୍ଯ୍ୟ କଲେ ଏ ଅବସ୍ଥା ଅଧିକଦିନ ରହିବ ନାହିଁ ।

---

ଗତ ଗୁରୁବାର ସନ୍ଧ୍ୟାରେ ଏହି ପ୍ରିଣ୍ଟିଂପ୍ରେସ-ରର ଦ୍ୱିତୀୟ ଗୃହରେ ବାବୁ ମଧୁସୂଦନ ରାଓ ଦ୍ୱିଜ ଗୃହରେ ସଭା ନବରତ୍ନ ଆର୍ଯ୍ୟବାଦସମ୍ବନ୍ଧୀୟ ବିଷୟରେ ଏକବକ୍ତୃତା ପ୍ରଦାନ କରିଥିଲେ । ସେହିଏ ମୂର୍ତ୍ତିର ବକ୍ତୃତା ପ୍ରଦାନ କରିଥିଲେ । ବକ୍ତୃତାର ଅଭିପ୍ରାୟ ସ୍ୱାଧୀନ ଓ ଭାବପୂର୍ଣ୍ଣ ଥିଲା ଏମନ୍ତ ହେଉଥିଲା ପରନ୍ତୁ ସ୍କୁଲବାଳକ ବ୍ୟତୀତ ଅନ୍ୟ ଲୋକ ଅଳ୍ପରେ ଉପସ୍ଥିତ ଥିବାରୁ ଦେଖାଯାଇ ନ ଥିଲା ଏଠାଲୋକେ ଅଧିକାଂଶ ବକ୍ତାଙ୍କ ନାମ ଶୁଣି ସଭାକୁ ଯିବାର ନ ଯିବାର ସ୍ଥିର କରନ୍ତି । ମଧୁସୂଦନବାବୁ ଜଣେ ଅଳ୍ପବୟସ୍କ ଯୁବକ ହେବାରୁ ଏପରି ଫଳ ହେଲା, ହେଉଅଛି ଓ ହେବ । କଲିକତାର ସାପ୍ତାହିକ ଏହିସେ ହିନ୍ଦୁଧର୍ମରେ ଲେଖିଅଛନ୍ତି ହେଉଥିବା ଭକ୍ତମାନଙ୍କର ପରସ୍ପର ବିରୋଧୀ ଥିବା ହେତୁ ନୁହଇ ଏବଂ ବିରୋଧକୁ ସମନ୍ୱୟ କରିବାପାଇଁ ବ୍ରାହ୍ମଧର୍ମ ସୃଷ୍ଟି ହୋଇଅଛି । ହିନ୍ଦୁମାନେ ପୂର୍ବରେ ବଡ଼ ରୂପକର ପ୍ରିୟ ଥିଲେ ସେଣ୍ଟକର ଈଶ୍ୱରଙ୍କ ଅନେକଭାବରେ ଚିନ୍ତା କରୁଥିଲେ ବନ୍ଧୁ ସେ ଭାବମାନଙ୍କୁ ଅଧୁନାର ହିନ୍ଦୁମାନେ ବୁଝି ନ ପାରି ସେହି ରୂପକମାନଙ୍କ ସାକାର ପର ଦେବତା ସ୍ଥାପନକର ପୂଜାବିଧି କରୁଛନ୍ତି । ମଧୁସୂଦନବାବୁ ଅତି ସରଳଭାବରେ ଓ ସ୍ପଷ୍ଟ ଭାଷାରେ ନିଜ ମତାମତ ପ୍ରକାଶ କରିଥିଲେ । ଆମ୍ଭେମାନେ ତାଙ୍କର ହିନ୍ଦୁଧର୍ମର ସାର ମର୍ମ୍ମ ଜାଣିବାର ଇଚ୍ଛା ଦେଖି ଅତ୍ୟନ୍ତ ପ୍ରୀତ ହେଲୁଁ ।

---

ବିଲାତର ପାର୍ଲିମେଣ୍ଟସଭା ଗତମାସ ତା ୨୭-ରିଖରେ ଫିଟିଲା । ଶ୍ରୀମତୀ ମହାରାଣୀଙ୍କର ବକ୍ତୃତା ପ୍ରଧାନ ମନ୍ତ୍ରୀ ପାଠକଲେ ଇଞ୍ଚିରେ ଲେଖାଅଛି ଯେ ବିଦେଶୀୟ ରାଜାଙ୍କ ସହିତ ଇଂଲଣ୍ଡର ସଦ୍ଭାବ ରହିଅଛି ଏବଂ ଦକ୍ଷିଣ ପୂର୍ବ ୟୁରୋପର ବ୍ୟାପାର ଉଦ୍ବେଗ ଅସ୍ଥିର ଥିଲେ ହେଁ ଏଥିରେ କୌଣସି ଶାନ୍ତିଭଙ୍ଗର ଭୟ ନାହିଁ । ବ୍ରହ୍ମ-ଦେଶ ସମ୍ପର୍କରେ କଥିତ ହୋଇଅଛି ଯେ ଇଂରାଜ ସେନା ସେଠାରେ ବହୁଶଃ ସାହସିକତା ସହିତ କାର୍ଯ୍ୟ କରୁଅଛନ୍ତି ଏବଂ ଡକାଇତମାନଙ୍କୁ ଦମନକରିବା ବିଷୟରେ ବିଲକ୍ଷଣ କୌଶଳ ହୋଇଅଛନ୍ତି ଅନେକ ଡକାଇତ-ଦଳ ଭାଙ୍ଗିଯାଇଅଛି ଓ ଅନେକ ସରଦାର ବଶ୍ୟତା ସ୍ୱୀକାର କରିଅଛନ୍ତି । ଏଥିରୁ ଭରସା ହୁଏ ଯେ ଏହି ଶୀତସମୟରେ ଉକ୍ତ ରାଜ୍ୟରେ ଶାନ୍ତି ସ୍ଥାପନ ହେବ । ଶୀଘ୍ର ଶାନ୍ତି ସ୍ଥାପିତ ହେଲେ ଭଲ ମାତ୍ର ଆମ୍ଭେମାନେ ତାହାଁର ଲକ୍ଷଣ ଦେଖୁ ନାହୁଁ । ଇଂରାଜ ସେନା ଯେଉଁ ସ୍ଥଳରେ ଉପସ୍ଥିତ ହେଉଛନ୍ତି ସେଠାରେ ତାହାଁ ମାତ୍ର ବ୍ରହ୍ମବାସିମାନେ ଆପଣା ସ୍ୱାଧୀନତା ରକ୍ଷାକରିବାକୁ ଅବଶ୍ୟ ପ୍ରସ୍ତୁତ ନ ହୋଇ ପ୍ରାଣପଣେ ଲଢୁଅଛନ୍ତି । ଅବଶ୍ୟ ସେଠାରୁ ସୈନ୍ୟ ଯିବାର ବନ୍ଦ ହୋଇ ନାହିଁ । ଏହି ସପ୍ତାହରେ ଏଠା ପଲଟନ ସେଠାକୁ ପ୍ରେରଣ ହେଲେ । ଇଂଗ୍ଲଣ୍ଡ-ଗବର୍ଣ୍ଣମେଣ୍ଟ ପୂର୍ବାନ ଥାଉଣରେ ବଳପ୍ରଦର୍ଶନକରୁ ଥାନ୍ତି ଯେହେତୁ ଏହି ଉତ୍ସବ ଉପଲକ୍ଷରେ ବ୍ରହ୍ମଦେଶକୁ ଜଣେ ଦେଶୀୟ ରାଜା ପ୍ରଦାନ କରି ସେଠାଲୋକଙ୍କ ସ୍ୱାଧୀନତା ପ୍ରତ୍ୟର୍ପଣ କରନ୍ତେ କେଡ଼େ ସୁଖର କଥା ହୁଅନ୍ତା ।

---

ନିକାଶନ ଉତ୍ସବ ।

ଏଠା ମ୍ୟୁନିସିପାଲିଟୀର ୨ ୧ ମ୍ବର ୱାର୍ଡ଼ରେ କମିସନରର ନିକାଶନ ହୋଇ ନ ପାରିବା

ପ୍ରସଙ୍ଗ ଗତ ସପ୍ତାହରେ ଲେଖି ଥିଲୁଁ । ବର୍ତ୍ତମାନ ଅମ୍ଭେମାନେ ବେଲେଲ ଲୋକଙ୍କଠାରୁ ଶୁଣିଲୁଁ ଯେ ନିର୍ବାଚନର ଖ୍ରୋଗ୍ୟ ହେବା ସମୟ ସେ ବାର୍ଡର ମିଉନିସିପଲ ସରକାର ପ୍ରକାଶ କରିଥିଲା ଯେ ଅଦାଲତ କଚେରିରେ ନିର୍ବାଚନ ହେବ ଏଣୁକରି ଅନେକ ଭୋଟର (ମତଦାତା) ଅଦାଲତକୁ ଗଲେ ସେଠାରେ କେହି କେତେକ୍ଷଣ ଅପେକ୍ଷା କରି ରହିଲେ କେହି କାହାରିକି ନ ଦେଖି ତତ୍‌କ୍ଷଣାତ୍ ଫେରି ଆସିଲେ ତହୁଁ ଉପରେ ଗୁନ୍ନାଡରିକ ଦହାଇଗାଲ ବାବୁଙ୍କ ଘୋଠାରେ ଭୋଟ ନଥିବାର କଥା ଜାଣିବାରୁ ସେଠାକୁ ଅନେକ ଲୋକ ଗଲେ ମାତ୍ର ଭୋଟ ନେବା ବାବୁମାନଙ୍କୁ ନ ଦେଖି ଫେରି ଗଲେ । ବାବୁ ମହାନନ୍ଦ ଗୁପ୍ତ ଡେପୋଟୀ ମାଜିଷ୍ଟ୍ରେଟଙ୍କ ପ୍ରତି ଭୋଟ ନେବାର ଭାର ଥିଲା । ସେ ପ୍ରଥମେ ବାର ଉପରେ ଏକଘଣ୍ଟିକା ସମୟରେ ସେଠାକୁ ଯାଇ କେହି ଭୋଟରଙ୍କୁ ନ ଦେଖି କଚେରିକୁ ଚାଲି ଆସିଲେ, ପୁଣି ଚାରିଘଣ୍ଟିକା ସମୟରେ ସେଠାକୁ ଗଲେ ସେ ସମୟରେ ମଧ୍ୟ କାହାରିକି ନ ଦେଖି ଫେରି ଆସିଲେ । ଡେପୋଟି ମହାଶୟ ସେଠାରେ ଜଣେ ଉପସ୍ଥିତ ଜଗାଇ ରଖିଥିଲେ ମାତ୍ର ଲୋକେ ବାବୁଙ୍କୁ ନ ଦେଖିଲେ ଉପସ୍ଥିତ କଥାରେ କି ରହନ୍ତି ? ଯେ ଯେ ଆସୁଥିଲେ ସେ ସେ ଫେରି ଯାଉଥିଲେ । ଯେବେ ଡେପୋଟିବାବୁ ନିୟମାନୁସାରେ ସେଠାରେ ବାରଘଣ୍ଟାଠାରୁ ଚାରିଘଣ୍ଟା ପର୍ଯ୍ୟନ୍ତ ବସିକରି ରହିଥାନ୍ତେ ତେବେ ଭୋଟରମାନେ ଫେରି ଯାଇ ନ ଥାନ୍ତେ । ପ୍ରାୟ ପଞ୍ଚାଶକୁଣ ଭୋଟର ମେଜିଷ୍ଟ୍ରେଟ ସାହେବଙ୍କଠାରେ ଦରଖାସ୍ତ କରି ଅଛନ୍ତି ଯେ ସେମାନେ ଭୋଟ ଦେବା ସକାଶେ ନିରୂପିତ ସ୍ଥାନକୁ ଯାଇଥିଲେ ମାତ୍ର ଭୋଟ ନେବା ଲୋକ କେହି ଉପସ୍ଥିତ ନ ଥିବାରୁ ଫେରି ଆସିଲେ । ଏଥିରେ ଡେପୋଟିବାବୁଙ୍କ କୈଫିୟତ ତଲବ ହେବାରୁ ସେ ଜବାବ କରୁଅଛନ୍ତି ମାତ୍ର ଡେପୋଟିବାବୁ ସେଠାରେ ବସିକରି ରହିଥିଲେ କେହି ସେଠାକୁ ନ ଯାଇ ଯାଇଥିବାର କହି ପାରନ୍ତା ନାହିଁ । ମୁନାଦି ଦେବାବାଲାର ଭୁଲ ବିଷୟରେ ମଧ୍ୟ ତଦନ୍ତ ହେଉଅଛି । ଫଳତଃ ଏକପକ୍ଷରେ ବିଜ୍ଞାପନ ପ୍ରଚାର ଓ ଅନ୍ୟ ପକ୍ଷରେ ବାବୁମାନଙ୍କ ଉପସ୍ଥିତ ରହିବାରେ ତ୍ରୁଟି ହେବାରୁ ଏ ନିର୍ବାଚନକାର୍ଯ୍ୟଟି ବ୍ୟର୍ଥ ହୋଇଅଛି ସନ୍ଦେହ ନାହିଁ ଏବଂ ଅମ୍ଭେମାନେ ମାଜିଷ୍ଟ୍ରେଟ ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ଏହି ବାର୍ଡର ନିର୍ବାଚନ କାର୍ଯ୍ୟ ମୂଳରୁ ନୂତନ କରି କରିବାର ଆଦେଶ ଦେବେ ।

---

## ବଙ୍ଗୀୟ କୃଷିବିଭାଗ ।

ବଙ୍ଗୀୟକୃଷିବିଭାଗର ଗତ ଜୁନର ଶେଷପର୍ଯ୍ୟନ୍ତ କାର୍ଯ୍ୟ ବିବରଣ ସମାଲୋଚନା କରି ଅମ୍ଭମାନଙ୍କ ଲେଫ୍‌ଟେନାଣ୍ଟ ସାହେବ ପ୍ରୀତ ହୋଇ ଅଛନ୍ତି । ଏ ବିଭାଗର କାର୍ଯ୍ୟ ଦୁଇପ୍ରକାର ଯଥା—୧ମ—ଜମି ଜରିପ ଏବଂ ପ୍ରଜାମାନଙ୍କର ସ୍ୱତ୍ୱ ନିର୍ଣ୍ଣୟକରିବା ଓ ୨ୟ—କୃଷିର ଉନ୍ନତିକରିବା । ୧ମ ପ୍ରକାରର କାର୍ଯ୍ୟ ବନ୍ଦୋବସ୍ତ ସଙ୍ଗେ ସମ୍ପର୍କ ରଖୁଥିବାରୁ ବୋର୍ଡଙ୍କ ଅଧୀନରେ ରହିବ ଏବଂ ୨ୟପ୍ରକାରର କାର୍ଯ୍ୟ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଖାସ ଅର୍ଥାତ୍ ରେବିନ୍ୟୁ ସେକ୍ରେଟେରିଙ୍କ ଅଧୀନରେ ରହିବ । ବିଗତବର୍ଷର ସମୟମଧ୍ୟରେ ମୋଜଫରପୁରଜିଲ୍ଲାର ଦୁଇପ୍ରଗନ୍ନା ପରୀକ୍ଷାସ୍ୱରୂପ ଜରିପ ଓ ପ୍ରଜାଙ୍କର ସ୍ୱତ୍ୱ ନିର୍ଣ୍ଣୟ ହୋଇଥିଲା । ଏହାଦ୍ୱାରା ଅନେକ ଉପକାର ହୋଇଅଛି ଏବଂ ଖର୍ଚ୍ଚ ମଧ୍ୟ ଅଧିକ ପଡ଼ି ନାହିଁ ଅର୍ଥାତ୍ ମାଣପ୍ରତି ଟ ୦।/ କୁ ଜଣା ପଡ଼ିଅଛି । ଅଳ୍ପବ୍ୟୟରେ ଚିରକାଳନିମନ୍ତେ ପ୍ରଜାମାନେ ଆପଣା ସ୍ୱତ୍ୱ ସ୍ଥିର କରିନେବାକୁ ସକ୍ଷମ ହେବାରୁ ଆନନ୍ଦିତ ହୋଇଅଛନ୍ତି । ବାସ୍ତବରେ ବଙ୍ଗପ୍ରଦେଶର ଚିରସ୍ଥାୟୀ ବନ୍ଦୋବସ୍ତି ମହାଲମାନ ଓଡ଼ିଶାପରି ତିରିଶବର୍ଷିଆ ବନ୍ଦୋବସ୍ତ ହୋଇ ନ ଥିବାରୁ ପ୍ରଜାମାନଙ୍କର ଦଖଲିସତ୍ୱ ପ୍ରମାଣକରିବା ବଡ଼ କଠିନ ହୋଇଅଛି । ଏପରି ଜରିପହେଲେ ଯେ ବିବାଦଗୁଡ଼ିକ ଅନେକ ଗୋଳମାଳ କମିଯିବ ତହିଁରେ ସନ୍ଦେହ ନାହିଁ ।

କୃଷିଉନ୍ନତି ବିଷୟରେ କଥିତ ହୋଇଅଛି ଯେ ବିଗତବର୍ଷରେ ଅନେକପ୍ରକାର ପରୀକ୍ଷା ହୋଇଥିଲା ଏବଂ ଜମିଦାରମାନେ ଆଗ୍ରହପୂର୍ବକ ତହିଁରେ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ସେନ ସାହେବ ଯେଉଁ ନୂତନ ଲଙ୍ଗଳ ରଚନା କରିଅଛନ୍ତି ସେହି ଲଙ୍ଗଳ ୫୭୪ ଖଣ୍ଡ ବିକ୍ରି ହୋଇଅଛି ଏବଂ ଅନ୍ୟୂନ ୪୦୦ ଖଣ୍ଡର ଫରମାସ ଆସିଅଛି । ବର୍ତ୍ତମାନର କୃଷିମାନେ ଯେଉଁମାନଙ୍କଦ୍ୱାରା ଧାନଫସଲ ବୁଣାବର କରୁଅଛନ୍ତି ମାତ୍ର ଭାଗଲପୁର ଓ ପାଟନାର ଲୋକ ଜାହା ଜାଣନ୍ତି ନାହିଁ । ମଜଫରପୁର ପ୍ରଜାଙ୍କରେ ବହୁସ୍ଥାନରେ ବଳଅଣ୍ଟ ହେଉଅଛି । ଅପର ସ୍ଥାନରେ ତାହା ଜଣା ନାହିଁ । ଏହିପରି ପରୀକ୍ଷାଦ୍ୱାରା ଅନ୍ୟାନ୍ୟସ୍ଥାନର କୃଷିମାନଙ୍କୁ ଦେଖାଇଲେ ଭଲହେବ । ହାତଗୁଣ୍ଡି ଯେ ଅତି ଉତ୍କୃଷ୍ଟଘାସ ତାହା କେହି ଜାଣି ନ ଥିଲେ । ସେନ ସାହେବ ତହିଁର କାର୍ଯ୍ୟକାରିତା ଦେଖାଇବାରୁ ବେହାରଏଲକାର ହିନ୍ଦୁ ପ୍ରଜାମାନେ ତାହା ଏଣି ଲଗାଇ ବଢ଼ାଇନେଇ ଯାଉଅଛନ୍ତି । ଏବଂ ବଡ଼ଗାଈର ଉତ୍କୃଷ୍ଟ ଗବର ସାରକ ନେଇ ଭାଗଲପୁରର ପ୍ରଜାମାନେ ଫସଲକରି କୀଟରେ କୃଣ୍ଡଣା ଅଧିକଲାଭକରିବାକୁ ସମର୍ଥ ହେଉଅଛନ୍ତି । କୃଷିବିଭାଗର ଏହି କାର୍ଯ୍ୟମାନ ଦେଶପକ୍ଷରେ ଅତ୍ୟନ୍ତ ହିତକର ଏଥିରେ ସନ୍ଦେହ ନାହିଁ । ବଙ୍ଗାଳାର ଜମିଦାରମାନଙ୍କ ମଧ୍ୟରେ ଶିକ୍ଷିତଲୋକ ଅନେକ ଅଛନ୍ତି ଏବଂ ସେମାନେ ପରୀକ୍ଷାସ୍ଥଳ ଏହି ସମ୍ପୃକ୍ତଶାଖାରେ ଯୋଗ ଦେଉଅଛନ୍ତି । ଦରଭଙ୍ଗାର ମହାରାଜା ଏ ବିଷୟରେ ଅଧିକ ଅଗ୍ରସର ହୋଇଅଛନ୍ତି । ଏଣୁ ଗବର୍ଣ୍ଣମେଣ୍ଟଙ୍କର ଏକାନ୍ତ ଆଶା ହୋଇଅଛି ଯେ ଏହି ବିଭାଗଟି ରହିଲେ କାଳକ୍ରମରେ ବଙ୍ଗପ୍ରଦେଶର କୃଷିର ବହୁତ ଉନ୍ନତି ହେବ ।

---

## ବଡ଼ଦେଉଳର ସଂସ୍କାର ।

ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସନାତନଧର୍ମ ରକ୍ଷିଣୀ ସଭା ବଡ଼ଦେଉଳର ଉପସ୍ଥିତ ବିପଦ ଦେଖି ପ୍ରାୟ ପ୍ରତିଦିନ ବୈଠକ କରୁଅଛନ୍ତି ଏବଂ ହିନ୍ଦୁମାନଙ୍କର ଦୁଃଖ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥିତ କରିବାକୁ ବିଶେଷ ଯତ୍ନ କରୁଅଛନ୍ତି । ଅମ୍ଭେମାନେ ଉକ୍ତ ସଭାର ଗତମାସ ତା ୨୮ ଓ ୩୦ ଦିନର ଅଧିବେଶନର କାର୍ଯ୍ୟ ବିବରଣ ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ମାତ୍ର ସ୍ଥାନାଭାବ ହେତୁରୁ ଅବିକଳ ସେ ସମସ୍ତ ପ୍ରକାଶ କରିବାକୁ ଅକ୍ଷମ ହୋଇ ତହିଁର ସାରାଂଶ ଲେଖୁ ଅଛୁଁ ।

ସଭାର ମତରେ ଉପସ୍ଥିତ ଗୋଳଯୋଗଟି ବଡ଼ଦେଉଳର ମୋକଦ୍ଦମା ହେଲେବି ଓଡ଼ିଆବାସିମାନେ ଉପଯୁକ୍ତରୂପେ ନକଲ ସହିତ ପାଇବାକୁ ସକ୍ଷମ ହେଉ ନାହାନ୍ତି । ଶ୍ରୀମାନ୍ ଗାରଡ଼େନ୍‌ସାହେବଙ୍କ ଅନୁପମ ଗୁଣ ଉତ୍କୃଷ୍ଟ ସୁଶାସନ ଲୋକମାନେ ତାହା ଜାଣିବେ ଗବର୍ଣ୍ଣମେଣ୍ଟଙ୍କର ଏହି ମୋକଦ୍ଦମାସମ୍ପର୍କିତ କାର୍ଯ୍ୟ ସକଳ ଉତ୍ତମ କରୁଅଛି । ଅବଶ୍ୟ ଗାରଡ଼େନ୍‌ସାହେବଙ୍କ ଏଥିରେ

Digitized by srujanika@gmail.com

Split by PDF Splitter



ଦୋଷ ନାହିଁ । ଏହା କର୍ମଚାରୀଙ୍କର ଅବିବେଚନା ଓ ଅଜ୍ଞାନର ଫଳ ମାତ୍ର ଯେବେ ଏ ସମୟରେ ଗବର୍ଣ୍ଣମେଣ୍ଟ ସୁବିଚାରପୂର୍ବକ ପୂଜାର ନିର୍ବାସିତ ସନ୍ତାନଙ୍କୁ ମୁକ୍ତିଦାନ ଏବଂ ଦେଉଳର ମୋକଦ୍ଦମା ତ୍ୟାଗ କରନ୍ତି ତେବେ ଓଡ଼ିଶାବାସିଙ୍କର ଆନନ୍ଦର ସୀମା ରହିବ ନାହିଁ ଏବଂ ଉପସ୍ଥିତ ରାଜ୍ୟର ଅଭକ୍ତି ଓ କୃତଜ୍ଞତାସହିତ ଲୋକେ ଚିରକାଳ ସ୍ମରଣ ରଖି ପାରିବେ । ଏ ବିଷୟରେ ସଭା ସର୍ବସାଧାରଣଙ୍କର ମତ ପ୍ରକାଶ କରିଅଛନ୍ତି ସନ୍ଦେହ ନାହିଁ । ଏହା ଗବର୍ଣ୍ଣମେଣ୍ଟ ସୁବିଚାର କଲେ ହେବ ।

ସଭାର ଆଉ ଗୋଟିଏ ପ୍ରସ୍ତାବ ରିସିଭରଙ୍କ ସମ୍ବନ୍ଧରେ ଅଟଇ । ରିସିଭରଙ୍କ ହାତକୁ ମନ୍ଦିରର ଭାର ଆସିଲାଦିନରୁ ମନ୍ଦିର ମଧ୍ୟରେ ହିନ୍ଦୁ ଧର୍ମ ଓ ଦେଉଳର ପବିତ୍ରତା ବିରୁଦ୍ଧ କାର୍ଯ୍ୟ ହେଉଅଛି । ଏ ସମସ୍ତ ଅନୀତି ସମ୍ପର୍କରେ କେତେକ କଥା ସାପ୍ତାହିକରେ ବାହାରିଅଛି ଅଧିକ ଲେଖିବାର ପ୍ରୟୋଜନ ନାହିଁ । ରିସିଭର ଏକାନ୍ତ କାର୍ଯ୍ୟ ସମ୍ପର୍କରେ ଲୋକଙ୍କର ମନୋଦୁଃଖ ବିଶେଷ ହୋଇଅଛି । ନାଲିଶ ହେତୁରୁ ତେତେ ନିହତ ଅମ୍ଭେମାନେ ସଭାକୁ ଏହି ପରାମର୍ଶ ଦେଉଅଛୁଁ କି ଏହି ଅନୀତିମାନ ଶ୍ରୀଯୁକ୍ତ ଜଜ ସାହେବଙ୍କଠାରେ ଆବେଦନ କରନ୍ତୁ ତହିଁରେ ଅବଶ୍ୟ ସୁବିଚାର ହେବ ତାହା କହି ବୁଲନେ କିଛି ଲାଭ ନାହିଁ ବିଶେଷତଃ ରିସିଭର ଅଦାଲତରୁ ନିଯୁକ୍ତ ହୋଇ ଥିବାରୁ ଅଦାଲତଙ୍କ ଗୋଚର ବିନା ଆଉ କିଛି କରନ୍ତି ଏବଂ ସେମାନଙ୍କ ଚରିତ୍ର ଓ କାର୍ଯ୍ୟ ପ୍ରତି ଶ୍ରୀଯୁକ୍ତ ଜଜ ସାହେବଙ୍କର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଅଛି । ଏ ଜିଲ୍ଲାର ବର୍ତ୍ତମାନ ଜଜ ସାହେବ ଯେମନ୍ତ ଯୋଗ୍ୟ ତେମନ୍ତ ଧୀର ଓ ଧର୍ମପରାୟଣ ବ୍ୟକ୍ତି ଅଟନ୍ତି । ସେ କୌଣସି ଅନୀତି କଥା ଶୁଣିଲେ ତାହା ନିବାରଣ ପକ୍ଷରେ ତତ୍କ୍ଷଣାତ୍ ମନୋଯୋଗୀ ହେବେ ବରଂ ସେ ପୂର୍ବରୁ ମନ୍ଦିରର ନୀତି ଓ ସେବା ପଦ୍ଧତି ଅକ୍ଷୁଣ୍ଣ ରଖିବା କାରଣ ରିସିଭରଙ୍କୁ ସତର୍କ କରି ଦେଇଅଛନ୍ତି ।

---

## ଯାଜପୁର ସ୍କୁଲର ପାରିତୋଷିକ ଦାନସଭା ।

ଗତମାସ ତା ୨୩ ରିଖ ଅପରାହ୍ନ ଏକଘଣ୍ଟା ସମୟରେ ଏ ନଗରସ୍ଥ ହାଇସ୍କୁଲର ଛାତ୍ରମାନଙ୍କୁ ପାରିତୋଷିକ ବିତରଣ କାରଣ ସବଡିଭିଜନ ଅଫିସରଙ୍କ ବାସଗୃହରେ ଏକବୃହତ ସଭା ହୋଇଥିଲା । ମାନ୍ୟବର ଶ୍ରୀଯୁକ୍ତ କଲେକ୍ଟର-ସାହେବ ମହୋଦୟ ଉକ୍ତ ସଭାସ୍ଥାନକୁ ଆମନ୍ତ୍ରିତ ହୋଇଥିଲେ ସଭାସ୍ଥଳରେ ଅନେକ ଭଦ୍ରଲୋକ ଉପସ୍ଥିତ ଥିଲେ ସାହେବ ମହୋଦୟ ସେ ସ୍ଥାନକୁ ଶୁଭାଗମନ କରି ସଭାପତି ଆସନ ଗ୍ରହଣ କଲାରୁ ଏଠା ହାଇସ୍କୁଲର ହେଡ଼ପଣ୍ଡିତ ଶ୍ରୀ ସଦାଶିବ ବିଦ୍ୟାରତ୍ନ ମହାଶୟ ନିମ୍ନଲିଖିତ ଶ୍ଳୋକ ରଚନା ପାଠକରି ସାହେବ ମହୋଦୟଙ୍କ ଅଭ୍ୟର୍ଥନା କଲେ, ଯଥା ।

ଶ୍ରୀଲ ଶ୍ରୀ ଅଶେଷ ଗୁଣାଲଂକୃତ ବିବିଧବିଦ୍ୟ ବିଶାରଦେଷୁ, ଉତ୍କଳାନ୍ତଃପାତି କଟକପ୍ରଦେଶସ୍ୟ ଶାସକେଷୁ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ବୋଲଟନ ସାହେବ ମହୋଦୟେଷୁ ନିବେଦନୀୟମେତତ୍ ।

ଯନ୍ନାମଶ୍ରୁତିମାତ୍ରେଣ ଦସ୍ୟୁ ଚୌରାଦି ଦୁର୍ଜ୍ଜନାଃ । ଚଲାଦ୍ଭୂମାନା ଭୀ ମନ୍ତ୍ରା । ହିହାଭତା ଗଜାଇବ । ୧ । ଅସ୍ୟୋତ୍କଳ ପ୍ରଦେଶସ୍ୟ ଶାସ୍ତା ବୋଲଟନ ସ ଏବହି । ଗବର୍ଣ୍ଣମେଣ୍ଟସ୍ୟାଦେଶବଶଗୋ ପାଳକସ୍ତ୍ରଳଃ । ୨ । ବିଚାରକାର୍ଯ୍ୟେ ରାଜସ୍ୱଦାନେ କୌଶଲପେଶଲଃ । ଈଦୃଶଃ କୋଽପି ନାସ୍ତୀତି ଯଶୀ ବୋଲଟନ ମହାଭୁଜଃ ଶ୍ରୀମାନ୍ ପ୍ରଜାପ୍ରେମ ଲବ୍ଧବର୍ଣ୍ଣୋ ବିଦ୍ୟାନୁରାଗୀ ବର୍ତ୍ତମାନବଶ୍ଚ । ବିଦ୍ୟାର୍ଥିନାଂ ହିତକୃଦତ୍ର ଜାନଂ ବୋଲଟନ ସଦା ଭାତି ମୃଗେନ୍ଦ୍ରବୀର୍ଯ୍ୟଃ । ୪ । ଅତୋଭବାଂଶ୍ଚାମବ ଏଷ ସ୍ୱାଦଃ ସଦା ପ୍ରଶାସ୍ତା ଭବତୁ ପ୍ରଦେଶେ । ଅସ୍ମିନ୍ ଶିବଂ ତସ୍ୟ ଭବେତ୍ ହେଦେବୋ ନେଭୁକ୍ତ ଗିହପାଳକ ଇଶ ଅଦ୍ୟଃ । ୫ ।

ତତ୍ପରେ ସ୍କୁଲର ହେଡ଼ମାଷ୍ଟର ସ୍କୁଲର ଅବସ୍ଥା ମୌଖିକ ବର୍ଣ୍ଣନାକରି କହିଲେ ଯେ ଏ ସ୍ଥାନରେ ସ୍ଥାପିତ ଥିବା ସ୍କୁଲପ୍ରତି ଏ ପ୍ରଦେଶୀୟ ଲୋକମାନଙ୍କର ମନୋଯୋଗ ବା ଉନ୍ନତି ଚେଷ୍ଟା ନାହିଁ ବିଦେଶୀୟ ବଙ୍ଗାଳୀଙ୍କ ଯତ୍ନରେ ଏହା ସ୍ଥାପିତ ଓ ଉନ୍ନତ ହୋଇଅଛି । ତାଙ୍କ ମହାଶୟ ଏ ବିଷୟ ଇଂରେଜୀଭାଷାରେ କହିବାରୁ ଇଂରେଜୀ ନ ଜାଣିବା ଭଦ୍ରବ୍ୟକ୍ତିମାନେ କିଛିମାତ୍ର ବୁଝି ପାରି ନାହାନ୍ତି ଓ ଏ ବିଷୟରେ ଅନ୍ୟ କେହି ପ୍ରତିବାଦ କରି ନ ଥିଲେହେଁ ଏ ପ୍ରକାର କଥା ଶୁଣିବା ମାତ୍ରେ ଆଶ୍ଚର୍ଯ୍ୟ ହୋଇଅଛନ୍ତି । ଇଂରେଜକର୍ମଚାରୀଙ୍କ ଅପେକ୍ଷା କୌଣସି ବଙ୍ଗାଳୀହାକିମ ସ୍କୁଲଅବସ୍ଥାପ୍ରତି ବିଶେଷ ମନୋଯୋଗୀ ହେବାର କଦାଚ ଦେଖାଯାଇ ନାହିଁ । ଏଠା ସ୍କୁଲ ପ୍ରଥମେ ଏ ଦେଶବାସି ଶ୍ରୀଯୁତ ଶ୍ରୀ ବିଷ୍ଣୁର ବିଦ୍ୟାଭୂଷଣଙ୍କ ଉଦ୍‌ଯୋଗରେ ସ୍ଥାପିତ ହୋଇ ଏ ଦେଶୀୟ ଅପର ଭଦ୍ରବ୍ୟକ୍ତିମାନଙ୍କ ଯତ୍ନ ଓ ସାହାଯ୍ୟଦ୍ୱାରା କ୍ରମଶଃ ଉନ୍ନତିଲାଭ କରୁଅଛି । ମାଷ୍ଟର ମହାଶୟ କି ଅଭିପ୍ରାୟରେ ଏ ପ୍ରକାର ଅସଙ୍ଗତ କଥା ପ୍ରକାଶ କଲେ କିଛି ବୁଝି ଗଲା ନାହିଁ । ଅନ୍ୟାନ୍ୟସ୍ଥଳେ ଉତ୍କଳୀୟଙ୍କର ସ୍କୁଲପ୍ରତି ବିଶେଷ ମନଯୋଗ ଥିବାର ସାହେବ ପ୍ରଶଂସିତ ବ୍ୟକ୍ତ କଲେ । ତତ୍ପରେ ଗତବର୍ଷ ବାଳକମାନଙ୍କଠାରୁ ମୁଖସ୍ଥ କବିତା ଇତ୍ୟାଦି ଶ୍ରବଣ କରି ସାହେବ ମହୋଦୟ ସ୍ୱହସ୍ତରେ ବାଳକମାନଙ୍କୁ ପୁରସ୍କାର ବିତରଣ କରି ବାଳକମାନଙ୍କୁ ସଦୁପଦେଶ ପ୍ରଦାନ କଲେ ଶେଷରେ ପିଲାମାନଙ୍କୁ ବାର୍ଷିକ ପରୀକ୍ଷା ଦେବା ସକାଶେ ଭଦ୍ରବ୍ୟକ୍ତିମାନେ ଯତ୍ନଶୀଳ ହେବା କାରଣ ପ୍ରସ୍ତାବ କଲାରୁ ସଭାଭଙ୍ଗ ହେଲା ।

---

## ସଦାବର୍ତ୍ତ ସମ୍ପର୍କୀୟ ବ୍ୟବସ୍ଥା ।

ମୁସଲମାନଙ୍କ ଶିକ୍ଷାସମ୍ପର୍କୀୟ ସଦାବର୍ତ୍ତମାନଙ୍କର ଅନୁସନ୍ଧାନକମିଟୀର ଗୋଟିଏ ଅଧିବେଶନ ଗତ ଡିସେମ୍ବରମାସରେ ହୋଇଥିଲା । ତହିଁର କାର୍ଯ୍ୟାଦି ବିବରଣରୁ ଜଣାଯାଏ ଯେ ସଦାବର୍ତ୍ତମାନ ପ୍ରାୟ ସମସ୍ତ ଧର୍ମାର୍ଥ ଦାନ ଅଟଇ ତହିଁରୁ ଶିକ୍ଷାନିମିତ୍ତ କୌଣସି ଟଙ୍କା ପୃଥକ କରିନେବା ବଡ଼ କଠିଣ ବ୍ୟାପାର । ଅଧିକାଂଶ ସଦାବର୍ତ୍ତ ଏହିପରି ସ୍ଥାପିତ ହୋଇଅଛି କି କେହିଲୋକ ଗୋଟିଏ ମସଜିଦ ନିର୍ମାଣକରି ତହିଁର ତଳେ ସମ୍ପତ୍ତି ଲେଖିଦେଲା ଯେ ତହିଁର ଆୟରୁ ମସଜିଦର ରକ୍ଷଣାବେକ୍ଷଣ ହେବ ଏବଂ ଯେଉଁ ମଉଲବୀ ମସଜିଦର କାର୍ଯ୍ୟ ସକାଶେ ରହିବେ ସେ କେତେଗୁଡ଼ିଏ ପିଲାଙ୍କୁ ପଢ଼ାଇବେ । ଏଠାରେ ପିଲାମାନେ ପାରସି ଓ ଆରବି ଭାଷା ଓ ଧର୍ମପୁସ୍ତକମାନ ପଢ଼ିବେ । ସଦାବର୍ତ୍ତସମ୍ପତ୍ତିର ମାରଫତଦାର ସମସ୍ତବ୍ୟୟ ନିର୍ବାହକରି ଅବଶିଷ୍ଟ ଲାଭ ଆପେ ଭୋଗକରି ଆସୁଅଛନ୍ତି । ସେମାନଙ୍କର ବେତନ ସକାଶେ ଆୟର କୌଣସି ଅଂଶ ପୃଥକ ରହି ନାହିଁ କିମ୍ବା ସମସ୍ତ ଆୟରୁ କେବଳ ଶିକ୍ଷାଦାନରେ କେତେ ବ୍ୟୟିତ ହେବ ତହିଁର ସ୍ଥିରତା ନିର୍ଣ୍ଣୟ ନାହିଁ । ଏପରି ମୁସଲମାନଙ୍କର ଧର୍ମପୁସ୍ତକ ଓ ତହିଁନିମିତ୍ତ ଆବଶ୍ୟକୀୟ ବିଦ୍ୟାଛଡ଼ା ବଙ୍ଗଳା ଇଂରାଜୀ ଅଥବା ଅନ୍ୟକିଛି ପଢ଼ାଇବାର କୌଣସିଠାରେ ନିୟମ ନାହିଁ ବରଂ କେହି୨ ସ୍ପଷ୍ଟ କହିଅଛନ୍ତି କି ସଦାବର୍ତ୍ତ-ଆୟରୁ ସେପ୍ରକାର ସମ୍ପତ୍ତି ଶିକ୍ଷା ଦିଆଯାଇ ନ

Digitized by srujanika@gmail.com

48



ପାରେ । ପରନ୍ତୁ ହାଇକୋର୍ଟ ନିଷ୍ପତ୍ତି କରଅଛନ୍ତି କି କୌଣସି ଓ୍ୱାକଫନାମାରେ ଶିକ୍ଷାଦାନର କଥା ସତ୍ତ୍ୱ ଥିଲେ ହେଁ ତାହାକୁ ଧର୍ମାର୍ଥଦାନ ଜ୍ଞାନକରିବାକୁ ହେବ । ଏପରି ସ୍ଥଳେ ଧର୍ମାର୍ଥସମ୍ପତ୍ତିରୁ ସାଧାରଣ ଶିକ୍ଷାଦାନନିମିତ୍ତ କିଛି ଟଙ୍କା ପୃଥକ୍ କରିନେବା ବଡ଼ କଠିନ ହୋଇ ଅଛି ଏବଂ ମୁସଲମାନମାନଙ୍କର ସାଧାରଣ ମତଦ୍ୱାରା ଏବିଷୟର ମୀମାଂସା ନ ହେଲେ ଏହିସବୁ ସମ୍ପତ୍ତିରୁ ସାଧାରଣଶିକ୍ଷାର ବନ୍ଦୋବସ୍ତ ହୋଇ ନ ପାରେ । ସଦାବର୍ତ୍ତସମ୍ପତ୍ତିର* ତତ୍ତ୍ୱାବଧାରଣବିଷୟରେ ମଧ୍ୟ ହେବାକୁ ଅଦାଲତର କାର୍ଯ୍ୟକଥା ସୁବିଧାଜନକ ନୁହଇ । ତହିଁରେ ଖର୍ଚ୍ଚ ଓ ସମୟ ଅନେକ ଲାଗଇ ଅଥଚ ଅତ୍ୟାଚାର ବା ଅପବ୍ୟୟର ପ୍ରମାଣ କଷ୍ଟଜନକ । ସମ୍ପାଦକଙ୍କ ମତରେ ଏ ବିଷୟର କାର୍ଯ୍ୟପ୍ରଣାଳୀ ଅଳ୍ପବ୍ୟୟସାଧ୍ୟ ଓ ସହଜ ହେଲେ ଭଲ ହେବ ଏବଂ ଅଦାଲତଙ୍କୁ ଏପରି ଅଧିକାର ଦିଆଯିବ ଯେ ମସଜିଦର ନିୟମିତ ଖର୍ଚ୍ଚ ବନ୍ଦୋବସ୍ତ କରିଦେଇ ଅବଶିଷ୍ଟ ଆୟ ଶିକ୍ଷାଦାନନିମିତ୍ତ ପୃଥକ୍ କରିଦେବେ । ନବାବ ଅବଦୁଲ୍ ଲତିଫଖାନ ବାହାଦୁରଙ୍କ ମତରେ ସନ ୧୮୬୩ ସାଲର ୨୦ ଆଇନଦ୍ୱାରା ସଦାବର୍ତ୍ତ ସମ୍ପତ୍ତିର ଅପବ୍ୟୟ ଘଟିଅଛି । ସେ ଆଇନକୁ ଉଠାଇଦେଇ କଲେକ୍ଟରଙ୍କୁ ପୁନ ର୍ବାର ନ ଏଜେଣ୍ଟଦ୍ୱାରା ସଦାବର୍ତ୍ତର ତତ୍ତ୍ୱାବଧାରଣବିଷୟ ପୂର୍ବମତ ପ୍ରଚଳିତ କରିବାର ଉଚିତ । ଏହିପରି ଦେଖାଯାଉଅଛି କି ଯେମନ୍ତ ହିନ୍ଦୁ ତେମନ୍ତ ମୁସଲମାନଙ୍କ ସଦାବର୍ତ୍ତ ସମ୍ପର୍କରେ ଗବର୍ଣ୍ଣମେଣ୍ଟଙ୍କ ବ୍ୟବସ୍ଥା ଫଳଦାୟକ ନ ହୋଇ ବରଂ ଦାନସମ୍ପତ୍ତି ଅପବ୍ୟୟ କରିବାର ସୁବିଧା ହୋଇଅଛି । ହେବାଗା କାର୍ଯ୍ୟକଥାର ନିୟମାନୁସାରେ ମୁସଲମାନଙ୍କ ସଦାବର୍ତ୍ତ ରକ୍ଷା ହେବା କଠିନ ବୋଲି କମିଟୀ ବିଲକ୍ଷଣ ବୁଝିଅଛନ୍ତି ଏବଂ ବର୍ତ୍ତମାନ ଦାଏର ହୋଇଥିବା ପୁରୀମନ୍ଦିରବିଷୟକ ମୋକଦ୍ଦମାରେ ଗବର୍ଣ୍ଣମେଣ୍ଟ ବୁଝିପାରିବେ ଯେ ହିନ୍ଦୁ ସଦାବର୍ତ୍ତ ମଧ୍ୟ ଉକ୍ତ ଆଇନଦ୍ୱାରା ରକ୍ଷାହେବା ସହଜ ନୁହଇ । ଆମ୍ଭେମାନେ ଆଶା କରୁଁ କି ଏହି ବ୍ୟାପାରମାନଙ୍କର ଶେଷଫଳ ବାହାର ହେଲେ ଗବର୍ଣ୍ଣମେଣ୍ଟ ସଦାବର୍ତ୍ତସମ୍ପତ୍ତିସମ୍ପର୍କରେ ଭିନ୍ନବ୍ୟବସ୍ଥା କରିବାକୁ ପ୍ରବୃତ୍ତ ହେବେ ।

———

## ସଂବାଦସାର ।

ଶ୍ରୀମତୀ ଭାରତେଶ୍ୱରୀଙ୍କ ପୁତ୍ରଙ୍କ ଆରୋଗ୍ୟର ସଂବାଦରେ ଦେଶ ଯେଉଁମାନେ ହୃଷ୍ଟ ହେଉଅଛନ୍ତି ତାହାକୁ ଉପଯୁକ୍ତରୂପେ ପାଳିବାର ଆୟୋଜନ ଅନେକ ସ୍ଥାନରେ ହେଉଅଛି । ଗବର୍ଣ୍ଣମେଣ୍ଟ ଏଥିପାଇଁ ଏକଦିନ ଛୁଟି ଦେବାର ଆଜ୍ଞା ଦେଇଥିଲେ ସମ୍ପ୍ରତି କଲିକତା ଗେଜେଟରେ ବିଜ୍ଞାପନ ବାହାରିଅଛି କି ଦୁଇଦିନ ଅର୍ଥାତ୍ ଚଳିତମାସ ତା ୨୬ ଓ ତା ୨୭ ଦିନ ଏହି ଉପଲକ୍ଷରେ ବନ୍ଦ ହେବ । ସୁତରାଂ ଲୋକଙ୍କୁ ଆମୋଦପ୍ରମୋଦ କରିବାକାରଣ ଦୁଇଦିନ ଅବସର ଦିଆଗଲା ଏଥିର ତହିଁର ଉଚିତ ବ୍ୟବହାରକରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ହେଉଅଛି । ଓଡ଼ିଶାରେ କେଉଁଠାରେ କିପରି ଆୟୋଜନ ହେଉଅଛି ତହିଁର ବୃତ୍ତାନ୍ତ ଲେଖୁଅଛୁଁ ଯଥା—

ପୁରୀ—ଗତମାସ ତା ୨୨ ଦିନରେ ଏଠାରେ ଏହି ଉପଲକ୍ଷରେ ଏ ମିଉନିସିପଲ କମିସନରଙ୍କ ସଭାପତି ବାବୁ ଜଗମୋହନ ଦାସଙ୍କ ଅନୁମତି ଏ ସଭା ହୋଇଥିଲା । ନଗରବାସୀ ସମସ୍ତ ମୁରବୀୟ ଏବଂ ଅଧିକାଂଶ ଦେଶୀୟ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ସେଠା କଲେକ୍ଟର ଶ୍ରୀଯୁକ୍ତ ମାର୍ଟିନ ସାହେବ ସଭାପତିରେ ବରଣ ହୋଇ ସଭାର କାର୍ଯ୍ୟକ୍ରମ କଲାରୁ ନିମ୍ନଲିଖିତ ବିଷୟମାନ ଧାର୍ଯ୍ୟ ହେଲା ଯଥା—

୧ । ଏହିମାସ ତା ୨୬ ଦିନରେ ନଗରରେ ରୋସନାଇ ହେବ ।

୨ । ନଗରମଧ୍ୟରେ କୌଣସି ଉପଯୁକ୍ତ ସ୍ଥାନରେ ଏକ ଚିକିତ୍ସାଳୟ ସ୍ଥାପିତ ହେବ ।

୩ । ପଶ୍ଚିମଙ୍କ ସ୍କୁଲର ଛାତ୍ରମାନଙ୍କ ସକାଶେ ଗୋଟିଏ ଛାତ୍ରବୃତ୍ତି ସ୍ଥାପିତ ହେବ ।

ଏହି କାର୍ଯ୍ୟମାନ ସମ୍ପାଦନନିମିତ୍ତ ସର୍ବସାଧାରଣଙ୍କଠାରୁ ଚାନ୍ଦା ସଂଗୃହୀତ ହେବ ଏବଂ ଚାନ୍ଦା ସଂଗ୍ରହ ଓ ଏ ସମ୍ପର୍କୀୟ ସମସ୍ତ କାର୍ଯ୍ୟନିର୍ବାହ ନିମିତ୍ତ ଗୋଟିଏ କମିଟୀ ସ୍ଥାପିତ ହେବ । ଉକ୍ତ କମିଟୀ ଏହି ସଭାରେ ଗଠିତ ହେଲା ଏବଂ ଶ୍ରୀଯୁକ୍ତ ସାହେବ ସାହେବ ଡାକ୍ତର ସାଣ୍ଡେଲ ବାବୁ ଜଗମୋହନ ଦାସ ବାବୁ ପ୍ରଭାତଚନ୍ଦ୍ର ଚଟ୍ଟୋପାଧ୍ୟାୟ ବାବୁ କାନ୍ତିଚନ୍ଦ୍ର ମିତ୍ର, ପଣ୍ଡିତ ଶାନ୍ତିକାନ୍ତ ବିଦ୍ୟାସାଗର ଓ ବାବୁ ଲୋକନାଥ ରାଏ ତହିଁର ସଭ୍ୟ ହେଲେ । ସଭାରେ ଉପସ୍ଥିତଥିବା ବ୍ୟକ୍ତିମାନେ ଟ ୪୫୦୯

ଙ୍କା ହେବା ସ୍ୱୀକାର କଲେ । ନଗରର ରୋସନାଇ ସଙ୍ଗେ ଆତସବାଜି ଓ ନାଚ ମଜଲିସ ହେବାର କଳ୍ପନା ଅଛି ଏବଂ ଏଥିରୁ ବନ୍ଦୋବସ୍ତ ଲାଗିଅଛି ।

ଗଡ଼ଜାତ—ଗଡ଼ଜାତର ରାଜାମାନେ ଅପଣା ଦେଶରେ ଆପଣା କୃତଜ୍ଞତାରେ ଏହି ଉତ୍ସବ ହୋଇବା କାରଣ ଗଡ଼ଜାତର ସୁପ୍ରିଣ୍ଟେଣ୍ଡେଣ୍ଟଦ୍ୱାରା ଅନୁରୁଦ୍ଧ ହୋଇଅଛନ୍ତି ଏବଂ ଆମ୍ଭେମାନେ ଅବଗତ ହେଲୁ କି ଯେ ରାଜାମାନେ ମନ ପ୍ରୀତରେ ରାଜଭକ୍ତି ପ୍ରଦର୍ଶନ କରିବାକୁ ମନ କରି ସମ୍ଭୋଗ ଆଡ଼ମ୍ବରପୂର୍ବକ ଏ ମହୋତ୍ସବ ରକ୍ଷା କରିବାକୁ କୃତସଂକଳ୍ପ ହୋଇଅଛନ୍ତି । କେଉଁ ରାଜା କି ବିଶେଷ ଅନୁଷ୍ଠାନ କରିବେ ଏ ପର୍ଯ୍ୟନ୍ତ ରକ୍ଷାକରି ତାହା ଏପରି ପ୍ରକାଶ ହେବ ନାହିଁ ଆମ୍ଭେମାନେ ଶୁଣି ସନ୍ତୁଷ୍ଟ ହୋଇଅଛୁଁ ଯେ କେତେକ ରାଜା ଆପଣା ଦେଶରେ ରୋଷ୍ଟାଏ ଚିକିତ୍ସା ସ୍ଥାନ କରିବାଦ୍ୱାରା ଏହି ଉତ୍ସବକୁ ଚିରସ୍ମରଣୀୟ କରିବାକୁ ମନ କଲାଇଅଛନ୍ତି । ଫଳତଃ ଯେଉଁ ରାଜାମାନେ ପ୍ରଧାନ ରାଜସ୍ୱ ଅଳ୍ପ ଥାଇଲେ ସମୟରେ ଅନେକ ବ୍ୟୟ ଓ କଷ୍ଟ ସ୍ୱୀକାରପୂର୍ବକ ରାଜଭକ୍ତି ଦେଖାଇବା କାରଣ ଏ ନଗରକୁ ଆସନ୍ତି ସେମାନେ ସ୍ୱୟଂ ମହାରାଣୀଙ୍କର ଏହି ଶୁଭସମୟରେ ନିଜ ନିଜ ପ୍ରୀତି ନ ହେଲ ରହିବେ ଏମନ୍ତ ସମ୍ଭବ ନୁହଇ ।

ବାଲେଶ୍ୱର—ଏଠାରେ ଅଦ୍ୟ ଏହି ମହୋତ୍ସବ ଉପଲକ୍ଷରେ କୌଣସି ଉପାୟ ଅବଲମ୍ବିତ ହେବାର ଶୁଣାଯାଉ ନାହିଁ । ବାଲେଶ୍ୱର ଓଡ଼ିଶାରେ ଅନେକ ବିଷୟରେ ଅଗ୍ରସର ହେବାର ଦେଖାଯାଇଅଛି ଏଥିର କାହିଁକି ବିଳମ୍ବ ହେଲା ଅନୁମାନ କରିପାରୁ ନାହୁଁ । କୁମାର ବେଲ୍ସଙ୍କ ଆରୋଗ୍ୟଲାଭ ଶୁଭ ଦେବତା କି ଏପରି ହୋଇଅଛି କି ? ଯାହା ହେଉ ବାଲେଶ୍ୱର ଏ ସମୟରେ ନିଶ୍ଚିନ୍ତ ରହିବ ନାହିଁ ଓ ଆମ୍ଭେମାନେ ଆଗାମୀ ସପ୍ତାହରେ ସେଠାର ଆୟୋଜନର କଥା ପାଠକମାନଙ୍କୁ ଜଣାଇବାକୁ ସକ୍ଷମ ହେବୁଁ ।

କଟକ—ଏଠାରେ ନଗରବାସିମାନେ ଧାରଣା ସଭା କରି ଯେ ଯେ ବିଷୟ ସ୍ଥିର କରିଅଛନ୍ତି ତାହା ସବୁ ଏଥିପୂର୍ବେ ଜଣାଇଅଛୁଁ । ଏଥିମଧ୍ୟରେ କାର୍ଯ୍ୟନିର୍ବାହକମିଟୀର ସଭ୍ୟମାନେ କମଶଃ କେତେକ ଟଙ୍କା ଚାନ୍ଦା ହୋଇ

ବେଦାସ୍ତ୍ରଗ୍ରହ କରୁଅଛନ୍ତି ଏବଂ ଇୟୁରୋପୀୟଙ୍କ ଠାରୁ ବେଦାସ୍ତ୍ରଗ୍ରହ କରିବାର ଭାର ସ୍ୱୟଂ କଲେକ୍ଟର ସାହେବ ନେଇଅଛନ୍ତି । ଏପର୍ଯ୍ୟନ୍ତ ପ୍ରାୟ ପନ୍ଦରଶହ ଟଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇ ଅଛି ଏବଂ ଆଉ ବହୁତ ଅଧିକ ହେବାର ଆଶା ଅଛି । କମିଟୀ ସ୍ଥିର କରିଅଛନ୍ତି ଯେ ଘରବାଲା-ମାନଙ୍କୁ ଆପଣା ଘର ରୋଷନାଇ କରିବାକୁ ଅନୁରୋଧ କରିବା ସଙ୍ଗେ ନଗରର ପ୍ରଧାନ ସଡ଼କମାନ ରୋଷନାଇ ଓ ଫାଟକ ତୋରଣ ଇତ୍ୟାଦିରେ ସୁସଜ୍ଜିତ କରିବେ । ତାହେ ନାଚ ଯାତ୍ରା ଇତ୍ୟାଦି ହେବ ଓ ସହରର ସବୁ ସଙ୍କୀର୍ତ୍ତନ ସମ୍ପ୍ରଦାୟ ଏବଂ ଅଖଡ଼ା ବାହାରିବ । ପାଠଶାଳୀ ବା ନିମ୍ନଶ୍ରେଣୀର ସ୍କୁଲ ଓ ମକ୍ତବର ଛାତ୍ରମାନଙ୍କର ଆମୋଦ ପ୍ରମୋଦ ହେବ ଏବଂ ଦରିଦ୍ରମାନଙ୍କୁ ଲୁଗା ଓ ପଇସା ବଣ୍ଟାଯିବ । ମହାରାଣୀଙ୍କ ନିକଟକୁ ଖଣ୍ଡିଏ ଅଭିନନ୍ଦନପତ୍ର ଦେବାର ସାଧାରଣସଭାରେ ଧାର୍ଯ୍ୟ ହୋଇଥିଲା ମାତ୍ର ଉତ୍କଳସଭା ଏକ ଅଭିନନ୍ଦନପତ୍ର ଦେବାର ସ୍ଥିର କରିଥିବା ଏବଂ ମିଉନିସିପାଲିଟୀରୁ ଆଉ ଖଣ୍ଡିଏ ଦିଆଯିବାର ସମ୍ଭାବନା ଥିବାରୁ ସର୍ବ-ସାଧାରଣଙ୍କ ପକ୍ଷରୁ ଆଉ ଖଣ୍ଡେ ସ୍ୱତନ୍ତ୍ର ଅଭିନନ୍ଦନପତ୍ର ପଠାଇବା ଅନାବଶ୍ୟକ ବୋଲି ଉପେକ୍ଷିତ ହେଲା ।

ଗତମଙ୍ଗଳବାର ଏଠା ଉତ୍କଳସଭାର ଏକ ଅଧିବେଶନ ହୋଇଥିଲା ଏବଂ ଉପସ୍ଥିତ ଉତ୍ସବ ସମ୍ପର୍କରେ ଧାର୍ଯ୍ୟ ହେଲା ଯେ ଉତ୍ସବ ନିମିତ୍ତ ସାଧାରଣସଭାରୁ ଉପଯୁକ୍ତ ବନ୍ଦୋବସ୍ତ ହୋଇ-ଥିବାରୁ ଏ ସଭା ଅଧିକ କିଛି ନ କରି ସେହି ବନ୍ଦୋବସ୍ତମାନ ସଫଳ କରିବା ପକ୍ଷରେ ସାଧ୍ୟମତେ ଯୋଗ ଦେବେ । ଘରବାଲାମାନଙ୍କୁ ଆପଣା ଘର ରୋଷନାଇ ଏବଂ ମଠ ମସଜିଦ ଗିର୍ଜା ଓ ଅପରଧର୍ମ ସମାଜର ଅଧିକାରୀମାନଙ୍କୁ ମହାରାଣୀଙ୍କ ମଙ୍ଗଳ ଉଦ୍ଦେଶରେ ଈଶ୍ୱରଙ୍କ-ଠାରେ ପ୍ରାର୍ଥନା ଏବଂ ନଗରକୀର୍ତ୍ତନ ଇତ୍ୟାଦି କରିବାକୁ ଅନୁରୋଧ କରିବେ ଏବଂ ଉପରିଲିଖିତ ମତରେ ଖଣ୍ଡିଏ ଅଭିନନ୍ଦନପତ୍ର ଶ୍ରୀମତୀଙ୍କର ଛୋଟଲାଟଙ୍କ ନିକଟକୁ ପଠାଇବେ ।

ସର୍ବକାଷ୍ଟ କଟେଶ୍ୱ ଓ କାର୍ଯ୍ୟାଳୟମାନ ରୋଷନାଇ କରିବା କାରଣ ବଙ୍ଗୀୟଗବର୍ଣ୍ଣ-ମେଣ୍ଟ ଓଡ଼ିଶାବିଭାଗକୁ ଟ ୧୫୦୦୦ ଟଙ୍କା ପ୍ରଦାନ କରୁଅଛନ୍ତି । ଏଥିମଧ୍ୟରେ ଏ ନଗରର କାର୍ଯ୍ୟାଳୟର ସଂଖ୍ୟା ପୁରୀ ଓ ବାଲେଶ୍ୱର ଠାରୁ ଢେରକୁ ଅଧିକ ଥିବାରୁ କଟକକୁ ଟ ୮୦୦ ୧

ଏବଂ ପୁରୀ ଓ ବାଲେଶ୍ୱରକୁ ଟ ୩୫୦ ୧ କା ଲେଖାଏଁ ଟ ୭୦୦ ୧ ଙ୍କା ବାଣ୍ଟିଦେବାକୁ କମିଶନର ସାହେବ ବିଚାର କରିଅଛନ୍ତି । ସୁତରାଂ ସର୍ବକାଷ୍ଟ ଟ ୮୦୦ ୧ଙ୍କା ଏବଂ ସାଧା-ରଣ ଚାନ୍ଦାରୁ ପ୍ରାପ୍ତ ସେହି ପରିମାଣ ଟଙ୍କା ଏକା ରୋଷନାଇରେ ଏ ନଗରରେ ଖର୍ଚ୍ଚ ହେବ ଓ ଏଥିରେ ଭଲ ରୋଷନାଇ ହେବାର ଆଶା ଅଛି ।

ଏଠା ମିଉନିସିପାଲିଟୀରୁ ରୋଷନାଇ ସକା-ଶେ କିଛି ଟଙ୍କା ପାଇବାର କେହି କେହି ଆଶା କରନ୍ତି ମାତ୍ର ତାହା ପୂର୍ଣ୍ଣ ହେବାର ସମ୍ଭାବନା ପ୍ରାୟ ନାହିଁ । ଏଥିପୂର୍ବେ ମିଉନିସିପଲ କମିଶନରମାନେ ଏକ ସଭା କରି ସ୍ଥିର କରିଅଛନ୍ତି ଯେ ଏହି ଉତ୍ସ-ବକୁ ଚିରସ୍ମରଣୀୟ କରିବା କାରଣ ଯେଉଁ କୀର୍ତ୍ତି ସ୍ଥାପିତ ହେବ ତହିଁ ପାଇଁ ଉପଯୁକ୍ତ ସାହାଯ୍ୟ ଦାନ କରିବେ । ବର୍ତ୍ତମାନ ସ୍ଥିର ହୋଇଅଛି ଯେ ଉକ୍ତ କୀର୍ତ୍ତି ସ୍ୱରୂପ ଏ ନଗର-ରେ ଗୋଟିଏ ସାଧାରଣ ଉଦ୍ୟାନ ସ୍ଥାପିତ ହେବ ଏବଂ ତାହା ମିଉନିସିପାଲିଟୀର ଗୋଟିଏ ଅବଶ୍ୟକୀୟ କାର୍ଯ୍ୟ ହେଉଥିବାରୁ କମିଶନର-ମାନେ ତହିଁ ନିମିତ୍ତ ମିଉନିସିପଲ ପାଣ୍ଠିରୁ ଯଥାସାଧ୍ୟ ସାହାଯ୍ୟ ଦେବାକୁ ପ୍ରସ୍ତୁତ ଅଛନ୍ତି । ମାତ୍ର ଉତ୍ସବକମିଟୀ ଉତ୍ସବ ସମ୍ପର୍କୀୟ କାର୍ଯ୍ୟ ନିର୍ବାହ ନିମିତ୍ତ ପାଞ୍ଚଶତ ଟଙ୍କା ଦାନର ପ୍ରାର୍ଥନା କରିବାରୁ ସେ ବିଷୟ ସେନ କମିଶନରମାନଙ୍କର ଏକ ସଭାରେ ଘୋର ତର୍କବିତର୍କ ହୋଇ ପରି-ଶେଷରେ ଅଧିକାଂଶ କମିଶନରଙ୍କ ମତରେ ଧାର୍ଯ୍ୟ ହେଲା ଯେ ଏପରି ଅନିଶ୍ଚିତ ପ୍ରାର୍ଥନା ମତେ ମିଉନିସିପାଲିଟୀ ଟଙ୍କା ଦିଆଯାଇ ନ ପାରେ । ଉତ୍ସବ କମିଟୀ ପୂର୍ଣ୍ଣପ୍ରାର୍ଥନା କରି ଥିଲେ ଅର୍ଥାତ ଉଦ୍ୟାନ ନିମିତ୍ତ ଦାନ ମାଗିଥିଲେ କମିଶ-ନରମାନେ ଦେଇଥାନ୍ତେ ମାତ୍ର ରୋଷନାଇ ଇତ୍ୟାଦି ସକାଶେ ମିଉନିସିପଲ ଟଙ୍କା ଦେବାକୁ ଆଇନମତେ ସେମାନଙ୍କର ଅଧିକାର ନ ଥିବାରୁ ତହିଁ ଉକ୍ତ ପ୍ରାର୍ଥନା ଅଗ୍ରାହ୍ୟ କଲେ । କଲିକତା ମିଉନିସିପାଲିଟୀ ଟ ୧୫୦୦୦ ୧ ଙ୍କା ଏବଂ ବମ୍ବେର ମିଉନିସିପାଲିଟୀ ଦଶହଜାର ଟଙ୍କା ରୋଷନାଇ ନିମିତ୍ତ ଖର୍ଚ୍ଚ କରିବା ସ୍ଥଳେ ଏଠା କମିଟୀ ରୋଷନାଇ ଖର୍ଚ୍ଚକୁ ଆଇନ ସଙ୍ଗତ ନ ଥିବାର କହିବା ଠିକ ହୋଇଅଛି କି ନା ଏକଥା ସେନ ଅନେକଲୋକ ଅନେକକଥା କହୁଅଛନ୍ତି । କିନ୍ତୁ ଆମ୍ଭେମାନେ କହିବୁ ଯେଉଁ କମିଶନରମାନେ ଆଇନକୁ ଜାଣି

କାର୍ଯ୍ୟ କରୁଅଛନ୍ତି ସେମାନେ ଭଲ କରୁଅଛନ୍ତି । ଯେଉଁ ସ୍ଥଳେ ନଗରରେ ରୋଷନାଇ ଉପସ୍ଥିତ ଉତ୍ସବର ପ୍ରଧାନଅଙ୍ଗ ବୋଲି ସର୍ବବାଦି ସମ୍ମ-ତରେ ଧାର୍ଯ୍ୟ ହୋଇଅଛି ଏବଂ ରାଜା ପ୍ରଜା ସମସ୍ତେ ସେହି କାର୍ଯ୍ୟରେ ଅର୍ଥବ୍ୟୟ କରୁଅଛନ୍ତି ସେ ସ୍ଥଳେ ମିଉନିସିପାଲିଟୀ ଆପଣା ସମ୍ପତ୍ତି ସଡ଼କ ରୋଷନାଇରେ କିଛି ବ୍ୟୟ କଲେ ଅନ୍ୟାୟ ହେଲାପରି ନାହିଁ କମ୍ବା କେହି ତହିଁରେ ଗୁହାରି କରିବେ ନାହିଁ ସତ୍ୟ ମାତ୍ର କମିଶନରମାନେ ମିଉନିସିପଲ ଟଙ୍କାର ମାଲିକ ନୁହନ୍ତି ଓ ଟଙ୍କା ଆଇନା-ନୁସାରେ ଯେ ଯେ ବିଷୟରେ ଖର୍ଚ୍ଚ ହେବ ତାହା ଛଡ଼ା ଅନ୍ୟ କୌଣସି ବିଷୟରେ ଖର୍ଚ୍ଚ କଲେ ମାଲିକଦାର ଅଯୋଗ୍ୟ ହେବେ ଅଭି ଏହି ବୃହତ୍ ଅସାଧାରଣ ବ୍ୟାପାରରେ ନିୟମ ଲଙ୍ଘନ କଲେ ତାଳ ଅନ୍ୟବିଷୟରେ ସେପରି କରିବା ବିରତ ହେବ ନାହିଁ, ଅତଏବ ଯେଉଁ କମିଶନରମାନେ ଏପରି ସର୍ବଶ୍ରେଷ୍ଠ ମଙ୍ଗଳକାର୍ଯ୍ୟର ଉତ୍ସାହରେ ମୁଗ୍ଧ ନ ହୋଇ ଆପଣା ମାଲିକଦାରର ନିୟମ ପ୍ରତି ଜାଗର୍ତ୍ତି ରହିଅଛନ୍ତି ସାମାନ୍ୟ ପ୍ରଶଂସାର ବିଷୟ ନୁହଇ ବିଶେଷତଃ ଏଠା ମିଉନିସିପାଲିଟୀ ନିତାନ୍ତ ଗତବ ୧ବ ବତ୍ସରର ସାମାନ୍ୟ ଅଯୁକ୍ତ ଅତ୍ୟନ୍ତ ସାବଧାନ ହେବାର କଥା । ମିଉନି-ସିପଲ କମିଶନରମାନେ ଏହି ଭାବରେ କାର୍ଯ୍ୟ କରିବାରୁ ସାଧାରଣଙ୍କର ବିଶ୍ୱାସପାତ୍ର ହୋଇ-ଅଛନ୍ତି ।

# ସାପ୍ତାହିକ ସଂବାଦ ।

## କଲିକତା ଗେଜେଟ ।

କଟକ ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ସିଭିଲି-ଇ ବୋଲ୍ଟନ ସାହେବ ଆଗତ ମାର୍ଚ୍ଚମାସ ତା ୧୨ ରିଷଠାରୁ ମା ୧୦ ସର ଫର୍ଲୋ ପ୍ରାପ୍ତ ହେଲେ ।

ବାବୁ ସୁରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଏମ୍, ଏ, ବି, ଏଲ ଅଚିରାନ୍ତ-ପର୍ଯ୍ୟନ୍ତ ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହେଲେ ଏ ବାବୁ ପୂର୍ବରେ ଏଠାର ରେଭେନସା କଲେଜର ଜଣେ ଅଧ୍ୟାପକ କାର୍ଯ୍ୟରେ ଥିଲେ ।

ବାବୁ ସାଧାରଣ ଗାଙ୍ଗୁଲି କଟକର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟରେ ବାହାଲ ହେଲେ । ଏ ବାବୁ ପୂର୍ବେ କମିଶନର ସିଭିମନ ସାହେବଙ୍କ ଅମଳରେ ଏଠା କମିଶନରୀ କଚେରୀର ଅନ୍ୟ ବେତନର କିରାଣୀ କାର୍ଯ୍ୟରେ ନିଯୁକ୍ତ ହୋଇ ଗତ ସନ ୧୮୭୫ ସାଲର ଅକ୍ଟୋବର ତା ୪ ସନ୍ଧ୍ୟାରେ କଟକ କଲେକ୍ଟରୀ ଅନୁସାରେ ମାହାଲାଣ୍ଡ କମିଶନରଙ୍କ ସର୍ବେ ହେବାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟରେ ନିଯୁକ୍ତ ହେଲେ ।

ଉପରୋକ୍ତ ରେଭେନ୍ୟୁ କମିଟୀର ମେମ୍ବର ପଦରେ ବାବୁ ହରିଭଜନ ବସୁ ନିଯୁକ୍ତ ହୋଇଅଛନ୍ତି ।

Split by PDF Splitter



ଓଡିଶାର ସିଭିଲ ହସପେଟାଲ ଅସିଷ୍ଟେଣ୍ଟମାନଙ୍କ ମଧ୍ୟରେ କଟକ ପୋଲିସ ହସ୍ପିଟାଲର ବାବୁ ରତ୍ନାକର ଦାସ ଓ ବଣିପାଡ଼ାର ବାବୁ ଉମାମୋହନ ସରକାର ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଅଛନ୍ତି ।

ଏଠା ପୁର୍ବେ ସ୍କୁଲର ଅଫିସିଏଟିଂ ହେଡ଼ ମାଷ୍ଟର ବାବୁ ପ୍ରସନ୍ନକୁମାର ବୋଷ ସପ୍ତମ ଶ୍ରେଣୀରେ ବାହାଲ ହୋଇ ଅନ୍ୟାଜ୍ଞା ପର୍ଯ୍ୟନ୍ତ ଷଷ୍ଠ ଶ୍ରେଣୀରେ କାର୍ଯ୍ୟ କରୁଥିବେ ।

---

ଅଷ୍ଟ୍ରିଆ ଦେଶରେ ଇହୁଦିମାନଙ୍କୁ ଉଠାଇ ଦେବା ସେଣି ଇଷ୍ଟ୍ରନଙ୍କ ଜପ୍ତ ଲଗିଥିବାର ସମ୍ବାଦ ମିଳିଲା । ଗ୍ରେନ ବଗ ଏବଂ ବେର ନଗରରେ ପ୍ରଜାମାନେ ପୁଲିସକୁ ବାଧା ଦେବାରୁ ପ୍ରାୟ ଜ ୨୫ ଣ ପ୍ରଜା ଧୃତ ହୋଇଅଛନ୍ତି ।

କଲିକତା ବଡ଼ ବଜାରରେ ଗୋଟିଏ ତେମହଲା କୋଠା ଭାଙ୍ଗି ପଡ଼ିଥିବାର ସମ୍ବାଦ ମିଳିଲା । ସୌଭାଗ୍ୟବଶତଃ ସମସ୍ତ ଲୋକେ ତେତେବେଳେ ସେଠାରେ ନ ଥିଲେ । କେବଳ ଜଣେ ଲୋକ କଣ୍ଠକ ଆଘାତ ଯୋଗେ ପ୍ରାଣତ୍ୟାଗ କରିଅଛି ।

ଓଦନ୍ନଏଲସ ସାହେବ ଅଇନ ପ୍ରସ୍ତୁତ କାର୍ଯ୍ୟରୁ ଇସ୍ତଫା ଦେବାରୁ ତାଙ୍କ ସ୍ଥାନରେ କେ, ଏମ ସ୍କୁର୍ଣ୍ଣା ବାରିଷ୍ଟର ମହୋଦୟ ନିଯୁକ୍ତ ହୋଇ ଅଛନ୍ତି । ଉତ୍ତମ ।

ଗତମାସ ତା ୮ ଦିଶରେ ମଦାଲୟ ନଗରରେ ଲସ୍କରିକ ଅଗ୍ନି କାଣ୍ଡ ଘଟି ଯାଇଥିବାର ସମ୍ବାଦ ମିଳିଲା । ଅନ୍ୟୂନ ଶ୍ରୀହରି ଘର ଏଥିମଧ୍ୟ ଭସ୍ମୀଭୂତ ହୋଇ ଯାଇଅଛି ।

ଆଗାମୀ ଅପ୍ରେଲମାସ ତା ୩ ଦିଶରେ ବମ୍ବେରର ଟମ୍ବସନ ମହୋଦୟ ସପରିବାରେ ବିଲାତ ଯାତ୍ରା କରିବେ ।

ଲାହୋରଠାରୁ ଅସିଥିବା ଗତମାସ ତା ୧୮ ଦିଶର ଟାଇମସ୍ପେଦରୁ ପ୍ରକାଶ ଯେ ସିଦ୍ଧାଲ ଜାତିୟ ଲୋକମାନେ ପୁଣି ଅମୀରଙ୍କ ବିରୁଦ୍ଧରେ ମାଥ ଉଠିଅଛନ୍ତି ମାତ୍ର ଏପର୍ଯ୍ୟନ୍ତ କୌଣସି ଯୁଦ୍ଧ ହୋଇଥିବାର ସମ୍ବାଦ ଅସି ନାହିଁ ।

ବର୍ଲିନଠାରୁ ଅସିଥିବା ଗତମାସ ତା ୨୦ ଦିଶର ତାରସମ୍ବାଦରୁ ପ୍ରକାଶ ଯେ ଫ୍ରାନ୍ସ ଦେଶରେବିଶେଷ ପରିମାଣରେ କାଠଘରମାନ ନିର୍ମିତ ହେଉଅଛି ଏବଂ ଯୁଦ୍ଧ ସମୟରେ ଫ୍ରାନ୍ସମାନଙ୍କରେ ସୈନ୍ୟମାନଙ୍କୁ ଅଶ୍ରୟ ଦେବାର ଏହାର ପ୍ରଧାନ କାରଣ ।—ଏ ସମ୍ବାଦ ଯୁଦ୍ଧର ଅନୁକୂଳ ଘଟଇ ।

## କେନ୍ଦ୍ରାପଡ଼ା ସମ୍ବାଦ ।

ଏଠାରେ ଷ୍ଟେସନ ମଧ୍ୟରେ ଯେଉଁ ଜଗାଇଘାଟ ଅଛି ତାହା ଷ୍ଟେସନର କର୍ଣ୍ଣେଇଲ ଉଠାଇ ନେବା ନିମନ୍ତେ ଏଠାର ପ୍ରଧାନ ୨ ହିନ୍ଦୁମାନେ ମିଉନିସିପଲ କମିସ୍ୟନରମାନଙ୍କ ନିକଟରେ ଆବେଦନ କରିଅଛନ୍ତି ।

ପଞ୍ଚାନ୍ନଗ୍ରାମ ଅନ୍ତର୍ଗତ ବଲବଣା ଗ୍ରାମରେ ସରକାରୀ ଟିକାଦାରମାନଙ୍କୁ କେତେକ ଲୋକ ମାରିବାକୁ ଉଦ୍ୟତ ଥିଲେ ମୋକଦ୍ଦମା ବିଚାରାଧୀନ ଅଛି ।

ଏ ଜିଲ୍ଲାର ମାଜିଷ୍ଟ୍ରେଟ କଲେକ୍ଟର ମହାତ୍ମା ବୋଲଟନ ସାହେବ ମହାଶୟ ମହତ୍ତ୍ୱ ଓ ଲୋକପ୍ରିୟ ହୋଇ ଅଛନ୍ତି । ମାନ ଭେଣ୍ଟ ମାର୍ଚ୍ଚମାସଠାରୁ ମା ୧୦ ଘର ଦୌରାକୁ ଗମନ କରିବେ ବୋଲି ସର୍ବସାଧାରଣ ଦୁଃଖିତ ହୋଇ ଅଛନ୍ତି ।

ଗଞ୍ଜାମ ଓ ଅଉଲ ଗଡ଼ଯାତ ନଡିୟ ଏଥିରେ ଯେଉଁ ମୋକଦ୍ଦମା ଲଗିଥିଲା ସାହେବ ପ୍ରଦାତିର ଏହି ମାସ ତା ୨୫ ଦିଶରେ ଅତର ସେଥିରେ ସମ୍ପୂର୍ଣ୍ଣ ଘର ଥିବାର ଜାଣି ଅତ ସ୍ୱତାଙ୍କୁ ଛୁଟି ଦେଇ ଅଛନ୍ତି ।

ଏଠାରେ ଗୌଡପଣିଆ କଚେରୀ ନିକଟରେ ଯେଉଁ ହାଟ ଅଛି ତାହାର ଏକପାର୍ଶ୍ୱରେ ୪ ଘମଣ୍ଡ ଥ ଗୁପ୍ତ ଚୌଧୁରୀଙ୍କର ଏକେଣ୍ଟ ବାବୁ ମହେଶ୍ୱର ବନ୍ଦ୍ୟୋପାଧ୍ୟାୟ ମହାଶୟ ଗୋଟିଏ କ୍ଷୁଦ୍ର ଦେବାଳୟ ନିର୍ମାଣ କରାଇ ଅଛନ୍ତି ।

## ପୁରୀ ସମ୍ବାଦ ।

ଅବକାରୀ ଇନ୍ସପେକ୍ଟର ଶ୍ରୀଯୁତ ବାବୁ ଅଲସ୍ତଚରଣ ଦାସ ଡେପୋଟୀ ଗତ ମାସ ତା ୨୮ ଦିଶେ ଏଠାରେ ପହଞ୍ଚି ଇନ୍ସପେକ୍ସନ କରିବା ସବୁ ତତ୍ତ୍ୱାବଧାନ କରିଅଛନ୍ତି ।

ଅଜଚାଇ ଉତ୍ସବାରମ୍ଭର ଲକ୍ଷ ସେ ୨୦ ଲ ମୋଟ ସୃଷ୍ଟିଲ ସେ ୨୨ ର ହୋଇଅଛି ।

ମରହଟ୍ଟାମାନଙ୍କ ରାଜତ୍ୱ ସମୟରେ ଏହି ପୁଣ୍ୟକ୍ଷେତ୍ରରେ କେହି ହିନ୍ଦୁ ଘୋଡ଼ା ବ୍ୟବହାର କରି ପାରୁ ନ ଥିଲେ । ମୁସଲମାନମାନେ କାର୍ଯ୍ୟ ବଶତଃ ଏଠାକୁ ଅସିଲେ ତୁରଣୀ ହାଟ (ଜେହଲଖାନା ନିକଟ) ରେ ରହୁଥିଲେ । ଇଂରାଜଙ୍କ ରାଜତ୍ୱରେ କ୍ଷେତ୍ର ମଧ୍ୟରେ ହିନ୍ଦୁମାନେ ଘୋଡ଼ା ଚଢ଼ି ପାଲ ଖାଇ ଅବସ୍ଥା କ୍ରମେ ସହର ପର୍ଯ୍ୟଟନ କରୁଅଛନ୍ତି । ଇଂରେଜମାନେ ବଡ଼ଦେଉଳ ଚକଡ଼ା ଉପରକୁ ଘୋଡ଼ା ନେଇ ଯିବାରେ ତାହା ଦେଖି କେତେକ ହିନ୍ଦୁଙ୍କର ସାହସ ହେଲାଣି । ମୁସଲମାନମାନେ କ୍ରମେ ସହର ପ୍ରାନ୍ତ ଭାଗରେ ଅସି ବସା କରି ରହିଲେ । ଅହକାର ସୁଦ୍ଧ ବାସିନ୍ଦା ସଥାନ୍ ଶ୍ରୀରାମଠ ମହନ୍ତ ଚତୁର୍ଭୁଜ ଦାସ ଅଧୀନ ମଠରେ ( ସେହି ମଠରେ ଶ୍ରୀ ଜଗନ୍ନାଥଙ୍କ ନରବରଣୀନା ବସିଅଛି ) ଜ ୨ ଣ କାବୁଲ ମୁସଲମାନ ବସା କରି ରହି ଦୋକାନ ଦେଇ ଖଇଣା ଅଦାୟ କରିବା କାରଣ ସେମାନଙ୍କୁ ରଖାଇ ଅଛନ୍ତି ।

ଗତ ମାସ ତା ୨୩ ଦିନେ ଜମିଦାରଙ୍କ ତରଫରୁ ସମ୍ବେଦ ନୋଟିସ ପାଇଲୁ ପ୍ରତ ଜାରି ହୋଇଅଛି ଯେ ଶ୍ରୀ ଶ୍ରୀମନ୍ଙ୍କ କୋଠଭୋଗ ଆମ୍ଭେ ଦେବାପାଇଁ ପ୍ରସ୍ତୁତ ଅଛୁଁ ଭୂମି ତରଫରୁ ଅଭି ଦେବା ଚ ଅବଧାନ ନାହିଁ ଯଦି ଭଣ ଦେବେ ଅନ୍ତତ ଠାରୁ ସେ ଲୋକ ଏଥିଗତ ବୋଲି ଜାଣ କରାଯିବ । ପରିଚାଳକର ଯେବେ କ୍ଷମତା ଅଛି ତେବେ ଅପେ ଲୋକ ଦେଇ ସ୍ୱର୍ଣ୍ଣୀଙ୍କ ଦେବା ଲୋକ ବନ୍ଦ କରାଇ ଦଅନ୍ତୁ । ଏପରି ଅନର୍ଥକାର କାରଣ କି ?

କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ଜଣେ ଇଜାରଦାରକୁ ପଟ୍ଟିରେ ୫ ୩୨୦ ଙ୍କା ଜମାରେ ପଟ୍ଟା ଲେଖାଇ କରାଇ ଦେଇଅଛନ୍ତି । ଇଜାରଦାର ମୁଷଳମାନଙ୍କୁ ଚର୍ମାଦ୍ୟ ସ୍ୱଚ୍ଛକାରୁ ଟଙ୍କା ନେଇ ଯାଉ ରହୁଅଛି କେହି ମୁଷଲ ଟଙ୍କା ଦେଇ ନାହାନ୍ତି ।

---

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ !

" ପରୀକ୍ଷକ ନିଯୋଗ " ଅସନ୍ତୋଷଜନକ ହୋଇଥିବାର " ନବସମ୍ବାଦ " କବ୍ଲାଲରେ ସ୍ୱୀକାର କରିଥିଲେ । ଅମ୍ଭେମାନେ ଏହା ଦେଖି ମନେ କରିଥିଲୁଁ ଯେ, ସେ ମାତୃଗର୍ଭରୁ ଜ୍ଞାନ ଶିକ୍ଷା କରିଅଛନ୍ତି ଏବଂ ଭବିଷ୍ୟତରେ ଅଜ୍ଞାନ-ଅନ୍ଧକାରରେ ପଡ଼ି ଆପଣାର ମର୍ଯ୍ୟାଦା ନଷ୍ଟ କରିବେ ନାହିଁ କିନ୍ତୁ ଏବାର ସେ କଟକ ପତ୍ରପ୍ରେରକଙ୍କ ମତରେ ଐକ୍ୟ ହୋଇ ଅମ୍ଭମାନଙ୍କ ଲେଖାକୁ କ୍ରୁଦ୍ଧ ପ୍ରଣୋଦିତ ବୋଲି କହିଥିବାର ଦେଖି ଅମ୍ଭେମାନେ ଅନୁମାନ କରୁଅଛୁଁ ଯେ, ସୂତିକାଗ୍ନି ତେଜରେ ତାଙ୍କର ମତି ବିହ୍ୱଳ ହୋଇଅଛି । ଯାହା ହେଉ ନବପ୍ରସୂତ ସୂତିକାଗୃହସ୍ଥ ଶିଶୁର ଦୋଷ ସମାଲୋଚନା କରିବା ଅନୁଚିତ । କେବଳ ଏତିକି କହୁଅଛୁଁ ଯେ, ଯଦି ସେ ପିଶାଚଗ୍ରସ୍ତ ହୋଇ ପ୍ରଳାପ କରୁଥାଆନ୍ତି ତାହା ହେଲେ ସୁଦକ୍ଷ ଗୁଣିଅଦ୍ୱାରା ଉହାଁର ପ୍ରତୀକାର କରାଇବା ଉଚିତ୍ । କାରଣ ମଧ୍ୟରେ ଶୀଘ୍ର ପ୍ରବେଶ କଲେ ତାହା ଅତ୍ୟନ୍ତ ପ୍ରବଳ ହୋଇ ବଳ-ଶାଳୀ ହେବା ସମୟରେ ଅତ୍ୟନ୍ତ କଷ୍ଟଦାୟକ ହୁଏ ଏହା ଜାଣି ରଖିବା ଉଚିତ । ଇତି ।

୩୦।୧।୮୭ } ମର୍ମଭେଦୀ ।
କଟକ }

---

ମହାଶୟ

ନିମ୍ନଲିଖିତ ଗୀତ ଗୋଟିକୁ ଆପଣଙ୍କ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା-ହେବେ ।

### କନ୍ୟାଗୀତବାଣୀଙ୍କ ।

ଦେଖହେ ଦକ୍ଷିଣ , ଜଗନ୍ନାଥଙ୍କର
ମହାପ୍ରଭୁ ହେ । ଦେଉଳ ନେଳ ଚକ୍ର ।
ସ୍ତବନେ ହେ । ୧ ।

ଦେଖ ବୋଲିବ ଅଶାରେ , ରୂପାର ପାଉଛ
ଝଂକୃତାସନରେ ହେ । ଯବନ ଦଣ୍ଡୋଠାରେ
ସ୍ତବନେ ହେ । ୨ ।

ଡାଲ୍ପାଗିଆ ସିପାହି , କାଉଁରିଆ ଲୁଗା
ଫିଙ୍ଗିଛ ସେହି ହେ । ପଣ୍ଡିତ ଦେଖିବେ ଯାଇ
ଦଇବ ରେ । ୩ ।

ଭରତକେଶ ଲୁଣ୍ଠିକ, କର୍ମ ଧର୍ମ କର୍ମ ସାରଲା
ହେ । ଏତେ ଅଟଣ ଦେଲ, ଦଇବ ରେ । ୪ ।

ବଞ୍ଚିଅ ଆମୂଳା ଯହିଁ । ଅପଦାର୍ଥ ବୋଲି
ନ ଯାଏ ଭନ୍ଥି ହେ । ଅଧୁଆ ଚୋଃ ପଶଲ,
ଦଇବ ରେ । ୫ ।

ଧର୍ମ ଭରମ ସବୁଲ, ଙ୍କିଦାସଙ୍କଠାରୁ ଅହନ୍,
ଗଲ ହେ । ଧଣ୍ଡା ଅପମାନ ହଲ ସେ, ବାବୁ
ହେ । ୬ ।

ଚୂଲିରୁ ଏତେ ଅଜାଣ । ଅରୁକୁଛ ହନେ
ନ ଥିବ ଛାଇ ହେ । କ ଥିବେ ନଳାଦ୍ରି ଯଦ
ଦେଉଳେ ହେ । ୭ ।

Digitized by srujanika@gmail.com

ଉଠ୍ୟ ହୃଦ୍ ମିଳ । ଶୋଇବାର ବଳ
ଗଳ୍ଭି ଗୃହ ଦେ । ଧର୍ମେ ଲଗିଲ୍ଭୀ ଭାତି,
ଏଣିତ ଦେ । ୮ ।

ଗ୍ରାମେ୍ୟ ବୃଣ୍ଣ ବୋଇ । ନିତ୍ୟମଳ ଦୁଃଖ
ଭଣାଇ ଦେ । ଦରଖାସ କର ଭ୍ରାଇ, ସକଳେ
ଦେ । ୯ ।

ସଇଦାର ସେ ଗୃହାଭ । ଶୁଣିଲେ ରହବ
ଧର୍ମ ଅମୃତ ଦେ, ନୋହିଲେତ ଗଳ୍ପ ସର,
ଧରମ ଦେ । ୧୦ ।

ଛୁଣ୍ଡାଇବା ଭେବେ ମାଳ । ପଇତାକୁ ଦେବା
ନାଅଁରେ ଦାଇ ଦେ, ମରବା ଶହର, ବୋଲ
ତମା ଗ୍ରାଇ ଭେ । ୧୧ ।

କଟକ } ଆପଣଙ୍କର ଜଣମତ
୧।୨।୮୭ } ଅସଲ ହିନ୍ଦୁ

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ଶ୍ରୀଗୋବର୍ଦ୍ଧନ ବାବୁ | ଖୋଦ | ଅଗ୍ରୀମ | ଟ ୩୧ |
| ରଜା ସାହେବ | ଆଳହେବ | " | ଟ ୩୧ |
| ଏଜଣ | | ବଙ୍କୀପା | ଟ ୧୨୷୬ |
| ରଜା ସାହେବ | କାମଣା | ବଡ଼ଖିପା | ଟ ୫।/୩ |
| ସେକ୍ରେଟେରୀ ଯଙ୍ଗ ବୁକ କଟପଟ | | ଅଗ୍ରୀମ | ଟ ୩୧ |
| ମୁନସି ଅବଦୁଲ ମନ୍ନଦପୀ ରସୁଲାଅଲ୍ଲ | | " | ଟ ୩୧ |
| ବାବୁ ଶେକଗୋପାଳ ସର୍ ବାରବ | | " | ଟ ୧୧ |
| ମୁନ୍ସି [illegible] | | ବଜୀପା | ଟ ୬୧ |
| ବାବୁ ଶିବଚନ୍ଦ୍ର [illegible] | | " | ଟ ୧୧ |
| ଜଗନ୍ନାଥ ସରକାର ସେକ୍ରେଟାରୀ | | ଅଗ୍ରୀମ | ଟ ୧୫ |
| ଦୈତାରି ମିଶ୍ର ଅସୁଲେଶ୍ୱର | | ଅଗ୍ରୀମ | ଟ ୧୧ |
| ସବ ରମକାନ୍ତ ବସୁ କଟକ | | | ଟ ୩୧ |

## ବି ଜ୍ଞା ପ ନ ।

ବିଶେଷ ଦ୍ରଷ୍ଟବ୍ୟ ! ବିଶେଷ ଦ୍ରଷ୍ଟବ୍ୟ !!
ବିଶେଷ ଦ୍ରଷ୍ଟବ୍ୟ !!!

ରଜା କୃଷ୍ଣସିଂହଙ୍କ କୃତ

# ମହାଭାରତ ।

—∘O∘—

ମହାଭାରତ ଯେ କେମନ୍ତ ପରମାଦରଣୀୟ ଗ୍ରନ୍ଥ ଏହା ପ୍ରାୟ କୌଣସି ହିନ୍ଦୁମଣ୍ଡଳୀରେ ଅପ୍ରକାଶ୍ୟ ନାହିଁ । ଏ ମହାଗ୍ରନ୍ଥକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ କାମନାରେ ବିଶୁଦ୍ଧମାନସରେ ସତତରୂପେ ଶ୍ରବଣ କରିବାର ପ୍ରଥା ଥିବା ପ୍ରତ୍ୟକ୍ଷେ କେବଳ ପ୍ରଧାନ୨ ଲୋକମାନଙ୍କ ଗୃହରେ ଏଥିର ଏକ୨ ଖାର ଯତ୍ନପୂର୍ବକ ସଞ୍ଚିତ ହୋଇ ରହିଥିବାର ଲକ୍ଷିତ ହୁଏ । ଏଥିର ପୂର୍ଣ୍ଣ ଅଷ୍ଟାଦଶପର୍ବ ଲେଖାଇ ରଖିବା ଯେମନ୍ତ ସୁବୃହତ୍ ବ୍ୟାପାର ସେମନ୍ତ ବହୁବ୍ୟୟସାଧ୍ୟ । ସୁତରାଂ ଏଥିର ଅଭାବ ସାଧାରଣରେ ସର୍ବଦା ବିଦ୍ୟମାନ ରହିଅଛି ।

ଦେଶହିତୈଷୀ ବିଜ୍ଞ ଓ ଧନବାନଙ୍କ ସାହାଯ୍ୟ ବ୍ୟତିରେକେ ଏତାଦୃଶ ଅଭାବ ବିଦୂରିତ ହେବାର ଉପାୟାନ୍ତର ନାହିଁ । ଏଥିପାଇଁ ଆମ୍ଭେମାନେ ଏକାବେଳକେ ସମସ୍ତ ବ୍ୟୟଭାର ବହନ କରିବାକୁ କାହାରିକି ଅନୁରୋଧ କରି ନ ପାରୁଁ କେବଳ ଏଥିର ମର୍ମଗ୍ରାହୀ ଓ ଅଭିଳାଷିଗଣ ଏଥିରୁ ଏକ୨ ଖାର ଅନୁଗ୍ରହପୂର୍ବକ ଗ୍ରହଣ କରିବା ବିଷୟରେ କୃତସଙ୍କଳ୍ପ ହେଲେ ଆମ୍ଭେମାନେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଅତି ସୁଲଭମୂଲ୍ୟରେ ସାଧାରଣଙ୍କୁ ଉକ୍ତ ଗ୍ରନ୍ଥ ଯୋଗାଇବା ବିଷୟରେ ଅଗ୍ରସର ହେବୁଁ ।

ଏ ପ୍ରଦେଶରେ ଦୁଇପ୍ରକାର ମହାଭାରତ ପ୍ରଚଳିତ ଅଛି ଅର୍ଥାତ୍ ଶାରଳାଦାସଙ୍କ କୃତ ଓ କୃଷ୍ଣସିଂହଙ୍କ କୃତ । ଶାରଳାଦାସ ମହାଭାରତଠାରୁ କୃଷ୍ଣସିଂହଙ୍କର ମହାଭାରତ ବୃହତ୍ ଓ ଉତ୍କୃଷ୍ଟ, କାରଣ ଏହା ସଂସ୍କୃତମହାଭାରତରୁ ବିଶଦଭାଷାରେ ଅନୁବାଦିତ । ଏଥିର ଉଦ୍ଯୋଗପର୍ବରେ ଭଗବଦ୍ଗୀତା ସମ୍ପୂର୍ଣ୍ଣ, ଶାନ୍ତିପର୍ବରେ ରାଜଧର୍ମ, ଦାନଧର୍ମ, ମୋକ୍ଷଧର୍ମ ଓ ଶେଷଭାଗରେ ହରିବଂଶପର୍ବ ଇତ୍ୟାଦି ବହୁବିଧ ଉତ୍ତମ୨ ବିଷୟ ସନ୍ନିବେଶ୍ଟ ଅଛି । ଶାରଳାଦାସ ମହାଭାରତରେ ଏସବୁ ବିଷୟର ଅଭାବ ଲକ୍ଷିତ ହୁଏ । ଯେ ଏ ମହାଭାରତକୁ ଥରେ ମାତ୍ର ଶୁଣିଅଛନ୍ତି ବା ଶୁଣିବେ, ତାହାଙ୍କର ଶାରଳାଦାସ ମହାଭାରତ ଶ୍ରବଣରେ କଦାପି ତୃପ୍ତି ଜାତ ହେବ ନାହିଁ ଏଣୁକରି ଏହି ଉତ୍କୃଷ୍ଟଗ୍ରନ୍ଥକୁ ଛପା କରାଇବା ନିମନ୍ତେ ଆମ୍ଭେମାନେ ମନୋନୀତ କରଅଛୁଁ ।

ଆମ୍ଭେମାନେ ଅନୁମାନ କରୁଁ କି ଏ ଗ୍ରନ୍ଥ ରୟଲ ଅଟପେଜି ଆକାରରେ ପା ୬୦୦ ରମ ଅର୍ଥାତ୍ ପୃ ୪୮୦୦ ଖ୍ୟା ହେବ ଏବଂ ସାଧ୍ୟମତ ଅଳ୍ପସମୟରେ ସମ୍ପୂର୍ଣ୍ଣ ପୁସ୍ତକ ଯୋଗାଇ ନ ପାରିଲେ ଗ୍ରାହକମାନଙ୍କର ତୃପ୍ତି ନ ହେବା ଦୃଷ୍ଟିରେ ପ୍ରତିମାସରେ ପୃ ୧୪୪ ଖ୍ୟା ଲେଖାଏ ମୁଦ୍ରିତ କରି ନ୍ୟୂନାଧିକ ୨ ୨ୟ ବର୍ଷମଧ୍ୟରେ ପୁସ୍ତକ ସମ୍ପୂର୍ଣ୍ଣ କରିବାକୁ ସଂକଳ୍ପ କରିଅଛୁଁ; ମାତ୍ର ଅନ୍ୟୂନ ୩ଶତ ଗ୍ରାହକ ନ ହେଲେ କାର୍ଯ୍ୟାରମ୍ଭ କରିପାରିବୁଁ ନାହିଁ । ଗ୍ରାହକମାନେ ଆପଣା୨ ସୁବିଧାକ୍ରମେ ନିମ୍ନଲିଖିତ ନିୟମରେ ମୂଲ୍ୟ ଦେଇ ପାରିବେ ଯଥା;—

ଏଥିର ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ଅଗ୍ରିମମୂଲ୍ୟ

| | | | |
|---|---|---|---|
| ସହର ଜିମିତ୍ତ | | ଟ ୧୩ | |
| ଡାକମାସୁଲ ସହିତ ମଫସଲ ଜିମିତ୍ତ | | ଟ ୧୪ | |
| ତ୍ରୈମାସିକ ଅଗ୍ରିମ ମୂଲ୍ୟ | ଟ ୨୧ | ଡାକମାସୁଲ | ଟ ୦।/ |
| ଷାଣ୍ମାସିକ | " | ଟ ୩୵ | " | ଟ ୦।୷ |
| ବାର୍ଷିକ | " | ଟ ୬୧ | " | ଟ ୦୩ |

ଏମନ୍ତ ସୁଲଭମୂଲ୍ୟରେ ଏ ବୃହତ୍ ମହାଭାରତ ଲଭିବାର ସୁଯୋଗକୁ ବିଜ୍ଞ, ଧାର୍ମିକ ଓ ବିଦ୍ୟାର୍ଥୀ ବ୍ୟକ୍ତିମାନେ ଉପେକ୍ଷା ନ କରିବେ ଏହା ସେମାନଙ୍କଠାରେ ଏକାନ୍ତ ପ୍ରାର୍ଥନା ।

ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରିବେ ସେମାନେ ଆପଣା ନାମ, ଧାମ ଓ ଯେଉଁପ୍ରକାରେ ମୂଲ୍ୟ ଦେବାକୁ ପ୍ରସ୍ତୁତ ହେବେ ତାହା ଲେଖି ପଠାଇବେ । ଗ୍ରାହକ ସଂଖ୍ୟା ପୂର୍ଣ୍ଣ ହେବାର ଏକମାସ ଉତ୍ତାରୁ କାର୍ଯ୍ୟାରମ୍ଭ ହେବ ଏବଂ ତହିଁପୂର୍ବରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

ପ୍ରକାଶ ଥାଉ କି ଯେଉଁମାନେ କି ୧୦ ଣ ଗ୍ରାହକଙ୍କର ଏକବର୍ଷର ମୂଲ୍ୟ ଅଗ୍ରିମ ଏକକାଳୀନ ଦାଖଲକରିବେ ସେମାନଙ୍କ ନାମ ଏକେଣ୍ଟ ଶ୍ରେଣୀଭୁକ୍ତ କରି ବିନା ମୂଲ୍ୟରେ ଏକବର୍ଷର ମହାଭାରତ ଦାନ କରିବୁଁ ।

ଏହି ମହାଭାରତସମ୍ପର୍କୀୟ ମୂଲ୍ୟ ଏବଂ ସମସ୍ତ ପତ୍ରାଦି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେଟରୀ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ମାତ୍ର ରିପ୍ଲାଇ ଅର୍ଥାତ୍ ଡବଲକାର୍ଡ ଅଥବା ଦୁଇପଇସିଆ ଡାକ ଟିକଟ ଏକଖଣ୍ଡ ନ ପଠାଇଲେ ଉତ୍ତର ଦିଆଯିବ ନାହିଁ । ବେୟାରିଂପତ୍ର ଗୃହୀତ ହେବ ନାହିଁ

କଟକପ୍ରିଣ୍ଟିଂ କମ୍ପାନି ଅଫିସ } ଶ୍ରୀ ଭାଗୀରଥୀ ପାଠିଗ୍ରାହୀ
ଚଉଧୁରୀବଜାର କଟକ } ପ୍ରକାଶକ

## NOTICE.

Wanted a head master for each of the aided schools named below with the amount of salary stated against each :—

| Name of school | | Amount of salary |
|---|---|---|
| Srikrishnapur M. E. school | | Rs. 25. |
| Balikuda | ,, | Rs. 22. |
| Korai | ,, | Rs. 20. |
| Purusothampur | ,, | Rs. 20. |

Applications will be received by the undersigned up to the 15th February.

(Sd.) Madhusudan Rao
Dy. Inspector of schools

27-1-87. Cuttack.

Split by PDF Splitter
Digitized by srujanika@gmail.com

## ସତୀନାଟକ ।

ଅମ୍ଭଙ୍କର ଏ ନାଟକର ପ୍ରସଙ୍ଗ ଏହି— କୌଣସି ରଜା ଜଣେ ପରମସୁନ୍ଦରୀନାରୀ ପ୍ରତି ଆସକ୍ତ ହେବାରୁ ସେ ସ୍ତ୍ରୀ ବୁଦ୍ଧିଚାତୁର୍ଯ୍ୟ ବଳ କୌଶଳରେ ଓ ଅନେକ କଷ୍ଟ ସହି ଆପଣା ସତୀତ୍ୱ ରକ୍ଷା କଲା ଓ ପରିଶେଷରେ ଅସହାୟ ଅବସ୍ଥାରେ ଆତ୍ମହତ୍ୟା କଲା । ପ୍ରସଙ୍ଗଟି ଅତି ମନୋରମ ଓ ରସଯୁକ୍ତ ଅଟଇ । ଏଥିରେ ଅନେକ ହିତୋପଦେଶ ଅଛି । ଏବଂ ନାନାବିଧ ଛନ୍ଦ ଓ ଗୀତମାନ ଦିଆ ହୋଇଅଛି । ମୂଲ୍ୟ ଟ ୦।୬ ଅମ୍ଭଠାରେ ଓ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଶ୍ରୀ ଜଗନ୍ମୋହନ ଲାଲ

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ବିକ୍ରୟ ହେଉଥିବା ନିମ୍ନଲିଖିତ ପୁସ୍ତକମାନଙ୍କର ମୂଲ୍ୟ ଊଣା ହୋଇଅଛି । ଯଥା;—

| | |
|---|---|
| କାଞ୍ଚିକାବେରୀ ନାଟକ | ଟ ୦ । |
| ପ୍ରେମତରଙ୍ଗ ( ଗାଥା ) | ଟ ୦ ୬ |
| ଶିଶୁପାଠ ୧ ମ ଭାଗ | ଟ ୦ । |
| „ ୨ ୟ ଭାଗ | ଟ ୦ । |
| „ ୩ ୟ ଭାଗ | ଟ ୦ ୫ |

## ମେହରୋଗ ।

୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରଅଛି ସେମାନଙ୍କର ଉକ୍ତାର୍ଦ୍ଧି ଶୋଣିତରକ୍ଷାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସଙ୍ଗେ ସହଜରେ ଔଷଧର ମାତ୍ର ପରଭାଗ କରିବାକୁ ହେବ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣ୍ଣ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧର ଗୁଣାଗୁଣରେ ସନ୍ଦେହ ନ ହେଲେ ଆଜି ତିନ ଚାରି ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅତ୍ରେଡରହୋଲ ନମ୍ବର ଭବନରେ ସି, କେ, ସେନ୍ କମ୍ପାନିଙ୍କଠାରେ ଏବଂ କଟକ ଦରଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୫ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ସମ୍ବନ୍ଧ କର୍ମାନନ୍ଦଙ୍କ ବାବୁ ଅର୍ଦ୍ଧନନ୍ଦ ଦର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ | ପଣ | ବାଲିମି ଉମାଇ | ଦ ୧୬ ଟ ୨୬ |
| ୧୪ | ପଣ | „ | „ ଟ ୨। |
| ୧୬ | ପଣ | „ | „ ଟ ୧୬ |

ବେପାରମାନେ ଅର୍ଥାତ୍ ଯେଉଁମାନେ ଏକତରେ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ସମ୍ବନ୍ଧୀ ଚୌଧୁରୀବଜାର ବଣିଆ ଲକ୍ଷ୍ମଣଙ୍କ ଅମ୍ଭମାନଙ୍କ ଦୋକାନରେ ଗଣେଶ ଚିତ୍ର ଓ ଚରଣ ଓ ରେସମୀଓଲ୍ଲେରର ଲୁଗା ଓ କ୍ଷେତ୍ରଫଳ ଓ ନାନା ଜାତି ଦ୍ରବ୍ୟ ପତ୍ରସତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନ୍ୟ ନାନାବିଧ ସେଜନହି ଜାନୀସାତ୍ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବଙ୍ଗୀୟ ଶାଢ଼ୀ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଦ କରିବାକୁ ଇଚ୍ଛିଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଶାଢ଼ିମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ବଡ଼ା କିଣାନ୍ତି ତେବେ ଏକ ଗଣ୍ଠିରୁ ଯେ କଣା ଟ ୦୬ ହିସାବରେ ବଡ଼ା ଦେବେନ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ଖଣ୍ଡିକରିବ ଘର ଖାଙ୍କ ହୁପରେ ଥିବ । ଖଣ୍ଡ ନେଲେ ଶାଢ଼ିର ପକ୍କ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଲିଫଫିଲ ।

| | |
|---|---|
| କଲିକତା ସେରଣା ବ ବୁ ଙ୍କରେ ତୁବ ଦେବେଲ ଖଲେ । | ତାର ଝିଟସ ଗାଡ଼ ଓ ବତି ଲଣ୍ଠନ ଓ ସାଧା |
| ଚୌଦ୍ଧିମାର | ଚଉଗ ଚେଷ୍ଟେର |
| ଭିଲେସୀନ୍ ତେଲ ଚଉକା | ଉର୍ଣ୍ଣ ସୁତପଶମୁବ |
| ଚେଳ ସାବୀ ଓ ଲୋମ | „ ଏକଯର ଯୁଦ୍ଧ |
| ସତୁତ । | ଟେଲସନ ଅନୁବାଦ ଟେ |
| | କେବଳ ଅବର |

ହୁଇଂ ଅର୍ଥାତ୍ ନକସା କରିବା କାଗଜ ପେନ୍-ସିଲ ଓ କଲମ ।
ପେନ୍ସିଲ କାଟିବା ଛୁରି ।
କାଳୀ ପ୍ରକାରର ଦ୍ୱୋ-ଆତନ ଓ ଲଟାପା
ଝୁଣ୍ଟି ଛୁରୀ ।
ଦୈନିକ ଛତ ।
ଚଉଣ୍ଡା ସାବୁନ ।
ଡାକାର ସାବାନ ସହିତରେ ଲୁଗା ପରିଷ୍କାର ହୁଏ ।
ଅଙ୍କୋଷ ଗ୍ରେଡ—ଅର୍ଥାତ୍ ସୁକନ୍ଦୀ ତୁଳ୍ୟ ।
ଅଏଲ କ୍ଲଥ ।
ଓଏଣ୍ଡଲ ସ୍ପଟ୍ ଛତା ।
ଜର୍ମନି ଅଙ୍କ ।
କ୍ରୋଦେରଜାନମ୍ ।
ପୋଲବୁଦ୍ଧିକଳ ଜ୍ୟୋତି-ମେଟ ଓ ଡଲର ପୋ-ରଲେ ସହେ
ଡ୍ରପ୍ରାବ ଭାଉ ଅର୍ଥାତ୍ ଲେଖିବାବେଳେ ସବ ଓ ଗ୍ରୁଡ଼ିଲେ ବଡା ହେବ ।
ଅପଲା ଚକ୍ର
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ଘ୍‍ଣ୍ଡା ପାଞ୍ଚ ସତୁତ ଟ ୦ ।/୫
କୋଟା ଓ ପୋଷାକର ଉତ୍ତମ ଧୂଆ ନକସାଦାର ବସ୍ତ୍ର ଗ୍ରାଟନ ଜଳା ବଟ୍ଟି ଓ, ପାଇବର ଗୌଡ଼ ପିଠା
ଗାଲିଙ୍ଗ କାଠି ଲୁଗାରେ ଚିହ୍ନ ଦେଲେ ଧୋଇ ଗଲେ ଦେଲେ ଯିବ ନାହିଁ ।
ଏ, ପୋଷକ ସମ୍ବନ୍ଧୀୟ କାମିଜ ଓ ଲୁଗା ।
ଚଉସ ଅବରୋଧ ।
ଏକନ ଭାରତ ।
ଶୁଅର ଟେଟ ।
ଅଟୋମେଟିକ ପେନ୍ସିଲ୍ ଅର୍ଥାତ୍ ଏ ପେନ୍ସିଲରେ ଲେଖି ଦରିକା ଦେବ ତଲ୍ ହୁଡ଼ାଇ ଦେଇ ପେନ୍ସିଲ ଲେଖା ହ ଗଲେ ଲେଖ ତଳର ଦେଲେ [illegible] ଲ ଲବେ ।
ଭିଟ୍ସ ପେପର ।
ଭଦ୍ରିକ ତେଲରେ ଭଲ ତାଲ ଶାଳ ।
ଉତ୍ତରରେ ଷ୍ଟେସନ ଅଟନ୍ତି ପଠାଇ ଏଥିରୁ ଦା ଛାଇର ଉଦର ।
ମମଘାମା ।
ଲେଡ଼ ବ୍ଲୁ, ପେନ୍ସିଲ୍, ଗମ ବୋତଲ
ବନାରସୀ ଶାଢ଼ୀ ଓ ଚୋଡ ଓ ଜନ୍ମ
ନବଦ୍ୱୀପକାପଡ଼ ଓ ଶିରପାର ପାଟଯୋଡ଼ ଓ ଶାଢ଼ୀ ।
ତ୍ରିଭିଂ ତାର

ଅଲ୍ ଇଣ୍ଡିଆ କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ପଙ୍କ୍ତି ପ୍ରତି ଦିବେ ଧାର୍ଯ୍ୟ ହୋଇଅଛି ଯଥା ;—

ପ୍ରଥମଥର ସକାଶେ

| | |
|---|---|
| ଆଠ ସୁଦ୍ଧା | ଟ ୦୬ |
| ଅଧ ସୁଦ୍ଧା | ଟ ୦୨୧ |
| ପୂର୍ଣ୍ଣ ଏକ ସୁଦ୍ଧା | [illegible] |

ମାତ୍ର କୌଣସି ବିଜ୍ଞାପନ ଲେଖେ ଶତ୍ରୁ [illegible] ଟ ୦୦ ରୁ ଊଣା ହେବ ନାହିଁ ।
[illegible] ଓ ଦ୍ୱିତୀୟଥର [illegible] ପ୍ରଥମ [illegible] ଓ ତୃତୀୟ ସପ୍ତାହରେ ହେବ ।
ଅଧିକ ଥର [illegible] ଶୁଣାଇବ ।
ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସହିତ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ସହରର [illegible] ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୧୬ ଶ } ସଂ ୭ ସଂ । } ତା ୧୨ ଉଣ ମାହେ ଫିବ୍ରୁଏରୀ ସନ ୧୮୮୧ ଖ୍ରୀଷ୍ଟାବ୍ଦ । ମୁ । ଫାଲ୍ଗୁନ ଦ ୨ ୭ ସନ ୧୨୮୮ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲ ପଶ୍ଚାଦେୟ ଟ ୬୲

ଚାନ୍ଦିନୀଶୋମତର ହୃଳିଲ ହିତୈଷିଣୀ-ସମାଜ ଶ୍ରୀମତୀ ଭିକ୍ଟୋରିଆଙ୍କ ପଞ୍ଚାଶଦ୍ବାର୍ଷିକ ରାଜତ୍ୱ ଉତ୍ସବକୁ ଚିରସ୍ମରଣୀୟ କରିବା-ନିମନ୍ତେ ଗୋଟିଏ ନାରୀୟ ପୁସ୍ତକାଳୟ ସ୍ଥାପନା କରିବାକୁ ମନସ୍ଥ କରିଅଛନ୍ତି ।

---

ବଙ୍ଗୀୟ ଲେଫ୍ଟେନାଣ୍ଟ ଗବର୍ଣ୍ଣର ବାହାଦୁର ପୁଲିସର ବାର୍ଷିକ ରିପୋର୍ଟରେ ହାଇକୋର୍ଟ ପ୍ରତି ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲେ ହାଇକୋର୍ଟ ତହିଁର ପ୍ରତିବାଦ କରି ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାର ସମ୍ବାଦ ଏଥିପୂର୍ବେ ପ୍ରକାଶ କରି-ଥିଲୁଁ । ସମ୍ପ୍ରତି ଶୁଣାଯାଏ ଯେ ମହାମାନ୍ୟ ଗବ-ର୍ଣ୍ଣର ଜେନେରଲ ଲେଫ୍ଟେନାଣ୍ଟଙ୍କଠାରୁ ଏ ବିଷ-ୟରେ କୈଫିୟତ ତଲବ କରିଅଛନ୍ତି ଏବଂ ହାଇକୋର୍ଟର ପ୍ରଧାନ ଜଜ ସର କୋମର ଆଶା ଯେ ଲେଫ୍ଟେନାଣ୍ଟ ଆପଣା ଆତ୍ମସମ୍ମାନ ନ କଲେ ନେଲେ ସେ କୌଣସି-ମନ୍ତବ୍ୟ ବାହୁଡ଼ାଇ ନ ନେଲେ ସେ କୌଣସି-ମତେ ସନ୍ତୁଷ୍ଟ ହେବେ ନାହିଁ । ଲେଫ୍ଟେନାଣ୍ଟ ଟିକିଏ ସଙ୍କଟରେ ପଡ଼ିବେ ପରା ।

---

ପବ୍ଲିକ ସର୍ଭିସ କମିଶନଙ୍କ ରିପୋର୍ଟ ଅନୁସାରେ କଟକ ଡିଭିଜନ ପାଇଁ ଜଣେ ଇନ୍‌ସ୍ପେକ୍ଟର ନିଯୁକ୍ତ ହୋଇଥିଲେ ଓ ପୂର୍ବାପର ନିୟମାନୁସାରେ ଉତ୍ତର ଦକ୍ଷିଣ ନିମନ୍ତେ ଜଣେ ଅଫିସର ନିଯୁକ୍ତ ହୋଇଥିଲେ କିନ୍ତୁ ଶୁଣାଯାଏ ଯେ ଅଭିଜ୍ଞତାକୁ ଜଣେ କର୍ମକ୍ଷମ ଇନ୍‌ସ୍ପେକ୍ଟର ଓ ଅସେସର କାର୍ଯ୍ୟ ଚଳାଇବେ । ଏପରି ବନ୍ଦୋ-ବସ୍ତଦ୍ୱାରା ଲାଭ ବ୍ୟତୀତ କିଛି କ୍ଷତି ନାହିଁ ଅଥଚ ଦୁଇକାର୍ଯ୍ୟ ଉତ୍ତମରୂପେ ସମାଧା ହେବ । ଏ କାର୍ଯ୍ୟରେ ଅବଶ୍ୟ ଜଣେ ଉଭୟକାର୍ଯ୍ୟର ପାରଦର୍ଶୀଙ୍କି ନିଯୁକ୍ତ ହେବାର ଦେଖିଲେ ଆମ୍ଭେମାନେ ସନ୍ତୁଷ୍ଟ ହେବୁଁ । ଅସେସର କାର୍ଯ୍ୟାପେକ୍ଷା ଅବଶ୍ୟ ଇନ୍‌ସ୍ପେକ୍ଟରୀ କାର୍ଯ୍ୟ ଅଧିକ ବୁଦ୍ଧି ଓ ନିପୁଣତାର ସାପେକ୍ଷ ।

---

ଏଠା ଜେଲ୍ ଅଦାଲତର ହେଡକ୍ଳର୍କ ଶ୍ରୀ କର୍ମରେ ଏଠାଲୋକଙ୍କ ଦାବୀ ଉପେକ୍ଷିତ ହୋଇ ବଙ୍ଗଦେଶର ଭୂତନାଥ ବାବୁନାମକ ଏକବ୍ୟକ୍ତି ନିଯୁକ୍ତହୋଇବାର ସଂବାଦ ଏଥି-ପୂର୍ବେ ଆମ୍ଭମାନଙ୍କ ମନ୍ତବ୍ୟସହିତ ଜଣାଇ-ଥିଲୁଁ । ଏହି ନିଯୋଗ ବିରୁଦ୍ଧରେ ଏଠାରୁ ଢ଼-ନଗ୍ନପତ୍ର ଅପିଲ ଦରଖାସ୍ତ ବଙ୍ଗୀୟ ଗବର୍ଣ୍ଣ-ମେଣ୍ଟଙ୍କୁ ପ୍ରେରିତ ହୋଇଥିଲା । ଅପିଲର ଅନେକ ଉପଯୁକ୍ତ ହେତୁ ଥିଲେହେଁ ଓଡ଼ିଶାର ଦୁର୍ଭାଗ୍ୟବଶତଃ ଗବର୍ଣ୍ଣମେଣ୍ଟଙ୍କର ସୁବିଚାର ଆକର୍ଷିତ ହେଲା ନାହିଁ । ସମସ୍ତ ଅପିଲ ଅଗ୍ରାହ୍ୟ କରି ଆମ୍ଭମାନଙ୍କ ଲେଫ୍ଟେନାଣ୍ଟ ସାହେବ ଏଠା ଜେଲ୍ ଅଦାଲତ ଜଜଙ୍କ ପ୍ରସ୍ତାବମତେ ଭୂତ-ନାଥଙ୍କର ନିଯୋଗ ପରୀକ୍ଷାସ୍ୱରୂପ ମଞ୍ଜୁର କଲେ । ଏ ନିଯୋଗରେ ଓଡ଼ିଶାର କୃତବିଦ୍ୟ ବ୍ୟକ୍ତିମାନଙ୍କର ଭାଗ୍ୟ ମନସ୍ତାପ ହୋଇଅଛି ।

---

କଲିକତାରେ ସ୍ୱର୍ଣ୍ଣୋତ୍ସବ ସମ୍ବନ୍ଧରେ ଯେତେ ଆମୋଦପ୍ରମୋଦର ଆୟୋଜନ ଲାଗିଅଛି ତନ୍ମଧ୍ୟରେ ସେଠାର ନୂତନ ସହର ହଲସନ ସାହେବ ବିଦ୍ୟାଳୟର ଛାତ୍ରମାନଙ୍କୁ ଯେଉଁ ଭୋଜ ଦେବାର ସଙ୍କଳ୍ପ କରିଅଛନ୍ତି ତାହା ଗୋଟିଏ ଅପୂର୍ବ ଓ ମନୋହର ବ୍ୟା-ପାର ହେବ । ଏହି ଭୋଜରେ ପ୍ରାୟ ୩୦ ହ-ଜାର ଛାତ୍ର ଏକତ୍ରିତ ହେବେ । ଲେଫ୍ଟେନାଣ୍ଟ ବାହାଦୁର ଏଥିପାଇଁ ଆପଣା ବାସଭବନ ଛାଡ଼ି-ଦେବାକୁ ସ୍ୱୀକୃତ ହୋଇଅଛନ୍ତି । ଛାତ୍ରମାନେ ସେଠାରେ ଜଳଖିଆ କରି ବଡ଼ଲାଟ ବାହା-ଦୁରଙ୍କୁ ଯେଉଁ ସ୍ଥାନରେ ମହାରାଣୀଙ୍କ ଅଭି-ନନ୍ଦନ ପତ୍ର ପ୍ରଦତ୍ତ ହେବ ସେଠାରେ ଉପସ୍ଥିତ ହେବେ ଏବଂ ତହିଁଉତ୍ତାରୁ ବାଣ ପୋଡ଼ାହେବା ସ୍ଥାନକୁ ଯିବେ । ସେଠାରେ ବାଣପୋଡ଼ା ଦେଖିବା କାରଣ ସେମାନଙ୍କ ନିମିତ୍ତ ପୃଥକ-ସ୍ଥାନ ନିର୍ଦ୍ଦିଷ୍ଟ ହେବ । ୩୦ ହଜାର ଛାତ୍ର ଏକତ୍ରେ ଯୁକ୍ତହୋଇ ଆମୋଦରେ ମତ୍ତ ହେବେ ଏଦୃଶ୍ୟ ସାମାନ୍ୟ ସୁଖକର ନୁହଇ ।

---

ପୁରୀର ଜଣେ ଡେପୁଟି ଜଗନ୍ନାଥଙ୍କ ମନ୍ଦି-ରକୁ ଯାଇ ପ୍ରସାଦ ଗ୍ରହଣ ନ କରିବାର ଯେଉଁ ସଂବାଦ ଆମ୍ଭେମାନେ ଲେଖିଥିଲୁଁ ତହିଁରେ ନବସମ୍ବାଦ ଉକ୍ତ ବିଷୟରେ ନିଜ ମତ ପ୍ରକାଶ କରି ଯଥାର୍ଥ ଉଦାରତାର ପରିଚୟ ଦେଇ ଅଛନ୍ତି ଯଥା—

Digitized by srujanika@gmail.com

"ବାସ୍ତବରେ ଯେଉଁମାନେ ପ୍ରସାଦଗ୍ରହଣ ନ କରିବେ ସେମାନଙ୍କର ଦେଉଳକୁ ଯିବାର ନ ଆବଶ୍ୟକ କରୁ ସ୍ଥିର କର ହୋଇ ନାହିଁ । ଡେପୁଟି ବାବୁ ବୋଧ ହୁଏ ଜାଣନ୍ତି ଯେ ବ୍ରାହ୍ମମାନଙ୍କର ଏପରି ସ୍ଥଳରେ ପ୍ରବେଶ କରିବାର ଉଚିତ ନୁହଇ । କେବଳ ଜାଣି ଅଜଣା ହୋଇ ଲୋକଙ୍କ ମନରେ ଏପରି କଷ୍ଟ ଦେବା ଅତ୍ୟନ୍ତ ଅବିବେଚକର କାର୍ଯ୍ୟ ହୋଇଅଛି । ବ୍ରାହ୍ମ ଭାଇମାନଙ୍କର ପରଧର୍ମ ପ୍ରତି ଏପରି ତାଚ୍ଛଲ୍ୟଭାବ ଦେଖାଇବାର ଉଚିତ ନୁହଇ । ଜଗତରେ ଅଭ୍ରାନ୍ତ କେହି ନୁହଇ । ସାକାର ଉପାସକମାନେ ଭ୍ରାନ୍ତ ହେଲେ ସୁଦ୍ଧା ସେମାନଙ୍କ ଧର୍ମପ୍ରତି ଏପରି ଅଲକ୍ଷଣ ଯୁକ୍ତିଯୁକ୍ତ ନୁହଇ" ।

---

ଅନେକଦିନର ଉଦ୍ୟୋଗରୁ କଲିକତାରେ ଭାରତବାସି ବଣିକମାନଙ୍କର ଗୋଟିଏ ସଭା ପ୍ରତିଷ୍ଠିତ ହୋଇଅଛି । ଅନେକ ସମ୍ଭ୍ରାନ୍ତ ଏବଂ ଧନୀ ବଣିକମାନେ ପ୍ରତିଷ୍ଠାଦିନ ସଭାରେ ଉପସ୍ଥିତ ଥିଲେ । ହିନ୍ଦୁ ମୁସଲମାନ ପାର୍ସି ଇହୁଦୀ ଓ ଜୈନ ବଣିକମାନେ ସଭାରେ ଯୋଗ ଦେଇଥିଲେ । ରାଏ ବଦ୍ରିଦାସ ବାହାଦୁର ଏହି ସଭାର ସଭାପତି, ବାବୁ ଚଣ୍ଡୀଲାଲ ସିଂହ ଜାନକୀନାଥ ରାୟ ଦାମୋଦର ଦାସ ବର୍ମ୍ମନ ଭଗବତଦତ୍ତରାୟ ଗୋଧୂଷ ଓ ବାଲଚନ୍ଦ୍ର ମଦନ୍ତ ଜଳଦର୍ପ ସହକାରୀ ସଭାପତି, ବାବୁ ସୀତାନାଥରାୟ ସମ୍ପାଦକ ଓ ବାବୁ ଜଗଲଲ ଖାଁ କୋଷାଧ୍ୟକ୍ଷ ନିଯୁକ୍ତ ହୋଇଅଛନ୍ତି । ଅନେକ ସୁବିଜ୍ଞ ଲୋକ ଏଥିରେ ଯୋଗ ଦେଇଥିବାରୁ ଆମ୍ଭମାନଙ୍କର ଆଶା ହେଉଅଛି ଯେ ଏଥିର ଉଦ୍ଦେଶ୍ୟ ସଫଳ ହେବ । ଇଂରାଜ ବଣିକଙ୍କର କଲିକତାରେ ଏପରି ଗୋଟିଏ ସଭା ଅଛି ଏବଂ ତଦ୍ୱାରା ସେମାନେ ଆପଣା ସ୍ୱାର୍ଥ ରକ୍ଷା କରିବାକୁ ସମର୍ଥ ହୋଇଅଛନ୍ତି । ଦେଶୀୟ ଲୋକଙ୍କର ଏବେ ଗୋଟିଏ ସଭା ହେଲା ଏଥିରୁ ଭରସା ହୁଏ ଯେ ସେମାନେ ଆପଣା ଦେଶର ବାଣିଜ୍ୟର ଫଳଭୋଗ କରିବାକୁ ସକ୍ଷମ ହେବେ ଆଉ ବିଦେଶୀୟଙ୍କ ଅଧୀନ ହୋଇ ରହିବେ ନାହିଁ ।

---

ଆମ୍ଭମାନଙ୍କ ନବୀନ ସହଯୋଗୀ ନବସଂବାଦ ଯନ୍ତ୍ରଜ ଉତ୍ତରକୁ ବଙ୍ଗଦେଶର ଲେଫଟେନାଣ୍ଟ ସର୍ ରିଭର୍ସ ଟମସନଙ୍କ କହାସ୍ସମ୍ଭାଳସଙ୍କେ ଏକରେ ବସୁରକର ପ୍ରବୃତର ପରିଚୟ ଦେଇ ନାହାନ୍ତି । ଯୁବରାଜ ଗୋଟିଏ ସଙ୍ଗଠନ ବ୍ୟାପାର ତହିଁର ମହତ୍ତ୍ୱ ପ୍ରତି ଅଟଇ । ଏଷ୍ଟେଟ ଗୋଟିଏ ପ୍ରଦେଶର ଶାସନକର୍ତ୍ତା ଓ ତାହାଙ୍କ କାର୍ଯ୍ୟର ସମାଲୋଚନା ଭିନ୍ନକଥା । ଯଦ୍ୟପି ସେ ପାଞ୍ଚବର୍ଷ ଆପଣା ପ୍ରଦେଶ ଶାସନରତ ଏମନ୍ତ କୌଣସି କାର୍ଯ୍ୟ କରି ନାହାନ୍ତି ଯଦ୍ଦ୍ୱାରା ଉକ୍ତ ପ୍ରଦେଶର ସମସ୍ତ ଲୋକ ଏକତ୍ର ହୋଇ ତାହାଙ୍କୁ ଧନ୍ୟବାଦ ଦେବେ ଏବଂ ଦୀର୍ଘକାଳ ତାହାଙ୍କର ଗୁଣକୀର୍ତ୍ତନ କରୁଥିବେ ତଥାପି ତାହାଙ୍କ କାର୍ଯ୍ୟର କଟୁ ସମାଲୋଚନା କରିବା ଓଡ଼ିଶାବାସିଙ୍କର ଉଚିତ ହେଉ ନାହିଁ । ଗତ ଦୁଇବର୍ଷରେ ଦୁଇଜଣ ଯୋଗ୍ୟ ଓ ଶିକ୍ଷିତ ଓଡ଼ିଆଙ୍କୁ ଡେପୁଟି କଲେକ୍ଟର ପଦ ପ୍ରଦାନ କରିବା ଏବଂ ଏଠାରେ ବି, ଏ, ପରୀକ୍ଷା ଗ୍ରହଣ ହେବାର ନିୟମ କରିବାଦ୍ୱାରା ଓଡ଼ିଶାବାସିଙ୍କର ଯଥାର୍ଥ କୃତଜ୍ଞତାର ପାତ୍ର ହୋଇଅଛନ୍ତି । ସର ଜର୍ଜକାମ୍ବେଲଙ୍କ ଠାରୁ ଯେଉଁ ତିନିଜଣ ଲେଫ୍ଟେନାଣ୍ଟ ଗବର୍ଣ୍ଣର ହୋଇଥିଲେ ସେମାନେ ଏ ନଗରକୁ ଆସିଥିବା ପ୍ରତ୍ୟକ୍ଷେ ଏପରି କଲ୍ୟାଣକାର୍ଯ୍ୟ କରିପାରି ନ ଥିଲେ । ଅତଏବ ଏହାଙ୍କ କାର୍ଯ୍ୟର ସମାଲୋଚନା ସମୟରେ ଏ କଥାକୁ ସ୍ମରଣରଖିବା ଆମ୍ଭମାନଙ୍କର ଉଚିତ ଅଟଇ ।

---

ଆମ୍ଭେମାନେ ଏଠା ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କ ନିକଟରୁ ଗତ ତା ୮ ରଖ ମ୍ୟୁନିସିପାଲ ସଭାର କାର୍ଯ୍ୟାବଳୀ ପ୍ରାପ୍ତ ହେବାରୁ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ତହିଁର ସଂକ୍ଷେପ ବିବରଣ ଏହିଯେ

"ଚେୟାରମ୍ୟାନ ମହୋଦୟ ଅଠଗଡ଼ ରାଜାଙ୍କ ଦାନ ଏକହଜାର ମୁଦ୍ରାର କ ଅର୍ଥରେ ବ୍ୟୟହେବ ଏତଦ୍ୱିଷୟ ମଧ୍ୟ ମ୍ୟୁନିସିପାଲ କମିଶନର ମାନଙ୍କ ନିକଟରେ ଉପଗତ କରାଗଲା ଏବା ସ୍ଥିରକୃତ ହେଲାଯେ ମ୍ୟୁନିସିପାଲିଟି ଓ ସ୍ୱହସ୍ତନିର୍ମ୍ମିତ ଗୋଟିଏ ପାର୍କ ବା ଉଦ୍ୟାନ ସ୍ଥାପନ କରିବାକୁ ପୂର୍ବରୁ ନିଶ୍ଚୟ କରିଥିବାରୁ ବର୍ତ୍ତମାନ ଚେୟାରମାନଙ୍କ ସମ୍ମତି ଦସ୍ତାଗାବ୍ୟୟେ ସେ ଓଡ଼ିଶାବିଭାଗର ମାନନୀୟ କମିଶ୍ନର ସାହେବଙ୍କ ସହିତ ପରାମର୍ଶ କରି ଏତଦ୍ଦାନଦ୍ୱାରା ଗୋଟିଏ ପୁସ୍ତକାଳୟ ସ୍ଥାପନ କରିବାକୁ ବାଞ୍ଛା ଦେଖ ହେଲେ ଉକ୍ତ ପୁସ୍ତକାଳୟ ପାଇଁ ମ୍ୟୁନିସି-ପାଲ କମିଶନରମାନେ ଆହ୍ଲାଦିତ ହୋଇ ଏହି ପାର୍କ ମଧ୍ୟରେ ଗୋଟିଏ ଘର ନିର୍ମ୍ମାଣ କରିଦେଇ ପାରିବେ ଓ ମଧ୍ୟ କମିଶନର ମହୋଦୟଙ୍କ ପ୍ରବର୍ତ୍ତି ସାହାଯ୍ୟ ଯାହାକ ସେ ତାଙ୍କ ପକ୍ଷରେ ନିକ୍ଷେପ କରଇନ୍ତି ତାହା ଖଣ୍ଡା ଅବଲ ଓ କୃତଜ୍ଞତା ସହିତ ଗ୍ରହଣ କରିବେ ।

ବଗଳ ବୃତ୍ତିସଙ୍କର ବାଟ୍ୟାଦି ଦୃଷ୍ଟିରେ କମିଶ୍ନରମାନେ ସଙ୍କୋଚ ମନ୍ଦିରରେ ସ୍ଥିର କଲେ ଯେ ମ୍ୟୁନିସିପାଲିଟି ପାର୍କ ଓ ସାଧାରଣ ପୁସ୍ତକାଳୟ ନିମନ୍ତେ ପାଞ୍ଚଶତ ମୁଦ୍ରା ଦେବେ କେବଳ ମ୍ୟୁନିସିପାଲିଟି ଅନାଲିଂ ଅବଶ୍ୟକୀୟ କାର୍ଯ୍ୟର ଅବେତନରେ କନ୍ତ୍ରାକ୍ଟରୁ ଦଫାଓୟାରି ଦେବାକୁ ସ୍ଥିରକଲେ ।

ମିଉନିସିପାଲିଟିର ଏତାଳ ଅଡ ମବର୍ ଓ ଶବଦାର୍ଯ୍ୟୋପନରେ ଶବକାର୍ଯ୍ୟରେ ବଂଶିକ ହେବାର ଶୁଣି ଅତିଶୟ ସନ୍ତୁଷ୍ଟ ହେଲୁଁ । ଏଥିଦ୍ୱାରା ସ୍ୱଜାତିର ଭକ୍ତ ବସ୍ତ୍ର ଓ ନଗରର ଗୋଟିଏ ମହତ୍ ଅଭାବ ପୂର୍ଣ୍ଣ ହେବ ଯେଉଁମାନେ ପୂର୍ବରୁ କହୁଥିଲେଯେ ମିଉନିସିପାଲଟି କୌଣସି କାର୍ଯ୍ୟ କରୁ ନାହାନ୍ତି ସେମାନେ ଏହି ପ୍ରଶଂସନୀୟ କାର୍ଯ୍ୟ ଦେଖି ଆନନ୍ଦିତ ହେବେ ।

---

ଦୋଳୋତ୍ସବ ଓ ଅନୁଷ୍ଠାନ ।

କଟକ ।

ତା ୧୬ ରଖ ଫିବ୍ରୁଏରୀ

ପ୍ରାତଃ ଘ ୬—୧୧ ଟିକା—ଦରିଦ୍ରମାନଙ୍କୁ ଭକ୍ଷ ଓ ବସ୍ତ୍ର ବିତରଣ ।

ଅପରାହ୍ନ ଘ ୩—୬—ଟିକା—ନଗର-କୀର୍ତ୍ତନ, ଏ ନଗରର ସକଳ ଦଳରେ କୀର୍ତ୍ତନ ହେବ ଏବଂ ସନ୍ଧ୍ୟା ଘ ୬ ଟିକା ସମୟରେ ସମସ୍ତ କୀର୍ତ୍ତନ-ସମ୍ପ୍ରଦାୟ କଲେକ୍ଟରୀ କଚେରୀ ପଡ଼ା ମଧ୍ୟରେ ସମବେତ ହେବେ ।

ସନ୍ଧ୍ୟା ଘ ୬—୭ ଟିକା—ନଗର ଦୀପାଳି

ରାତ୍ରି ଘ ୮ ଟିକା—ଅଗ୍ନେୟ କ୍ରୀଡ଼ା (ଆତସବାଜି)

" ଘ ୮½—୧୧ ଟିକା—କଲେକ୍ଟରୀ କଚେରୀ ପଡ଼ାରେ ନୃତ୍ୟ ।

ଘ ୧୦ ଟିକାରୁ ରାତ୍ରି ଅବସାନ ପ୍ରାତଃକାଳ-ପର୍ଯ୍ୟନ୍ତ—ନଗରର ଭିନ୍ନ ସ୍ଥାନରେ ଅର୍ଥାତ୍ ଚୌଧୁରୀବଜାର, ଆଲିଭଯୋସନ୍ଧି, ବେନିଆବଜାର, ତେଲିବଜାର, ଚୋଉଧାରୀପଡ଼ିଆ, ଓ ମଙ୍ଗଳାବାଗରେ ଯାତ୍ରା ।

ତା ୧୭ ରଖ ଫେବ୍ରୁଏରୀ ।

ଅପରହ୍ନ ଘ ୨—୪ଟିକା—ସ୍କୁଲର ହିନ୍ଦୁ ମୁସଲମାନ ପିଲମାନଙ୍କର ଭୋଜି ।

ଅପରହ୍ନ ଘ ୪—୬ ଟିକା—ମଲ୍ଲକ୍ରୀଡ଼ା ।

ବାଲେଶ୍ୱରରେ ଜୁବିଲି ଉପଲକ୍ଷରେ ମାଗୀପୂଜା ଗତ ତା ୨ ରିଖରେ ଗୋଟିଏ ସଭା ଆହ୍ୱାନ ହୋଇଥିଲେ । କିନ୍ତୁ ସଙ୍ଗରେ ଅତି ଅଳ୍ପ ଲୋକେ ଉପସ୍ଥିତ ଥିବାରୁ କେବଳ କଙ୍ଗାଳୀ ଭୋଜନ ଏହି ଉତ୍ସବର ଗୋଟିଏ ପ୍ରଧାନ ଅଙ୍ଗ ହେବ ଏହା ବହୁଯୁକ୍ତି ପରେ ସ୍ଥିର ହେଲାରୁ ସଭା ଭଙ୍ଗ ହେଲା । ତଦୁତ୍ତାରୁ ସେଠା ମ୍ୟୁନିସିପାଲ କମିଟୀରେ ନିର୍ଦ୍ଧାର୍ଯ୍ୟ ହୋଇଅଛି ଯେ ଏହି ଜୁବିଲି ଉପଲକ୍ଷରେ ଚିତ୍ରିତ ସ୍ୱରୂପ ଭାରତେଶ୍ୱରୀଙ୍କି ରୌପ୍ୟନିର୍ମିତ ଆଧାରରେ ଅଭିନନ୍ଦନପତ୍ର ଦିଆଯିବ ନଗରରେ ରୋଷଣାଇ ହେବ, ଦୁଃଖି ଦରିଦ୍ରଙ୍କୁ ଦାନ କରାଯିବ ଓ ଗୋଟିଏ ସ୍ଥାୟୀ କୀର୍ତ୍ତି ରକ୍ଷିବାର ଅନୁଷ୍ଠାନ ହେବ । ଏତଦର୍ଥେ ଗତ ତା ୪ ରିଖ ଶୁକ୍ରବାର ଦିବସ ନଗରସଭା ଆହୂତ ହେବାର ସ୍ଥିର ହୋଇଥିଲା ମାତ୍ର ତହିଁର ବିବରଣ ଅଦ୍ୟାପି ଜଣାଯାଇ ନାହିଁ ।

ଭଦ୍ରଖ—ସାମ୍ରାଜ୍ଞୀଙ୍କ "ଯୁବିଲି" ପର୍ବାନନ୍ଦ ଉପଲକ୍ଷରେ ଗତମାସ ତା ୬ ରିଖ ରବିବାର ବେଳଓଲ ଏଠାରେ ଗୋଟିଏ ସଭା ହୋଇଥିଲା । ମାନ୍ୟବର ଶ୍ରୀଯୁକ୍ତ ଜେ, ଏଷ୍, ଡେଭିଡ୍‌ସନ୍ ସବ୍ ଡିଭିଜନେଲ ଅଫିସର ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ । ଏବଂ ପ୍ରଧାନ୨ ଜମିଦାର ଓ ଅନ୍ୟାନ୍ୟ ଅନେକ ସମ୍ଭ୍ରାନ୍ତ ବ୍ୟକ୍ତି ସଭାସ୍ଥଳରେ ଉପସ୍ଥିତ ହୋଇଥିଲେ ।

ରାୟ ଗୁପ୍ତ ନିମାଇଚରଣ ଘୋଷ ବାହାଦୁର ସଂକ୍ଷେପରେ ସଭାର ଉଦ୍ଦେଶ୍ୟ ସମସ୍ତଙ୍କୁ ବୁଝାଇଦେଲା ପରେ ନିମ୍ନଲିଖିତ ପ୍ରସ୍ତାବମାନ ଧାର୍ଯ୍ୟ ହେଲା ।

୧ । ଉକ୍ତ ଶୁଭଦିନ ସକାଶେ ଯେଉଁ ବ୍ୟୟ ହେବ ସେଥିନିମନ୍ତେ ଚାନ୍ଦା ସଂଗ୍ରହ ହେଉ ।

୨ । ସଂଗୃହୀତ ଚାନ୍ଦାର ପଞ୍ଚମାଂଶ ସହରର ସାଧାରଣ କୋଠିସବୁ ଆଲୋକିତ କରିବାରେ, ଅର୍ଦ୍ଧେକ ଅଂଶ ଦୀନ ଦୁଃଖିମାନଙ୍କୁ ଭିକ୍ଷା ଦେବାରେ ପୁଣି ଅବଶିଷ୍ଟ ସ୍ଥାନୀୟ ଦାତବ୍ୟ ଚିକିତ୍ସାଳୟ ସକାଶେ ଔଷଧ କ୍ରୟ କରିବାରେ ବ୍ୟୟ କରାଯାଉ ।

୩ । ଉଲ୍ଲିଖିତ କାର୍ଯ୍ୟର ବନ୍ଦୋବସ୍ତ ଓ ତଦାରଖ କରିବାନିମନ୍ତେ ସାତଜଣ ସଭ୍ୟରେ ଗୋଟିଏ ସଭା ନିଯୁକ୍ତ ହେଉ ।

ସଭା ଭଙ୍ଗ ହେବା ପୂର୍ବରେ ଉପସ୍ଥିତ ସଭ୍ୟମାନଙ୍କଠାରୁ ଟ ୩୨୭ ଙ୍କାର ଚାନ୍ଦା ସ୍ୱାକ୍ଷରିତ ହୋଇଅଛି ପୁଣି ଅନୁପସ୍ଥିତ ବ୍ୟକ୍ତିମାନଙ୍କଠାରୁ ଆହୁରି ଆଶା ଅଛି ଇତି ।

କଟକ—ଆମ୍ଭମାନଙ୍କର ଶ୍ରୀମତୀ ଶ୍ରୀଭାରତେଶ୍ୱରୀଙ୍କର ବ ୫୦ ର୍ଷୀୟ ଯୁବିଲି ଉତ୍ସବ କରିବା ଉଦ୍ଦେଶେ ଏଠା କଟେଜଘରେ ହେଡ଼ମାଷ୍ଟର ବାବୁ ହରିଶ୍ଚନ୍ଦ୍ରବନଙ୍କ ଯତ୍ନରେ ଗୋଟିଏ ସଭା ହୋଇଥିଲା, ତହିଁରେ ଏପରି ପ୍ରସ୍ତାବ ହୋଇଅଛି କି ଯୁବିଲିଦିନ ଅତିସବାଜି ଓ ନାନାପ୍ରକାର ନାଟ୍ୟରଙ୍ଗ ଇତ୍ୟାଦିଦ୍ୱାରା ଆମୋଦପ୍ରମୋଦ ହେବ ଏବଂ ଏଠାସ୍କୁଲର ୧ମଶ୍ରେଣୀଛାତ୍ରମାନଙ୍କମଧ୍ୟରେ ଯେ ଶ୍ରେଷ୍ଠ ସର୍ବପ୍ରଥମ ହେବେ ତାଙ୍କୁ ଉକ୍ତ ପର୍ବଉପଲକ୍ଷରେ ମାସିକ ଦୁଇଟଙ୍କା କରି ଏକବର୍ଷ ନିମନ୍ତେ ଗୋଟିଏ ବୃତ୍ତି ମିଳିବ ଏବଂ ଏହା ଛଡ଼ା ଶ୍ରୀମତୀ ଭାରତେଶ୍ୱରୀ ଓ ତାଙ୍କର ଜ୍ୟେଷ୍ଠପୁତ୍ରଙ୍କର ଛବି ଚିରସ୍ମରଣୀୟ ଯୁବିଲି ଉପଲକ୍ଷରେ କଟେଜଘରେ ରଖାଯିବ, ଏଥର ଅଧିବେଶନରେ ସନ୍ତୋଷଜନକ ଚାନ୍ଦା ସଂଗ୍ରହ ହୋଇ ନ ଥିବାରୁ ପୁନର୍ବାର ଆଉ ଏକ ଅଧିବେଶନ କାରଣ ସଭାପତି ବାବୁ ଶ୍ରୀନାଥ ଚକ୍ରବର୍ତ୍ତୀ ଅନୁରୋଧ କରିବାରୁ ଏକବାକ୍ୟରେ ସ୍ଥିର ହୋଇଅଛି । ବଡ଼ ଦୁଃଖର ବିଷୟ ଯେ କନକା କୋ ୧୬ ଶ ରାଜ୍ୟରୁ କେବଳ ନ୍ୟୂନାଧିକ ପ୍ରାୟ ଟ ୧୮ ଙ୍କା ଆଦାୟ ହୋଇଅଛି ଏବଂ ଅବଶିଷ୍ଟ ଟ ୩୨୮ ଙ୍କା ରାଜକର୍ମଚାରୀମାନଙ୍କଦ୍ୱାରା ଦତ୍ତ ହୋଇଅଛି ।

ଯୁବିଲିସମ୍ପର୍କୀୟ ଚାନ୍ଦା ଏଠା ମୁସ୍ତାଜର ଜମା ପ୍ରଧାନ୨ ରଇୟତମାନଙ୍କଠାରୁ ସଂଗ୍ରହ କରିବା କାରଣ ମେନେଜର ବାବୁ ଚିତାନ୍ତ ଅନୁକୂଳ, କାରଣ ବାବୁ ମାଗଣ କଲେ ବୋଲି ଏପରିକି ଦୁଷ୍ଟଲୋକମାନେ ରଟନା କରିପାରନ୍ତେ । ଆମ୍ଭମାନଙ୍କ ବିବେଚନାରେ ମାନେଜର ପର୍ବଉଦ୍ଦେଶ୍ୟ ପ୍ରଜାମାନଙ୍କୁ ବୁଝାଇ ଦେଇ ଏହା ପାଇବାର ସମ୍ପୂର୍ଣ୍ଣ ଭାର ସରବରାହକାର ପ୍ରଭୃତିଙ୍କ ଉପରେ ଦେଲେ କୌଣସି ଦୋଷ ବା ଭ୍ରାନ୍ତ ହେବ ନାହିଁ ।

---

## ମାହାଙ୍ଗାର ଖୁଣ ମାମଲା ।

ଏ ମକଦ୍ଦମାର ବୃତ୍ତାନ୍ତ ବଙ୍ଗଦେଶସ୍ଥ ଏଲୋକେଶୀର ହତ୍ୟାକାଣ୍ଡ ତୁଲ୍ୟ ହୃଦୟବିଦାରକ ଅଟେ । ଅନେକ ପାଠକଙ୍କ ସେ ମକଦ୍ଦମାର ପ୍ରସଙ୍ଗ ଗୋଚର ନ ଥିବାରୁ ତହିଁର ଚୁମ୍ବକ ବିବରଣ ଦେବାର ଆବଶ୍ୟକ । ତାଡ଼କେଶ୍ୱର ମଠର ଲମ୍ପଟ ମହନ୍ତ ପରମସୃଷ୍ଟ ଓ ପରମସତୀ, ଏଲୋକେଶୀର ସତୀତ୍ୱ ବଳପୂର୍ବକ ଅବା କୌଶଳକ୍ରମେ ନଷ୍ଟ କଲା । ସେ ଏ କଥା ଆପଣାର ସ୍ୱାମି ନବୀନଙ୍କୁ ଜଣାଇବାରୁ ନବୀନ ସ୍ଥାନାନ୍ତରହେବା ଚେଷ୍ଟା କଲା ମାତ୍ର ମହନ୍ତର ମନୁଷ୍ୟ ତାକୁ ଅଟକାଇବାରୁ ନବୀନ କ୍ରୋଧବଶରେ ଆପଣା ପ୍ରିୟବନିତାର ପ୍ରାଣ ନେଲା । ନବୀନନାମରେ ଖୁଣ ମାମଲା ଚଳିଲା ମାତ୍ର ବଙ୍ଗଦେଶର ଉତ୍ସାହିଲୋକେ ସହସ୍ର୨ ଟଙ୍କା ଚାନ୍ଦାଦ୍ୱାରା ସଂଗ୍ରହ କରି ଅନେକ ଯତ୍ନପୂର୍ବକ ନବୀନକୁ ପ୍ରାଣଦଣ୍ଡରୁ ରକ୍ଷା କରାଇଲେ ଓ ମହନ୍ତନାମରେ ବ୍ୟଭିଚାରର ଅପରାଧରେ ମାମଲା କରି ତାକୁ ତିନିବର୍ଷ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ଦିଆଇଲେ । ବର୍ତ୍ତମାନ ମାହାଙ୍ଗା ମକଦ୍ଦମାର ବିବରଣ ନିମ୍ନେ ଲେଖୁଅଛୁଁ ଯଥା—

ମାହାଙ୍ଗାର ଜଣେ ଜମିଦାର ବାବୁ ସୀତାନାଥ ରାୟ ସୁବିଖ୍ୟାତ ଡେପୋଟୀ କଲେକ୍ଟର ମୃତବାବୁ ରାମପ୍ରସାଦ ରାୟଙ୍କ ପୁତ୍ର ଅଟନ୍ତି ଓ ମାମଲା ମକଦ୍ଦମା କରିବାରେ ବିଖ୍ୟାତ । ସାଧୁ ସାହୁ ନାମକ ବଣିଆ ବାବୁଙ୍କର ନିକଟସ୍ଥ ପ୍ରତିବାସୀ ଓ ପ୍ରଜା ଅଟେ । ସେ ଆପଣାର ଭାର୍ଯ୍ୟାକୁ ବଧ କରିଅଛି ତହିଁର ବୃତ୍ତାନ୍ତ ସାଧୁ କହେ କି ମୁଁ ଖୋରଧାରେ ଅଳଙ୍କାର ପ୍ରସ୍ତୁତ କରିବାରେ ନିଯୁକ୍ତ ରହିଥିଲି, ଗ୍ରହମାସ ହେଲା ଘରକୁ ଆସି ଭାର୍ଯ୍ୟାଠାରୁ ଶୁଣିଲି ଯେ ସୀତାନାଥ ତାହାର ସତୀତ୍ୱ ନଷ୍ଟ କରିଅଛି, ଓ ତାହାଠାରୁ ସର୍ବଦା ଗତାୟାତ କରୁଛି ଓ ତାହାର ପୁଣି ରଘୁଆ ସଙ୍ଗେ ଅସ୍ୱାଭାବିକ ଅପରାଧ କରୁଛି । ସେ ମୋହର ଜମିଦାର ଧନୀ ଓ ବଡ଼ଦୁଷ୍ଟ ଲୋକ ଅଟେ ଓ ତାକୁ ସେ ଅଞ୍ଚଳର ସମସ୍ତେ ଭୟ କରନ୍ତି । ମୁଁ ଅତି ଦୁଃଖୀ, ଓ ତାହା ସଙ୍ଗେ ମାମଲା କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ଥିବାରୁ ସୁଯୋଗ ପାଇଲେ ତାକୁ ବଧ କରିବାର ନିମିତ୍ତ ଖଣ୍ଡେ କଟୁରି ପଜାଇ ରଖିଲି ମାତ୍ର ସୁଯୋଗ ପାଇଲି ନାହିଁ । ତହୁଁ ସପରିବାରେ ପଳାଇବାର ବିଚାରିଲି କିନ୍ତୁ ସୀତାନାଥ ଏହା ଜାଣିପାରି ଜ ୪ ଣ ପ୍ରହରୀ ଜଗାଇଲା, ଅତଏବ ମୁଁ ପରିବାର ନେଇ ପଳାଇ ପାରିଲି ନାହିଁ । ସେ ମଧ୍ୟ ବହୁ ଛଳନାରେ ତାହାର ବୈଠକଖାନାରେ ଅଟକାଇ ଅବା ବହୁ କାର୍ଯ୍ୟରେ ପଠାଇ ମୋହର ଭାର୍ଯ୍ୟାଠାକୁ ଗତାୟାତ କଲା ଏହା ମୁଁ ସହି ନ ପାରି

Split by PDF Splitter

Digitized by srujanika@gmail.com

ଏ ମାସ ତା ୧ ରାତ୍ରରେ ଭାର୍ଯ୍ୟା ସହିତ ପ୍ରସ୍ତାବ କଲ କ କାଲି ମୁଁ କଟକରୁ ପଳାଇବ ତୁ ପଶ୍ଚାତ୍ ସେଠାକୁ ଯିବୁ । ଏ କଥା ମୋ ପୁତ୍ର ଜାଣି ସାର ସୀତାନାଥଙ୍କୁ କହିବାରେ ସେ ମୋ ଉପରେ ବଡ଼ କ୍ରୋଧିତହୋଇ ଟ ୬୦ ଙ୍କାର ଜାମିନ ଚାହିଁବ କଲା ଓ ମୁଁ ଜାମିନ ଦେଇ ନ ପାରିବାରୁ ମୋତେ ଏକ ଘରେ ଘରୁ ବାହାରି ଦିଆଗଲା । ମୁଁ ଏଥିରେ ଅସମ୍ମତ ହୁଅନ୍ତେ ତାହାର ଶୁଣି ପ୍ରହରଙ୍କ ସମୟରେ ମୋତେ ଧରି ଆଣି ତାହା ବୈଠକଖାନାରେ ବନ୍ଦକରି ମୋହର ଭାର୍ଯ୍ୟା ଠାକୁ ଗଲା । ସ୍ତ୍ରୀ ଅଳ୍ପ ବାଙ୍ଗ ଥାଇଁ ଫେର ଆସି ମତେ କହିଲା ତୁ ଯେପରି ନ ଗଲୁ ସେପରି ତୋତେ ଏଠାରେ ବସାଇ ତୋହ ଭାର୍ଯ୍ୟାସଙ୍ଗେ ଶୋଇ କରି ଆସିଲି ତୁ ଏବେ କଣ କରିବୁ କର ଏହା କହି ମୋତେ ଛାଡିଦେଲା ଏତେ କଦର୍ଯ୍ୟ ଓ ଲଜ୍ଜାକଥା ଶୁଣି ସନ୍ଧ୍ୟାରେ ଘରକୁ ଯାଇ ପ୍ରାତଃକାଳେ ଭାର୍ଯ୍ୟାକୁ କହିଲି ମୋ ଦୋକାନର ସବୁ ସବୁ ଦେ ମୁଁ ଦେଶାନ୍ତର ଯିବ ଅଉ ଏ ରାଜ୍ୟରେ ରହିବ ନାହିଁ । ସେ ସବୁ ଓ ଗୋଟାଏ ବାଲାପିଲ୍ଲା ଆଣି ଜେଣ୍ଡର ଘଟନାକୁ ଉଲ୍ଲେଖ କରି କହିଲା ନାଥ ତୁମ୍ଭେ ଥାଇଁ ମୋର ଏପରି ଦୁର୍ଦ୍ଦଶା ତୁମ୍ଭେ ବଡଦେଶ ଗଲେ ସେ ଦୁଷ୍ଟପାପିଷ୍ଠ ମୋତେ ଅଭ ଦହଦହା କରିବ ଅଉ ମୁଁ ଜୀବନ ରଖି ପାରିବଇ ? ଏହା କହି ମତେ କୁଣ୍ଢାଇ କାନ୍ଦିଲା ଓ ମୁଁ ମଧ୍ୟ ତାକୁ କୁଣ୍ଢାଇ କାନ୍ଦିଲି ସେହିଁବେଳେ ମୋ ମନେ ଉଦୟ ହେଲା କ ଅମ୍ଭ ଦୁହିଁଙ୍କ ଜୀବନ ଗଲେ ଭଲ ଏହାକୁ ମାରି ପଶି ଜେଲ ଅଭ ବାଗ୍ଦରେ ଦୁହେଁ ମୁହିଁ ଦେଖାଇବୁ ନାହିଁ । ଏହା ପାଇଁ ସେହି ଛୁରୀରେ ଭାର୍ଯ୍ୟାର ଗଳାରେ ଆଘାତ କଲି । ସେତେବେଳେ ସେ ମୋହର ଜେଷ୍ଠ ଦୁଗ୍ଧପୋଷ୍ୟ ଶିଶୁକୁ ସ୍ତନପାନ କରାଉଥିଲା ତାକୁ ପକାଇ ଦେଇ ଛିଡ଼ା ହୋଇ ଗଲା । ସେ, ସେ ପିଲ ଓ ଅନ୍ୟ ପିଲଟିଏ କାନ୍ଦ ରଡ ଛାଡିଲେ ତନ୍ତୁ ମୁଁ ସେ ଘଡ଼ା କଟୁରିକୁ ଆଣି ସ୍ତ୍ରୀର ମସ୍ତକରେ ପ୍ରହାର ଦେବାରୁ ସେ ଅଚେତନ ହୋଇ ପଡ଼ିଲା ।

ପୁଲିସ ଏଥିର ସମାଦ ପାଇ ସାଧୁକୁ ଧରି କଲେ ଓ ସ୍ତ୍ରୀକ ଡାକ୍ତରଖାନାକୁ ପଠାଇଲେ ମାତ୍ର ସେ ତିନ ଦିନେ ପଞ୍ଚତ୍ୱ ପାଇଲା । ସାଧୁ ପୁଲିସରେ ଓ ଡେପୁଟିମାଜିଷ୍ଟ୍ରେଟଙ୍କଠାରେ ଉପର୍ଯ୍ୟୁକ୍ତମତେ ଅପରାଧ ସ୍ୱୀକାର କଲା ଓ ସୀତାନାଥ ନାମରେ ବ୍ୟଭିଚାର ଓ ଅସ୍ବାଭାବିକ ଅପରାଧର ଗୁଡ଼ାର କରିବାକୁ ଚାହିଁବାରୁ ମେଜିଷ୍ଟ୍ରେଟ ସାହେବ ଗତ ସୋମବାର ତାହାର ଛଡ଼ାର ନେଇ ସୀତାନାଥ ଉପରେ ୱାରେଣ୍ଟ ଜାରି କଲେ । ସେ ଉଚ୍ଚ ଅର ଦନ ମୁକ୍ତାମିସରଠାରେ ଲୁଚ୍ଛାଇଲ ଅବସ୍ଥାରେ ଧରା ପଡ଼ିଲା ପୁଲିସ ତାହାର ହାତରେ ହାତକଡି ଦେଇ ତାଙ୍କର ଆସାମିଙ୍କ ବସିବା ସ୍ଥାନରେ ବସାଇଲେ ଏହା ଦେଖିବାପାଇଁ ଅନେକ ଲୋକ ଜୁଟି ହେଲେ । ଏ ମୋକଦ୍ଦମା ସମାକ୍ଷ ବାରୁ ଡେପୁଟିମେଜିଷ୍ଟ୍ରେଟଙ୍କୁ ଅର୍ପିତ ହୋଇଥିବାରୁ ସେ ସାଧୁର ଇଜହାର ଓ ତାହାର ପୁତ୍ରର ସାକ୍ଷ୍ୟ ନେଇ ସୀତାନାଥଙ୍କୁ ହାଜତରେ ରଖିବାର ଆଜ୍ଞା ଦେଲେ । ମାତ୍ର ସେ ଜଜ ସାହେବଙ୍କଠାରେ ଆବେଦନ କରିବାରୁ ସାହେବ ପ୍ରଶଂସିତ ଜାମିନର ଆଜ୍ଞା ଦେଲେ ସୀତାନାଥ ଏକରାତ୍ର ଜେଲଖାନାରେ ରହି ଜାମିନରେ ଖଲାସ ପାଇଲା ।

ମୋକଦ୍ଦମା ବିଚାରାଧୀନ ଥିବାରୁ ସେ ସମ୍ବନ୍ଧରେ ଅମ୍ଭେମାନେ କିଛି କହି ନ ପାରୁଁ । ମାତ୍ର ସାଧୁ ଓ ତାହାର ପିଲାମାନେ ବର୍ତ୍ତମାନ ବଡ଼ ଅସହାୟ ଅବସ୍ଥାରେ ଅଛନ୍ତି । ସେମାନଙ୍କ ସାହାଯ୍ୟ କରିବାର ଆବଶ୍ୟକ । କଙ୍ଗାଳରେ ଦୁର୍ଭିକ୍ଷଗ୍ରସ୍ତ ଲୋକ ପାଇଁ ଯେପରି ଚାନ୍ଦା ଉଠିଥିଲା ଓ ଲୋକେ ସାହାଯ୍ୟ କରିଥିଲେ ସେପରି କ ଏଠାରେ ହେବ ନାହିଁ ! ଦୁଃଖି ସାଧୁ ଓ ତାହାର ପିଲାମାନେ କ ଦୟାର ପାତ୍ର ନୁହନ୍ତି ? ଅମ୍ଭମାନଙ୍କ ବିବେଚନାରେ ସେମାନଙ୍କ ପ୍ରତି ସର୍ବସାଧାରଣର ସମ୍ପୂର୍ଣ୍ଣ ଦୟା କରିବାର ଅବଶ୍ୟକ ବିଶେଷତଃ ପିଲାମାନଙ୍କ ପ୍ରତିପୋଷଣ ଓ ମୋକଦ୍ଦମାର ଖର୍ଚ୍ଚ ସକାଶେ ଚାନ୍ଦା ଦେବାର ଉଚିତ । ବିନା ବ୍ୟୟରେ ମୋକଦ୍ଦମାରେ ବହୁତ ଉପାୟ ହୋଇ ପାରିବ ନାହିଁ । ସୀତାନାଥ ତୁଇ ଜଣ ବଡ଼ କାଉନ୍ସିଲ ନିଯୁକ୍ତ କରିଅଛନ୍ତି ସାଧୁର ମନ୍ତ୍ରୀ ନ ହେଲେ କିପରି ନ୍ୟାୟବିଚାର ହେବ । କେହି ଓକିଲ ମୁକ୍ତାର କ ତାହା ପ୍ରତି ଦୟା କରିବେ ନାହିଁ ? ଅମ୍ଭେମାନେ ଭରସା କରୁଁ ଯଥା ଓ ଉଦାର ବ୍ୟକ୍ତିମାନେ ଓ ସଭା ସମିତିମାନେ ଏ ବିଷୟର ଉଚିତ ଉପାୟ କରିବାକୁ ଅଗ୍ରସର ହେବେ । କେହି ଅମ୍ଭମାନଙ୍କ ଠାକୁ ଚାନ୍ଦା ପଠାଇଦେବେ ଅମ୍ଭେମାନେ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛୁଁ ।

---

# ସାପ୍ତାହିକ ସଂବାଦ ।

## କଲିକତା ଗେଜେଟ ।

କଟକର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଫ, ଜେ, ମୋନହାମ ସାହେବ ବାବୁ ଯୋଗୀନ୍ଦ୍ରନାଥ ଦତ୍ତଙ୍କ ଅନୁପସ୍ଥିତ ସମୟରେ ଅବା ଅନ୍ୟ ଆଜ୍ଞା ପର୍ଯ୍ୟନ୍ତ ଯାଜପୁର ତହସିଲ ସ୍ୱର୍ଣରେ ଥିବେ ।

ସନ ୧୮୮୭ସାଲ ଅ ୧୪ ଜାନୁଆରୀ କଟକ ଡାଫରିନ୍ ମିସନର ରେଭରେଣ୍ଡ ଟମ୍ସ ବେଇଲି ସାହେବ ଶ୍ରୀ ବିଷ୍ଣୁମାନଙ୍କ ବିବାହ ସମ୍ପାଦନ କରିବା ନିମନ୍ତେ ଲାଇସେନ୍ସ ପ୍ରାପ୍ତ ହେଲେ ।

ଅନୁଗୁଳ ମହାଲର ସର୍ଭେ ପାର୍ଟି ନେମ୍ବର ମିଃ ଭବର୍ଟ ଦ ପୁାର୍ଟ ସାହେବ ସର୍ଭେ ବିଭାଗର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟରେ ନିଯୁକ୍ତ ହେଲେ ।

ନିମ୍ନ ପ୍ରଦର୍ଶିତ ଜବସାରୁ ଏଠା ଓଡ଼ିଶାର ଜେଲଖାନାମାନଙ୍କରେ ସବୁ କଏଦିମାନଙ୍କର ସନ ୧୮୮୬ସାଲରେ କେତେ ମୃତ୍ୟୁ ମୁଖରେ ପତିତ ହେବା ଓ ତତ୍ପୂର୍ବବର୍ଷରେ କେତେ ମୃତ୍ୟୁଗ୍ରାସରେ ପତିତ ହେବାର ପ୍ରକାଶ ହେବ ।

| [illegible] | ଜେଲଖାନା । | ସନ ୧୮୮୫ସାଲର ହଜାରକୁ ମୃତ୍ୟୁ ସଂଖ୍ୟା । | ସନ ୧୮୮୫ସାଲର ମୃତ୍ୟୁ ସଂଖ୍ୟା । | ସନ ୧୮୮୬ସାଲର ହଜାରକୁ ମୃତ୍ୟୁ ସଂଖ୍ୟା । | ସନ ୧୮୮୬ସାଲର ମୃତ୍ୟୁ ସଂଖ୍ୟା । |
|---|---|---|---|---|---|
| [illegible] | କଟକ | [illegible] | [illegible] | [illegible] | [illegible] |
| [illegible] | ପୁରୀ | [illegible] | [illegible] | [illegible] | [illegible] |
| [illegible] | ବାଲେଶ୍ୱର | [illegible] | [illegible] | [illegible] | [illegible] |

ଦେଶୀୟଶିକ୍ଷିତ ନବଯୁବକମାନେ ଯେ ପୂର୍ବକାଳେ ତ ୧ ଶ ମୃତ୍ୟୁ ସର ବୟସରେ ବୋର୍ଡ ର ୮ ଶ ମର ସାଧାରଣ ଏବର୍ତ୍ତନ ପର ପୂର୍ବବିଶ୍ୱାସେଣ ସମ୍ଭୋଗଜନକ ବୋଧ ହୁଏ ।

ଅଣ୍ଟାପଦା-ଯାଜପୁର ବନ୍ଦରର ଅସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ଜି ବି ସ୍ମାଲେନ ସାହେବ ଜମ୍ମୁ ସେନାନ ବୃତ୍ତାନ୍ତି ଏଥିରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

Split by PDF Splitter

Digitized by srujanika@gmail.com

Split by PDF Splitter

58



## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ
ମହୋଦୟ ସମୀପେଷୁ ।—

ମହାଶୟ !

ନିମ୍ନଲିଖିତ ପଦ୍ୟଟିକୁ ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାରେ ସ୍ଥାନଦାନ ଦେଇ ବାଧିତ କରାଇବା ହେବ ।

ରଣପୁର କଥା ଅଧିପତିଜନଙ୍କ ନାଗରୀ ।
କାର୍ଯ୍ୟେ ପ୍ରଚାଳନ ଅତନ ସୀମା ନୂତନ କଲା ॥
ସ୍ୱଦେଶୀ ବିଦେଶୀ ସ୍ୱଜନ ବନ୍ଧୁ ବାନ୍ଧବ ମିଳ ।
ହାରକ ବଧି ପ୍ରତିନିଧି କରିଥିଲେ ସର୍ଜନ ॥
ମାଘ ଶୁକ୍ଳପକ୍ଷ ସପ୍ତମୀ ଅବଧିରେ ହିତନ ।
ମହା ମହୋତ୍ସବ ଆରମ୍ଭ ହୋଇଥିଲା ଶୋଭନ ॥
ସଭା ଶୋଭାରେ ମନ ଲୋଭି ନୋହୁଅଛି କାହାର
ସ୍ୱୟଂ ମନ୍ଦିରର ମଣ୍ଡାଇ ଥିଲେ ଯା କନେକର ॥
ମକରକୁଣ୍ଡଳୀ ବ୍ରାହ୍ମଣଗଣ ସାମନ୍ତ ପାତ୍ର ।
ଷଡ୍‌ଯନ୍ତ୍ରରେ ଫସାଇ ଥିଲ ସକଟି ଗାତ୍ର ॥
ନନ୍ଦି ପ୍ରଭୃତିନ ମଣ୍ଡଳୁ ତହିଁ ହେଲା ପ୍ରକାଶ ।
ଦର୍ଶକମାନେ ମନେ ଭଲେ ଧନ୍ୟ ଏହାଙ୍କ ଯଶ ॥
ବଙ୍ଗୀୟ ଢେଙ୍କାଳୀ ଆରମ୍ଭ କାବ୍ୟ ନାଦ ସହିତ
ଦଗ ମଣ୍ଡଳ ସହିତରେ ବ୍ୟାପି ଥିଲା ଗଗନ ॥
କୋଠ ହେଲା ରଣପୁରର ଅତି ବଢିଲା ମାନ ।
ମଙ୍ଗଳ ଗାନେ ନାଚମାନେ କଲେ ଅମୃତ ପାନ ॥
ଦୁଃଖୀ ଦରିଦ୍ର କର୍ମଶୂନ୍ୟ ମିଶି ବନ୍ଧୁ ସ୍ୱଜନ ।
ଯଥା ବିଧାନରେ ନବୀନ ବସ୍ତ୍ର କଲେ ପ୍ରଦାନ ॥
ଚର୍ବ୍ୟ ଚୋଷ୍ୟ ଲେହ୍ୟ ପେୟାଦଶାଦ୍ୟ ଥିଲା ସଞ୍ଚିତ
ଭୁଞ୍ଜିଭୂତ ଲୋକ ବହୁତ ଖାଇ ହୋଇଲେ ତୃପ୍ତ ॥
ଦେବଯାନ ସ୍ୱୟଂ ତରତର ହୋଇ ଯାତକ କୋଟି
ଅନ୍ନ ବସ୍ତ୍ର ପାଇ ଉତ୍କଳଜନେ ହୋଇଲେ ଖୁସି ।
ନିମିତ୍ତେ ଆମନ୍ତ୍ରିତ ଯେତେ ସଜ୍ଜନରେ ପୂଜିତ ।
ମନ୍ତ୍ରୀ ଦେବଶାବାହନରେ ହେଲେ ଭୋଗୀ ବର୍ଣ୍ଣିତ
ନାଟଶାଳାଟିର ମଣ୍ଡନ ବଢ ବଳ ନୟନ ।
କଣ୍ଟକୀ ବାଉଗରମାନେ ହୋଇଥିଲେ ଆହ୍ଲାଦ ॥
ଅଗ୍ନିବାଣ ସ୍ୱେଚ୍ଛାରେ ଜ୍ୱଳିତ ଗଗନ ।
ଦର୍ଶକ ହେଲେ ଉର୍ଦ୍ଧ୍ୱମୁଖ ଏଣେ ହୋଇ ମଗନ ॥
ସପ୍ତାହରେ କର୍ମ ସକଳ ସମାଧାନ ହୋଇଲା ।
ଉପଯୁକ୍ତ କାର୍ଯ୍ୟେ କାହିଁ ଜଣ ଦଢ ଦେଖାନ ଗଲା ॥
କାର୍ଯ୍ୟଦକ୍ଷ କର୍ମଶ୍ରେଷ୍ଠେ ରକ୍ଷି କର୍ମ ସଫଳ ।
ନିର୍ବିଘ୍ନେ ନିଜ ନିଜ ଘର କରାଇଲେ ପ୍ରଭୁନ ॥
ଆଜପର୍ଯ୍ୟନ୍ତ ଏ ବିଷୟରେ ନମିତ୍ତର ଶୃଙ୍ଖଳ ।
ଏପରି ହୋଇ ଯେ ନ ଥିଲା ଲୋକମୁଖେ ଚହଳ
ବଙ୍ଗୀୟ ଭୟ ବହଧାନ ବିଷ୍ଟ ଜାଗରେ ଦେଖି ।
ଦେଶୀୟଜନମାନେ ହେଲେ ଅତିଶୟରେ ସୁଖୀ ॥

ରଣପୁର } ବଶମ୍ବଦ
୫।୨।୮୭ } ଶ୍ରୀ ବାଳକୃଷ୍ଣମହାପାତ୍ର
ହେ: ମାଷ୍ଟର

---

ମହାଶୟ

ଗତମାସ ତା ୨୯ ରଖ ଦୀପିକାରେ ଜଣେ ପତ୍ରପ୍ରେରକ ଲେଖିଥିଲେ ଯେ "ଅଛନ୍ତି" ପରିବର୍ତ୍ତେ "ଛନ୍ତି" ଶବ୍ଦ ବ୍ୟବହାର ହୋଇବ ଏହାର ନିମ୍ନଲିଖିତ କାରଣ ଅନୁଗ୍ରହକରି ପାଠକମାନଙ୍କୁ ଜଣାଇଲେ ଏହାଯୁକ୍ତ କି ଅଯୁକ୍ତ ସେମାନେ ବିଚାର କରିବେ ।

ଭାଷା ଦୁଇପ୍ରକାର କଥିତ ଓ ଲିଖିତ ।

ଏହି ଭାଷାର ବଇନାନ ନ ରହିଲେ ଗୋଟିଏ ଅନ୍ୟଟିଠାରୁ ଅବଗଣୀୟ ହେବ ନାହିଁ । ଏହେତୁ ଅଛି, ଅଛ ଇତ୍ୟାଦି ଲିଖିତ ଭାଷାରେ ଓ ଛି, ଛ ଇତ୍ୟାଦି କଥିତ ଭାଷାରେ ପ୍ରୟୋଗ ହୁଅଇ; ପୁଣି ଯାହା ଅଳ୍ପସମୟରେ ଓ ଅଳ୍ପ ପରିଶ୍ରମରେ ସାଧିତ ହୁଅଇ ତାହା ସୁନ୍ଦର ହୁଅଇ ନାହିଁ, ଏହି କାରଣରୁ ଛି, ଛ ଅପେକ୍ଷା ଅଛି, ଅଛ ଅଧିକ ସୁଶ୍ରାବ୍ୟ । କେବଳ ଏହି ଯୁକ୍ତିଟି ଅମ୍ଭେମାନେ ଘରେ ରହିପାରୁ ମାତ୍ର କାହାରିକୁ ବାହାରିବା ସମୟରେ ଦୁଇଖଣ୍ଡ ଅଥବା ଅଧିକ ବସ୍ତ୍ର ଆବଶ୍ୟକ ହୁଏ ଏହି ନିମନ୍ତେ କଥିତଭାଷାରେ ଛି, ଛ ଓ ଲିଖିତଭାଷାରେ ଅଛି, ଅଛ ବ୍ୟବହାର ହୋଇ ଆସୁଅଛି । କାରଣ ଯେ କଥିତଭାଷା ଘରେ ରହିଲା ପରି ପରିଷ୍କାରେ ବ୍ୟବହୃତ ହୁଅଇ ଓ ଏହା ମଧ୍ୟ ଅଳ୍ପ ସମୟରେ ବିସ୍ମରଣ ହୁଅଇ ମାତ୍ର ଲିଖିତଭାଷା ଏପରି ନୁହଇ । ଏହା ବହୁକାଳବ୍ୟାପି ସମାଜରେ ଅବସ୍ଥିତ କରଇ । ମାତ୍ର ଲକ୍ଷ ସାଧାରଣଙ୍କ ଦୃଷ୍ଟିରେ ସାମାନ୍ୟ ବୋଲି କେହି ଗ୍ରାହ୍ୟ କରନ୍ତି ନାହିଁ ମାତ୍ର ଅକ୍ଷରଗଣିତ ଅଭିଜ୍ଞ ଅଧିକ (ସ୍ୱଦେଶଭକ୍ତ ଗର୍ହିତ) ସ୍ୱତନ୍ତ୍ର ମାତ୍ରା ଲଘୁର ଅନେକ ଅପେକ୍ଷା ଅଧିକରେ ଅନେକ ଅନୁଭବ କରନ୍ତି ସନ୍ଦେହ ନାହିଁ କିନ୍ତୁ ସାଧାରଣଙ୍କ ମନରେ ଉକ୍ତ ଅନେକ କଦାପି ଉଦୟ ହେବ ନାହିଁ । କଥିତଭାଷା ଅବଗଣୀୟ ଅଟେ ପରନ୍ତୁ ଯେଉଁଲୋକ ଅଧ୍ୟାପକଙ୍କର ପ୍ରିୟ ତାହାଠାରେ ଉକ୍ତ ଭାଷା ପ୍ରୟୋଗ କଲେ କୌଣସି କ୍ଷତି ନାହିଁ ବରଂ ସୁନ୍ଦର ବିଷୟ ଅଟେ । ମାତ୍ର ଜଗତର ସମସ୍ତଲୋକ ଅମ୍ଭମାନଙ୍କର ପ୍ରିୟ ନୁହନ୍ତି । କଥିତଭାଷା ପ୍ରୟୋଗକର ସେମାନଙ୍କ ଠାରେ କାହୁଁ ପ୍ରଶଂସନୀୟ ହେବା । ସାଧାରଣର ପ୍ରଶଂସା ଲାଭ କରିବାକୁ ଯେ ଅଭିଳାଷ କରେ ସେ ଭାଷାକୁ ଉତ୍ତମରୂପେ ସଜ୍ଜିତ କରିବାକୁ ସାଧ୍ୟମତେ ଚେଷ୍ଟା କରେ; ଏହି ଭାଷାକୁ ଲିଖିତଭାଷା ବୋଲି ଓ ଏଥିରେ ଅଛନ୍ତି, ଅଛି ଇତ୍ୟାଦି ପ୍ରୟୋଗ ହୁଅଇ ।

କେନ୍ଦ୍ରାପଡ଼ା } ବଶମ୍ବଦ
୫-୨-୮୭ } ଶ୍ରୀ———

---

ମହାଶୟ !

ଗତମାସ ତା ୮ ରଖ ଉତ୍କଳଦୀପିକାର ପୃ ୧୩ ସ୍ଥାନରେ ହିନ୍ଦୁଧର୍ମଶାସ୍ତ୍ରର ଅନୁକୂଳରେ ଯେଉଁ ପ୍ରେରିତ ପତ୍ରଖଣ୍ଡି ପ୍ରକାଶିତ ହୋଇଅଛି; ତହିଁ ସମ୍ପର୍କରେ କିଛି ନ କହି ଶାନ୍ତ ରହିପାରୁ ନାହୁଁ । ଲେଖକ ଲେଖିଅଛନ୍ତି ଯେ; "କୌଣସି ମନୁଷ୍ୟର ବସ୍ତୁଲିଖିତ ଗ୍ରନ୍ଥକୁ କିମ୍ବା ମୁଖବିନିଃସୃତ ବାକ୍ୟକୁ ଅମ୍ଭେମାନେ ଅଭ୍ରାନ୍ତ ପାଷ୍ଟରୀକାଲ୍ ବିଶ୍ୱାସ କରୁଁ ନା, ପୁଣି ଏପରି ସ୍ୱୀକାର କରିବାକୁ ବ୍ୟୁତ୍ପନ୍ନ ପାପକାର୍ଯ୍ୟ ବୋଲି ବିଶ୍ୱାସ କରୁଁ" ଏହି ଉକ୍ତିର ସମର୍ଥନ କରିବା ଅଭିପ୍ରାୟରେ ଲେଖକ ଗୋଟିଏ ପ୍ରମାଣବଚନ ତହିଁ ନିମ୍ନରେ ଉଦ୍ଧାର କରିଅଛନ୍ତି ଅନୁମାନ ଯେ ତାହା କୌଣସି ଧର୍ମଗ୍ରନ୍ଥରୁ ଉଦ୍ଧୃତ; କିନ୍ତୁ ବୋଧହୁଅଇ ସେହି ଗ୍ରନ୍ଥ କୌଣସି ମନୁଷ୍ୟକୃତ, କିମ୍ବା ମୁଖବିନିଃସୃତ ନୁହଇ; ତାହା ହେଲେ ଲେଖକ ତାହା ବଚନରେ ବିଶ୍ୱାସ କରିପାରନ୍ତେ କି? । ଯାହା ହେଉ ଉପରୋକ୍ତ ଉକ୍ତିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ; ଲେଖକ କୌଣସି ବ୍ରାହ୍ମଣାଦିରେ କିମ୍ବା ମହାପୁରୁଷଙ୍କ ଉପଦେଶବାକ୍ୟରେ ବିଶ୍ୱାସ କରିବାକୁ ପାପକାର୍ଯ୍ୟ ମନେ କରନ୍ତି, ତାହା ହେଲେ କେଉଁ ଉପାୟରେ ଲେଖକ ବ୍ରାହ୍ମଧର୍ମର ପକ୍ଷପାତୀ ହୋଇଅଛନ୍ତି ତାହା ଆମ୍ଭେ ବୁଝିପାରିଲୁଁ ନାହିଁ ।

ପୁନଶ୍ଚ ପ୍ରଦର୍ଶିତ ପ୍ରମାଣର "ବିଶ୍ୱାସୋ ଧର୍ମମୂଳଂ ହି" ଏହି ବାକ୍ୟର ବ୍ୟାଖ୍ୟା ଲେଖକ ଲେଖି ନାହାନ୍ତି । ତଥାପି ତାହାର ତାତ୍ପର୍ଯ୍ୟ ନିମ୍ନଲିଖିତ ରୂପେ ବୋଧଗମ୍ୟ ହୋଇପାରେ ଯଥା- ବିଶ୍ୱାସରୂପ ମୂଳର ଅଭାବରେ ଧର୍ମରୂପ

Digitized by srujanika@gmail.com

ଦୃଶ୍ୟ ଅଙ୍କ ରୂପ ରେ ନାହିଁ; କିନ୍ତୁ ତଦ୍ଧ୍ୟାସର ସ୍ୱରୂପ ବୁଝାଇଦେବାକୁ ଲେଖକ ପ୍ରୟାସୀ ହେବେ ।

୬ ଯଥା "ସତ୍ୟଂ ଶାସ୍ତ୍ରମନଶ୍ୱରଂ" ଲେଖକ କହି ଅଛନ୍ତି ଯେ, ସତ୍ୟଭିନ୍ନ ଶାସ୍ତ୍ର ନାହିଁ କିନ୍ତୁ ଆମ୍ଭ ମତରେ ଯେଉଁ ଗ୍ରନ୍ଥ ମନୁଷ୍ୟର ମନୋମଧ୍ୟୀ ପ୍ରବୃତ୍ତିର ଶାସକ, ଅର୍ଥାତ ଯାହା, ମନୁଷ୍ୟମାନଙ୍କର କର୍ତ୍ତବ୍ୟକାର୍ଯ୍ୟରେ ପ୍ରବୃତ୍ତି, ଏବଂ ଅକର୍ତ୍ତବ୍ୟରେ ନିବୃତ୍ତି ଜନ୍ମାଇବାକୁ ଉପଯୁକ୍ତ, ଅଥଚ ଇଦଂ କର୍ତ୍ତବ୍ୟଂ; ନେଦଂ କର୍ତ୍ତବ୍ୟ; ଇତ୍ୟାଦ ଉପଦେଶମୟ, ଏପରି ଗ୍ରନ୍ଥକୁ ଆମ୍ଭେମାନେ ଶାସ୍ତ୍ରବୋଲି ବ୍ୟକ୍ତ କରୁ । ଦ୍ୱିତ୍ତଶାସ୍ତ୍ର ପୁଣି ନାନାଶ୍ରେଣୀରେ ବିଭକ୍ତ, ଯାହା ଲେଖିବାର ପ୍ରୟୋଜନ ନାହିଁ । କିନ୍ତୁ ଏତିକି କହିଲେ ଯଥେଷ୍ଟ ହେବ ଯେ, ଯେଉଁ ଶାସ୍ତ୍ର ସତ୍ୟରୂପେ ପରିଣତ, ତାହାହିଁ ଅବିନଶ୍ୱର, ଅର୍ଥାତ ସତ୍ୟ ଶାସ୍ତ୍ରବୋଲି ବ୍ୟବହୃତ ଯଥା- ବେଦ; । ଇତ୍ୟଂନ୍ରମଣଃ ।

| | |
|---|---|
| ୨୪।୧।୮୭ | ଶ୍ରୀ |
| ଶାନ୍ତିନରସିଂହପୁର | ଉଣେ |

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗୌରମୋହନ ସିଂହ | କଟକ | ବକେୟା | ଟ ୬ |
| „ ନନ୍ଦଉଦ୍ଧବ ମହାନ୍ତି | „ | „ | ଟ ୧ |
| „ ଦ୍ୱାରକାନାଥ ଚକ୍ରବର୍ତ୍ତୀ | „ | „ | ଟ ୨ |
| „ ହରମୋହନ ସିଂହ | „ | „ | ଟ ୬ |
| „ ଗୋକୁଳାନନ୍ଦ ଚୌଧୁରି | „ | „ | ଟ ୬ |
| „ ଉଦ୍ଧବଚରଣ ମହାନ୍ତି | „ | ଅଗ୍ରୀମ | ଟ ୬ |
| „ ରାଧାବିନୋଦ ବସୁ | „ | „ | ଟ ୧୨ |
| „ ମଧୁ ସୂଦନ | „ | ବକେୟା | ଟ ୧ |
| ରାଜା ହରିହର ବାହାଦୂର | ବକେୟା ଓ ଅଗ୍ରୀମ | | ଟ ୩।୶୧ |
| ବାବୁ ସଦାଶିବାନନ୍ଦ ଭୂତପୂର୍ବ ଦେୱାନ ସିଂହପୁର | „ | | ଟ ୩ |
| „ ତ୍ରୈଲୋକ୍ୟଚନ୍ଦ୍ରସିଂହ ଦେହୁରଡା | „ | | ଟ ୩ |
| „ ସୋମନାଥ ମହାନ୍ତି ଯାଜପୁର | „ | | ଟ ୩ |
| ମୁନସି ଏହସାନଅଲି | କଟକ | „ | ଟ ୩ |
| ବାବୁ ସାରବନ୍ଧୁ ମିଶ୍ର | ଭୁବନେଶ୍ୱର | „ | ଟ ୩ |


## ବି ଜ୍ଞା ପ ନ ।

ବିଶେଷ ଦ୍ରଷ୍ଟବ୍ୟ । ବିଶେଷ ଦ୍ରଷ୍ଟବ୍ୟ !!

ବିଶେଷ ଦ୍ରଷ୍ଟବ୍ୟ !!!

ରାଜା କୃଷ୍ଣସିଂହଙ୍କ କୃତ

# ମହାଭାରତ ।

—•ଠ•—

ମହାଭାରତ ଯେ କେମନ୍ତ ପରମାଦରଣୀୟ ଗ୍ରନ୍ଥ ଏହା ପ୍ରାୟ କୌଣସି ହିନ୍ଦୁମଣ୍ଡଳୀରେ ଅପ୍ରକାଶ୍ୟ ନାହିଁ । ଏ ମହାଗ୍ରନ୍ଥକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ କାମନାରେ ବିଶୁଦ୍ଧମାନସରେ ସତତଙ୍କର ଶ୍ରବଣ କରିବାର ପ୍ରଥା ଥିବା ପ୍ରତ୍ୟକ୍ଷେ କେବଳ ପ୍ରଧାନ୨ ଗୃହମାନଙ୍କ ଗୃହରେ ଏଥିର ଏକ୨ ସାର ଯତ୍ନପୂର୍ବକ ସଞ୍ଚିତ ହୋଇ ରହିଥିବାର ଲକ୍ଷିତ ହୁଏ । ଏଥିର ପୂର୍ଣ୍ଣ ଅଷ୍ଟାଦଶପର୍ବ ଲେଖାଇ ରଖିବା ଯେମନ୍ତ ସୁବ୍ୟୟହ ବ୍ୟାପାର ତେମନ୍ତ ବହୁବ୍ୟୟସାଧ୍ୟ । ସୁତରାଂ ଏଥିର ଅଭାବ ସାଧାରଣରେ ସର୍ବଦା ବିଦ୍ୟମାନ ରହିଅଛି ।

ଦେଶହିତୈଷୀ ବିଜ୍ଞ ଓ ଧନବାନଙ୍କ ସାହାଯ୍ୟ ବ୍ୟତିରେକେ ଏତଦଭାବ ନିବୃତ୍ତ ହେବାର ଉପାୟାନ୍ତର ନାହିଁ । ଏଥିପାଇଁ ଆମ୍ଭେମାନେ ଏକାବେଳକେ ସମସ୍ତ ବ୍ୟୟଭାର ବହନ କରିବାକୁ କାହାରିକି ଅନୁରୋଧ କରି ନ ପାରୁଁ କେବଳ ଏଥିର ମର୍ମଗ୍ରାହୀ ଓ ଅଭିଳାଷିଗଣ ଏଥିରୁ ଏକ୨ ସାର ଅନୁଗ୍ରହସହ ଗ୍ରହଣ କରିବା ବିଷୟରେ କୃତସଙ୍କଳ୍ପ ହେଲେ ଆମ୍ଭେମାନେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଅତି ସୁଲଭମୂଲ୍ୟରେ ସାଧାରଣଙ୍କୁ ଉକ୍ତ ଗ୍ରନ୍ଥ ଯୋଗାଇବା ବିଷୟରେ ଅଗ୍ରସର ହେଉ ।

ଏ ପ୍ରଦେଶରେ ଦୁଇପ୍ରକାର ମହାଭାରତ ପ୍ରଚଳିତ ଅଛି ଅର୍ଥାତ ଶାରଳାଦାସଙ୍କ କୃତ ଓ କୃଷ୍ଣସିଂହଙ୍କ କୃତ । ଶାରଳାଦାସ ମହାଭାରତଠାରୁ କୃଷ୍ଣସିଂହଙ୍କର ମହାଭାରତ ବୃହତ ଓ ଉତ୍କୃଷ୍ଟ, କାରଣ ଏହା ସଂସ୍କୃତମହାଭାରତରୁ ବିଶଦଭାଷାରେ ଅନୁବାଦିତ । ଏଥିର ଉଦ୍ଯୋଗପର୍ବରେ ଭଗବଦ୍‌ଗୀତା ସମ୍ପୂର୍ଣ୍ଣ, ଶାନ୍ତିପର୍ବରେ ରାଜଧର୍ମ, ଦାନଧର୍ମ, ମୋକ୍ଷଧର୍ମ ଓ ଶେଷଭାଗରେ ହରିବଂଶପର୍ବ ଇତ୍ୟାଦ ବହୁବିଧ ଉତ୍ତମ୨ ବିଷୟ ସନ୍ନିବିଷ୍ଟ ଅଛି । ଶାରଳାଦାସ ମହାଭାରତରେ ଏସବୁ ବିଷୟର ଖର୍ବତା ଲକ୍ଷିତ ହୁଏ । ଯେ ଏ ମହାଭାରତକୁ ଥରେ ମାତ୍ର ଶୁଣିଅଛନ୍ତି ବା ଶୁଣିବେ, ତାହାଙ୍କର ଶାରଳାଦାସ ମହାଭାରତ ଶ୍ରବଣରେ କଦାପି ତୃପ୍ତି ଜାତ ହେବ ନାହିଁ ଏଣୁକରି ଏହି ଉତ୍କୃଷ୍ଟଗ୍ରନ୍ଥକୁ ଛପା କରାଇବା ନିମନ୍ତେ ଆମ୍ଭେମାନେ ମନୋନୀତ କରିଅଛୁଁ ।

ଆମ୍ଭେମାନେ ଅନୁମାନ କରୁଁ କି ଏ ଗ୍ରନ୍ଥ ରଏଲ ଆଠପେଜି ଆଡ଼ାରେ ପ୍ରାୟ ୬୦୦ ରମ ଅର୍ଥାତ ପ୍ରାୟ ୪୮୦୦ ପୃଷ୍ଠା ହେବ ଏବଂ ସାଧ୍ୟମତ ଅଳ୍ପସମୟରେ ସମ୍ପୂର୍ଣ୍ଣ ପୁସ୍ତକ ଯୋଗାଇ ନ ପାରିଲେ ଗ୍ରାହକମାନଙ୍କର ତୃପ୍ତି ନ ହେବା ଦୃଷ୍ଟିରେ ପ୍ରତିମାସରେ ପ୍ରାୟ ୧୪୪ ପୃଷ୍ଠା ଲେଖାଏ ମୁଦ୍ରିତ କରି ନ୍ୟୂନାଧିକ ତିନି ବର୍ଷମଧ୍ୟରେ ପୁସ୍ତକ ସମ୍ପୂର୍ଣ୍ଣ କରିବାକୁ ସଙ୍କଳ୍ପ କରିଅଛୁଁ; ମାତ୍ର ଅନ୍ୟୂନ ଶହେ ଗ୍ରାହକ ନ ହେଲେ କାର୍ଯ୍ୟାରମ୍ଭ କରିପାରିବୁଁ ନାହିଁ । ଗ୍ରାହକମାନେ ଆପଣା୨ ସୁବିଧାକ୍ରମେ ତଳଲିଖିତ ନିୟମରେ ମୂଲ୍ୟ ଦେଇ ପାରିବେ ଯଥା;—

ଏଥିର ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ଅଗ୍ରିମମୂଲ୍ୟ

| | | | |
|---|---|---|---|
| ସହର ନିମିତ୍ତ | | | ଟ ୧୦ |
| ଡାକମାସୁଲ ସହିତ ମଫସଲ ନିମିତ୍ତ | | | ଟ ୧୫ |
| ତ୍ରୈମାସିକ ଅଗ୍ରିମ ମୂଲ୍ୟ | ଟ ୨୧ | ଡାକମାସୁଲ | ଟ ୦।୶ |
| ଷାଣ୍ମାସିକ | ଟ ୩୫ | „ | ଟ ୦।୶ |
| ବାର୍ଷିକ | ଟ ୬୧ | „ | ଟ ୦ ୩ |

ଏମନ୍ତ ସୁଲଭମୂଲ୍ୟରେ ଏ ବୃହତ ମହାଭାରତ ଲଭିବାର ସୁଯୋଗକୁ ବିଜ୍ଞ, ଧାର୍ମିକ ଓ ବିଦ୍ୟାର୍ଥୀ ବ୍ୟକ୍ତିମାତ୍ରକେ ଉପେକ୍ଷା ନ କରିବେ ଏହା ସେମାନଙ୍କଠାରେ ଏକାନ୍ତ ପ୍ରାର୍ଥନା ।

ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରିବେ ସେମାନେ ଆପଣା ନାମ, ଧାମ ଓ ଯେଉଁ ପ୍ରକାରେ ମୂଲ୍ୟ ଦେବାକୁ ପ୍ରସ୍ତୁତ ହେବେ ତାହା ଲେଖି ପଠାଇବେ । ଗ୍ରାହକ ସଂଖ୍ୟା ପୂର୍ଣ୍ଣ ହେବାର ଏକମାସ ଉତ୍ତାରୁ କାର୍ଯ୍ୟାରମ୍ଭ ହେବ ଏବଂ ତହିଁପୂର୍ବରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

ପ୍ରକାଶ ଥାଉ କି ଯେଉଁମାନେ ନ ୧୦ ଣ ଗ୍ରାହକଙ୍କର ଏକବର୍ଷର ମୂଲ୍ୟ ଅଗ୍ରିମ ଏକକାଳୀନ ଦାନକରିବେ ସେମାନଙ୍କ ନାମ ଏକନେଷ୍ଟ ଶ୍ରେଣୀଭୁକ୍ତ କରି ବିନା ମୂଲ୍ୟରେ ଏକବର୍ଷର ମହାଭାରତ ଦାନ କରିବୁଁ ।

ଏହି ମହାଭାରତସମ୍ପର୍କୀୟ ମୂଲ୍ୟ ଏବଂ ସମସ୍ତ ସମ୍ବାଦ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେଟେରୀ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ମାତ୍ର ରିପ୍ଲାଇ ଅର୍ଥାତ ଡବଲକାର୍ଡ ଅଥବା ଦୁଇପଇସିଆ ଡାକ ଟିକଟ ଏକଖଣ୍ଡ ନ ପଠାଇଲେ ଉତ୍ତର ଦିଆଯିବ ନାହିଁ । କମ୍ପା ବେରଂପତ୍ର ଗୃହୀତ ହେବ ନାହିଁ

| | |
|---|---|
| କଟକପ୍ରିଣ୍ଟିଂକମ୍ପାନି ଅଫିସ | ଶ୍ରୀହରିଗୀରଥୀସାଠିଆ |
| ଦରଘାବଜାର କଟକ | ପ୍ରକାଶକ |

Split by PDF Splitter



# ସତୀନାଟକ ।

ଅମୃତ ଏ ନାଟକର ପ୍ରସଙ୍ଗ ଏହି— କୌଣସି ରାଜା ତାଙ୍କ ପରମସୁନ୍ଦରୀ ଭାର୍ଯ୍ୟା ପ୍ରତି ଆସକ୍ତ ହେବାରୁ ସେ ସ୍ତ୍ରୀ ବୁଦ୍ଧିଚାତୁର୍ଯ୍ୟ ବଳ କୌଶଳରେ ଓ ଅନେକ କଷ୍ଟ ସହି ଆପଣା ସତୀତ୍ୱ ରକ୍ଷା କଲା ଓ ପରିଶେଷରେ ଅସହାୟ ଅବସ୍ଥାରେ ଆତ୍ମହତ୍ୟା କଲା । ପ୍ରସଙ୍ଗଟି ଅତି ମନୋରମ ଓ ରସଯୁକ୍ତ ଅଟଇ । ଏଥିରେ ଅନେକ ହିତୋପଦେଶ ଅଛି । ଏବଂ କେତେକ ଛନ୍ଦ ଓ ଗୀତମାନ ଦତ୍ତ ହୋଇଅଛି । ମୂଲ୍ୟ ଟ ୦।୵ ଅମ୍ଭଠାରେ ଓ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଶ୍ରୀ ଜଗବନ୍ଧୁ ...

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ବିକ୍ରୟ ହେଉଥିବା ନିମ୍ନଲିଖିତ ପୁସ୍ତକମାନଙ୍କର ମୂଲ୍ୟ କମି ହୋଇଅଛି । ଯଥା;—

| | |
|---|---|
| କାଞ୍ଚିକାବେରୀ ନାଟକ | ଟ ୦ । |
| ପ୍ରେମକଳା ( ଗାଥା ) | ଟ ୦ ୵ |
| ଶିଶୁପାଠ ୧ ମ ଭାଗ | ଟ ୦ । |
| „ ୨ ୟ ଭାଗ | ଟ ୦ । |
| „ ୩ ୟ ଭାଗ | ଟ ୦ ୳ |

# ମେହରୋଗ ।

ସଂସାରମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ଚଳୁଛି କେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉତ୍କଣ୍ଠା ଶୋଚନୀୟ ... ସାମାନ୍ୟ ଅର୍ଥବ୍ୟୟ ସହାୟେ ଜୀବନର ମାୟା ପରିତ୍ୟାଗ କରୁଅଛନ୍ତି ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ... ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷଅବସ୍ଥା ପର୍ଯ୍ୟନ୍ତ ରହିବ । ଶରୀର ... ନ ହେଲେ ... ଅନେକ ରୋଗୀ ଆରୋଗ୍ୟ ... ପ୍ରଶଂସାପତ୍ର ... ସେ ସମସ୍ତ ... ପୁସ୍ତକାକାରରେ ପ୍ରକାଶ ହେବ ... କଲିକତା ... ଟି, କେ, ସେନ୍ କମ୍ପାନୀଙ୍କଠାରେ ଏବଂ କଟକ

ଦରଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ... ଟଙ୍କା । ପ୍ୟାକିଂ ଓ ଡାକମାଶୁଲ ପୃଥକ୍ ।

# ବାଲିକାଗଜ ।

ଉଲ୍ଲିଖିତ ସସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋପୀନାଥଙ୍କର ସୁଯୋଗ ... ବାବୁ ... ବଜାରର ... କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୬ | ପଣ୍ଡି | କାଗଜ ... | ଦ ୧୶ ଟ ୵ |
| ୧୮ | ପଣ୍ଡି | „ | „ ଟ ୵ |
| ୨୨ | ପଣ୍ଡି | „ | „ ଟ ୵ |

କେତାରମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୋପୀନାଥଙ୍କର ... ଚୌଧୁରୀବଜାର ... ଅମ୍ଭମାନଙ୍କ ଦୋକାନରେ ... ଓ ... ଓ ... ଲୁଗା ଓ ... ଓ ... ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ... ଅଛି । ... ଅଛି କେତେକ ... ଜିନିଷମାନ ... ସହାୟେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ... ଖଣ୍ଡ ... ସହାୟେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ... କରିବାକୁ ଇଚ୍ଛିଲେ ... ବିକ୍ରୟ କରାଯିବ । ... ଖଣ୍ଡମାନ ବିକ୍ରୟ ହେବା ... ଅପଣା ... ସହାୟେ ... ପାଇବେ ... ଟ ୦।୵ ... ପାଇବେ । ... ଦେଲେ ... ମୂଲ୍ୟ ... ହେବାକୁ ହେବ ।

ତାଲିକା ।

... ସୁତ ... ଲାଗେ ।
... ଦେଇ ... ସୁନା ।
... ସୁତା ।
ପେନସିଲ କାଟିବା ଛୁରୀ ।
... ତଡ଼ା ... ଓ ...
... ସୂତା ।
... ସୂତା ।
... ସାବୁନ ।
... ଗୁଣା ।
... ଗୁଣା ।
... ପାଟ ... ସୂତା ।
... ସୂତା ।
... ଓ ...
... ଓ ... ପେନସିଲ ।
... ଖାତା ।
... ଜଗା ।
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
... ଟ ୦ ।୵
... ଓ ...
... ଖାତା ।
... ଓ ... ଜିନିଷ ।
... ଓ ...
... ସାବୁନ ।
... ଓ ...
... ଓ ... ଜଗା ।
... ପେନସିଲ ।
... ଓ ... ଖାତା ।
... ଚିଠି ... ଓ ...

ଅକ୍ଷୟବଟ ... କମ୍ପାନୀ

ଉତ୍କଳଦୀପିକାରେ ... ଦେବାର ... ନିୟମ ଯଥା—

ପ୍ରଥମଥର ... ଲାଗେ

| | |
|---|---|
| ... | ଟ ୦ ୵ |
| ... | ଟ ... |
| ... | ... |

... ପ୍ରକାଶ ... ।

... ଓ ... ।

... ।

... ।

ଶ୍ରୀ ... ଉତ୍କଳଦୀପିକା ... କଟକ ... ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

ISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୨ । ସଂଖ୍ୟା ୯ । ତା ୨୧ । ଚଇ ମାହେ ଫିବ୍ରୁଏରୀ ସନ ୧୮୮୭ ଇଂରାଜୀ । ମୃ ଫାଲ୍‌ଗୁନ ଦ ୧୨ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩।
ପଷ୍ଟେଜ ଦେୟ ଟ ୬/

ଶ୍ରୀମତୀ ଭାରତେଶ୍ୱରୀଙ୍କ ଜୁବିଲିଉତ୍ସବ ଉପଲକ୍ଷଣନିମନ୍ତେ କଲିକତାର ଇମ୍ପିରିଆଲ ଇନ୍‌ଷ୍ଟିଚ୍ୟୁଟ ନାମକ ଗୋଟିଏ ବୃହତ୍ ଅଟ୍ଟାଳିକା ନିର୍ମିତ ହେବାର କଳ୍ପନା ହୋଇଅଛି । ସେଠାରେ ଅନ୍ୟାନ୍ୟ ବିଷୟମଧ୍ୟରେ ଗୋଟିଏ ପୁସ୍ତକାଳୟ ଏବଂ ଇଂଲଣ୍ଡେଶ୍ୱରୀଙ୍କ ଅଧିକାରସ୍ଥ ନାନା ଦେଶଜାତ ସକଳପ୍ରକାର ଦ୍ରବ୍ୟମାନ ସ୍ଥାପିତ ହେବ । ଇଂଲଣ୍ଡର ଅଧୀନସ୍ଥ ସ୍ଥାନମାନଙ୍କ ବାଣିଜ୍ୟର ଏକପ୍ରକାର ଚିରସ୍ଥାୟୀ ପ୍ରଦର୍ଶନୀ ଏହି ଅଟ୍ଟାଳିକାଟି ହେବ । ସୁତରାଂ ଭାରତବର୍ଷ ଇଂଲଣ୍ଡାଧିକୃତ ଉପନିବେଶମାନଙ୍କର ବାଣିଜ୍ୟର ଉପକାର ଏହାଦ୍ୱାରା ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଏହି ଅଟ୍ଟାଳିକା ନିର୍ମାଣରେ ଅନେକ ଟଙ୍କା ବ୍ୟୟ ହେବ । ସେହି ଟଙ୍କା ଚାନ୍ଦାଦ୍ୱାରା ସଂଗ୍ରହ କରିବା ଏବଂ ଏହି ପ୍ରକାଣ୍ଡ ସଂକଳ୍ପଟି ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଗୋଟିଏ କମିଟୀ ଗଠିତ ହୋଇଅଛି ଏବଂ ଶ୍ରୀମତୀ ଭାରତେଶ୍ୱରୀଙ୍କ ଜ୍ୟେଷ୍ଠକୁମାର ଯୁବରାଜ ପ୍ରିନ୍ସ ଅବ୍ ୱେଲସ୍ ଏହି କମିଟୀର ସଭାପତି ହୋଇଅଛନ୍ତି । ଭାରତବର୍ଷରେ ଜୁବିଲି ଉପଲକ୍ଷରେ ନାନା ଅନୁଷ୍ଠାନମାନ ହେଉଥିବାରୁ କଲିକତାରେ କମିଟୀ ଏଠା ଗବର୍ଣ୍ଣର ଜେନେରଲଙ୍କ ନିକଟକୁ ଲେଖିଅଛନ୍ତି ଯେ ଭାରତବାସିଙ୍କି ଏହି ଅଟ୍ଟାଳିକାର ପ୍ରସଙ୍ଗ ଯେ ଜଣାଇଦେଲେ ଭାରତବାସିମାନେ ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟରେ ଏ ବିଷୟପ୍ରତି [illegible] ବଢିବାକୁ ପ୍ରବୃତ୍ତ ହେବେ । ତଦନ୍ତରେ ମାନ୍ୟବର ଗବର୍ଣ୍ଣର ଜେନେରଲ ବାହାଦୁର କମିଟିଙ୍କ ଏହି କଥାଟି ସର୍ବ ସାଧାରଣଙ୍କୁ ଜଣାଇ ଦେଇଅଛନ୍ତି । ଯେ ସ୍ଥଳେ ସ୍ୱୟଂ ରାଜକୁମାର ଏ ବ୍ୟାପାରର ଭାର ନେଇ ଚାନ୍ଦା ସଂଗ୍ରହ କରୁଅଛନ୍ତି ସେସ୍ଥଳେ ଭାରତବର୍ଷର ବଡ଼ ବଡ଼ ରାଜା ଓ ଧନାଢ୍ୟ ବ୍ୟକ୍ତିମାନେ ଚାନ୍ଦା ଦେବାକୁ ଅଗ୍ରସର ହେବେ ସନ୍ଦେହ ନାହିଁ ମାତ୍ର ଆମ୍ଭମାନଙ୍କ ବିବେଚନାରେ ଇଂଲଣ୍ଡପରି ଧନଶାଳୀ ରାଜ୍ୟର ଭାରତବର୍ଷପରି ଗରିବ ରାଜ୍ୟଠାରୁ ଏ ସମୟରେ ସାହାଯ୍ୟ ଲୋଡିବା ଭଲ ହୋଇ ନାହିଁ । ଜବଲପୁର ଶୁଭଘଟନା ଅକସ୍ମାତ୍ ଘଟିଲା । ଏ ସମୟରେ ଭାରତବାସିମାନେ ଉତ୍ସାହିତ ହୋଇ ସ୍ୱଦେଶୀୟଙ୍କର ଅଭାବ ଦୂର କରିବା ଉଦ୍ଦେଶ୍ୟରେ କୌଣସି ସାଧାରଣ ହିତାନୁଷ୍ଠାନରେ ରତ ହେବା ସମୟରେ ଇଂଲଣ୍ଡ ଭାଗ ବସାଇବାରୁ ଫଳ ଏହି ହେବ ଯେ ଏଠାରେ ଯାହା ହୋଇପାରନ୍ତା ତହିଁ ଟଙ୍କା କଲିକତାକୁ ପଠାଇଦେବାରୁ ତାହା ହୋଇପାରିବ ନାହିଁ ଅଥଚ କଲିକତାରେ ସେହି ଟଙ୍କା ଯେଉଁ କାର୍ଯ୍ୟରେ ବ୍ୟୟ ହେବ ତହିଁରେ ଏ ଦେଶର ଶତ ଉପକାର ହେବା ସନ୍ଦେହର ସ୍ଥଳ ଅଟଇ । ଯାହାର କପାଳ ମନ୍ଦ ତାହାର ସକଳକାର୍ଯ୍ୟରେ ଏହିପରି ବ୍ୟାଘାତ ଘଟଣା ହୁଅଇ ।

---

### ଗୃହ-ମହୋତ୍ସବ ।

ଏହି ମହାବ୍ୟାପାର ଏ ସପ୍ତାହର ଏକମାତ୍ର ଚର୍ଚ୍ଚା ସମସ୍ତେ ଏହି ଆମୋଦ ପ୍ରମୋଦରେ ମଗ୍ନ ଏବଂ ସମସ୍ତ ନଗର କେବଳ ରାଜଭକ୍ତିରେ ପ୍ଲାବିତ ହୋଇଥିଲା । ସୁତରାଂ ଅନ୍ୟାନ୍ୟ ବିଷୟ ଉପେକ୍ଷା କରି ଅଦ୍ୟ ଏହି ସମ୍ପର୍କୀୟ ଘଟଣାମାନଙ୍କର ବିବରଣ ପାଠକମାନଙ୍କୁ ଉପହାର ଦେଉଅଛୁଁ ।

ଯଦ୍ୟପି ବ ରାଜଭକ୍ତିରେ ଓଡ଼ିଶା ଅନ୍ୟାନ୍ୟସ୍ଥାନରୁ କୌଣସି ଅଂଶରେ ଊଣା ନୁହଇ ବରଂ ଓଡ଼ିଆମାନଙ୍କ ରାଜଭକ୍ତି ଅଧିକ ବୋଲି ପୁନଃ୨ ଜନସମାଜରେ ବିଦିତ ହୋଇଅଛି ତଥାଚ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ମାମଲା ହେତୁ ଏଠା ହିନ୍ଦୁମଣ୍ଡଳୀର ବିଶେଷତଃ ନିମ୍ନଶ୍ରେଣୀର ଲୋକମାନଙ୍କ ମନ ଏତେଦୂର ବ୍ୟଥିତ ହୋଇଥିଲା ଯେ ଅତିଶୟ ରାଜଭକ୍ତି ହେଲେ ସୁଦ୍ଧା ଅତ୍ୟନ୍ତ ଉତ୍ସାହ ସହିତ ଏ ପର୍ବର ମହାନନ୍ଦ ଓ ତହିଁରେ ଯୋଗ ଦେବାକୁ ସେମାନଙ୍କ ମନ ତେମନ୍ତ ଟେକୁ ନ ଥିଲା । ଅତିସ୍ୱସମୟରେ ପର୍ବର ଦୁଇଦିନ ପୂର୍ବ ଅର୍ଥାତ୍ ଗତ ସୋମବାର ହାଇକୋର୍ଟରୁ ତାରଯୋଗେ ଖବର ଆସିଲାଯେ ଶ୍ରୀ ଜଗନ୍ନାଥଙ୍କ ସେବା ଚଳାଇବା କର୍ମ୍ମ ତହିଁରେ କୌଣସିମତେ ହସ୍ତକ୍ଷେପଣ କରିବା ବିଷୟରେ ଅଦାଲତରୁ ନିଯୁକ୍ତ ହୋଇଥିବା ରସିଭର କର୍ମ୍ମା ତାହାଙ୍କ ଅଧୀନସ୍ଥ କୌଣସି କର୍ମଚାରୀ ଅନ୍ୟ ଅଦେଶ-

Digitized by srujanika@gmail.com

ପର୍ଯ୍ୟନ୍ତ ଶାନ୍ତ ରହିବେ । ଏହି ଜନ୍ମୋତ୍ସବ ଉତ୍କଣ୍ଠାରୁ ନଗର ମଧ୍ୟରେ ପ୍ରସ୍ଥାନ ହେବାରୁ ଲୋକେ ଜାଗିଉଠିଲେ ଏବଂ ଶ୍ରୀମତୀ ଭାରତେଶ୍ୱରୀଙ୍କ ହିତୈଷିପ୍ରଣାଳୀର ଧନ୍ୟବାଦ ଦେବା ସଙ୍ଗେ ୨ ତାହାଙ୍କଠାରେ ଆନ୍ତରିକଭକ୍ତି ଓ ସ୍ନେହ ଦେଖାଇବାକୁ ଦ୍ୱିଗୁଣ ବେଗରେ ସେମାନଙ୍କ ମନ ଧାବିତହେଲା । ଅମ୍ଭେମାନେ ପୂର୍ବରୁ କହିଥିଲୁଁ ଯେ ଏ ନଗରର ମେ କମିଟି ଦାଏର ହେବାଠାରୁ ଇସିନସୀ ସମ୍ପର୍କୀୟ କାର୍ଯ୍ୟକଳାପ ଲୋକଙ୍କ ଅଧିକ ବାଧିଅଛି ଏବଂ ସେହିକଥାଟି ପ୍ରତ୍ୟକ୍ଷ ଦେଖାଗଲା । ମନର ଉଦ୍‌ବେଗ ଦୂର ହେବାରୁ ଲୋକେ କେବଳ ଆମୋଦ ପ୍ରମୋଦରେ ମାତିରହିଲେ ।

ବୁଧବାର ପ୍ରାତଃକାଳରେ କଲେକ୍ଟର୍ ସାହେବ ଝଡାରେ ଫାଏର ହେବା ସେ ୧୧ ଟା ହୋଇଥିଲା ଏହି ଶୁଭପର୍ବ ଉତ୍ସବ ହେବାର ଘୋଷଣା ପ୍ରସ୍ଥର ଜଳ ଏବଂ ତହିଁ ସଙ୍ଗେ ୨ ଯେମନ୍ତ ଲୋକଙ୍କୁ କହୁଥିଲା ଯେ ଶ୍ରୀମତୀ ଭାରତେଶ୍ୱରୀଙ୍କ ସ୍ୱଜବିନ୍ତୁ ଉପହାର ଦଣ୍ଡ ଆଉ ଶୋଇବାର ବେଳ ନାହିଁ । ଅଳ୍ପକ୍ଷଣ ଭିତରୁ ଦର୍ଶକମାନେ ମୁଦ୍ଦିତ ହୋଇ ସଡ଼କକୁ ବାହାରି ପଡ଼ିଲେ । ଏଠାରେ ଜଣା ସିପାହି ଏବଂ କମ୍ପାନୀ ମାଷ ପଦବୀ ନଥିବା ଥିବାରୁ ପଲ୍ଟଣ ଦୃଶ୍ୟଟା ଦେଖା ଯାଇ ପାରିଲା ନାହିଁ । ଯାହା ହେଉ ଏହି ଅଳ୍ପ ସଂଖ୍ୟକ ସୈନ୍ୟଙ୍କ ଦ୍ୱାରା ଫାଏର କରିବା ଦ୍ୱାରା ରାଜରାଜେଶ୍ୱରୀଙ୍କ ଜୟଘୋଷଣା କଲେ । ଏହା ଦେଖିବାକୁ ଅନେକ ଯାଇଥିଲେ । ମାତ୍ର ଅଧିକାଂଶ ଦର୍ଶକ କଏଦୀ ଖଲାସିଦେଖିବାକୁ ଜେଲଖାନାଠାରେ ଯୁଟି ହୋଇଥିଲେ । କଏଦୀ ଖଲାସି କାର୍ଯ୍ୟଟି ଅତ୍ୟନ୍ତ ପ୍ରୀତିକର ହୋଇଅଛି । ଏଠା ଜେଲଖାନାରୁ ୧୩୨ ଜଣ ପୁରୁଷ ଏବଂ ୧୧ ଜଣ ସ୍ତ୍ରୀ କଏଦୀ ମୁକ୍ତି ପାଇଲେ । ଅର୍ଥାତ୍ ଖଣ୍ଡ ଡକାଇତି ପ୍ରଭୃତି ଅତ୍ୟନ୍ତ ଗୁରୁତର ଅପରାଧରେ ବନ୍ଦ ହୋଇଥିବା ବ୍ୟକ୍ତିଙ୍କ ଛଡ଼ା ପ୍ରାୟ ସମସ୍ତେ ମୁକ୍ତି ଲାଭ କଲେ ଓ ଜେଲଖାନାରେ ବାକି କେତେକ ଜଣଙ୍କ ରହିଗଲେ । ଜେଲଖାନାରେ ଏତ ଲୋକ ଭର୍ତ୍ତି ଥିଲେ ଏବଂ ତହିଁରୁ ଖଲାସ ହେବା ସାମାନ୍ୟ ବିଷୟ ନୁହଇ । ଯେଉଁମାନେ ମୁକ୍ତି ପାଇଲେ ସେମାନଙ୍କୁ ନିୟମିତ ସରକାରୀ ପୋଷାକ ଛଡ଼ା ନୂତନ କମିଟୀଙ୍କ ପକ୍ଷରୁ ଜଣପିଛା ଖଣ୍ଡେ ଲୁଗା ଓ ଦୁଇଅଣା ପଇସା ଦିଆଯାଇଥିଲା । ନୂଆ ଟଙ୍କା ଏପରି ବ୍ୟୟ କରିବାକୁ କମିଟୀ ବିଶେଷ ଆବଶ୍ୟକତା ଅନୁମାନ କରିଥିଲେ ନାହିଁ । କଏଦୀମାନେ ସମସ୍ତେ ଗହଳ ନୂତନ ଏବଂ ଅନେକଙ୍କର ଘର ଏହି ସହର ବା ତହିଁ ନିକଟରେ ଅଛି । ଯାହା ହେଉ ଏଥିରେ କଏଦୀମାନଙ୍କର ବିଶେଷ ଆନନ୍ଦ ଜାତ ହେଲା କଏଦୀମାନଙ୍କୁ ଖଣ୍ଡେ ୨ ଭାରତେଶ୍ୱରୀଙ୍କ ପ୍ରତିମୂର୍ତ୍ତି ମୁଦ୍ରା ଦିଆ ଯାଇଥିଲା । ସେହି ପ୍ରତିମୂର୍ତ୍ତି ଆପଣା ବନ୍ଧୁ ବାନ୍ଧବ ଓ ପରିବାରସ୍ଥ ବ୍ୟକ୍ତିଙ୍କି ଦେଖାଇ ଆପଣା ମୁକ୍ତିଦାତ୍ରୀଙ୍କ ଯଶ ଘୋଷଣା କରିବେ ଏବଂ ଯେବେ ଏହି ଘଟଣାକୁ ସ୍ମରଣ କରି ଆଉ ଜେଲଖାନାକୁ ଅଧିକାର ବାଟ ନ ଲେଉଟିବେ ତେବେ କେତେ ସୁଖର ବିଷୟ ହେବ ।

ଏ ନଗରବାସୀ ସମସ୍ତ ଧର୍ମସମ୍ପ୍ରଦାୟ ଏବଂ ମଠ, ମସଜିଦ, ଗିର୍ଜା ଓ ସମାଜର କାର୍ଯ୍ୟାଧ୍ୟକ୍ଷଙ୍କୁ ଭାରତେଶ୍ୱରୀଙ୍କ ମଙ୍ଗଳ କାମନାରେ ଉପାସନା କରିବାର ପ୍ରାର୍ଥନା ହୋଇଥିଲା ଏବଂ ତଦନୁସାରେ ସକାଳ ଓ ଅପରାହ୍ଣରେ ଶିରଣୀ ପ୍ରଭୃତି ହୋଇଥିଲା ।

ବେଳ ୧୧ ଘଣ୍ଟା ସମୟରୁ ଦରିଦ୍ରମାନଙ୍କୁ ଲୁଗା ଓ ପଇସା ବାଣ୍ଟିବାର ସ୍ଥିର ହୋଇଥିବାରୁ ସୁତରାଂ କଙ୍ଗାଳ ଆସି କଲେକ୍ଟର କଚେରୀରେ ଜୁଟି ହେଲେ । ତହାନ୍ତ ତିଣ୍ଠାରୁ ଅଭ ଦୂର ପର୍ଯ୍ୟନ୍ତ ସକଳ ବୟସର ସ୍ତ୍ରୀ ପୁରୁଷ ବହୁସଂଖ୍ୟକ ଜମା ହୋଇଥିଲେ ଏମାନଙ୍କ ମଧ୍ୟରୁ ଅନ୍ଧ, ଛୋଟ, କୋଢ଼ି ପ୍ରଭୃତି ଅକର୍ମଣ୍ୟ ବ୍ୟକ୍ତିମାନଙ୍କୁ ଏକ ୨ ଖଣ୍ଡ ଲୁଗା ଏବଂ ଅନ୍ୟ ଦରିଦ୍ରଙ୍କୁ ଟ ୦ ୵ ଲେଖାଏଁ ନଗଦ ଦିଆଗଲା । କେଉଁଠା ପ୍ରାୟ ଦୁଇହଜାର କଙ୍ଗାଳ ବିଦାୟ ହେଲେ ଏବଂ ମୋଟରେ ଟ ୫୦୦୮ ଙ୍କା ଖର୍ଚ୍ଚ ପଡ଼ିଲା ।

ବେଳ ଦୁଇ ପ୍ରହର ଉତ୍ତାରୁ କୀର୍ତ୍ତନ ଦଳ ବାହାରିବାର ଆରମ୍ଭ ହେଲା । ଏ ନଗରରେ ୨୫ କୀର୍ତ୍ତନ ସମ୍ପ୍ରଦାୟ ଅଛନ୍ତି । ଏମାନେ ଯେ ଯାହା ସ୍ଥାନରୁ ବାହାରି କୀର୍ତ୍ତନ କରି କେବଳ ୫ ଘଣ୍ଟା ସମୟରେ କଲେକ୍ଟରୀ କଚେରୀ ବଗିଚାରେ ଏକତ୍ରିତ ହେଲେ । ଏମନ୍ତ ବୃହତ୍ କୀର୍ତ୍ତନ କୌଣସି ସମୟରେ ଦେଖା ଯାଇ ନ ଥିଲା । କଲେକ୍ଟରୀ ବଗିଚାରେ ସନ୍ଧ୍ୟା ୭ ଘଣ୍ଟା ପର୍ଯ୍ୟନ୍ତ ଏମାନେ ଗାୟକ ବାଦ୍ୟ ଦ୍ୱାରା ଶ୍ରୋତାଗଣଙ୍କୁ ମୋହିତ କରିଥିଲେ ସେଠାରେ ଯଥାବିଧାନେ ପୂଜା ଓ ସତ୍କାର ପାଇ ସେ ଯାହା ସ୍ଥାନକୁ ବାହୁଡ଼ିଲେ ଏଥିରେ କମିଟୀଙ୍କର ଟ ୮୦୯ ଙ୍କା ଖର୍ଚ୍ଚ ହୋଇଥିଲା ।

ସୂର୍ଯ୍ୟାସ୍ତ ସମୟରୁ ନଗର ରୋଶନାଇ ଆରମ୍ଭ ହେଲା ଏ ବ୍ୟାପାର ସର୍ବାପେକ୍ଷା ବୃହତ୍ ଏବଂ ସୁଦୃଶ୍ୟ ହୋଇଥିଲା କାରଣ ନଗରବାସୀ ପ୍ରାୟ ସମସ୍ତେ ଏଥିରେ ଯୋଗ ଦେଇଥିଲେ । କମିଟୀ ପକ୍ଷରୁ ଷ୍ଟ୍ରାଣ୍ଡ ରୋଡଠାରୁ ବକ୍ସିବଜାର, ବଡ଼ଦୋଳ ତହୁଁ ମସଜିଦ ପର୍ଯ୍ୟନ୍ତ ଏବଂ ସେଠାରୁ ଲଂଗଜିଙ୍କ ଷ୍ଟ୍ରୀଟ ପନ୍ଦ୍ରଦ୍ୱା ଓ କଟକଚଣ୍ଡୀ ବାଟେ ଷ୍ଟ୍ରାଣ୍ଡ ରୋଡ ପର୍ଯ୍ୟନ୍ତ ସଡ଼କର ଦୁଇ ପାଶ୍ୱରେ କମିଟୀ ପ୍ରଦୀପମାଳା ସଜାଇଥିଲେ ଓ ଦୋକାନୀ ଓ ଘରବାଲାଙ୍କଠାରୁ ଯଥୋଚିତ ସାହାଯ୍ୟ ପାଇଥିଲେ । ସରକାରୀ ସମସ୍ତ କୋଠି ରୋଶନାଇ ହୋଇଥିଲା ଏବଂ ଏହି ସଡ଼କମାନଙ୍କର ଦୁଇପାଶ ଏବଂ ନଗରର ଅପର ଅଂଶର ଲୋକମାନେ ଆପଣା ୨ ଘରେ ଓ ଦ୍ୱାରଦ୍ୱାରରେ ଯେ ଯାହା କ୍ଷମତାନୁସାରେ ଆଲୁଅ ଦେଇଥିଲେ । ପ୍ରାୟ କୌଣସି ସଡ଼କ ବା ଗଳିରେ ରୋଶନାଇର ଅଭାବ ନ ଥିଲା । ରୋଶନାଇ ସଙ୍ଗେ ୨ ସୁଦ୍ଧା ସୁସଜ୍ଜିତ କରିବାର ମଧ୍ୟ ଅଭାବ ନ ଥିଲା ଜୁବଲି କମିଟୀ ମେମ୍ବରମାନେ ଓ କାଳୁବଜାର ଏହି ଦୁଇସ୍ଥାନରେ ମୋଟଏ ଲେଖାଏଁ ବୃହତ୍ ଫାଟକ ପ୍ରସ୍ତୁତ କରିଥିଲେ । ଏ ଫାଟକମାନ ନାନାବର୍ଣ୍ଣର କାଗଜ ଓ ଲୁଗାରେ ସୁନ୍ଦରରୂପେ ସଜ୍ଜିତ ହୋଇଥିଲା ଏବଂ ଭାରତେଶ୍ୱରୀଙ୍କ ମଙ୍ଗଳସୂଚକ କଥାମାନ ତହିଁରେ ଲେଖା ଥିଲା ସରକାରୀ କାର୍ଯ୍ୟାଳୟ ମଧ୍ୟରେ କେବଳ କଲେକ୍ଟରୀ କଚେରୀ ଏବଂ ଜେଲଖାନା ସଦର ଦ୍ୱାରମାନଙ୍କରେ ବୃହତ୍ ସଜ୍ଜିତ ଫାଟକମାନ ପ୍ରସ୍ତୁତ ହୋଇଥିଲା ଓ ସବ ଜଜ ଆଦାଲତ ଓ ପୋଷ୍ଟଅଫିସ ଫାଣ୍ଡି ସମ୍ମୁଖରେ କ୍ଷୁଦ୍ର ସଜ୍ଜିତ ଫାଟକମାନ ଲଗା ଯାଇଥିଲା । ଅନ୍ୟାନ୍ୟ କାର୍ଯ୍ୟାଳୟମାନ ପତାକା ଫୁଲ ଓ ଦେବଦାରୁପତ୍ରରେ ଯେତେଦୂର ସମ୍ଭବ ସଜ୍ଜିତ ହୋଇଥିଲା । ସରକାରୀ କାର୍ଯ୍ୟାଳୟ ରୋଶନାଇ ସକାଶେ ଗବର୍ଣ୍ଣମେଣ୍ଟ ମଞ୍ଜୁରୀ ଥିବାରୁ କମିଶନର ସାହେବ ଟ ୮୦୦୯ ଙ୍କା ବାଣ୍ଟିଦେଇଥିଲେ ମାତ୍ର କଲେକ୍ଟର ସାହେବ ଉକ୍ତ ଟଙ୍କା ସେପରି ବାଣ୍ଟି ଦେଲେ ତହିଁରେ ସୁବିଧା ହୋଇ ନ ଥିବାରୁ ଅସନ୍ତୋଷର କାରଣ ହେଲା ଏବଂ ତହିଁ ପାଇଁ ଯେଉଁ କାର୍ଯ୍ୟାଳୟ ଯେପରି ଅଲୋକିତ ହେବାର ଉଚିତ

ତାହା ହେଲ ନାହିଁ । ଉଦାହରଣ ସ୍ୱରୂପ ଲେଖାଯାଇ ପାରେ ଯେ କମିଶ୍ନରୀ କଚେରୀର ଟ ୮୦୯ ଙ୍କା ଦଆଯିବା ସ୍ଥଳେ ଅଦାଲତକୁ କେବଳ ଟ ୨୫୯ ଙ୍କା ଦଆଗଲା । ଅନ୍ୟାନ୍ୟ କାର୍ଯ୍ୟାଳୟର ଭାଗ ଏହିପରି ସରକାରୀ ସାହାଯ୍ୟ ଭିଣା ପାଇ ସୁଦ୍ଧା ଏକାଂ କଡ଼ କର୍ମଚାରୀ ଆପଣା-ଅଧୀନସ୍ଥ କାର୍ଯ୍ୟାଳୟକୁ ଏମନ୍ତ ସୁନ୍ଦର ସଜାଇ ଥିଲେ ଯେ ତାହାଙ୍କ ବୁଦ୍ଧି ଓ ପରିଶ୍ରମକୁ ପ୍ରଶଂସା ନ କରି ରହି ପାରିଲୁଁ ନାହିଁ । ଆମ୍ଭମାନଙ୍କ ବିବେଚନାରେ ସାଜ ସଜ୍ଜା ବିଷୟରେ ଡାକ-ଘର ସରକାରୀ କାର୍ଯ୍ୟାଳୟମାନଙ୍କରେ ପ୍ରଥମ-ସ୍ଥାନ ଅଧିକାର କରିଥିଲା ଏବଂ ଚୌଧୁରୀବଜାର କ୍ଷୁଦ୍ର ଫାଣ୍ଡିଷ୍ଟ ଦେଖିବାକୁ ବଡ଼ ସୁନ୍ଦର ହୋଇ-ଥିଲା ।

ନଗର ରୋଷନାଇର ଶୋଭା ଅଦାଲତ-ପୋଖରୀଠାରୁ ପାଗଳଖାନା ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ସବୁଠାରୁ ଅଧିକ ହୋଇଥିଲା । ଅନେକ-ଗୁଡ଼ିଏ କାର୍ଯ୍ୟାଳୟ ଏଠାରେ ଏକଠେ ସ୍ଥିତ ଓ ସବୁଥିରେ ରୋଷନାଇ ହେବାରୁ ଏପରି ହେଲା । ଅଦାଲତର ରୋଷନାଇ କେତେକ ଗଛଅଢ଼ୁଆଳରେ ରହିଗଲା । ମିଉନିସିପଲ ଚିକିତ୍ସାଳୟର ଗୃହଟି ଯେମନ୍ତ ସୁନ୍ଦର ତହିଁ-ରେ ସାଜମାଳା ତେମନ୍ତ ଶୋଭା ପାଉଥିଲା । ଛାପାଖାନା ଫଲ ପତାକା ଝାଲର ପ୍ରଭୃତିରେ ଚଡ଼ ସାଜ ଥିଲା ଜେଲଖାନା ସମ୍ମୁଖରେ ନାନା ବର୍ଣ୍ଣର ଅନେକ ଅତି ମନୋହର ଦିଶୁଥିଲା ଏବଂ ପାଗଳଖାନାର କେଟିଷ୍ଟିଲ ଉପରର ରୋଷନାଇ ଅଲ୍ପ ଟିକିଏ ଅଧିକ ଶୋଭାକର ହୋଇ ଥିଲା । କଦମରସୁଲ ଦାଣ୍ଡରୁ ଭିତର ପର୍ଯ୍ୟନ୍ତ ଅଲୋକିତ ହୋଇଥିଲା । ବାଲୁବଜାରରେ ଡା· କ୍ତର ସାମାରଣ ଅପଣା ଦୋକାନ ଘରରେ ମହାରାଣୀଙ୍କର ଏକ ସୁନ୍ଦରମୂର୍ତ୍ତି ବସାଇ ଦେଇ ଦର୍ଶକଙ୍କ ଆକର୍ଷଣ କରିଥିଲେ ଏବଂ ଏ ବଜା-ରର ଅନ୍ୟାନ୍ୟ ଡାକ୍ତରଖାନା ଓ ଦୋକାନର ଅଧିକାରୀମାନେ ଫୁଲ ଦେବଦାରୁପତ୍ର ଛବି ପତାକା ଇତ୍ୟାଦି ଦ୍ୱାରା ଆପଣା ସ୍ଥାନ ସୁସଜ୍ଜିତ କରି ସ୍ୱରୁଚିର ପରିଚୟ ଦେଇଥିଲେ । ଫଳତଃ ଯେଉଁଠାରେ ସମସ୍ତେ ଉତ୍ସାହ ସହକାରେ ଏ କାର୍ଯ୍ୟରେ ଯୋଗ ଦେଇଥିଲେ ସେଠାରେ ରୋଷ-ନାଇର କଥା କେତେ କହାଯିବ । ରୋଷନାଇ ଦେଖିବାକୁ ଏତେ ଯାତ୍ରୀ ବାହାରିଥିଲେ ଯେ ସନ୍ଧ୍ୟା ସମୟରୁ ସନ୍ଧ ଘ ୯ ଘଣ୍ଟା ପର୍ଯ୍ୟନ୍ତ ସଡ଼କମାନଙ୍କରେ ଭିଡ଼ ହୋଇଥିଲା ।

ରାତ୍ର ଘ ୮ ଘଣ୍ଟା ଉତ୍ତାରୁ କଲେକ୍ଟରୀ-କଚେରୀ ସମ୍ମୁଖରେ ତେଲ ଓ ସାମଗ୍ରୀ ଦ୍ୱାରା ପ୍ରସ୍ତୁତ ହୋଇଥିବା ନାଟଶାଳାରେ ବାଇନାଚ ଏବଂ ତହିଁ ସମ୍ମୁଖରେ ଆତସବାଜୀ ଆରମ୍ଭ ହେଲା । ଏ ନଗରର ପ୍ରଧାନଂ ଗୃହଦଣ୍ଡୀ ଏବଂ ବାଙ୍କୁଡ଼ା-ରୁ ଅସିଥିବା ଏକ ଦଫା ବାଈ ଏଠାରେ ପ୍ରାୟ ରାତ୍ରଶେଷ ପର୍ଯ୍ୟନ୍ତ ନାଚ କରୁଥିଲେ ଏବଂ ସା-ହେବ ଲୋକ ଓ ଦେଶୀୟ ନାନା ଶ୍ରେଣୀର ସମ୍ଭ୍ରାନ୍ତ ମହାଶୟମାନେ ଏଠାରେ ଉପସ୍ଥିତ ହୋଇଥିଲେ । ମଜଲିସର ସ୍ଥାନଟି ଯେମନ୍ତ ସୁନ୍ଦର ହୋଇ-ଥିଲା ଅଳ୍ପ ବନ୍ଦୋବସ୍ତର ତ୍ରୁଟିରୁ ସେତେ ସୁଖକର ହେଲା ନାହିଁ । କୌଣସି ଅଟକ ନ ଥିବାରୁ ନାନାପ୍ରକାର ଲୋକ ଆସନ ମାଡି ବସିଲେ ଓ କେତେକ ଭଦ୍ରଲୋକ ସ୍ଥାନ ନ ପାଇ ବାହୁଡି ଗଲେ । ଏଠାରେ ଗୋଟିଏ ଦୁର୍ଘଟଣା ମଧ୍ୟ ଘଟି-ବାରୁ ସାହେବମାନଙ୍କର ଆମୋଦରେ କିଛି ବ୍ୟା-ଘାତ ହେଲା । ଏକଖଣ୍ଡ ବଡ଼ି ଲେଉଟି ପଡିବାରୁ ତହିଁ ଉପରେ ବସିଥିବା ଏକ ବିବି ଓ ପିଲା ସାମାନ୍ୟ ଆଘାତ ପାଇଲେ । ସାହେବମାନେ ରାତ୍ର ୧୦ ଘଣ୍ଟା ଉତ୍ତାରୁ ବାହାରି ଗଲେ ମାତ୍ର ବାବୁମାନେ ଅନେକ ରାତ୍ରିଯାଏ ଥିଲେ ।

ଆତସବାଜି ବଡ଼ ଚମତ୍କାର ହୋଇଥିଲା । ବାଲୁବଜାର ନିବାସୀ ସାନିମହମ୍ମଦର ବାଜିଗର କଥା ପାଠକମାନେ ଅନେକଥର ଶୁଣିଅଛନ୍ତି । ସେହି ବ୍ୟକ୍ତି ଏ ସମସ୍ତ ଆତସବାଜି ଦେଖାଇ ପୁଣି ପ୍ରଶଂସା ଲାଭ କଲା ବଡ଼ ସୁଖର ବିଷୟ ଅଟଇ । ଭିଡ଼ ନିବାରଣର ସୁଶୃଙ୍ଖଳା ଅଭାବରୁ ମଜଲିସର ଲୋକମାନେ ସମସ୍ତ ବାଜି ଦେଖି-ପାରିଲେ ନାହିଁ ଏବଂ ବାଜି ପୋଡିବାରେ ବିଳମ୍ବ ହେବାରୁ ମଧ୍ୟ ଅନେକଙ୍କର କଷ୍ଟ ହୋଇଥିଲା । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗୋଟିଏ ଲିଖିତ ଅନୁଷ୍ଠାନପତ୍ରାନୁସାରେ ବାଜି ପୋଡିବାର ବନ୍ଦୋବସ୍ତ ହୋଇଥିଲେ ବିଶେଷ ସୁଖକର ହୋଇଥାନ୍ତା ।

ଯଦ୍ୟପି କ ପ୍ରାୟ ସମସ୍ତରାତ୍ରି ଏଠାରେ ନୃତ୍ୟ ଗାୟନ ହୋଇଥିଲା ଏବଂ ତାହା ଦେଖିବାକୁ ତାହାରପ୍ରତି ଅଟକ ନ ଥିଲା ତଥାପି ନଗରର ଇତରଗର ଲୋକଙ୍କ ଆମୋଦ ନିମିତ୍ତ ଗୃହନ୍ତଶୀଳ ଅଦାଲତ ପୋଖରୀ ବକ୍ସିବଜାର ରାଣୀହାଟ ଏବଂ ତେଲିଙ୍ଗାବଜାର ଏହି ସ୍ଥାନମା-ନଙ୍କରେ ଏକାଦଳ କୃଷ୍ଣଲୀଳାଯାତ୍ରା ରାତ୍ର ଘଣ୍ଟା-ଠାରୁ ସକାଳପର୍ଯ୍ୟନ୍ତ ହୋଇଥିଲା ଏବଂ ତଦ୍ଦ୍ୱାରା ନଗରର କୌଣସି ଅଂଶରେ ଆମୋଦର ଅଭାବ ଅନୁଭୂତ ହୋଇ ନଥିଲା । ଜୁବଲି କମିଟୀଙ୍କର ଏହି ବନ୍ଦୋବସ୍ତ ଉତ୍ତମସୁନ୍ଦର ହୋଇଥିଲା ।

ଏ ଦିନର ଉତ୍ସବ ଏହିପରି ଶେଷ ହେଲା । ତା୧୭ ରଖ ଗୁରୁବାର ପ୍ରାତଃକାଳରେ ଗୃହାଲୀ-ଠାରୁ କଲେଜ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟର ଛାତ୍ର-ମାନେ ରେଭେନଶା କଲେଜଠାରେ ଏକତ୍ରିତ ହୋଇ ବାଜା ନିସାଣ ଇତ୍ୟାଦି ସଙ୍ଗେ ସେହି ଜୁବଲିଗୀତ ଗାଇ ଶ୍ରେଣୀବଦ୍ଧରୂପେ ପ୍ରଥମେ କମି-ଶ୍ନରଙ୍କ ହତାରେ ପ୍ରବେଶପୂର୍ବକ ସାହେବଙ୍କୁ ଗୀତ ଶୁଣାଇ ଇଣ୍ଟିକଚଣ୍ଡୀ ବାଟେ କଲେକ୍ଟରସାହେବଙ୍କ କୋଠିରେ ତାହାଙ୍କ ସଙ୍ଗେ ସାକ୍ଷାତ କରି ପଲଟନ ଦରଘାବଜାର ଓ ବାଲୁବଜାର ବାଟେ ପୁଣି କଲେଜରେ ପହୁଞ୍ଚିଲେ । ସେଠାରେ ସେମାନଙ୍କୁ ମିଷ୍ଟାନ୍ନଭୋଜନ ଦିଆଯାଇ ବିଦାୟ ଦିଆଗଲା । ଏ ଉତ୍ସବ ଏ ନଗରରେ ଅଭିନବ ଏବଂ ଏ ଦୃଶ୍ୟ ଏମନ୍ତ ପ୍ରୀତିକର ହୋଇଥିଲା ଯେ କେବେ ମନରୁ ପାସୋରି ଯିବାର ନୁହଇ ଏହି ଦୃଶ୍ୟଟି ଦେଖାଇବାରୁ ଆମ୍ଭେମାନେ ଜୁବଲି କମିଟୀଙ୍କି ବିଶେଷ ଧନ୍ୟବାଦ ଦେଉଅଛୁଁ । ପିଲାମାନଙ୍କ ଗାଇବାକାରଣ କେତେଗୁଡିଏ ଜୁବଲି ଗୀତ ଇଂରାଜୀ ଉର୍ଦ୍ଦୁ ଓଡ଼ିଆରେ ରଚିତ ହୋଇଥିଲା । ମୁସଲମାନ ଛାତ୍ରମାନେ ଉର୍ଦ୍ଦୁ ଗୀତ ଢୋଲକ ବାଂଶୀ ସଙ୍ଗେ ଗାଉଥିଲେ ଏବଂ ତାହା ସବୁଠାରୁ ଅଧିକ ସୁଶ୍ରାବ୍ୟ ହୋଇଥିଲା । ଅଧି-କାଂଶ ଛାତ୍ର ଆମ୍ଭମାନଙ୍କ ସୁକବି ବାବୁ ରାଧା-ନାଥରାୟଙ୍କ ରଚିତ ଗୀତ ଗାୟନ କରୁଥିଲେ ମାତ୍ର ଗୀତଟି କିଛି ଉଚ୍ଚତରଯ୍ୟ ରଚିତ ହୋଇ ଥିବାରୁ ପିଲାଙ୍କ ଭଲ ସାଜ ନ ଥିଲା । ଅନ୍ୟାନ୍ୟ ଗୀତ ପିଲମାନେ ଅପେକ୍ଷାକୃତ ଭଲ ଗାଉଥିଲେ ସ୍ଥାନାନ୍ତରେ ଉକ୍ତ ଗୀତ ଏବଂ ଆଉ ଯୋଡିଏ ଗୀତ ପ୍ରକାଶିତ ହେଲା ।

ଏହି ଆମୋଦ ସଙ୍ଗେ ସକାଳ ୯ ଘଣ୍ଟା ସମୟରେ କଟକ ଆକାଡେମିର ଛାତ୍ରମାନଙ୍କୁ ବାର୍ଷିକ ପୁରସ୍କାର ଛାପାଖାନା ଗୃହରେ ଡାକ୍ତର ଷ୍ଟିୱାର୍ଟ ସାହେବ ବଣ୍ଟନ କଲେ । ପିଲାଙ୍କ ଲୀଳା ଦେଖିବାରେ ଅନେକ ଲୋକ ମତ୍ତ ଥିବାରୁ ଅତ୍ୟଳ୍ପ ଦର୍ଶକ ଏଠାକୁ ଆସିଥିଲେ, ଏ ବିଦ୍ୟା-ଳୟର ବିଷୟ କାଗଜରେ ପ୍ରକାଶ କରିବାର ଇଚ୍ଛା ରହିଲା ।

ଅପରାହ୍ଣ ଘ ୨ ଘଣ୍ଟା ଉତ୍ତାରୁ ଏ ନଗରର ଅଖଡ଼ାମାନ ବାହାରିବାର ଆରମ୍ଭ ହେଲା । ଘ ୫ ଘଣ୍ଟା ସମୟରେ ଅଖଡ଼ାସବୁ କଲେକ୍ଟରୀ କଚେରୀ ହତାରେ ଏକତ୍ରିତ ହେଲେ । ଏବଂ

Split by PDF Splitter

Digitized by srujanika@gmail.com

Split by PDF Splitter



ଘ ୭ ଟା ପର୍ଯ୍ୟନ୍ତ ସେଠାରେ ଖେଳ ହେଲା ଉହିଁ ଉତ୍ତାରୁ ସେମାନେ ରାତ୍ରି ୯ ଘଣ୍ଟା ପର୍ଯ୍ୟନ୍ତ ବଜାରରେ କ୍ରୀଡ଼ା କରି କରି ଆପଣା୨ ଘରକୁ ବାହୁଡ଼ି ଗଲେ । ସର୍ବସୁଦ୍ଧା ୧୬ ଗୋଟି ଆଖଡ଼ା ଆସିଥିଲେ ଏବଂ ଏମାନଙ୍କ ଖେଳ ଓ ବାଦ୍ୟରେ ନଗର କମ୍ପି ଉଠିଥିଲା । ପ୍ରତ୍ୟେକ ଆଖଡ଼ାର ଗୁଣ ବର୍ଣ୍ଣନ କରିବାକୁ ଆମ୍ଭମାନଙ୍କର ସ୍ଥାନ ଓ ସମୟ ନାହିଁ । ସମସ୍ତେ ଆପଣା୨ ନିପୁଣତା ଦେଖାଇ ଦର୍ଶକମାନଙ୍କ ସନ୍ତୋଷ ବୃଦ୍ଧି କରିଥିଲେ ଏବଂ ଉହିଁ ମଧ୍ୟରେ କାଫଲ ଓ ଦରଘାବଜାରର କୁସ୍ତି ଅମରୁ ଖଲପାର ବନୋଷ୍ଟ ନେହରୀପିଲିର ପଟା ଫୁରଣ ତେଲିଙ୍ଗା ବଜାରର ବାଦନର ବାଙ୍କ କୁସ୍ତି ବଡ଼ ସୁନ୍ଦର ହୋଇଥିଲା ।

ସାଧାରଣ ଆମୋଦ ଏହିରୂପେ ଶେଷହେଲେହେଁ ସମସ୍ତଙ୍କର ମନ ତୃପ୍ତି ହୋଇ ନ ଥିଲା । ସନ୍ଧ ଘ ୯ ଟା ଉତ୍ତାରୁ ଇଂରାଜମାନେ କେଲ୍ଲା ମଧ୍ୟରେ ଏବଂ କାବୁମାନେ ବାବୁ କାଳୀପଦ ବାନର୍ଯ୍ୟାଙ୍କ ଘରଠାରେ ନାଚକାଉନ୍ସରେ ପ୍ରାୟ ସକାଳ ପର୍ଯ୍ୟନ୍ତ ମାତିଥିଲେ ଏବଂ ବଜାରରେ କେତେକ ସ୍ଥାନରେ ମଧ୍ୟ ଯାତ୍ରା ହୋଇଥିଲା । ବାବୁ କାଳୀପଦ ବାନର୍ଯ୍ୟା ଏହି ଉପଲକ୍ଷରେ ସାହେବ ପୂଜା କରିବାର ମାନସ ରଖିଥିଲେ ମାତ୍ର ସାହେବମାନଙ୍କର ଅବକାଶ ନ ଥିବାରୁ ତାହା ପୂର୍ଣ୍ଣ ହୋଇ ପାରିଲା ନାହିଁ ।

ଏହିରୂପେ ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦ୍ମାପଦାସ୍ତ୍ରଙ୍କ ମହୋତ୍ସବ ଏ ନଗରରେ ନିର୍ବାହିତ ହେଲା । ଏମନ୍ତ ସର୍ବ ମନୋରଞ୍ଜନ ଓ ନୂତନ ପ୍ରକାରର ଆମୋଦ ପ୍ରମୋଦ ଏଠାରେ କେବେ ଦେଖା ଯାଇ ନ ଥିଲା ଏବଂ ଏପ୍ରକାର ସମସ୍ତ ଶ୍ରେଣୀର ଲୋକ ରାଜଭକ୍ତି ଦେଖାଇବାକୁ କେବେ ସୁଯୋଗ ପାଇ ନ ଥିଲେ । ଏ ଶୁଭ ଘଟନାଟି ଦୀର୍ଘକାଳ ଲୋକଙ୍କ ମନରେ ଯାଗରିତ ରହିବ ଏବଂ ତାହା ସ୍ମରଣ କରି ଶ୍ରୀମତୀ ଭାରତେଶ୍ୱରୀଙ୍କର ଯଶ ଘୋଷଣା ଦୀର୍ଘକାଳ ଲୋକେ କରୁଥିବେ ଏଥିରେ ସନ୍ଦେହ ନାହିଁ ।

ଏଠା ମିଉନିସିପାଲିଟି ଏବଂ ଡିଷ୍ଟ୍ରିକ୍ଟସଭା ଅଭିନନ୍ଦନପତ୍ରମାନ ଦେଇଅଛନ୍ତି ମାତ୍ର ସେ ସବୁ ଡାକରେ ପଠା ଯାଇଥିବାରୁ ଦରବାର ଅନୁଷ୍ଠାନମଧ୍ୟରେ ଆସିଲା ନାହିଁ । ଅଭିନନ୍ଦନପତ୍ରମାନ ସ୍ଥାନାନ୍ତରେ ପ୍ରକାଶିତ ହେଲା ।

ଯାଜପୁର—ଶ୍ରୀଯୁକ୍ତ ସବଡିଭିଜନ ସାହେବଙ୍କ ସଦୁପଦେଶରେ ନଗରବାସିମାନେ ହେବା- ... ଭର ପ୍ରାୟ ଦୁଇଶତଟଙ୍କା ସଂଗ୍ରହ କରିଅଛନ୍ତି ଏବଂ ମିଉନିସିପାଲିଟି ଟ ୫୦ ଙ୍କା ସାହାଯ୍ୟ ଦେଇଅଛନ୍ତି । ଏହିସମସ୍ତ ଟଙ୍କାର କିୟଦଂଶ ରୋଷନାଇ ଆତସବାଜି ଏବଂ ନଗରର ପ୍ରଧାନ ସ୍ଥାନମାନଙ୍କରେ ପତାକାଦ୍ୱାରା ବିଭୂଷିତହେବା ଏବଂ ଅପରାଂଶ ଦୀନ ଦୁଃଖିମାନଙ୍କୁ ଅନ୍ନବସ୍ତ୍ର ବିତରଣ ହେବାର ବନ୍ଦୋବସ୍ତ ହୋଇଥିଲା । ସେହିପରି କାର୍ଯ୍ୟ ହୋଇଥିବ ।

ଅନୁଗୁଳ—ଅଜକାଲି ଅନୁଗୁଳରେ ଜାତୀୟ ଉତ୍ସବ କାର୍ଯ୍ୟ ନିମନ୍ତେ ସମସ୍ତେ ଆନନ୍ଦରେ ମତ୍ତ ହୋଇଅଛନ୍ତି । ସରକାରିଲୋକର ଦେଶୀୟ ଭଦ୍ରଲୋକ, ସଉଦାଗର ଏବଂ ପ୍ରଜାମାନେ ମିଳିତ ହୋଇ ପ୍ରାୟ ଟ ୧୮୦୦୧ ଙ୍କା ସଂଗ୍ରହ କରିଅଛନ୍ତି । ତନ୍ମଧ୍ୟରୁ ପ୍ରାୟ ଟ ୮୦୦୧ ଙ୍କା ସଭାଗୃହ ନିର୍ମାଣ, ରୋଷନାଇ, ନୃତ୍ୟଗୀତ ଆତସବାଜି ଓ ଗରିବମାନଙ୍କୁ ଅନ୍ନବସ୍ତ୍ର ବିତରଣରେ ଏବଂ ଅବଶିଷ୍ଟ ଟଙ୍କା ଉକ୍ତ ଉତ୍ସବକୁ ସ୍ମରଣ ରଖିବା ସକାଶେ ଗୋଟିଏ ଚିରସ୍ଥାୟୀ କୀର୍ତ୍ତି ସ୍ଥାପନରେ ବ୍ୟୟ ହେବ ବୋଲି ସମସ୍ତେ ସ୍ଥିର କରିଅଛନ୍ତି । ଦୁର୍ଗର ମଧ୍ୟସ୍ଥଳ ସବିଲ୍ଡିଂ ମାଉସର ସମ୍ମୁଖରେ ଗୋଟିଏ ପ୍ରକାଣ୍ଡ ସଭାମଣ୍ଡପ ନିର୍ମାଣ ହେଉଅଛି ଏହାର କାର୍ଯ୍ୟ ପ୍ରାୟ ଶେଷ ହେଲଣି । ଦୁର୍ଗର ଏକପ୍ରାନ୍ତଠାରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ପ୍ରାୟ ଏକମାଇଲ ପଥ ତୋରଣ ଓ ଫୁଲରେ ଭୂଷିତ ହେବ ଅନୁଗୁଳପ୍ରଜାମାନେ ଏପ୍ରକାର ସମୟରେ ଏତେଦୂର ରାଜଭକ୍ତିର ଚିହ୍ନ ଦେଖାଇବା ବଡ଼ ଆନନ୍ଦର ବିଷୟ ଅଟେ ।

ରଣପୁର—୧। ଚଳିତ ଫିବୃଅରିମାସ ତା୧୬ ରିଖ ବୁଧବାର ଅପରାହ୍ନ ସମୟରେ ଶ୍ରୀ ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦ୍ମାଶତୀଙ୍କ ଜଣ୍ଡ କିନ୍ଧୁଡ ଏକ ଶତବାର କମାଣ ଉଦୃତ ଗଡ଼ ବାହାର ଠାରେ ଓ ରାଜସର୍ଦ୍ଦାରଙ୍କ ଦ୍ୱାରା ଅନ୍ଧ ଓ ଦରିଦ୍ରମାନଙ୍କର ଅନ୍ନ ବସ୍ତ୍ର ଦାନ ଦିଆଯିବ ।

୨। ଏହିଦିନ ପ୍ରାତଃକାଳରେ ରଣପୁରରାଜଧାନୀ ନଜରଗଡ଼ଠାରେ ପ୍ରତ୍ୟେକ ଘର,ସ୍ଥାପଣା୨ ଦ୍ୱାରେ ପୂର୍ଣ୍ଣକୁମ୍ଭ ଓ କମ୍ରୁଷ ସ୍ଥାପନ କରିବେ ଏବଂ ସନ୍ଧ୍ୟାସମୟରେ ପ୍ରଦୀପ ଜାଳି ରୋଷନାଇ କରିବେ ରାଜବାଟୀ ଏବଂ ଶ୍ରୀଜଗନ୍ନାଥଦେବଙ୍କ ମନ୍ଦିର ଓ ବେଠା ଓ କେନ୍ଦ୍ରୀୟା ଓ ଆଳାଦିକାମାନ ଏହିରୂପେ ଦୀପାବଳୀଦ୍ୱାରା ସୁସଜ୍ଜିତ ହୋଇ ଅଲଙ୍କୃତ ହେବ ଏବଂ ବଡ଼ଦାଣ୍ଡ ଓ ପ୍ରଧାନ୨ ଦାଣ୍ଡମାନଙ୍କରେ ମଧ୍ୟ ରୋଷନାଇ ହେବ ପ୍ରଜାବାସିମାନେ ମେ ପାତ୍ରର ଇଚ୍ଛାନୁସାରେ ନାମସଙ୍କୀର୍ତ୍ତନ ଓ ବାଦ୍ୟଗୀତ ନୃତ୍ୟାଦିଦ୍ୱାରା ଆମୋଦ ପ୍ରମୋଦ କରିବେ ।

୩। ଏହି ନଜରଗଡ଼ଠାରେ ଯେଉଁ ନୂତନ କୋଠି ନିର୍ମାଣ ହେଉଅଛି ସେହିଠାରେ ରାତ୍ରି ଘ ୮ ଟା ଉତ୍ତାରୁ ରାଜଦରବାର ହେବ ଏବଂ ରୋଷନାଇ ଓ ଆତସବାଜିମାନ ଦେଖାଯିବ ।

୪। ଏହି କୋଠି ଶ୍ରୀ ଶ୍ରୀମତୀ ଭାରତେଶ୍ୱରୀଙ୍କ ଜୁବିଲି ଉପଲକ୍ଷରେ ସେହି ସମୟରେ ପ୍ରତିଷ୍ଠିତ ହେବ ଏବଂ ତହିଁରୁ ନୃତ୍ୟଗୀତାଦ ତତ୍ପରେ ଦରବାର ଭଙ୍ଗ ହେବାରୁ ନିମନ୍ତ୍ରିତ ଥିବାର ଭଦ୍ରବ୍ୟକ୍ତି ଓ କର୍ମଚାରୀମାନଙ୍କୁ ଗୋଟିଏ ଭୋଜ ଦିଆଯିବ ।

୫। ମଫସଲସ୍ଥ ଚାକିରୀ ଗ୍ରାମବାସୀମାନେ ଉକ୍ତ ନିର୍ଦ୍ଧାରିତ ତାରିଖ ସନ୍ଧ୍ୟାସମୟରେ ଆପଣା୨ ଗ୍ରାମରେ ରୋଷନାଇ କରିବେ ଏବଂ ନାମସଙ୍କୀର୍ତ୍ତନ ଓ ବାଦ୍ୟ ପ୍ରଭୃତି ଯେଉଁ୨ ଗ୍ରାମବାସିମାନଙ୍କୁ ଯାହା ମିଳେ ତଦନୁସାରେ ସେମାନେ ଆମୋଦ ପ୍ରମୋଦ କରି ସୁଖ ଦେଖ କରିବେ ।

୬। କଟକର " ଉତ୍କଳହୋପ ଫର୍ଣ୍ଣ " ନାମକ ସ୍ଥାୟୀକୀର୍ତ୍ତି ନିମିତ୍ତ ରାଜକୋଷରୁ ଟ ୫୦୦୧ ଙ୍କା ଦିଆଯିବ ଏବଂ ଏହି ରାଜ୍ୟମଧ୍ୟରେ ଜାରୀ ହୋଇଥିବା ସଡ଼କ ନିକଟରେ ଯେଉଁ ନିର୍ଜଳ ଦେବତମୟ ସ୍ଥାନମାନ ଅଛି ସେମାନଙ୍କରେ ଗୋ ୪ ଟି କୂପ ଖୋଳାଇ ଦିଆଯାଇ ପଥିକମାନଙ୍କର ଜଳପାନର ସୁବିଧା କରାଇ ଦିଆଯିବ ଏହି କୂପମାନଙ୍କର ପ୍ରସ୍ତୁତ ନିମନ୍ତେ ରାଜକୋଷରୁ ଟ ୮୦୬ ଙ୍କା ଦିଆଯିବ ।

୭। କଏଦିମାନଙ୍କ ମଧ୍ୟରୁ ଉତ୍ତମଆଚରଣର ଦୁଇଜଣ କଏଦିକୁ ଶ୍ରୀ ଶ୍ରୀମତୀ ଭାରତେଶ୍ୱରୀଙ୍କ ଦୀର୍ଘାୟୁ ଏବଂ ଶାନ୍ତି କାମନାରେ ମୁକ୍ତି ଦିଆଯିବ ।

୮। ଏକଖଣ୍ଡ ଅଭିନନ୍ଦନପତ୍ର ଶ୍ରୀମତୀ ଭାରତେଶ୍ୱରୀଙ୍କ ଶ୍ରୀସମୁଖରେ ଅର୍ପଣ କରିବା ସକାଶ କଲେକ୍ଟର ଶ୍ରୀଯୁକ୍ତ ଶ୍ରୀ ସ୍ମାର୍ଟିଫେଣ୍ଡେଣ୍ଟ ସାହେବ ବାହାଦୁରଙ୍କ ହଜୁରକୁ ପଠାଯିବ ।

୯। ମସିକ ଟ ୪ ଙ୍କା ପରିମାଣରେ ଏକ ଗୋଷ୍ଠ ଛାତ୍ରବୃତ୍ତି ଦାନ କରାଯିବ ରଣପୁର ବିଦ୍ୟାଳୟରୁ ଯେଉଁ ଛାତ୍ରମାନେ ପରୀକ୍ଷୋତ୍ତୀର୍ଣ୍ଣ ହୋଇ କଟକଠାରେ ବିଦ୍ୟାଶିକ୍ଷା କରିବାକୁ

Digitized by srujanika@gmail.com

Split by PDF Splitter



ହୁଏ ତେବେ ସେହିମାନଙ୍କ ମଧ୍ୟରୁ ଉପଯୁକ୍ତ ଛାତ୍ରକୁ ପ୍ରତିବର୍ଷ ଏହି ବୃତ୍ତି ଦିଆଯାଉଥିବ ଏବଂ ଏହି ବୃତ୍ତିକୁ "ଭିକ୍ଟୋରିଆ ବୃତ୍ତି" ବୋଲିଯିବ ।

ଖୋର୍ଦ୍ଧା—ଏ ସ୍ଥାନରେ ଗୋଟିଏ କମିଟୀ ସ୍ଥାପିତ ହୋଇ ସେମାନଙ୍କ ଯତ୍ନରେ ପ୍ରାୟ ଟ ୪୦୦୯ ଙ୍କା ଚାନ୍ଦା ସଂଗୃହୀତ ହୋଇଥିଲା ।

୨ । ପ୍ରାତଃ ଘ ୭ ଟା ଠାରୁ ଘ ୧ ଟା ପର୍ଯ୍ୟନ୍ତ କଚେରୀ ହତା ମଧ୍ୟରେ ସାହେବ ସବ୍‌ଡିଭିଜନ ଅଫିସର ଓ ତହସିଲଦାର ପ୍ରଭୃତି ଗ୍ରାମସ୍ଥ ଜମିଦାର ଓ କମିଟୀ ମେମ୍ବରମାନଙ୍କ ଉପସ୍ଥିତିରେ ଦରିଦ୍ର ବ୍ୟକ୍ତିମାନଙ୍କୁ ଅନ୍ନ ଅର୍ଥାତ୍ ତଣ୍ଡୁଳ ଡାଲି ଓ ବସ୍ତ୍ର ଏବଂ କେତେ ପଇସା ବିତରଣ କରାଗଲା ।

୩ । ଅପରାହ୍ଣ ଘ ୪ ଟା ସମୟରେ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ସ୍କୁଲ ଛାତ୍ରମାନଙ୍କୁ ମିଷ୍ଟାନ୍ନ ଭୋଜନ ସ୍କୁଲ ଗୃହରେ ଦିଆ ଗଲା ।

୪ । ସନ୍ଧ୍ୟା ଘ ୬ ଟାଠାରୁ ରୋଷନାଇ କାର୍ଯ୍ୟ ଆରମ୍ଭ ହୋଇ ରାତ୍ରି ଘ ୯ ଟା ସମୟରେ ଶେଷ ହେଲା । ଏହି ମଧ୍ୟେ ଘ ୯ ଟାଠାରୁ ଘ ୧୧ ଟା ପର୍ଯ୍ୟନ୍ତ ଆତସବାଜୀ ବନ୍ଧୋଷ୍ଟ ଓ ... ଖେଳ, ଘ ୧୧ ଟାଠାରୁ ଶେଷ ପର୍ଯ୍ୟନ୍ତ ସ୍ଥାନେ ସଙ୍ଗୀତ, କୃଷ୍ଣଲୀଳା, ରାମଲୀଳା, ପାଲା ପ୍ରଭୃତି ଓ ନଜରଣରେ ସଙ୍ଗୀତ ଓ ବାରଙ୍ଗନା-ନୃତ୍ୟଦ୍ୱାରା ଆମୋଦ ପ୍ରମୋଦ ହୋଇଥିଲା ।

୫ । ଉପରଲିଖିତ ଚାନ୍ଦା ବାଦରେ ଗବର୍ଣ୍ଣମେଣ୍ଟ ଭଣ୍ଡାରୁ ରୋଷନାଇ ନିମିତ୍ତ ଟ ୭୫ ଙ୍କା ... ଦେଇଥିଲେ । ବିଶେଷରେ ଗ୍ରାମସ୍ଥ ଜମିଦାର ଓ ଭଦ୍ର ବ୍ୟକ୍ତିମାନଙ୍କ ଆନ୍ତରିକ ଓ ... ପରିଶ୍ରମ ଏହି ଅନୁଷ୍ଠାନଦ୍ୱାରା ଅଶା... ଫଳ ପ୍ରତ୍ୟକ୍ଷ କରାଗଲା ।

୬ । ସାହେବ ସବ୍‌ଡିଭିଜନ ଅଫିସର ... ଉଡ଼ିଶାବାସୀମାନଙ୍କ ସହିତ ସମବେତ ... ପଡ଼ିଆରେ ସମସ୍ତ ଆତସ... ରୋଷନାଇ ଅବଲୋକନ କରି ତଦନ୍ତେ ... ସ୍ଥଳରେ ... ପର୍ଯ୍ୟନ୍ତ ଅବସ୍ଥିତି କରି ... ଆପଣା କୋଠିକି ପ୍ରସ୍ଥାନ କଲେ ।

୭ । ରୋଷନାଇ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ... ହଜାର ଲୋକ ସମବେତ ... କୌତୂହଳରେ ରୋଷନାଇ ଅବ... କଲେ । ରୋଷନାଇଟି ଅତି ମନୋ... । ସବ୍‌ଡିଭିଜନ କଚେରୀରୁ ସମସ୍ତ ଅଂଶ

ଓ ଷ୍ଟେସନମାନଙ୍କ ରୋଷନାଇ ସର୍ବାପେକ୍ଷା ଉତ୍କୃଷ୍ଟ ଓ ମନୋହର୍ଷୀ ହୋଇଥିଲା ।

୮ । ସାହେବ ସବ୍‌ଡିଭିଜନ ଅଫିସରଙ୍କ ବଙ୍ଗଳା, ବାରକମାଷ୍ଟର ବଙ୍ଗଳା, ଡାକ୍ତରଖାନା ଥାନା, ସ୍କୁଲ, ଡାକଘର, ରେଜେଷ୍ଟ୍ରୀ କଚେରୀ-ପ୍ରଭୃତି ସରକାରୀ ଘର ସବୁ ଓ ସମସ୍ତ ବଜାର କେବେ ସାହେବ ଓ ଦେଶୀୟ ଲୋକର ରୋଷନାଇରେ ପ୍ରୀତିଦାୟକ ହୋଇଥିଲା ।

ତା ୧୭ ରଖରେ ଏତତ୍‌ସମ୍ବନ୍ଧେ ଯେଉଁ କାର୍ଯ୍ୟ ଅନୁଷ୍ଠିତ ହେବ ତାହା ପରେ ଜଣାଇବୁଁ ।

ବାଲେଶ୍ୱର—ଏଠାର ଉତ୍ସବ କିରୂପ ପ୍ରତିପାଳିତ ହୋଇଅଛି ତହିଁର ସମ୍ବାଦ ଆସିବାର ସମ୍ଭବ ହୋଇ ନ ଥିବାରୁ ଆଗାମିକ ଉପେକ୍ଷିତ ହେଲା । ସମ୍ପ୍ରତି କାର୍ଯ୍ୟନିର୍ବାହକ କମିଟୀ ଯେ ସକଳ କାର୍ଯ୍ୟ ଅନୁଷ୍ଠିତ ହେବାର ସ୍ଥିର କରିଥିଲେ ସେ ସମସ୍ତ ହୋଇଥିବ । ସେ ସମସ୍ତ କାର୍ଯ୍ୟ ଓ ତହିଁର ବ୍ୟୟ ନିମ୍ନଲିଖିତରୂପ ଅଟଇ । ଯଥା—

୧ । କଙ୍ଗାଳମାନଙ୍କ ମିଷ୍ଟାନ୍ନ ଭୋଜନ ଦେବାନିମିତ୍ତ ଟ ୫୦୯ ଙ୍କା ।

୨ । ନଗରର ନାନା ସ୍ଥାନରେ ଓଡ଼ିଆ ଯାତ୍ରା ଏବଂ ନୃତ୍ୟଗୀତ ବାଦ୍ୟନିମିତ୍ତ ଟ ୨୫୯ ଙ୍କା ।

୩ । ଦେବାଳୟମାନଙ୍କରେ ଅନ୍ନଣ୍ୟ ଓ ପୀରମାନଙ୍କଠାରେ ସିରଣି ଦେବା କାରଣ ଟ ୨୧୯ ଙ୍କା ।

୪ । ସଙ୍କୀର୍ତ୍ତନ ପ୍ରତ୍ୟେକ ଦଳକୁ ଟ ୧୯ ଙ୍କା ଲେଖାଏଁ ।

୫ । କାଥଲିକ ପାଦ୍ରିଙ୍କ ଅଧୀନ ପିଲାଙ୍କ ଭୋଜନନିମିତ୍ତ ଟ ୧୦୯ ଙ୍କା ।

୬ । ନଗର ରୋଷନାଇ । ଏଥିର ସମ୍ପୂର୍ଣ୍ଣ ଭାର ନଗରବାସୀଙ୍କ ଉପରେ ଅର୍ପିତ ହେଲା ସେମାନେ ଆପଣା ଆପଣା ଘରେ ଆଲୁଅ ଦେବେ ।

ଏପର ଗିର୍ଜା ଓ ବ୍ରାହ୍ମସମାଜରେ ଉପାସନା ଏବଂ ଭାରତେଶ୍ୱରୀଙ୍କ ଅଭିନନ୍ଦନ ପତ୍ର କଲେକ୍ଟର ସାହେବଙ୍କୁ ଦେବାକାରଣ ସଭା ହେବାର ପ୍ରସ୍ତାବମାନ ହୋଇ ଧାର୍ଯ୍ୟ ହୋଇଥିଲା ।

ସାମୟିକ ଆମୋଦପ୍ରମୋଦର ବନ୍ଦୋବସ୍ତ ଏହିପରି ଅଟଇ । ସ୍ଥାୟୀକୀର୍ତ୍ତି ରକ୍ଷା ବିଷୟରେ ଏଠାରେ ଉତ୍କୃଷ୍ଟ କାର୍ଯ୍ୟର ଅନୁଷ୍ଠାନ ଦେଖି ପ୍ରୀତ ହୋଇଅଛୁଁ ଯଥା ।

୧ । ରାଜା ଶ୍ୟାମାନନ୍ଦ ଦେ ଜମିଦାରମାନଙ୍କର ଶିକ୍ଷାସଭାର ଗୋଟିଏ ବିଦ୍ୟାଳୟ ସ୍ଥାପନ କରିବେ । ଏବଂ ଆଗାମି ଅପ୍ରେଲ ମାସରୁ ଏଥିର କାର୍ଯ୍ୟାରମ୍ଭ ହେବ ।

୨ । ବାବୁ ରାଧାରମଣ ଦାସ ଦେଶୀୟ ଚିକିତ୍ସାର ଉନ୍ନତିକାରଣ ଗୋଟିଏ ସଂସ୍କୃତ ଟୋଲ ଓ ଆୟୁର୍ବେଦୀୟ ଚିକିତ୍ସାଳୟ ସ୍ଥାପନ କରିବେ ।

୩ । ବାବୁ ରାଜକୃଷ୍ଣ ଦାସ ପ୍ରତିବର୍ଷ ଏକଜଣ ସ୍ତ୍ରୀ ଧାତ୍ରୀବିଦ୍ୟା ଶିକ୍ଷିବା କାରଣ ମାସକୁ ଟ ୧୦୯ ଙ୍କା ଲେଖାଏଁ ବୃତ୍ତି ଦେଇ କଲିକତାକୁ ପଠାଇବେ । ଉକ୍ତ ସ୍ତ୍ରୀ ତିନିବର୍ଷ ଶିକ୍ଷାକରି ବାଲେଶ୍ୱରକୁ ଫେରି ଆସିବ ଓ ପ୍ରତି ତିନିବର୍ଷରେ ଜଣେ ଲେଖାଏଁ ଏହିପରି ପଠାଉଥିବେ । ଏଥିରେ ଧାତ୍ରୀର ଅଭାବ ଦୂର ହେବ ।

ଉପରଲିଖିତ ସ୍ଥାୟୀକୀର୍ତ୍ତିମାନଙ୍କ ଦ୍ୱାରା ଶ୍ରୀମତୀ ଭାରତେଶ୍ୱରୀଙ୍କ ଜୁବିଲି ଉତ୍ସବ ଚିରସ୍ମରଣୀୟ କରିବା ସଙ୍ଗେ ସଙ୍ଗେ ଲେଡି ଡଫରିନଙ୍କ ସ୍ତ୍ରୀ ଚିକିତ୍ସାର ଉଦ୍ଦେଶ୍ୟ ମଧ୍ୟ ସଫଳ ହୋଇଅଛି ।

---

## ସାପ୍ତାହିକ ସଂବାଦ ।

ଶ୍ରୀମତୀ ଭାରତେଶ୍ୱରୀଙ୍କ ଜୁବିଲିପର୍ବ ସ୍ମରଣାର୍ଥ ... ଉଦ୍ଦେଶ୍ୟରେ ଜବଲପୁରଠାରେ ଯେଉଁ ସଭା ହୋଇଥିଲା ତହିଁରେ ମଧ୍ୟପ୍ରଦେଶର ଜଣେ ଧନୀ ବଣିକ ଟ ୧୦୦୦୦ ଙ୍କା ଚାନ୍ଦା ସ୍ୱାକ୍ଷର କରିଥିବାର ସମ୍ବାଦ ମିଳଇ । ରାଜଭକ୍ତିରେ ଯେ ଭାରତବାସୀ ପ୍ରକୃତ ଉନ୍ନତ ହୋଇଅଛନ୍ତି ଏହା ତହିଁର ଉଦାହରଣ ସ୍ଥଳ ଅଟଇ ।

ଡୁମିଅର ପୁରଠାରେ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ଯେଉଁ ଗୋଳମାଳ ହୋଇଥିଲା ତହିଁରେ ପ୍ରଧାନ ଦୋଷୀ ମେହେବୁବା ନାମକ ଜଣେ ମୁସଲମାନ ଫାଶିଦଣ୍ଡର ଆଜ୍ଞା ପ୍ରାପ୍ତ ହୋଇଅଛି । ଏଥିରୁ ଯେବେ ଲୋକେ ଶିକ୍ଷାପ୍ରାପ୍ତ ନ ହେବେ ତାହା ହେଲେ ଶିକ୍ଷା ଦେବାର ଆଉ ଉପାୟ ନାହିଁ ।

ଲକ୍ଷ୍ନୌର ମୁନସୀ ନବଲକିଶୋର ଆପଣା ପୁତ୍ରର ବିବାହ ଉପଲକ୍ଷରେ ରେବାର ସ୍କୁଲକୁ ଟ ୧୮୦୦୦ ଙ୍କା ଦାନ କରିଥିବାର ସମ୍ବାଦ ମିଳଇ । ଏ ଦାନ ଅତି ପ୍ରଶସ୍ତ ଅଟଇ ।

ତାହିରପୁରର ଜମିଦାର କୁମାର ଶଶିଶେଖର ରାୟ ଶ୍ରୀମତୀ ଭାରତେଶ୍ୱରୀଙ୍କ ଜୁବିଲି ଉତ୍ସବ ଉପଲକ୍ଷେ ଟ ୧୦୦୦୦ ଙ୍କା ଦାନ କରିଥିବାର ସମ୍ବାଦ ମିଳଇ । ଭାରତବାସିଙ୍କ ରାଜଭକ୍ତି ଅନୁପମଣୀୟ ଅଟଇ ।

ଲଣ୍ଡନଠାରୁ ଆସିଥିବା ଗତମାସ ତା ୫ ରିଖର ତାରସମ୍ବାଦରୁ ପ୍ରକାଶ ଯେ ତହିଁପୂର୍ବ ରାତ୍ରରେ ପାର୍ଲିୟାମେଣ୍ଟ ମହାସଭାରେ ଇଂରାଜମାନେ ମିସର ଦେଶ ଅଧିକାରରୁ ଏକାବେଳକେ ଲେଉଟି ଆସିବାର ପ୍ରସ୍ତାବ ହୋଇଥିଲା ମାତ୍ର ଅଧିକାଂଶ ସଭ୍ୟଙ୍କମତ ତହିଁ ବିପକ୍ଷରେ ହେବାରୁ ଉକ୍ତ ପ୍ରସ୍ତାବ ଅକର୍ମଣ୍ୟ ହୋଇଗଲା ।

Digitized by srujanika@gmail.com

Split by PDF Splitter



ଜୁବିଲି ପର୍ବୋପଲକ୍ଷେ ଭୂପାଳର ବେଗମ ଅପଣା ରାଜଧାନୀ ଅଞ୍ଚଳରେ କରିବାସଙ୍ଗେ ୨ ସେଠାର ଦେଶୀୟମାନଙ୍କୁ ଟେକଦେବାର ସ୍ଥିର କରିଥିବାର ସମ୍ବାଦ ମିଳଇ। ଚିର- ସ୍ଥାୟୀ କାର୍ଯ୍ୟ ମଧ୍ୟରେ ବେଗମ ମହୋଦୟା ଦୁଇଲକ୍ଷ ଟଙ୍କା ବ୍ୟୟରେ ଅପଣା ରାଜଧାନୀର ଜଳ ଯୋଗାଇବା କଳକୁ ସେଠା ନିକଟବର୍ତ୍ତୀ କେତେକ ଗ୍ରାମର ପ୍ରଜାମାନଙ୍କ ସୁବିଧା- ନିମିତ୍ତ ବଢ଼ାଇ ଦେବେ।— ଏ ଚିରସ୍ଥାୟୀ କାର୍ଯ୍ୟର ପ୍ରସ୍ତାବ ଅତ୍ୟନ୍ତ ମୁକ୍ତିସଙ୍ଗତ ଅଟଇ।

## ରଣପୁରର ସମ୍ବାଦ।

ସ୍ୱର୍ଗପ୍ରାପ୍ତ ସାନରାଜ ଗୋପୀ ସାମନ୍ତଙ୍କ ନାତୁଣୀ ଓ ଜଗ- ଦେବ ସାମନ୍ତଙ୍କ ମଙ୍ଗଳ ବିଭା ଉପଲକ୍ଷରେ ଏ ବର୍ଷାରେ ଗତ ଜନୋଇମାସ ତା ୩୦ ରିଖଠାରୁ ଫେବ୍ରୁମାସ ତା ୮ ରିଖପର୍ଯ୍ୟନ୍ତ ମହା ମହୋତ୍ସବ ଲାଗିଥିଲା ଏ ଉତ୍ସବରେ ସ୍ୱଦେଶୀ ବିଦେଶୀ ସ୍ୱଜନ ବନ୍ଧୁବାନ୍ଧବ ଭଦ୍ରଲୋକ ଦୁଃଖି ଦରିଦ୍ର ଅଗନ୍ତୁକ ଓ ଦର୍ଶକ ବହୁସଂଖ୍ୟକ ଲୋକ ସମବେତ- ହୋଇ ଉତ୍ସବର ଶୋଭା ସମ୍ପାଦନ କରୁଥିଲେ ସମସ୍ତେ ଯଥାବିଧାନରେ ଚର୍ଚ୍ଚା ପାଇ ତୃପ୍ତ ହେଲେ. ସ୍ୱଜନ, ବନ୍ଧୁ ବାନ୍ଧବ, କର୍ମଚାରୀ, ଭଦ୍ରଲୋକ, ଚାକର, ପରିବାରଙ୍କୁ, ପ୍ରଜା, ଅଗନ୍ତୁକ ଓ ଦୁଃଖିଦରିଦ୍ରମାନଙ୍କୁ ପାଟ, ମଠା, ଶାଲ, ବନାତ, ଲୁଗା ଯଥାବିଧାନରେ ବଣ୍ଟନ ହୋଇ ବହୁବିଧ ନର୍ତ୍ତକ ନର୍ତ୍ତକୀ ଉପସ୍ଥିତ ହୋଇ ନାନା ନୃତ୍ୟ ଗୀତାଦି କରି ଦର୍ଶକ- ମାନଙ୍କ ମନୋରଞ୍ଜନ କଲେ ନାଟଶାଳାଟିଏ ଉତ୍ତମରୂପେ ସୁସଜ୍ଜିତ ହୋଇଥିଲା— ଦିବ୍ୟପ୍ରକାର-ନାଟ୍ୟ ବାଦ୍ୟାଦିର ବିଦେଶୀମାନଙ୍କରୁ ଅଣାଯାଇ ବାଦନ ହେଉଥିଲା। ସେଷ- ଜାଇ ବାଦ୍ୟଦଳମାନଙ୍କୁ ଅଣାଯାଇ ଏଠାରେ ଉତ୍ତମରୂପ ସେଷଜାଇ ପ୍ରସ୍ତୁତ କରାଇ ସେଷଜାଇ ସଜାଯାଇଥିଲା ବାଣ- କ୍ରୀଡ଼ାର ପରିସୀମା ନାହିଁ ବାହିଁ ଏହିପରି ଅନ୍ତିମ୍ବରରେ ରାଜବାଟୀ ରାଜଦାଣ୍ଡ, ଗଡ, ସ୍ୱଜନପଲ୍ଲୀ କେତେକଦୂରପର୍ଯ୍ୟନ୍ତ ଅଲୋକିତ ହୋଇଥିଲା ଏମାନ ଦେଖି ସେବେ ଅପରୂପ ଏ କେ ଉଜ ବୃଦ୍ଧ ହେଲେ ଜନ୍ମସ୍ଥିରୁ ଶୁଣାଗଲା ଏ ପ୍ରଦେଶରେ ଏ ବର୍ଷରେ ଯେତେ ଉତ୍ସବ ହୋଇଥିଲା ଏପରି ଶୃଙ୍ଖଳାରେ କାର୍ଯ୍ୟ ନିର୍ବାହ ହେବାର କଦାଚ ଦୃଷ୍ଟି- ଗୋଚର ହୋଇ ନ ଥିଲା ଏହେତୁ ଶ୍ରୀଯୁକ୍ତ ଦେୱାନ ବାବୁ ଗଉରଚନ୍ଦ୍ର ସେନଙ୍କୁ ଧନ୍ୟବାଦ ଓ ତାଙ୍କୁ ଅତିର୍ଦ୍ଧିତ କରୁ- ଥିବାର ଶୁଣାଗଲା ଏବଂ ଏଥିରେ ଦେୱାନ ମହୋଦୟ ଅଧିକ ଯଶ ପ୍ରକୃତ ଲାଭକଲେ ଦେୱାନ ମହାଶୟଙ୍କର ଉକ୍ତ- ରୂପ କାର୍ଯ୍ୟଦକ୍ଷତା ବିଷୟରେ ମାନ୍ୟବର ରାଜା ମହୋଦୟ ଅତ୍ୟନ୍ତ ଆନନ୍ଦିତ ହେବାର ସୂଚିତ ହେଉଅଛି।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ।

---

ଉତ୍କଳଦୀପିକା ସମ୍ପାଦକ ମହାଶୟ—

ସମୀପେଷୁ

ମହାଶୟ

୧।—ଗତ ତା ୬ ରଖ ରବିବାର ସନ୍ଧ୍ୟା ସ ୬ ଘଣ୍ଟା ସମୟରେ ଶ୍ରୀ ଶ୍ରୀଜଗନ୍ନାଥ ସନାତନ- ଧର୍ମରକ୍ଷିଣୀ ସଭାର ଷଷ୍ଠ ଅଧିବେଶନ ହୋଇ ନିମ୍ନଲିଖିତ ଗ୍ରହଣ ଓ ଶିକ୍ଷିତଙ୍କ ସମ୍ପର୍କରେ ଅନେକ ତର୍କ ବିତର୍କ ହେବାପରେ ସ୍ଥିର ହେଲା ଯେ ଜୁବିଲି ପର୍ବ୍ବକାଳରେ ଗ୍ରହଣର ଉଲ୍ଲେଖ ନ ଥିବା ଓ ଏତଦ୍ଦେଶରେ କେହିଲୋକ ଗ୍ରହଣ ଦୃଷ୍ଟି ହେବାର ସମ୍ଭାବନା ନ ଥିବାରୁ ପାଳନ କରିବାର ଅନାବଶ୍ୟକ।

୨।—ଉକ୍ତ ସଭାର ଚିରସ୍ଥାୟୀତ୍ୱ ସମ୍ପାଦନ ବିଷୟର ସଦସ୍ୟମାନେ ଚିନ୍ତିତ ପ୍ରତି ଅଧିବେଶନରେ ଶ୍ରୀ ଶ୍ରୀଜଗନ୍ନାଥ ସନାତନ—ଧର୍ମବିଷୟକ ଶାସ୍ତ୍ରପାଠ ପ୍ରଥାନୁଯାୟୀ ଶାସ୍ତ୍ରମାନ ପର୍ଯ୍ୟାୟ କ୍ରମେ ପାଠ କରାଯିବ।

୩।—ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସତ୍ତ୍ୱାଧିକା- ରିତ୍ୱାଧିନ ଅନ୍ତର୍ଗତ।ପ୍ର। ସହାଙ୍କ।ମୌ। ସରସ୍ତୀପାଟପୁର ସମ୍ପର୍କ ହୋଇଥିବା ଏକଗୋଟି ମାମଲା ବିଷୟରେ ଅଦୋଳନ କରୁ ହୋଇ- ଥିଲା ସେ ମୋକଦ୍ଦମା ଏହି ମନ୍ଦିରର ନୂତନ କର୍ମଚାରୀମାନଙ୍କ ଦ୍ୱାରା ଗଳତ୍ସ ହେଲା ତଦନ୍ତର ବିଷୟରେ ଜୁଲୁମ ହେବାରୁ ଗ୍ରାମବାସିମାନେ ମାରପିଟ କରିଅଛନ୍ତି। ଡାକତର ମାଲମା ଓ ପୁଲିସ ତଦନ୍ତପର ଜ ୩ ଣ ଆସାମୀ ଚାଲାଣ ହୋଇମୋକଦ୍ଦମା ଶ୍ରୀ ବାବୁ ସ୍ୱଗତଚନ୍ଦ୍ରଷଟ୍ଟେର୍ଯ୍ୟ ଡଃ ମେଜେଷ୍ଟ୍ରରଙ୍କୁ ସୋପର୍ଦ୍ଦ ହୋଇଅଛି ଶେଷଫଳ କ ହୁଏ ତାହା ଈଶ୍ୱର ଜାଣନ୍ତି ନୂତନ କର୍ମଚାରୀମାନେ ସ୍ୱଳମ୍ବ ଅଦାୟ ପକ୍ଷେ ଏତେ ତତ୍ପର ନାହିଁ କ ହେଲେ ସ୍ୱେସ୍ୱରତ ବନ୍ୟା ନାହିଁ ଲେବେ ଉତ୍ତରର ହୋଇ ଅପମାନିତ ହେବାର ଦରକାର କ।

୪।—ଜୁବିଲି ଉପଲକ୍ଷେ କେଉଁ ବ୍ୟେସନାଇ ଅତ ସେ କର୍ତ୍ତବ୍ୟରେ କରିବାକୁ ଇଚ୍ଛୁକ ଅଛନ୍ତି।

୫।—ଉକ୍ତ ଜୁବିଲି ଉପଲକ୍ଷେ ପ୍ରଣୀ କେତେକ ଟଙ୍କା ଚାନ୍ଦା ଦେଇଥିଲେ ମଧ୍ୟ ପୁଲିସ ନିକର ଏକ ବ୍ୟେସନାଇ କପରି ସଜାଇ ମନସ୍ଥ କରିଥିବାର ଶୁଣି ସଭ୍ୟଗଣମାନେ ବିଶେଷ ସନ୍ତୁଷ୍ଟ ହୋଇଅଛନ୍ତି। ଇତି।

ପୁରୀ ୧୧।୨।୮୭ } ଏହାନ୍ତ ବଶମ୍ବଦ ଶ୍ରୀ ଶ୍ରୀଜଗନ୍ନାଥ ସନାତନ ଧର୍ମରକ୍ଷିଣୀ ସଭାର ସମ୍ପାଦକ ଶ୍ରୀ ରଘୁନନ୍ଦନ ପଣ୍ଡିତ ସହକାରୀ ସମ୍ପାଦକ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ

ମହାଶୟ!

ମହାମାନ୍ୟ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୁର ଚଳିତମାସ ତା ୧୩ ରଖ ଦିନ ସ ୧୦ ଘଣ୍ଟା ସମୟେ ନୟାଗଡ଼ ନଜ ବଙ୍ଗଳାରେ ପହଞ୍ଚି ଅପରାହ୍ନ ସ ୪ ଘଣ୍ଟା ସମୟରେ ସ୍କୁଲ ଓ ପୋଷ୍ଟ ଅଫିସ ଓ ଡାକ୍ତରଖାନା ତଦାରଖ କରି ସ ୫ ଘଣ୍ଟା ସମୟରୁ ସ ୭ ଘଣ୍ଟା ପର୍ଯ୍ୟନ୍ତ ରାଜଗୀ ମହଲର ମମଲା ମୋକଦ୍ଦମା ତଦା- ରଖ କଲେ ତହିଁପରେ ନୟାଗଡ଼ର ଶ୍ରୀ ରାଜା ସାହେବ ନୟାଗଡ଼ ନଜ ସହରରେ ସାହେ- ବଙ୍କ ଡେରା ପାଖରୁ ଗୁଣ୍ଡିଚା ପର୍ଯ୍ୟନ୍ତ ଏକମାଇଲ ରାସ୍ତା ହେବ ଅନେକ ରକମର ସେଷଜାଇ କରାଇଲେ ସ ୮ ଘଣ୍ଟା ସମୟରେ ସାହେବ ଓ ରାଜା ସେପରୀ ଦେଖିବା ଅଭି- ଲାଷରେ ହାଉଦାଳରେ ବସି ଗୁଣ୍ଡିଚାଘର- ନିକଟ ଯୋଠିପର୍ଯ୍ୟନ୍ତ ଭ୍ରମଣମାନ କଲେ ସେଠାରେ ବାଣକ୍ରୀଡ଼ାମାନ ହେବା ପରେ ତହିଁନ- କଟ ସହରର ପୁଷ୍କରିଣୀ ତଟରେ କମ୍ପାନୀ ଓ ଜୋଡ଼ବାଜା ଓ କଦମ୍ବଫୁଲ ଓ ପଦ୍ମଚକ୍ର ଓ ଅନ୍ୟମାନ ଗୁଡ଼ା ଓ ହାଉଇ ଓ ଅଗ୍ନିପର୍ବତ ଆଦି ନାନାଦ ରକମର ବାଣ ଆତସବାଜିମାନ ପୋଡ଼ାଗଲା ତହିଁରେ ସାହେବ ଓ ରାଜା ମହା- ସନ୍ତୁଷ୍ଟ ହୋଇ ସଙ୍ଗ ହୋଇ ରାଜମହଲକୁ ସ୍ୱଗ- ତମାନ କଲେ ରାଜାସାହେବ ଟ ୫୦୯ ଙ୍କା ଖର୍ଚ୍ଚରେ ଗୋଟିଏ ରଙ୍ଗମହଲ ଗୃହ ନିର୍ମାଣ- କରାଇ ପ୍ରସ୍ତୁତ କରାଇଥିଲେ ସେ ଗୃହରେ ସାହେବ ଓ ରାଜା ଓ ରାଜବଂଶ ଓ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉପସ୍ଥିତ ହେଲେ ଦକ୍ଷିଣଦେଶର ବାଇଜୀମାନେ ସ ୨ ଘଣ୍ଟା ପର୍ଯ୍ୟନ୍ତ ନୃତ୍ୟାଳାପ କରିବା ପରେ ସଭା ଭଙ୍ଗହେଲା।

---

ମହାଶୟ!

ଓଡ଼ିଶା ଗଡ଼ଜାତସମୂହର ମାନନୀୟ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟ ଚଳନ୍ତି- ମାସ ତା ୧୫ ରିଖରେ ଏ ସ୍ଥାନକୁ ଶୁଭାଗମନ କରି ଗତ ତା ୨୦ ରିଖରେ ଏଠାରୁ କଣ୍ଡମାଳ ଅଞ୍ଚଳକୁ ପ୍ରସ୍ଥାନ କଲେ। ପ୍ରସଙ୍ଗେର ସାହେବ ମହୋଦୟ ଏହି କେତେଦିନ ଏଠାରେ ଅବ- ସ୍ଥିତ କରି ଏସ୍ଥାନର ରାଜଗୀ କାର୍ଯ୍ୟ ପର୍ଯ୍ୟ- ବେକ୍ଷଣ ପୂର୍ବକ ସେ ସବୁର ଯଥୋପଯୁକ୍ତ ସୁବନ୍ଦୋବସ୍ତ କରିଗଲେ। ସ୍ଥାନୀୟ ଲୋକମା- ନଙ୍କ ଅଭାବ ପୂରଣ ନିମନ୍ତେ ଭୂମି ବନ୍ଦୋବସ୍ତ ଓ ବନ୍ଦୋବସ୍ତ ଲଗାଇବାର ଲୋକମା-

Digitized by srujanika@gmail.com

ଉକ୍ତ ଖାଦ୍ୟଦ୍ରବ୍ୟାଦି ପ୍ରଜାମାନେ ଯେ ରେଟରେ ଦେବେ ତହିଁର ସ୍ୱପ୍ରଥା ସମସ୍ତ ସରବରାକାରଙ୍କ ସାକ୍ଷାତରେ କରିଦେଲେ ଏବଂ ଏଠାକାର ଦୋକାନୀଙ୍କର ଉଚିତ ନିମନ୍ତେ କେତେକ ସୁବନ୍ଦୋବସ୍ତ କରିଗଲେ । ଏପର ସ୍କୁଲ ପ୍ରାଇଜ ବିତରଣ ଉତ୍ସବରେ ବାଳକମାନଙ୍କୁ ବିଶେଷ ଉତ୍ସାହ-ପୂର୍ଣ୍ଣ ଉପଦେଶ ଦେବେ । ସ୍କୁଲ ବାଳକମାନଙ୍କ ଦ୍ୱାରା, ନର୍ମାଲସ୍କୁଲ ଅଧ୍ୟାପକମାନଙ୍କଦ୍ୱାରା ପଠିତ ପଦ୍ୟ ଶ୍ରବଣକରି ସ୍କୁଲମାନ ସନ୍ତୋଷ ମନ୍ତବ୍ୟ ପ୍ରକାଶପୂର୍ବକ ଏ ବର୍ତ୍ତମାନର ସ୍କୁଲକୁ ମାଇନରସ୍କୁଲ ରୂପେ ପରିବର୍ତ୍ତିତ କରିବାର ଅବ-ଶ୍ୟକତା ବୁଝି ଆଦେଶ ଦେଇ ଯାଇଅଛନ୍ତି । ମଧ୍ୟ ସ୍କୁଲ ବୋର୍ଡିଂହାଉସ, ଫରେଷ୍ଟର ଇଲାକାର ଓ ବନ୍ଦୋବସ୍ତ ଇଲାକାର ଗୃହମାନ ଯେଉଁଠାରେ ତିଆରି ହେବ, ସ୍ୱୟଂ ସେ ସ୍ଥାନମାନଙ୍କୁ ଯାଇ ଦେଖି ସ୍ଥିରକରି ଗଲେ । ଏବାର ପ୍ରଶଂସିତ ମହୋଦୟଙ୍କର କାର୍ଯ୍ୟ ତତ୍ପରତା, ନିରଳସତା ଓ ପ୍ରଜାଙ୍କଦୁଃଖ ଶୁଣିବା ବିଷୟମାନ ଦେଖି, ଶୁଣି ସମସ୍ତେ ପ୍ରୀତ ହେଲେ । ହାତଗୋଳର ଦୃଷ୍ଟାନ୍ତ ଦେଇ ମାରିଥିବା ଖୁନ ମକଦମା ଏଠାରେ ନିଷ୍ପତ୍ତିକରି ସେ ବ୍ୟକ୍ତିକୁ ହୁକୁମ ଶୁଣାଇବା ନିମନ୍ତେ ସ୍ୱୟଂ ବିଶେଷ କଚିଳରେ ଧୀରତାରେ ତାର ଦ୍ୱୀପାନ୍ତର ବିଷୟ କହିଲେ । ପରେ ଏଦେଶୀୟ କେତେକ ବ୍ୟ-କ୍ତିଙ୍କ ବନ୍ଦୋବସ୍ତ କାର୍ଯ୍ୟ ଶିଖାଇବା ନିମନ୍ତେ ଆଦେଶ ଦେଇ ଉକ୍ତ କାର୍ଯ୍ୟ କରିବାର କର୍ତ୍ତାଙ୍କ ନିକଟକୁ ଲେଖିଅଛନ୍ତି । ଏହି ସମସ୍ତ କାରଣରୁ ଏଠା ଲୋକମାନେ, ମାନ୍ୟବର ସାହେବ ବାହାଦୁରଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

ବଶମ୍ବଦ
ଶତମନ୍ୟୁଧର ପ୍ରଧାନ
ଅନୁଗୋଳ

---

# ବିଜ୍ଞାପନା ।

ବିଶେଷ ଦ୍ରଷ୍ଟବ୍ୟ ! ବିଶେଷ ଦ୍ରଷ୍ଟବ୍ୟ !!
ବିଶେଷ ଦ୍ରଷ୍ଟବ୍ୟ !!!

ରାଜା କୃଷ୍ଣସିଂହଙ୍କ କୃତ

## ମହାଭାରତ ।

—୦—

ମହାଭାରତ ଯେ କେମନ୍ତ ପରମାଦରଣୀୟ ଗ୍ରନ୍ଥ ଏହା ପ୍ରାୟ କୌଣସି ହିନ୍ଦୁମଣ୍ଡଳୀରେ ଅପ୍ରକାଶ୍ୟ ନାହିଁ । ଏ ମହାଗ୍ରନ୍ଥକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ କାମନାରେ ବୁଦ୍ଧିମାନସରେ ସତତ ଶ୍ରବଣ କରିବାର ପ୍ରଥା ଥିବା ପ୍ରତ୍ୟକ୍ଷେ କେବଳ ପ୍ରଧାନ ପ୍ରଧାନ ଗୃହମାନଙ୍କ ଗୃହରେ ଏଥିର ଏକ ଏକ ସାର ଯତ୍ନପୂର୍ବକ ସଞ୍ଚିତ ହୋଇ ରହି-ଥିବାର ଲକ୍ଷିତ ହୁଏ । ଏଥିର ପୂର୍ଣ୍ଣ ଅଷ୍ଟାଦଶ-ପର୍ବ ଲେଖାଇ ରଖିବା ଯେମନ୍ତ ସୁବହୁଳ ବ୍ୟାପାର ତେମନ୍ତ ବହୁବ୍ୟୟସାଧ୍ୟ । ସୁତରାଂ ଏଥିର ଅଭାବ ସାଧାରଣରେ ସର୍ବଦା ବିଦ୍ୟମାନ ରହିଅଛି ।

ଦେଶହିତୈଷୀ ବନ୍ଧୁ ଓ ଧନବାନଙ୍କ ସାହାଯ୍ୟ ବ୍ୟତିରେକେ ଏତଦଭାବ ବିଦୂରିତ ହେବାର ଉପାୟାନ୍ତର ନାହିଁ । ଏଥିପାଇଁ ଆମ୍ଭେମାନେ ଏକାବେଳକେ ସମସ୍ତ ବ୍ୟୟଭାର ବହନ କରିବାକୁ କାହାରିକି ଅନୁରୋଧ କରି ନ ପାରି କେବଳ ଏଥିର ମର୍ମଗ୍ରାହୀ ଓ ଅଭିଳାଷିଗଣ ଏଥିରୁ ଏକ ଏକ ସାର ଅନୁଗ୍ରହସହ ଗ୍ରହଣ କରିବା ବିଷୟରେ କୃତସଙ୍କଳ୍ପ ହେଲେ ଆମ୍ଭେମାନେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଅତି ସ୍ୱଳ୍ପମୂ-ଲ୍ୟରେ ସାଧାରଣଙ୍କୁ ଉକ୍ତ ଗ୍ରନ୍ଥ ଯୋଗାଇବା ବିଷୟରେ ଅଗ୍ରସର ହେଉଁ ।

ଏ ପ୍ରଦେଶରେ ଦୁଇପ୍ରକାର ମହାଭାରତ ପ୍ରଚଳିତ ଅଛି ଅର୍ଥାତ ଶାରଳାଦାସଙ୍କ କୃତ ଓ କୃଷ୍ଣସିଂହଙ୍କ କୃତ । ଶାରଳାଦାସ ମହାଭାର-ତଠାରୁ କୃଷ୍ଣସିଂହଙ୍କର ମହାଭାରତ ବୃହତ ଓ ଉତ୍କୃଷ୍ଟ, କାରଣ ଏହା ସଂସ୍କୃତମହାଭାରତରୁ ଯଥାଯଥଭାବରେ ଅନୁବାଦିତ । ଏଥିର ଉଦ୍‌ଯୋ-ଗପର୍ବରେ ଭଗବଦ୍‌ଗୀତା ସମ୍ପୂର୍ଣ୍ଣ, ଶାନ୍ତିପର୍ବରେ ରାଜଧର୍ମ, ଦାନଧର୍ମ, ମୋକ୍ଷଧର୍ମ ଓ ଶେଷଭାଗ-ରେ ହରିବଂଶପର୍ବ ଇତ୍ୟାଦି ବହୁବିଧ ଉତ୍ତମ ଉତ୍ତମ ବିଷୟ ସନ୍ନିବିଷ୍ଟ ଅଛି । ଶାରଳାଦାସ ମହାଭାର-ତରେ ଏସବୁ ବିଷୟର ଖର୍ବତା ଲକ୍ଷିତ ହୁଏ । ଯେ ଏ ମହାଭାରତକୁ ଥରେ ମାତ୍ର ଶୁଣିଅଛନ୍ତି ବା ଶୁଣିବେ, ତାହାଙ୍କର ଶାରଳାଦାସ ମହାଭା-ରତ ଶ୍ରବଣରେ କଦାପି ତୃପ୍ତି ଜାତ ହେବ ନାହିଁ ଏଣୁକରି ଏହି ଉତ୍କୃଷ୍ଟଗ୍ରନ୍ଥକୁ ଛପା କରାଇବା ନିମନ୍ତେ ଆମ୍ଭେମାନେ ମନୋନୀତ କରିଅଛୁଁ ।

ଆମ୍ଭେମାନେ ଅନୁମାନ କରୁଁ କି ଏ ଗ୍ରନ୍ଥ ରୟେଲ ଆଠପେଜି ଆକାରରେ ପ୍ରାୟ ୬୦୦ ଫରମ ଅର୍ଥାତ ପୃ ୪୮୦୦ ଷ୍ଠା ହେବ ଏବଂ ସାଧାରଣ ଅଳ୍ପସମୟରେ ସମ୍ପୂର୍ଣ୍ଣ ପୁସ୍ତକ ଯୋଗାଇ ନ ପାରିଲେ ଗ୍ରାହକମାନଙ୍କର ତୃପ୍ତି ନ ହେବା-ଦୃଷ୍ଟିରେ ପ୍ରତିମାସରେ ପୃ ୧୬୪ ଷ୍ଠା ଲେଖାଏ ମୁଦ୍ରିତ କରି ନ୍ୟୂନାଧିକ ବ ୨½ ର୍ଷମଧ୍ୟରେ ପୁସ୍ତକ ସମ୍ପୂର୍ଣ୍ଣ କରିବାକୁ ସଂକଳ୍ପ କରିଅଛୁଁ; ମାତ୍ର ଅନ୍ୟୂନ ପଞ୍ଚଶତ ଗ୍ରାହକ ନ ହେଲେ କାର୍ଯ୍ୟାରମ୍ଭ କରିପାରିବୁ ନାହିଁ । ଗ୍ରାହକମାନେ ଆପଣା ଆପଣା ସୁବିଧାକ୍ରମେ ନିମ୍ନଲିଖିତ ନିୟମରେ ମୂଲ୍ୟ ଦେଇ ପାରିବେ ଯଥା;—

ଏଥିର ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ଏକତ୍ର ଅଗ୍ରିମମୂଲ୍ୟ

| | | | |
|---|---|---|---|
| ସହର ନିମିତ୍ତ | ଟ ୧୩ | | |
| ଡାକମାସୁଲ ସହିତ ମଫସଲ ନିମିତ୍ତ | ଟ ୧୫ | | |
| ତ୍ରୈମାସିକ ଅଗ୍ରିମ ମୂଲ୍ୟ | ଟ ୬୯ | ଡାକମାସୁଲ | ଟ ୦।୵ |
| ଷାଣ୍ମାସିକ | ଟ ୩୵ | | ଟ ୦।୵ |
| ବାର୍ଷିକ | ଟ ୬୯ | | ଟ ୦୩ |

ଏମନ୍ତ ସୁଲଭମୂଲ୍ୟରେ ଏ ବୃହତ ମହାଭା-ରତ ଲଭିବାର ସୁଯୋଗକୁ ବନ୍ଧୁ, ଧାର୍ମିକ ଓ ବିଦ୍ୟାର୍ଥୀ ବ୍ୟକ୍ତିମାନେ ଉପେକ୍ଷା ନ କରିବେ ଏହା ସେମାନଙ୍କଠାରେ ଏକାନ୍ତ ପ୍ରାର୍ଥନା ।

ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରି-ବେ ସେମାନେ ଆପଣା ନାମ, ଧାମ ଓ ଯେଉଁ ପ୍ରକାରେ ମୂଲ୍ୟ ଦେବାକୁ ପ୍ରସ୍ତୁତ ହେବେ ତାହା ଲେଖି ପଠାଇବେ । ଗ୍ରାହକ ସଂଖ୍ୟା ପୂର୍ଣ୍ଣ ହେବାର ଏକମାସ ଉତ୍ତାରୁ କାର୍ଯ୍ୟାରମ୍ଭ ହେବ ଏବଂ ତହିଁପୂର୍ବରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

ପ୍ରକାଶ ଥାଉ କି ଯେଉଁମାନେ କି ୧୦ ଣ ଗ୍ରାହକଙ୍କର ଏକବର୍ଷର ମୂଲ୍ୟ ଅଗ୍ରିମ ଏକକା-ଳୀନ ଦାନକରିବେ ସେମାନଙ୍କ ନାମ ଏଜେଣ୍ଟ-ଶ୍ରେଣୀଭୁକ୍ତ କରି ବିନା ମୂଲ୍ୟରେ ଏକବର୍ଷର ମହାଭାରତ ଦାନ କରିବୁଁ ।

ଏହି ମହାଭାରତସମ୍ପର୍କୀୟ ମୂଲ୍ୟ ଏବଂ ସମସ୍ତ ପତ୍ରାଦି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେ-ଟେରୀ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ମାଶୁଲ ଅର୍ଥାତ ଡବଲକାର୍ଡ ଅଥବା ଦୁଇପଇସିଆ ଡାକ ଟିକଟ ଏକଖଣ୍ଡ ନ ପଠାଇଲେ ଉତ୍ତର ଦିଆଯିବ ନାହିଁ । ବିମ୍ବା ବେରଂପତ୍ର ଗ୍ରାହ୍ୟ ହେବ ନାହିଁ ।

କଟକପ୍ରିଣ୍ଟିଂ କମ୍ପାନି ଅଫିସ
ଦରଘାବଜାର କଟକ } ଶ୍ରୀଭାଗୀରଥୀସାହିତ୍ୟ ପ୍ରକାଶକ

Split by PDF Splitter



## ସତୀନାଟକ ।

ଅମୃତଭ ଏ ନାଟକର ପ୍ରସଙ୍ଗ ଏହି— କୌଣସି ରାଜା ଭଣେ ପରମସୁନ୍ଦରୀ ନାରୀ ପ୍ରତି ଆସକ୍ତ ହେବାରୁ ସେ ସ୍ତ୍ରୀ ବୁଦ୍ଧିକୁଶଳ୍ୟ ଦ୍ୱାରା କୌଶଳରେ ଓ ଅନେକ କଷ୍ଟ ସହି ଆପଣା ସତୀତ୍ୱ ରକ୍ଷା କଲା ଓ ପରିଶେଷରେ ଅସହାୟ ଅବସ୍ଥାରେ ଆତ୍ମହତ୍ୟା କଲା । ପୁସ୍ତକଟି ଅତି ମନୋରମ ଓ ରସଯୁକ୍ତ ଅଟଇ । ଏଥିରେ ଅନେକ ହିତୋପଦେଶ ଅଛି । ଏବଂ କେତେକ ଗଦ ଓ ଗୀତମାନ ଦିଆ ହୋଇଅଛି । ମୂଲ୍ୟ ଟ ୦।୵ ଅମ୍ଭଠାରେ ଓ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଶ୍ରୀ ଜଗନ୍ମୋହନ ଲାଲ

---

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ବିକ୍ରୟ ହେଉଥିବା ନିମ୍ନଲିଖିତ ପୁସ୍ତକମାନଙ୍କର ମୂଲ୍ୟ ଊଣା ହୋଇଅଛି । ଯଥା;—

| | |
|---|---|
| କାଞ୍ଚିକାବେରୀ ନାଟକ | ଟ ୦ । |
| ପ୍ରେମତରଙ୍ଗ ( ଗାଥା ) | ଟ ୦ ୵ |
| ଶିଶୁପାଠ ୧ ମ ଭାଗ | ଟ ୦ । |
| „ ୨ ୟ ଭାଗ | ଟ ୦ । |
| „ ୩ ୟ ଭାଗ | ଟ ୦ ୵ |

---

## ମେହରୋଗ ।

ଗଭର୍ଣ୍ଣମେଣ୍ଟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକିତ୍ସା କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ତାଙ୍କୁ ମୂଲ୍ୟ ଫେରାଇ ଦିଆଯିବ । ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନକ୍ଷୟପର୍ଯ୍ୟନ୍ତ ରହିବ । ଶସ୍ତ୍ରୀ ବହୁରୋଗରେ ପତିତ ନ ହେଲେ ଅଦ୍ୟାବଧି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବକାଶରେ ପୁସ୍ତକାକାରରେ ପ୍ରକାଶ ହେବ ଔଷଧ ଅଙ୍କେଲଟୋଲ ନମ୍ବର ବେନିଟେ ଷ୍ଟ୍ରି, କେ, ସମ୍ମ କମ୍ପାନୀଙ୍କଠାରେ ଏବଂ କଟକ ଦରଘା ବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ପ୍ରତ୍ୟେକ ଶିଶି ୧୵ ଟଙ୍କା । ପ୍ୟାକିଙ୍ଗ ଓ ଡାକମାଶୁଲ ପୃଥକ ।

---

## ବାଲିକାଗଜ ।

ଭଲଲିଖିତ ଶସ୍ତା ଦରରେ ସଦର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କମ୍ପାନୀଙ୍କ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୬ ପଣ୍ଡି | ବାଦାମି କାଗଜ | ପ ୧୬ ଟ ୨୵ |
| ୧୮ ପଣ୍ଡି | „ | „ ଟ ୨। |
| ୧୨ ପଣ୍ଡି | „ | „ ଟ ୧୵ |

ବେପାରିମାନେ ଅର୍ଥାତ୍ ଯେଉଁମାନେ ଏକାଥରେ ୧୦ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶାସ୍ତ୍ରଜ୍ଞ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବଡ଼ ଭଣ୍ଡାରସ୍ଥ ଅମ୍ଭମାନଙ୍କ ଦୋକାନରେ ଚଦରଲୋଣା ଓ ବନାତ ଓ ରେଶମୀଓଲେର ଲୁଗା ଓ ଷ୍ଟୋର୍ଡକ ଓ ବାଙ୍ଗଲା ଜିନିଷ ପ୍ରଭୃତିର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆହୁ କେତେକ ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ସ୍ତମ୍ଭରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଙ୍ଗଳାର ଛାପା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ସବୁ ଉକ୍ତ ଛାପାମାନ ବିକ୍ରୟ ହେବା ନିମନ୍ତେ ଆପଣା ମଫସଲ ସକାଶେ ବଡ଼ ସୁବିଧା ହେବ ଏବଂ ପାର୍ଶ୍ୱକୁ ଫି କଳି ଟ ୦।୵୬ ହିସାବରେ ବିକ୍ରି ଦେଲେ ପାଇ ପାରିବେ । ମାଛ ତାହାର ସବୁ ଖାଲିକଭର ଲଗାଇ ଉପରେ ଥିବ । ସବୁ କେବେ ଛାଡ଼ିଲି ପରି ମୂଲ୍ୟ ତାଙ୍କ ଦେବାକୁ ହେବ ।

### ଫର୍ଦ୍ଦସିଲ ।

| | |
|---|---|
| କନ୍ନର ସେମିଜ ଓ ଫତୁଇରେ ସୁତ ହେଲେ ଭଲେ । | ସାଟିନ ସିଲ୍କ ଓ ବଡ଼ ଲେସ ଓ ସୁତ |
| ନରେଷପିଣ୍ଡି | ଦସଗ ବେଡ୍ରେସ |
| ନରେସୀକ୍ ତେଲ ନଳୀଶା ବଞ୍ଜା ଥାଳୀ ଓ କୋଣ ସହିତ । | ସିର୍ଜି ବୁନ୍ଦିସହିତ |
| | ଏକପଟ ଟୁପି |
| | ନେଲ୍ସନ ଜଚେଟ ସମ ରେକାର୍ଡ ଏବଂ |
| ଟୁପି ଅର୍ଥାତ୍ ନନ୍ଦା କଦବା କାଗଜ ପେନ୍ସିଲ ଓ କଲମ । | ମାଳିକ କାଳୀ ଲୁଗାରେ ଲଗ୍ନ ହେଲେ ଯୋଗ ସବେ ନଦିଲ ହେବ ନାହିଁ । |
| ପେଟେଣ୍ଟ କାଣ୍ଡା ଲଣ୍ଠ । | ଏ, ସେଟ୍ଟଲ ସମ୍ୱରଡ଼ିନ ବାଗିଚ ଓ ବନ୍ଧୁକ । |
| କାନା ଗ୍ରହଣଭ ଦଶ କାଗଜ ଓ କାଗଜ | ବଡ଼ଶ ଅପରେଷ୍ଟ |
| ଦେଶୀ ରୁମ । | ଏତକ ବାଲୋ । |
| ଟେଲ କିଟ । | ସୂଅର ତେଲ । |
| ଚଳସା ଖାତୁର । | ଅଟେଲ ପେନ୍ସିଲ ଓ ଥାନ ଏ ହେନ୍ତିରକ୍ଷ କ୍ରେଓ ସ୍କେଲ ହେବ ଲକ୍ଷ୍ଣ ଧକାଉ କାଟୁ ପେନ୍ସିଲ ଲେଖା ଓ ଗଡ଼ି,ହେଉ ଅପଣ ହେଲେ ଉଡ଼ି ଉଡ଼ି ଲ ଲଦେ । |
| ତାକାଙ୍କ ସାବାନ ସନ୍ଧି କେ ଲୁଗା ପଟଲାକ କୁସ । | କଟିଙ୍ଗ ପେପର । |
| ଅତୋଲ ଲ୍ୟେକ—ଅର୍ଥାତ୍ ବୁରୁଷି ଦ୍ରବ୍ୟ । | କଡ଼ିସିଜ ତେଲରେ ଜଳ କାଇ ଥାଉ । |
| ଅଏଲ ଲୁଣ । | ଭକରର ସୋପଲ ଯଥା ଧଣୀର ଭଣର ଆ ଲବାର ଭକର । |
| ଓଭାଟର ସୁପ ଛଡ଼ା । | ମନସାମ । |
| କଟ କ ଥଳ । | ଲେକ ବୁ ପେନ୍ସିଲ ଆଗ ଦୋଲନ |
| କ୍ରୋଟେଭାଗର । | କନାରସୀ ସାଢ଼ୀ ଓ ଧୋତି ଓ ଜରି |
| ପୋତକସୁଳ କେନ୍ଦ୍ରକେ ମେଟ ଓ ଡଲକ ସୋଭଲେ ସବେ | ମିର୍ଜାପୁରୀ ଓ ଝିଉପାଳ ପାଟଘୋଡ ଓ ଶାଢ଼ୀ । |
| ଦୁଗ୍ଧର କାଠ ଅର୍ଥାତ୍ ଭେଟିବା ହେଲେ ସହ ଓ ଶୁଣିଲେ କଳା ହେବ । | ଟ୍ରିଟିଂ ବାଠ |
| ଅଇନା ଦର୍ପ୍ପା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ | |
| ପଟେଣ୍ଟବୁକ ଦିଂସଙ୍କ ପାନ୍ଥ ଷହଚ ଟ ୦ ।୵୫ | |
| ମୋଡ଼ା ଓ ମୋଡ଼ାବନ୍ଦ ଲଜ୍ଜନ ଖୁଆ ନଜସାଏଇ ବନସା ମାଟିନ କଳା କଟି ଓ ପାଇକର କୌଡ଼ି ଫିତା | |

ଅଉଟତଳସ୍ଥ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଜଣଙ୍କ ନିଜ ନୁହେ ଶାର୍କ ହୋଇଅଛି ଯଥା —

ପ୍ରଥମଥର ସକାଶେ

| | |
|---|---|
| ଆଠ ଧାଡ଼ି | ଟ ୦। |
| ଅତିରିକ୍ତ | ଟ ୦୵୧ |
| ଠିକ ଏକ ସ୍ତମ୍ଭ | ୪୍ରି |

ମାତ୍ର କୌଣସି ବିଜ୍ଞାପନ କେବଳ ଥରେ ଛାପିଲେ ଚାରିଅଣା ଟ ୦୰ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହି ପ୍ରଥମ ଦରର ଅର୍ଦ୍ଧେକ ଓ ତହିଁ ଉତ୍ତାରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

---

ଏହି ପତ୍ର ଉତ୍କଳଦୀପିକା ସମ୍ପାଦକ ଦ୍ୱାରା କଟକ ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

## ORISSA ASSOCIATION'S ADDRESS.

We the undersigned members of the Orissa Association which represents the people of Orissa—a vast province in your Majesty's Indian Empire, crave permission to approach Your Majesty's Throne, and lay at its foot this our humble address expressive of our feelings at the present JUBILEE period of Your Majesty's reign.

We rejoice exceedingly and are at the same time most thankful to Almighty God that it has pleased Him to extend Your Majesty's reign over half a century; and we pray most fervently that it may last many many years longer. We all along have felt most happy in common with the rest of Your Majesty's subjects in other parts of the Empire under a reign which could not have been more benign and benevolent; and we hasten to offer our most sincere congratulation on this auspicious occasion, as an insignificant tribute for impartial and perfect administration of justice that has so pre-eminently characterised your Majesty's long and glorious reign.

With utmost loyalty to your Majesty's Throne.

## MUNICIPALITY'S ADDRESS.

We the Commissioners of the Municipality of Cuttack in Orissa, beg most humbly and respectfully to approach Your Most Gracious Majesty's Throne with deep and sincere expressions of our loyalty and devotion, and to lay at its foot this our humble address expressive of our congratulations upon your attaining the 50th year of your peaceful, happy and prosperous reign.

Words cannot give expression to our thankfulness for the many blessing we in common with other loyal subjects of Your Most Gracious Majesty have received during ... can we express the feelings of deep gratitude for the great boon of Local Self-Government inmunicipal administration conferred upon us.

We most respectfully beg to offer to Your Most Gracious Majesty from the innermost recesses of our hearts, our homage to a life which for its purity, benevolence and universal love for all classes of your subjects alike, stands unrivalled in the annals of ages, and shows to an admiring world the spectacle of a monarch possessing the unbounded love, devotion and confidence of her people.

While reiterating our congratulations to Your Imperial Majesty upon the celebration of Your Majesty's Jubilee, we devoutly pray and hope that your Majesty may be preserved to us for many many long years in health and strength to sustain the responsibilities of Your Throne.

---

### ଜୁବିଲି—ସଙ୍ଗୀତ ।

ରାଗ ଖମ୍ବାଜ—ତାଳ ଝୁଲା ।

ଆଜ ଆନନ୍ଦରେ ମିଳି ଗାଅ ସର୍ବେ,
ପୂରୁ ଗୌରବେ ଦେଶ, ଆନନ୍ଦରବେ ।
ମାତୃକୋଳ ପରପ୍ରେ, ବ ରାଜା ବ ପ୍ରଜାଏ,
ଯା ଶକ୍ତି ଛତ୍ର ତଳେ, ନିରୁପଦ୍ରବେ ।
ସେ ମହା ଭିକ୍ଟୋରିଆ, ଜଗତପୂଜନୀୟା,
ପଞ୍ଚାଶବର୍ଷ ରାଜ୍ୟ କଲେ ଏ ଭବେ ।
ଜନନୀ ସେ ଅମ୍ଭର, ଅଟନ୍ତି ପ୍ରିୟତର,
ଥିଲେ ନାହାନ୍ତି ମାତ, ସେହା ଗର୍ବେ ।
କେ ଅଛି ତାହା ସମ, ଶିଶୁଙ୍କ ପ୍ରତି ପ୍ରେମ,
ମତ, ମାତୃମଙ୍ଗଳ—ସଦା ଚିନ୍ତବେ ।
ତାହାଙ୍କ ସ୍ନେହ ଗୁଣ, ଦଅରେ କରଗାନ,
ଶିଶୁସଙ୍ଗୀତ-ରଙ୍ଗ, ଉଠୁ ସ୍ୱରବେ ।
ତାହାଙ୍କୁ ଅନୁଭବ ଜୀବନ୍ତ ଭାବପଥ,
ପୂରୁ ଅବନୀ ମାତା ଯଶଃସୌରଭେ ।

---

ITALIAN AIR.

16th February Happy day!
For the Queen,
Let us pray!
Celebrate the Jubilee
Come friends and be merry.
Mother of Ind,
Friend of ...
At every door;
Celebrate the Jubilee,
Come friends and be merry.
God save the Queen,
Mother Victoria,
Such the prayer,
Of loyal India;
Celebrate the Jubilee,
Come friends and be merry.

---

ଧର ଏକତାନେ ଜୟ ଭିକ୍ଟୋରିଆ ଜୟ,
ଇଂଲଣ୍ଡ ଅଧୀଶ୍ୱରୀଙ୍କ ଯଶ ଯାଉ ରହୁ ।
ପଞ୍ଚାଶ ବର୍ଷ ରାଜତ୍ୱ, ସୁଖରେ କଲେ ଅତୀତ,
ସେ ଭାରତମାତା ଜନ ଆରାଧ୍ୟ ଜୟ ।
ବୃଦ୍ଧ ଯୁବା ନର ନାରୀ, ଗାଅ ଏକ ସ୍ୱର ଧରି,
ଭୂପତେ ପାଳନ୍ତୁ ରାଜ୍ୟ ହୋଇଣ ଅକ୍ଷୟ ।

---

ପଞ୍ଚାଶଦବ୍ଦାନ୍ ଧୃତ-ରାଜ୍ୟଭାରା
ନ ଖିନ୍ନାସି ସ୍ଥିରରାଜଲକ୍ଷ୍ମୀଃ ।
ଆୟୁଷ୍ମତୀ କୀର୍ତ୍ତିମତୀ ଚ ଭୂୟା
ଭିକ୍ଟୋରିଆ ଭାରତଭୂମି-ମାତା ॥

Untir'd in India's good, prompt at duty's call,
Sov'reign beneficient, seeking the good of all,
Type of true womanhood as queen, mother, wife,
Glorious example of a pure, pious life,
This thy Jubilee day, 'tis India's prayer,
Long live Victoria, Bharat-mother.

ନ ଦୃଷ୍ଟା ମୂର୍ତ୍ତିସ୍ତେ ଜନକରୁଚିରା ସ୍ନେହମୟସ୍ୟ
ଶ୍ରୁତା ରମ୍ୟା ବାଣୀ ନ ଭବ ଜନନ୍ୟୈ ସ୍ୱାସ୍ୟକମଳାତ୍ ।
ଅତ ସ୍ତ୍ୱାଂ ପଶ୍ୟନ୍ତଃ ଫଲକଲିଖିତାଂ ମଦ୍ୟ ନିଭୃତଂ
ବ୍ରଜାମଃ ସନ୍ତୋଷଂ ବୟମିହ ବ୍ରଜାଭାଃ ପ୍ରତ୍ୟୟଃ ॥

The Wide main severs us from thy form benign,
Robs thy honey'd words from Loyal children thine,
Yet from this likeness, this solace we find,
Absent from our sight thou 'rt present in our mind.
Co... brothers, come then, rejoice and praise,
This Jubilee day, to heav'n your chorus ...

Split by PDF Splitter

Digitized by srujanika@gmail.com

Split by PDF Splitter

We most respectfully beg to offer to Your Most Gracious Majesty from the innermost recesses of our hearts, our homage to a life which for its [illegible] and universal love for all classes of your subjects alike, stands un[illegible]

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୨ ଶ
ସଂ ୯ ଖ୍ୟା

ତା ୨୬ ତଶ ମାହେ ଫିବୃଏରି ସନ ୧୮୮୭ ମସିହା । ମା । ଫାଲ୍‌ଗୁନ ବ ୧୭ ଦ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩।୦
ପଶ୍ଚାଦେୟ ଟ ୪।୦

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ସମ୍ବାଦ ବାହିକାରେ ପାଠ କଲୁଁ ଯେ ନୀଳଗିରିର ରାଜା ସାହେବ କଟାହ ଡାକୁ ହୋଇଅଛନ୍ତି । ବାଲେଶ୍ୱରର କଲେକ୍ଟର ଏବଂ ଡାକ୍ତରସାହେବ ରାଜାଙ୍କୁ ଦେଖିବା ନିମନ୍ତେ ଗଡ଼କୁ ଯାଇ ତାହାଙ୍କ ରୋଗ ପରୀକ୍ଷା କରି ଆସି ଅଛନ୍ତି । ରାଜାଙ୍କୁ ଚିକିତ୍ସା ନିମନ୍ତେ ବାଲେଶ୍ୱରକୁ ଆଣିବାର ପ୍ରସ୍ତାବ ହୋଇ ଅଛି ଏବଂ ରାଜସମ୍ପତ୍ତି ରକ୍ଷା ନିମନ୍ତେ ଜ ୪ ଣ ହେଡ କନଷ୍ଟବଲ ଏବଂ ଜ ୫୦ ଣ କନଷ୍ଟବଲ ଗଡ଼ଠାକୁ ପ୍ରେରିତ ହୋଇଅଛନ୍ତି ।

---

ଭାରତବାସିମାନେ ଅତ୍ୟନ୍ତ ଉତ୍ସାହ ଓ ସମାରୋହ ସହିତ ଜୁବିଲି ପର୍ବ ପାଳିବାର ସମ୍ବାଦ ତାରଯୋଗେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଇଂଲଣ୍ଡକୁ ପଠାଇବାରୁ ଶ୍ରୀମତୀ ରାଜରାଜେଶ୍ୱରୀ ତହିଁର ଉତ୍ତରରେ ଭାରତବାସିମାନଙ୍କର ଏ ପ୍ରକାର ରାଜଭକ୍ତିରେ ଅତ୍ୟନ୍ତ ସନ୍ତୁଷ୍ଟ ହେବା ଏବଂ ତହିଁପାଇଁ ସେମାନଙ୍କୁ ଧନ୍ୟବାଦ ଦେବା କଥା ସମସ୍ତଙ୍କୁ ଜଣାଇବା କାରଣ ମହାମାନ୍ୟଙ୍କୁ ଆଦେଶ ଦେଇ ଅଛନ୍ତି । କଲିକତାର ସମ୍ବାଦପତ୍ରମାନେ ମଧ୍ୟ ଭାରତବାସିଙ୍କର ଏତାଦୃଶ ରାଜଭକ୍ତି ଦର୍ଶନରେ ଅତ୍ୟନ୍ତ ସନ୍ତୋଷ ଲଭିଅଛନ୍ତି ।

—୦*୦—

ମହାଙ୍ଗାର ଖୁଣି ମୋକଦମା ସମ୍ପର୍କରେ ହତଭାଗ୍ୟ ରାଣୀସାହେବ ଓ ତାହାର ପିଲାମାନଙ୍କୁ ସାହାଯ୍ୟ କରିବା କାରଣ ଅମ୍ଭେମାନେ ସର୍ବ ସାଧାରଣଙ୍କୁ ଅନୁରୋଧ କରିଅଛୁଁ । ଅଦ୍ୟାପି ପିଲାମାନଙ୍କର ପ୍ରତିପୋଷଣର କୌଣସି ଉପାୟ ହୋଇ ନାହିଁ ତାହାଙ୍କର ଜଣେ ଆତ୍ମୀୟ, ଲୋକଙ୍କଠାରୁ ଚେନ୍ଦା ସଂଗ୍ରହ କରିବାର ଚେଷ୍ଟା କରୁଅଛି ମାତ୍ର ସାଧୁ ଯେଉଁ ମୋକଦମା କରୁଅଛି ତାହା ଚଳାଇବାନିମନ୍ତେ ଅମ୍ଭମାନଙ୍କ ମାଜିଷ୍ଟ୍ରେଟ ବୋଲଟନ ସାହେବ ସରକାରଙ୍କ ପକ୍ଷରୁ ବାବୁ ହରିଚରଣ ବାନାର୍ଜ୍ଜୀଙ୍କୁ ଉକିଲ ନିଯୁକ୍ତ କରିଅଛନ୍ତି । ବୋଲଟନ ସାହେବଙ୍କର ଏହି ଦୟା ଓ ବିବେକପୂର୍ଣ୍ଣ କାର୍ଯ୍ୟସକାଶେ ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଏହାଙ୍କପରି କୌଣସି ହାକିମ ଓଡ଼ିଶାରେ ଅଳ୍ପକାଳମଧ୍ୟରେ ଏତେ ପ୍ରଶଂସାଲାଭ କରି ନାହିଁ ।

---

ସ୍ତ୍ରୀମଙ୍କର ମୋକଦମାରେ ଆଗାମୀ କୋରଙ୍ଗୀ ଓ ଉପେନ୍ଦ୍ର ନିଯୁକ୍ତିସମ୍ବନ୍ଧରେ ହାଇକୋର୍ଟରେ ଯେଉଁ ଅପିଲ ଦାଏର ହୋଇଅଛି ଏବଂ ଯହିଁରେ ସେ ଅନ୍ୟ ହୁକୁମପର୍ଯ୍ୟନ୍ତ ହସ୍ତକ୍ଷେପ ନ କରିବାର ଆଦେଶ ହୋଇଥିବାର ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଥିଲୁଁ ସେହି ଅପିଲରେ ଉପପାଣ୍ଡାଙ୍କୁ କାରଣ ଦେଖାଇବାନିମନ୍ତେ ଆସନ୍ତା ମାର୍ଚ୍ଚମାସ ପ୍ରଥମ ସପ୍ତାହରେ ଦିନ ଧାର୍ଯ୍ୟ ହୋଇଅଛି ତଦନୁସାରେ ମନ୍ଦିରର ଅସିଷ୍ଟାଣ୍ଟ ଇସେଦର ତହସିଲଦାର ଓ ପୁରୀର କଲେକ୍ଟର ଏ ନଗରକୁ ଆସି ସାହେବ ପ୍ରଶଂସିତ ଗତ ବୁଧବାର ଅଦାଲତରେ ଅଫିଡେଭିଟ କରି ଚାଲିଗଲେ । ଅସିଷ୍ଟାଣ୍ଟ ଇସିଦର ମଧ୍ୟ ପୁରୀକୁ ଚାଲିଯାଇ ଅଛନ୍ତି । ଅପିଲ ମୋକଦମା ଚଳାଇବା କାରଣ ରାଣୀଙ୍କପକ୍ଷରୁ ଦୁଇଜଣ ବାରିଷ୍ଟର ଓ ଦୁଇଜଣ ଉକିଲ ନିଯୁକ୍ତ ହୋଇଅଛନ୍ତି । ହାଇକୋର୍ଟଙ୍କ ନିଷ୍ପତ୍ତି ଆଜ ଦ ୧୫ ଦିନରେ ଜଣାଯିବାର ସମ୍ଭାବନା ।

---

ଅନୁଗୁଳ ବନ୍ଦୋବସ୍ତ ସମ୍ପର୍କରେ ଯେସମସ୍ତ କାର୍ଯ୍ୟ ଓଡ଼ିୟାମାନେ ନିର୍ବାହ କରିବାକୁ ଯୋଗ୍ୟ ସେସମସ୍ତରୁ ମଧ୍ୟ ସେମାନଙ୍କୁ ବଞ୍ଚିତ କରି ହିନ୍ଦୋସ୍ତାନୀ ବଙ୍ଗାଳୀ ଏବଂ ଇଂରାଜମାନଙ୍କୁ ନିଯୁକ୍ତ କରିବାରୁ ସମ୍ବାଦବାହିକା ଦୁଃଖ କରି କହି ଅଛନ୍ତି ଯେ ଓଡ଼ିଶାର ଭୂମି କରିବ ଓ ବନ୍ଦୋବସ୍ତ ହେବ ଓଡ଼ିୟାମାନେ ଖଜଣା ଦେବେ ଅଥଚ ସରକାରୀ କର୍ମ ଗୁଡ଼ିକ ଅନ୍ୟଲୋକେ ଘେନି ଯିବେ ଅତି ବିଡ଼ମ୍ବନା ଅଟଇ । ଅବଶ୍ୟ ସ୍ଥାନୀୟ ଯୋଗ୍ୟ ଲୋକଙ୍କୁ ଉପେକ୍ଷା କରି ଅନ୍ୟଙ୍କୁ ସାମାନ୍ୟ ଗୃହସ୍ଥରେ ନିଯୁକ୍ତ କରିବା ବଡ଼ ବିଡ଼ମ୍ବନାର କଥା ଅଟଇ ଏବଂ ଅମ୍ଭେମାନେ ଭରସା କରୁଁ ଶ୍ରୀଯୁକ୍ତ କମିଶନର ସାହେବ ଏଥିର ପ୍ରତିକାର କରିବେ । ଖୋରଧା ବନ୍ଦୋବସ୍ତ ସମୟରେ ଏହିପରି ହିନ୍ଦୋସ୍ତାନୀଙ୍କର

Digitized by srujanika@gmail.com

ପ୍ରାଦୁର୍ଭାବ ହୋଇଥିଲା ଏବଂ ତହିଁର ଫଳ ଯାହା ହୋଇଅଛି ତାହା କାହାରିକି ଅବିଦିତ ନାହିଁ । ଯାହାଙ୍କୁ ଦେଶର ଅବସ୍ଥା ଜଣା ନାହିଁ ଓ ଦେଶୀୟ ଲୋକଙ୍କଠାରେ ସହାନୁଭୂତି ନାହିଁ ତାହାଙ୍କଦ୍ୱାରା ବନୋବସ୍ତକାର୍ଯ୍ୟ କଦାଚ ସନ୍ତୋଷଜନକରୂପେ ହୋଇ ନ ପାରେ ।

---

ଏ ନଗରରେ ନାଟକାଭିନୟର ପୁନର୍ଦର୍ଶନ ଉପସ୍ଥିତ ମହୋତ୍ସବର ଗୋଟିଏ ଶୁଭ ଘଟନା ବୋଲିବାକୁ ହେବ । ଯେଉଁ ସୌଖିନ ନାଟକାଭିନୟୀ ଦଳ ତିନି ଗୁରୁବର୍ଷ ପୂର୍ବେ ନଗରବାସିଙ୍କି ଆମୋଦିତ କରୁଥିଲେ ସେହିମାନେ ଏ ସମୟରେ ଜାଗର୍ତ୍ତି ହୋଇ ଅଭିନୟ ଦେଖାଇବାକୁ ଉଦ୍ୟମ କଲେ ଏବଂ ନଗରବାସି ଇଂରାଜ ଓ ଦେଶୀୟ ଭଦ୍ରଲୋକଙ୍କୁ ଗତ ଶନିବାର ରାତ୍ରରେ ପାର୍ଥପରାଜୟ ନାଟକର ଅଭିନୟ ଦେଖାଇ ବଡ଼ ଆପ୍ୟାୟିତ କରିଥିଲେ । ବାବୁ କାଳୀପଦ ବାନର୍ଜୀଙ୍କ ଘରଠାରେ ଏହା ଅଭିନୀତ ହୋଇଥିଲା ଏବଂ ସୌଖିନଦଳ ଏମନ୍ତ ସୁନ୍ଦର ବନ୍ଦୋବସ୍ତ ଏମନ୍ତ ନିପୁଣତା ସହିତ ଆପଣା କାର୍ଯ୍ୟ କରିଥିଲେ ଯେ କୌଣସି ବିଷୟରେ ତ୍ରୁଟି ଲକ୍ଷିତ ହେଲା ନାହିଁ । ଦର୍ଶକଙ୍କ ମଧ୍ୟରେ ସ୍ଥାନୀୟ ସାହେବ ଇଂରେଜ କର୍ମଚାରୀ ଓ ମେମମାନଙ୍କ କେତେମାନେ ଓ ଦେଶୀୟ ସମସ୍ତ ଶ୍ରେଣୀର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ଓ ଇଂରାଜ ଓ ଦେଶୀୟ ଲୋକଙ୍କର ପୃଥକ୍‌ରୂପେ ଜଳଯୋଗର ଆୟୋଜନ ବନ୍ଧୁବର୍ଗରେ ଉଚିତ୍‌ରୂପେ କାଳୀପଦ ବାବୁ ଯୋଗାଇ ଥିଲେ । ଅଭିନୟକାରୀଙ୍କ ଏପରି କ୍ଷମତା ଦେଖି ଓ ନଗରବାସିଙ୍କି ଆପ୍ୟାୟିତ କରିବା ହେତୁରୁ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।

---

କଟକର ସୌଖିନ ନାଟକାଭିନୟକାରୀ ସମ୍ପ୍ରଦାୟ ପ୍ରଥମେ ଅର୍ଥାତ୍ ଗତମାସ ତା ୧୭ ରାତ୍ରରେ ଯେଉଁ ଅଭିନୟ କରିଥିଲେ ତହିଁରେ ଟିକଟ ବିକ୍ରୟର ନିୟମ କରିଥିଲେ । ଏଥିର ଉଦ୍ଦେଶ୍ୟ ଏହି ଥିଲା ଯେ ଟିକଟ ବିକ୍ରୟଦ୍ୱାରା ଯେଉଁ ଟଙ୍କା ଲାଭ ହେବ ତାହା "ଜୁବିଲି" ପର୍ବ ସ୍ମରଣାର୍ଥ "ଭିକ୍ଟୋରିଆ ଥିଏଟର" ନାମକ ଗୋଟିଏ ଚିରସ୍ଥାୟୀ ନାଟ୍ୟଶାଳା ନିର୍ମାଣରେ ବ୍ୟୟ ହେବ । ଏହି ଉଦ୍ଦେଶ୍ୟ ସାଧନାର୍ଥ ସେହିଠାରେ ଟିକଟର ମୂଲ୍ୟ ମଧ୍ୟ ଅଧିକ ହୋଇଥିଲା ମଧ୍ୟ ଉକ୍ତ ଉଦ୍ଦେଶ୍ୟ ସାଧାରଣ ବିଜ୍ଞାପନଦ୍ୱାରା ଜଣାଇ ଦିଆଯାଇ ଥିଲା ତେବେ ଆଶାନୁଯାୟୀ ଟଙ୍କା ଉଠିପାରିଲା ନାହିଁ । ଯାହା ହେଉ ଆମ୍ଭେମାନେ ଏ ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଅନୁମୋଦନ କରୁଅଛୁଁ । ବଳଭୂତ ଏଠାରେ ଯେପରି ସଙ୍ଗୀତ ଚର୍ଚ୍ଚା ଉଣା ହୋଇଯାଉଅଛି ଚିରସ୍ଥାୟୀ ରଙ୍ଗଭୂମି ଦ୍ୱାରା ତାହା ଅନ୍ୟ ପ୍ରକାରେ ପୁନରୁଦ୍ଧୃତ ହେଲେ ପରମ କରୁଣାମୟୀ ଶ୍ରୀମତୀ ଭାରତେଶ୍ୱରୀଙ୍କ ନାମ ଚିରକାଳ ଉତ୍କଳବାସୀଏ ସ୍ମରଣ ରଖିବେ । ଆମ୍ଭେମାନେ ଆଶା କରୁଁ ସୌଖିନ ନାଟକାଭିନୟକାରୀ ସମ୍ପ୍ରଦାୟ ଏହି ସମୟରୁ ଆପଣା ଉଦ୍ଦେଶ୍ୟ ସଫଳକରଣାର୍ଥ କୃତସଂକଳ୍ପରେ ପ୍ରବୃତ୍ତ ହେବେ ଏବଂ ଭରସା କରୁଁ ଏ ଜନହିତ ମହତ୍ କାର୍ଯ୍ୟରେ ଦେଶୀୟ ଧନୀ ବ୍ୟକ୍ତିମାନେ ଏମାନଙ୍କୁ ଯଥାସାଧ୍ୟ ସାହାଯ୍ୟ ଦାନ କରିବାକୁ କୁଣ୍ଠିତ ହେବେ ନାହିଁ ।

---

କଟକଠାରେ ଜୁବିଲି ଉତ୍ସବ ଅତ୍ୟନ୍ତ ସମାରୋହ ସହିତ ସମ୍ପାଦିତ ହୋଇଥିଲା ଏକଥା କହିବା ବାହୁଲ୍ୟ । ପ୍ରଥମତଃ ସକାଳେ ସଲାମି ତୋପଧ୍ୱନି ଓ ପରେଡ଼ ମଧ୍ୟାହ୍ନରେ ସ୍କୁଲପିଲାଙ୍କର ଭୋଜ ଅପରାହ୍ଣରେ ଲୁହିମପୁର ପଡ଼ିଆରେ ବଡ଼ଲାଟଙ୍କର ବସ୍ତ୍ର ଓ ଅନ୍ନଦାନପତ୍ରମାନ ସ୍ମରଣ ଏବଂ ସର୍ବସମକ୍ଷରେ ଅଭିବାଦ ହୋଇଥିଲା । ଦ୍ୱିତୀୟତଃ ରାତ୍ରରେ କେବଳ ନଗର ରୋଶନାଇ ହୋଇଥିଲା ଏବଂ ତାହା ଦେଖିବାକୁ ବଡ଼ଲାଟ ବାହାଦୁର ସପରିବାର କମିଶନରଙ୍କ ସଙ୍ଗେ ବୁଲିଥିଲେ । ଆଲୋକ ଓ ଆତସବାଜି ବଡ଼ ସୁନ୍ଦର ହୋଇଥିଲା ଓ ଅନେକ ସ୍ଥାନରେ ନୂତନପ୍ରକାର ଚମତ୍କାର କାରଖାନା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ । ଦୋଷ୍ଟମା ତୋପବାଜ ଓ ଯାହା ଏକଥର ଚଳେ ଶବ୍ଦରେ ଗାଇ ଗର୍ଜନସହିତ ଅନେକଦୂର ଆକାଶକୁ ଉଠିଯାଇ ଦ୍ୱିଗୁଣରେ ଶବ୍ଦ କରୁଥିଲା, ଜଳପ୍ରପାତପରି ଅଗ୍ନିପାତ ସ୍ୱର୍ଣ୍ଣ ବୃଷ୍ଟିପରି ଅଗ୍ନିବୃଷ୍ଟି ନାନାବର୍ଣ୍ଣର ମେଘର ସୃଷ୍ଟି ଲେଣ୍ଟଜାପାନ ନାନାବର୍ଣ୍ଣର ଅସଂଖ୍ୟ ନାଗରୀଖେଳ ଏବଂ ମହାରାଣୀ ଯୁବରାଜ ଓ ତାହାଙ୍କ ପତ୍ନୀ ବଡ଼ଲାଟ ଓ ତାହାଙ୍କ ପତ୍ନୀଙ୍କ ପ୍ରତିମୂର୍ତ୍ତିମାନ ଅତି ସୁନ୍ଦର ଓ ଅଦ୍ଭୁତ ହୋଇଥିଲା । ଅଭିନନ୍ଦନ ପତ୍ରମାନ ଗୃହୀତ ହେବା ପରେ ବଡ଼ଲାଟ ଲର୍ଡ ଡଫରିନ ମହୋଦୟ ଯେଉଁ ବକ୍ତୃତା କରିଥିଲେ ତାହା ଚତୁର୍ଥ ହୋଇଥିଲା । ଶ୍ରୀମତୀ ଭାରତେଶ୍ୱରୀଙ୍କ ଗୁଣ ଓ ପଞ୍ଚାଶବର୍ଷ ରାଜତ୍ୱର ଶୁଭଫଳମାନ ସଂକ୍ଷେପରେ ଅଥଚ ହୃଦୟଗ୍ରାହୀରୂପେ ବର୍ଣ୍ଣନାକରି ଏତଦ୍ଦେଶୀୟଙ୍କର ଗାଢ଼ ରାଜଭକ୍ତିର ଯଥୋଚିତରୂପେ ପ୍ରଶଂସା କରିଥିଲେ ଏବଂ ଏମାନଙ୍କର ଉନ୍ନତିଶିକ୍ଷା ଓ ଯୋଗ୍ୟତା ସ୍ୱୀକାରପୂର୍ବକ କହିଲେ ଯେ ଏମାନେ ଦିନେ ଶାସନରେ ଅଧିକତର ନିଯୁକ୍ତ ହେବେ ଓ ଯେଉଁ ଅଭିଳାଷା ପ୍ରକାଶ କରୁଅଛନ୍ତି ତହିଁରେ ସେ ବିରକ୍ତ ନ ହୋଇ ବରଂ ଉଚିତ ବିବେଚନା କରୁଅଛନ୍ତି ଓ ଯେତେବେଳେ ସେ ଆପଣା କାର୍ଯ୍ୟକାଳରେ ଅଧିକ ପରିମାଣରେ ଅଧିକାର ଦେଇପାରିବେ ସେତେବେଳେ ବଡ଼ ଆନନ୍ଦିତ ହେବେ । ଏ ଉଦାସ୍ତିତ ଭଲ ମାତ୍ର ଏଥିରେ ସେତେବେଳେ ଏତଦ୍ଦେଶୀୟଙ୍କୁ କୌଣସି ନୂତନ ଅଧିକାର ଦେଲେ ଏହି ସ୍ମରଣୀୟ ବର୍ଷକୁ ସ୍ମରଣୀୟ କରିବାକୁ ସକ୍ଷମ ହୋଇଥାନ୍ତେ ତେବେ ବଡ଼ ଉତ୍ତମ ହୋଇଥାନ୍ତା କେବଳ କଥାରେ ମନ ତୁଷ୍ଟ ହୁଏ ନାହିଁ । ଏପରି ଶୁଭଅବସରରେ ଯେବେ ସ୍ୱାସ୍ଥ୍ୟ ଉପାୟ ବଣ୍ଟନ ଅଭ୍ୟାସରେ ଦେଇ ହୋଇନଥିଲା ତେବେ ଚିରସ୍ଥାୟୀ ଅଧିକାର ଆଉ କେବେ ମିଳିବ ?

---

### ଉତ୍କଳୀୟ ସମାଚାର ।

ପୁରୀ—ଅପରାହ୍ନକାଳରେ ଜିଲ୍ଲା ଓ ମିସନ ସ୍କୁଲର ପିଲାମାନଙ୍କୁ ବାର୍ଷିକ ପୁରସ୍କାର ବିତରଣ ହେଲା । ସନ୍ଧ୍ୟାସମୟରେ ରୋଶନାଇ ଏବଂ କଟକପୁରୁଷୋତ୍ତମଠାରେ ଆତସବାଜି ହେଲା । ଜଗନ୍ନାଥବଲ୍ଲଭଠାରେ ଯାହା ହୋଇଥିବା ସଙ୍ଗରେ ଦର୍ଶନକୁ ଅପେକ୍ଷା ବାଲ ନାଚ ହେଲା ଏବଂ ଏହି ସଙ୍ଗରେ ମାଜିଷ୍ଟ୍ରେଟ୍ ସାହେବଙ୍କ ସହଧର୍ମିଣୀଙ୍କି ଗୋଟିଏ ଜୁବିଲି ମେଡ଼ାଲ ପ୍ରଦତ୍ତ ହେଲା ସଭ୍ୟ ରୋଶନାଇ ଅଲଙ୍କାରରେ ଉଦିଶିବାରୁ ବହୁ ଅଦ୍ଭୁତ ନାଚ କରିଥିଲା । ତା ୧୭ ଦିନରେ ସ୍କୁଲପିଲମାନେ ଜୟବନ୍ଦୀ ଗାଇନ କରୁଥିଲେ ଏବଂ ସ୍ଥଳରେ ପୁରୀ ଥିଏଟର କମ୍ପାନି ନାଟକର ଅଭିନୟ ଦେଖାଇଥିଲେ । ଉକ୍ତ ଉପଲକ୍ଷରେ ଏଠାରେ ଚୁଲିବାଯାଇ ଟଙ୍କା ଉଠିଥିଲା ତହିଁମଧ୍ୟରୁ ପ୍ରାୟ ୮ ୮୦୦ ଟଙ୍କା ଆମୋଦପ୍ରମୋଦରେ ଖର୍ଚ୍ଚ

Digitized by srujanika@gmail.com

ହୋଇ ଅବଶିଷ୍ଟ ଟଙ୍କା ଉପସ୍ଥାନିସ୍ତ ହେଉଅଛି ।

ବାଲେଶ୍ୱର—ଏଠାରେ ଯେ ସମସ୍ତ ସ୍ଥାୟୀ-ଗାର୍ତ୍ତି ସ୍ଥାପିତ ହେବାର ଗତ ସପ୍ତାହରେ ଲେଖିଥିଲୁଁ ସେହିରୁ ଛଡା ଚାନ୍ଦପୁରର ବାବୁ ଗୋବର୍ଦ୍ଧନଚନ୍ଦ୍ର ରାୟ ମହାଶୟ ଜଣେ ଷ୍ଟୁଡେ-ଣ୍ଟକୁ କଟକ ମେଡିକେଲ ସ୍କୁଲରେ ଶିକ୍ଷା ଦେବାପାଇଁ ମାସକୁ ଟ ୧୦୲ ଙ୍କା ଲେଖାଏଁ ବୃତ୍ତି ଦେବାକୁ ସ୍ୱୀକାର କରିଅଛନ୍ତି ।

ଏଠାରେ ସାମ୍ବତ୍ସରିକ ଉତ୍ସବମଧ୍ୟରେ ତା ୧୫-ରିଖ ମଙ୍ଗଳବାର ଅପେକ୍ଷିତ ଭାବରେ ନଗର-କୀର୍ତ୍ତନ ହୋଇଥିଲା । ବୁଧବାର ସକାଳେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଘେନି ଦରବାର ଓ ସେଠାରେ ଅଭିନନ୍ଦନ ପତ୍ର ଅର୍ପିତ ହୋଇ-ଥିଲା । ଦରବାର ଭାଙ୍ଗିବା ସମୟରେ କୁମାର ସତ୍ୟେନ୍ଦ୍ରନାଥ ଦେ ଆପଣା ବ୍ୟୟରେ ଛପାଇ ଥିବା ଶ୍ରୀମତୀ ମହାରାଣୀ ଓ ଲର୍ଡ ଡଫରି-ନଙ୍କ ଛବି ଖ ୧୦୦୦ ଶ୍ରେ ବାଣ୍ଟି ଦେଇଥିଲେ । ଏହିକାଳରେ ଜ ୨୫ ଣ କଏଦୀ ଖଲାସ ହେଲେ କେବଳ ଜ ୧୩ ଣ ଜେଲଖାନାରେ ...ରହିଲେ । ଅପରାହ୍ନରେ ୨୦୦୦ ଦରି-ଦ୍ରଙ୍କୁ ମିଷ୍ଟାନ୍ନ ଭୋଜନ ଏବଂ ଅନ୍ଧପଙ୍ଗୁ ଅକ୍ଷମ-...ଙ୍କି କମ୍ବଳ ବଣ୍ଟାଗଲା । ସନ୍ଧ୍ୟା ସମୟରେ ...ଠାରେ ସର୍ବ ସାଧାରଣ ମାଜିକ ଲଣ୍ଠନର ...ତୁକ ପ୍ରଦର୍ଶିତ ହୋଇଥିଲା ଏବଂ ବ୍ରାହ୍ମ-ମାନଙ୍କରେ ନୂତନ ସ୍ୱର୍ଗେଶ୍ୱରୀଙ୍କ ନିମିତ୍ତ ବିଶେଷ ...ପାସନା ହୋଇଥିଲା । ଗୁରୁବାର ସକାଳ-...ରେ ଭଦ୍ରଲୋକମାନେ ମାଜିଷ୍ଟ୍ରେଟ ସାହେ-ବଙ୍କ କୋଠିକି ଯାଇ ଆଳାପ କରିଥିଲେ ଏବଂ ...ରେ ଆତସବାଜି ରୋଶନାଇ ହୋଇଥିଲା । ...ମାଜିଷ୍ଟ୍ରେଟଙ୍କ ସ୍ୱତଃ ପ୍ରବୃତ୍ତି କ୍ଷୀଣ କରିବା ... ତାହାଙ୍କ ସମ୍ମାନରେ ଅତ୍ୟନ୍ତ ନାଚିବା ...ଭା ମଧ୍ୟରେ କେବଳ ଏହି ସ୍ଥାନରେ ...ଖାଗଲା । ଅଭିନନ୍ଦନ ପତ୍ର ଦେବାର ... ମଧ୍ୟ ଏଠାରେ ନୂତନ ଅଟେ ମିଉନିସି-...ଟି ଓ ଜାତୀୟ ସଭାରୁ ତାହା ଦିଆ ନ ... ନଗରବାସିମାନେ ଦେଇଅଛନ୍ତି ଏହା ...ଷ୍ଟ୍ରେଟଙ୍କ ଅଭିପ୍ରାୟାନୁଯାୟୀ ହୋଇ ନାହିଁ ।

...ଦ୍ରକ—ଏଠାରୁ ଗୋଟିଏ ଦୁର୍ଘଟନାର ...ବ ଶୁଣି ଅତ୍ୟନ୍ତ ଦୁଃଖିତ ହେଲୁଁ । ଜୁବିଲି ...ରେ ଦବର ସାମିୟାନା ଝାଡ଼ ଲଣ୍ଠନରେ ...ଭୂଷିତ ହୋଇ ମଜଲିସ ଲାଗିଥିବା ସମ-...ୟ ଏଠାରେ ଏକ ମହଭାବ ଜାଳିଲା । ନିକଟରେ ଥିବା ବାଣ ଟୋକାଇରେ ତହିଁରୁ ହଠାତ୍ ଅଗ୍ନି ପଡିଯିବାରୁ ସବୁ ବାଣ ଜଳିଉଠିଲା ଲୋକେ ସାବଧାନ ହେଉଁ ହେଉଁ ସାମିୟା-ନାରୁ ନିଆଁ ପୋଡ଼ିଗଲା ଝାଡ଼ ଲଣ୍ଠନ ଭାଙ୍ଗିଗଲା । ଜଣେ କନଷ୍ଟେବଲର ଶରୀର ସ୍ଥାନେ ସ୍ଥାନେ ପୋଡ଼ିଗଲା ଏବଂ ଦଶବାର ମନୁଷ୍ୟ ଭୟାତୁର ହୋଇ ଦୌଡ଼ିବା ସମୟରେ କେତେକ ଜଣଙ୍କୁ ମାଡ଼ିଦେଇ ପକାଇଲେ । ତାହାର ପ୍ରାଣନଷ୍ଟ ହୋଇଅଛି କି ନାହିଁ ଅଦ୍ୟାପି ଜଣାଯାଇ ନାହିଁ । ଏ ସମ୍ବାଦ ଜଣେ ଭଦ୍ରଲୋ-କଙ୍କଠାରୁ ଆମ୍ଭେମାନେ ଶୁଣିଅଛୁଁ । ମାତ୍ର ସେ-ଠାରୁ ପାଇଥିବା ପ୍ରେରିତପତ୍ରମାନଙ୍କରେ ଏଥିର ଉଲ୍ଲେଖ ନାହିଁ । ପ୍ରେରିତପତ୍ରମାନ ଅସମୟରେ ପାଇବାରୁ ଏଥର ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

କେନ୍ଦ୍ରାପଡ଼ା—ସକାଳେ ଦରିଦ୍ରମାନଙ୍କୁ ତଣ୍ଡୁଳାଦି ବଣ୍ଟନ ହେଲା । ସନ୍ଧ୍ୟା ସମୟରେ ଆତସବାଜି ଓ ନଗର ଆଲୋକିତ ହେଲା ହିନ୍ଦୁମାନେ ସଙ୍କୀର୍ତ୍ତନ ଓ ବାଦ୍ୟ ଘେନି ବଳ-ଦେବଜୀଉ ମହାପ୍ରଭୁଙ୍କ ମନ୍ଦିରକୁ ଯାଇ ରାଜ-ରାଜେଶ୍ୱରୀଙ୍କ ମଙ୍ଗଳପ୍ରାର୍ଥନା କଲେ ଏବଂ ମୁସଲମାନମାନେ ଏକତ୍ରିତ ହୋଇ ମସଜିଦକୁ ଯାଇ ସେହିପରି କଲେ । ସ୍କୁଲ ପିଲାମାନଙ୍କୁ ଭୋଜନ ଦିଆଯାଇଥିଲା ଏବଂ ବାବୁ ଜଗନ୍ନାଥ ଭଞ୍ଜବର ବାବୁ ଯୋଗେନ୍ଦ୍ରନାଥ ମୁଖାର୍ଯ୍ୟା ଓ ମଉଲଭି ବାରସ ଅଲି ଏହି ସମସ୍ତ ଅନୁଷ୍ଠାନରେ ଅଧିକ ଯତ୍ନ ଓ ପରିଶ୍ରମ କରିବାର ଦେଖାଯାଇ-ଥିଲା ।

ଯାଜପୁର—ସକାଳେ ଦରିଦ୍ରଙ୍କୁ ଚାଉଳ ଓ ପଇସା ଓ କଣା, ଝଞ୍ଜ ପ୍ରଭୃତିଙ୍କି ବସ୍ତ୍ର ବିତରଣ ହେଲା । ଦଳମାନଙ୍କରେ ଦୁଇଟି ସଙ୍କୀର୍ତ୍ତନ ଦଳ ନଗରକୀର୍ତ୍ତନ କଲେ । ରାତ୍ରରେ ସର୍ବତ୍ରରେ ରୋଶନାଇ ଏବଂ ଥାନା ପଡ଼ିଆରେ ମଜଲିସ ଓ ନାନାପ୍ରକାର ନୃତ୍ୟ ଗୀତବାଦ୍ୟ ହେଲା । ଉତ୍ସବ ଦେଖିବା କାରଣ ମୋଫସଲରୁ ବହୁତ ଯାତ୍ରି ଆସିଥିଲେ । ଉତ୍ସବନିମିତ୍ତ ଦୁଇଶତ ଟଙ୍କା ଚାନ୍ଦା ଉଠିଥିଲା ଏବଂ ପୁଲିସ ଇନସ୍-ପେକ୍ଟର ମଥୁରାନାଥ ବାବୁଙ୍କ ସାହାଯ୍ୟରେ ସକଳକାର୍ଯ୍ୟ ଉତ୍ତମରୂପେ ନିର୍ବାହିତ ହୋଇ-ଥିଲା । ସବଡିଭିଜନ ଅଫିସର ମୋଫସଲରେ ଥିବାରୁ କିଛି ଅସୁଖ ହୋଇଥିଲା । ସଦାବର୍ତ୍ତ ମଠର ମହନ୍ତ ମଠ ସମ୍ମୁଖରେ ଉତ୍ତମ ମଜଲିସ ଓ ରୋଶନାଇ କରିଥିଲେ । ସରକାରୀ କୋଠି-ମାନଙ୍କ ମଧ୍ୟରେ ବାଣିଜ୍ୟମାସ୍ତର ଏକ୍ସାଇଜ କୋଠିମାନଙ୍କର ରୋଶନାଇ ଭଲ ହୋଇଥିଲା ।

ଶିବପୁର—ଏଠା ଗ୍ରାମବାସିମାନେ ଅପର-ପ୍ରାଇମେରୀ ସ୍କୁଲରେ ଉତ୍ସାହିତ ହୋଇ ସନ୍ଧ୍ୟା-ଠାରୁ ରାତ୍ରି ଶେଷପର୍ଯ୍ୟନ୍ତ ଆମୋଦ ପ୍ରମୋଦ (ବାଦ୍ୟ, ଆତସବାଜି, ଶ୍ରୀମଦ୍ ଭଗବଦ୍‌ଗୀତା ଓ ଅଭିଅସନ୍ଧାର) କଲେ, ଏବଂ ସ୍କୁଲ ଗୃହଟି ଓ ଚର୍ଚ୍ଚିକଟସ୍ଥ ସଡ଼କକୁ ଆଲୋକମାଳାରେ ପରିପୂରିତ କରାଇ, ସ୍କୁଲ ଗୃହମଧ୍ୟକୁ ଉପଯୁକ୍ତ କରଣୀୟରେ ସଜ୍ଜିତ କରି ଅତ୍ୟନ୍ତ ମନୋରଞ୍ଜନ କରାଇଥିଲେ । ସ୍କୁଲର ସମ୍ପାଦକ ଶ୍ରୀ ଚୌଧୁରୀ ଦୁଃଖିଭଞ୍ଜନ ଦାସ ମହାପାତ୍ର ମହାଶୟଙ୍କ ଯଥା-ସାଧ୍ୟ ସାହାଯ୍ୟ ଓ ଯତ୍ନରେ ଏ ସମସ୍ତ ହୋଇ-ଅଛି । ଏ ମହାଶୟ ଯେପରି ଉତ୍ସାହୀ ଓ ସେହିପରି ବଦାନ୍ୟାନୁରାଗୀ, ଏହାଙ୍କ ଦୟାସାହା-ଯ୍ୟରେ ଶିବପୁରର କୌଣସି ଉନ୍ନତି ହୋଇ ନ ପାରେ । ଏ ମହାଶୟ ଆଜିରେ ଯେପରି ଉତ୍ସ ଦେଖାଇଲେ, ତାହା ଏହି ଗ୍ରାମରେ ଆଉ କେବେ ଦେଖାହୋଇ ନ ଥିଲା ।

ବଳରାମପୁର—ବଳରାମପୁରର ଦୁର୍ଗାଧାଶ ମହାଶୟ ଜୁବିଲି ଉପଲକ୍ଷେ ଇଲାକାର ସମସ୍ତ ରୟତ ଓ ପ୍ରଧାନମାନଙ୍କୁ ଆଜନ ଉତ୍ସବ କରି-ବାକୁ ଆଦେଶ କରିଥିଲେ ମଧ୍ୟ କଲଣ୍ଡ ମାଳସିଉଡ଼ା ବାରବନା ଓ ଘାଲଗଙ୍ଗ ଓଗେର ସମସ୍ତଲୋକ ଏକତ୍ରେ ସମବେତ ହୋଇ ଭୋଜ ସଙ୍କୀର୍ତ୍ତନାଦି କରି ଆନନ୍ଦ ପ୍ର-କାଶ କରିଥିଲେ ଶ୍ରୀରଙ୍ଗା ମଧ୍ୟ ଏହି ଇଲାକାରେ ଥିବା ସମଗଡ଼ ପାହାଡ଼ ଉପରେ ଦୁଇଦିନ ପର୍ଯ୍ୟନ୍ତ ରହି ରୋଶନାଇ କୀର୍ତ୍ତନ ଓ ଭୋଜ ଆଦି କରିଥିଲେ । ସେ ଗୋଟିଏ ଉତ୍ତମ ରମ୍ୟସ୍ଥାନ ପର୍ବତଉପରେ ଝର ଅଛି ଅନେକ ଗ୍ରୀଷ୍ମାରେ ପାହାଡ଼ଟି ପରିପୂର୍ଣ୍ଣ ଗ୍ରୀଷ୍ମରେ ଅବଲୀଳାକ୍ରମେ ପାଞ୍ଚଶତ ଲୋକ ରହି ପାରିବେ ଝରରୁ ଅଳ୍ପ ଅଳ୍ପ ଜଳ ବାହାରୁଥାଏ ହୋଷର ଝରମାନଙ୍କରୁ ଭଲ ଜଳ ଧରିବେ । ସ୍କୁଲ ବାଳକଙ୍କୁ ଭୋଜ ରୋଶନାଇ କରିଥିଲେ ।

ଛାଲଡେର—ଗତମାସ ତା ୧୬ ରଖରେ ଉତ୍ସବ ଅନୁଷ୍ଠେୟ ହୋଇଥିଲା ମହାମାନ୍ୟା ଶ୍ରୀ ରାଜରାଜେଶ୍ୱରୀଙ୍କ ସମ୍ମାନସ୍ୱରୂପ ତୋ ୨୧ ଫ ଧ୍ୱନି ହୋଇଥିଲା, ଅସ୍ମଦେଶୀୟ ଦବଂଶର ବାଦ୍ୟଭୂର୍ଯ୍ୟାଦ ପ୍ରଭାବିତ ହୋଇ ଉତ୍ସବ ସାଙ୍ଗୋପାଙ୍ଗ କରିଥିଲା । ମଧ୍ୟାହ୍ନ ଘ ୨ ଘା-ଠାରୁ ଅପରାହ୍ନ ଘ ୫ ଘା ପର୍ଯ୍ୟନ୍ତ ଦକ୍ଷିଣ

Split by PDF Splitter
Digitized by srujanika@gmail.com

ପଙ୍ଗୁ କୁଷ୍ଠରୋଗୀ ଓ ଅନାଥ ଲୋକମାନଙ୍କୁ ଖାଦ୍ୟ ପଇସା ଓ ବସ୍ତ୍ର ପ୍ରଦତ୍ତ ହୋଇଥିଲା । ଏ ଲୋକଙ୍କ ସଂଖ୍ୟା ପ୍ରାୟ ୨୦୦ ଶ ଅଟେ । ସୂର୍ଯ୍ୟାସ୍ତାନ୍ତର ଦୁର୍ଗରେ ସଂକୀର୍ତ୍ତନ ଅନ୍ୟାନ୍ୟାଭିନୟ ହୋଇଥିଲା । ସହରରେ ରାଜପ୍ରାସାଦ, କଚେରୀଲୟ, ବିଦ୍ୟାଳୟ, କାରାଗାର, ଚିକିତ୍ସାଳୟ, ଡିସ୍ପେନସରୀ ସଂପୂର୍ଣ୍ଣରୂପେ ଆଲୋକିତ ହୋଇଥିଲା । ମଧ୍ୟ ଦୁର୍ଗର ସମୁଦାୟ ଅଂଶ ଉଦାକାରରେ ଦୀପ ଶୋଭିତ ହୋଇଥିଲା । ରାଜ୍ୟର ସମସ୍ତ ଗ୍ରାମରେ ସେହିପରି ଦୀପବର୍ତ୍ତି ହୋଇଥିଲା । ଦୁର୍ଗର ପ୍ରଧାନ ଲୋକଙ୍କୁ ଅଧିକ ସ୍କୁଲର ବାଳକମାନଙ୍କୁ ଭୋଜନାର୍ଥ ଟ ୨୫୦ ଙ୍କା ଦେୟ ହୋଇଅଛି । ଦୁର୍ଗରେ ପଢ଼ିବାକୁ ଭଦ୍ରଲୋକମାନଙ୍କର ଆଶ୍ରୟ ଉପଯୁକ୍ତରୂପେ ନ ଥିବାରୁ ଗୋଟିଏ ସୁସଜ୍ଜିତ ଅଟ୍ଟାଳିକା ନିର୍ମିତ ହୋଇ ଭିକ୍ଟୋରିଆ ଜୁବିଲି ନାମ ପ୍ରଦତ୍ତ ହୋଇ ମହାମାନ୍ୟାଙ୍କର ଚିରସ୍ମରଣାର୍ଥ ଗୃହ ନିର୍ମିତ ହେବ । କଟକରେ ଯେଉଁ ଭିକ୍ଟୋରିଆ ପାର୍କ ପ୍ରସ୍ତୁତ ହେଉଅଛି ତଦର୍ଥ ଟ ୫୦୦ ଙ୍କା ପ୍ରଦତ୍ତ ହୋଇଅଛି ।

ଲାଉନ୍ସେସ୍ ଡଫରିନଙ୍କ ଫଣ୍ଡନିମିତ୍ତ ଟ ୫୦୦ ଙ୍କା ପଠାଯାଇ ଅଛି । ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଶ୍ରୀ ହସ୍ତକୁ ଏକ ଅଭିନନ୍ଦନ ପତ୍ର ପଠାଇବାର ଆୟୋଜନ ହେଉଅଛି ।

ଅନୁଗୁଳ—ବୁଧବାର ସକାଳ ଘ ୧୦ ଟା ସମୟରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ପ୍ରାର୍ଥନା ଓ ବେଲ ହୁଇ ବାଜିବା ସମୟରେ ୧୦୧ ସଲାମି ତୋପ ଫାୟର ହୋଇ ଦରବାର ଆରମ୍ଭ ହେଲା । ଦରବାର ଗୃହ ଅତି ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା । ନାନା ବର୍ଗୀୟ ସରକାରୀ କର୍ମଚାରୀ ସଇବସ୍ଥାର ପ୍ରଧାନ ସ୍ଥାନୀୟ ଭଦ୍ର ଲୋକ ଏବଂ ଦର୍ଶକ ସହିତ ପ୍ରାୟ ପାଞ୍ଚ ହଜାର ଲୋକ ଉପସ୍ଥିତ ଥିଲେ । ଏଠାରେ ଅନୁଲିଖିତ ଜୁବିଲି ସଙ୍ଗୀତ ଗାୟନ ହେଲା । ଭିକ୍ଷାରୁ ହେଦ ହାସ୍ତ ହୋଇଥିବା ୫୨୮୦୦୯ ଙ୍କା ମଧ୍ୟରୁ ଜୁବିଲି କାର୍ଯ୍ୟ ନିମିତ୍ତ ୫୮୦୦୯ ଙ୍କା ଯାଇ ବାକି ଟ ୨୦୦୦ ଙ୍କାରେ ଏଠାରେ ଭିକ୍ଟୋରିଆ ସ୍କୁଲ ନାମକ ସ୍କୁଲରେ ଅଧିକ ଗୋଟିଏ ଶିଳ୍ପ ବିଦ୍ୟାଳୟ ସ୍ଥାପନ ଏବଂ ପ୍ରତି ବର୍ଷ ଫେବୃଆରୀ ତା ୧୬ ଓ ୧୭ ଇଶରେ ମେଳା ବସାଇବାର ଧାର୍ଯ୍ୟ ହେଲା । ଉପସ୍ଥିତ ଭଦ୍ରଲୋକଙ୍କୁ ପାନ ଅତର ଦେଇ ପ୍ରଜାମାନଙ୍କ ଉତ୍ସାହ-ସହିତ ଜୁବିଲି ଉତ୍ସବରେ ମାତି ସନ୍ତୋଷ ଦେଖାଇବାରୁ ସେମାନଙ୍କୁ ଧନ୍ୟବାଦ ଦେଲେ । ସହରର ନାନା ସ୍ଥାନରେ ପତାକା ଫାଟକ ତୋରଣ ଓ ପୁଷ୍ପ ଗୁଚ୍ଛ ବଡ଼ ଶୋଭନୀୟ ହୋଇଥିଲା । ରାତ୍ରି ଅଠ ଘଣ୍ଟାଠାରୁ ଦୁଇ ପ୍ରହର ପର୍ଯ୍ୟନ୍ତ କଟକ ବାଦ୍ୟ ଓ ସ୍ଥାନୀୟ ନୃତ୍ୟକାରିଙ୍କର ଦରବାର ଗୃହରେ ନାଚ ହୋଇଥିଲା ।

ଗୁରୁବାର ମଧ୍ୟାହ୍ନ କାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ପାଏକଙ୍କର ଓ ସଇତେ ଏଲକା ସଙ୍ଗରେ ଥିବା ଦୁଇ ଜଣ ୧୪ ନଂ ପଲ୍ଟନ ସିପାହିଙ୍କର ଖେଳ କୁସ୍ତି ଦୌଡ଼ ଇତ୍ୟାଦି ନାନା ପ୍ରକାର କ୍ରୀଡ଼ା ହୋଇଥିଲା । ପକ୍ଷାନ୍ତରରେ ପାଏକମାନେ ବୃଷ୍ଟି-କ୍ଷିପ୍ର ସିପାହିଙ୍କି ଖେଳରେ ଜିତିଲେ ସନ୍ଧ୍ୟା ସମୟରେ ବାଣ ପୋଡ଼ା ଓ ନଗର ଆଲୋକିତ ଏବଂ ରାତ୍ରି ଘ ୧୦ ଟାଠାରୁ ସକାଳ ପର୍ଯ୍ୟନ୍ତ ଦରବାର ଗୃହରେ ନୃତ୍ୟ ବାଦ୍ୟ ହୋଇଥିଲା ।

ଶୁକ୍ରବାର ସକାଳଠାରୁ ଦୁଃଖୀମାନଙ୍କୁ ଅନ୍ନ ବସ୍ତ୍ର ଓ ସ୍କୁଲ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ହୋଇ ଉତ୍ସବ ଶେଷ ହେଲା ।

## ଜୁବିଲିଉତ୍ସବ ସଙ୍ଗୀତ ।

ରାଗ କାମୋଦି ଚୌପଦୀ ।

(ଅର୍ଥାତ୍ ବଙ୍ଗଳା ଓଡ଼ିଶା ପୂର୍ଣ୍ଣଶଶୀ ରାଗରେ)

| | |
|---|---|
| ଅଛ ବ ଅନନ୍ତମ୍ | ଭୁବନ ଷର ଷଦନ । |
| ଜୟ ଭିକ୍ଟୋରିଆ ହୋଇ | ଶୁଭ୍ରହୃଦରେ ବଜ । ପଦ |
| କଉଳାଶ ସର୍ବେ ମିଳ | ଭକ୍ତି ପୂର୍ଣ୍ଣ ଛନ୍ଦ ହୋଇ |
| ଲୋକେ ପରବେଶ୍ୱର | ନାମରେ ହୋଇ ମଗ୍ନ । ୧ |
| ଯଶ ଧର୍ମ ଏ ଶାସନ | ରହିଥାଉ ଚନ୍ଦନ |
| ସର୍ବମଙ୍ଗଳ ଏ ଜନନ | ହେଉ ସେ ଚିର ଜୀବନ । ୨ |
| ଲକ୍ଷ୍ମୀ ରୂପ ମଣ୍ଡନ | ଭକ୍ତି ସେବା ଅନୁପମ |
| ଦେଶକୁ ହୋଇ ମମତା | ଅନ୍ନ ଚନ୍ଦନ ପଦ୍ମା । ୩ |
| ଅନୁକୂଳ ସର୍ବ ଜନେ | ଅଧିଷ୍ଠାନ ମନେ |
| ଦଶାନନ୍ଦ ରାଜ୍ୟପଣେ | ରାଜନ ସର୍ବଶୋଭନ । ୪ |

---

## ଉତ୍କଳ ଗେଜେଟ ।

ଏହି ମହୋତ୍ସବ ସ୍ମରଣାର୍ଥେ ଗବର୍ଣ୍ଣମେଣ୍ଟ ଯେ ସମସ୍ତ ମାନ୍ୟସୂଚକ ଉପାଧି ଦାନ କରି ଅଛନ୍ତି ସେ ସମସ୍ତ ତାଲିକା ତା ୧୬ ଇଶରେ ଅସାଧାରଣ ଇଣ୍ଡିଆ ଗେଜେଟରେ ବାହାରିଅଛି । ଆମ୍ଭେମାନେ ତହିଁରୁ ଉଲ୍ଲିଖିତ କଥାମାନ ବାଛି ନେଲୁଁ ଯଥା ।

ଭାରତନକ୍ଷତ୍ର ଉପାଧି—ଏଥିର ପ୍ରଥମ-ଶ୍ରେଣୀରେ ବରୋଦା ଉଦୟପୁର ଓ ଶ୍ରୀମୁକ୍ତ ମହାରାଜାମାନେ ଭୂଷିତ ହୋଇଅଛନ୍ତି । ଦ୍ୱିତୀୟ-ଶ୍ରେଣୀରେ ଗୁରୁଜଣ ଲାଟ ଏବଂ ପଦାଧିକ ମହାରାଜା ସ୍ଥାନ ପାଇଅଛନ୍ତି । ତୃତୀୟ ଶ୍ରେଣୀରେ ଉପାଧି ୧୭ ଜଣଙ୍କୁ ପ୍ରଦତ୍ତ ହୋଇଅଛି ତହିଁ ମଧ୍ୟରେ ଭାରତୀୟ ବ୍ୟବସ୍ଥାପକ ସଭାର ଅଛନ୍ତି ସଭ୍ୟ ମାନ୍ୟବର ପାଂଶ୍ମୋହନ ମୁଖର୍ଯ୍ୟା କେବଳ ବଙ୍ଗଳାର ଲୋକ ଅଟନ୍ତି । ଏହାଙ୍କୁ ଶତ ଅତ୍ର ଉନ୍ନତି ଦେଖାଇବାର ଏ ମର୍ଯ୍ୟାଦା ପାଇଅଛନ୍ତି ।

ଭାରତସମ୍ରାଜ୍ୟ ଉପାଧି—ପୂର୍ବେ ଏହାର ଗୋଟିଏ ଶ୍ରେଣୀ ଥିଲା ଏହି ଶୁଭକାଳରେ ଏଥିର ଆଉ ଗୋଟିଏ ଶ୍ରେଣୀର ସୃଷ୍ଟି ହୋଇ ପ୍ରଥମଶ୍ରେଣୀର ନାମ ନାଇଟକମାଣ୍ଡର ଏବଂ ଦ୍ୱିତୀୟର ନାମ କମ୍ପାନିୟନ ହେଲା ।

ନାଇଟକମାଣ୍ଡର ଉପାଧି ପାଇବା ୨୧ ଜଣଙ୍କ ମଧ୍ୟରେ ନେପାଳର ରାଜଗୁରୁ ମହାରାଜ ହାଇଦରାବାଦର ସାଲାରଜଙ୍ଗ ବାହାଦୁର କୁଚବିହାରର ମହାରାଜା ଲକ୍ଷ୍ମୀଶ୍ୱର ସିଂହ ଏବଂ ବଙ୍ଗୀୟ ଶିକ୍ଷାବିଭାଗର ଡାଇରେକ୍ଟର କ୍ରଫ୍ଟ ସାହେବଙ୍କ ନାମ ରହିଅଛି । କମ୍ପାନିୟନ୍ ୨୬ ଜଣଙ୍କ ମଧ୍ୟରେ ୧୦ ଜଣ ଇଂରାଜ ୫ ଜଣ ପାରସୀ ଏବଂ ୯ ଜଣ ବଙ୍ଗବାସୀ ଅଛନ୍ତି । ଭାରତବାସିଙ୍କ ମଧ୍ୟରେ କଲିକତାର ଡକ୍ଟର ରାଜେନ୍ଦ୍ରଲାଲ ମିତ୍ର ଅମିର ଅଲିଙ୍କ ନାମ ରହିଅଛି ।

ହିନ୍ଦୁ ଓ ମୁସଲମାନ ଶାସ୍ତ୍ରଜ୍ଞ ପ୍ରଜାଙ୍କ ମଧ୍ୟରେ ଯେଉଁମାନେ ଉତ୍କୃଷ୍ଟ ପଣ୍ଡିତ ହୋଇଅଛନ୍ତି ସେମାନଙ୍କ ପାଣ୍ଡିତ୍ୟ ଯଥା ଯୋଗ୍ୟରୂପେ ଉଚିତ କରିବା ନିମନ୍ତେ ଗବର୍ଣ୍ଣର ଜେନରଲ ଏହି ଜୁବିଲି ସମୟରେ ନୂତନ ଉପାଧି ସୃଷ୍ଟି କରିବାର ଅବଧାନ କରିଅଛନ୍ତି ଏ ହିନ୍ଦୁ ସଭାପେ ମହା ମହୋପାଧ୍ୟାୟ ଓ ମୁସଲମାନ ସଭାପେ ସମଶୁଲ ଉଲମା ଉପାଧି ନିର୍ଦ୍ଦିଷ୍ଟ ହେଲା । ମହାମହୋପାଧ୍ୟାୟ ପଦ ସଙ୍ଗରେ ଏକ ଖିଲାତ ଅର୍ଥାତ୍ ପାଗ ଏବଂ ଉତ୍ତରୀୟ ଅଥବା ସାଲ ଖିଲାତ ଦିଆଯିବ ଏବଂ ସମଶୁଲ ଉଲମା ସଙ୍ଗରେ ଏକ ଅମାମା ଅର୍ଥାତ୍ ପାଗ ଏବଂ ଯୁବ୍ବା ଅଥବା ବୈଶାଖିରତ ଦିଆଯିବ ଏ ଉପାଧି ଯେଉଁମାନେ ପାଇବେ ସେମାନେ ଦରବାର ଇତ୍ୟାଦିରେ ଯଥାକ୍ରମେ ରାଜା ଓ ନବାବଙ୍କ ତଳେ ସ୍ଥାନ ପାଇବେ ।

ବଙ୍ଗ ବମ୍ବେ, ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଉତ୍ତର ପଶ୍ଚିମ ଓ ପଞ୍ଜାବର କେତେକ ପଣ୍ଡିତଙ୍କୁ ମହାମହୋପାଧ୍ୟାୟ ପଦ ପ୍ରଦତ୍ତ ହୋଇଅଛି

ଉନ୍ଧରୁ କେବଳ ବଙ୍ଗପଣ୍ଡିତଙ୍କର ନାମ ଏଠାରେ ଲେଖୁଅଛୁଁ ଯଥା—ଭୁବନମୋହନ ବିଦ୍ୟାରତ୍ନ, ମହେଶଚନ୍ଦ୍ର ନ୍ୟାୟରତ୍ନ, ଶ୍ରୀରାମ-ଶିରୋମଣି, ରାଖାଲଦାସ ନ୍ୟାୟରତ୍ନ, ଶିବଚନ୍ଦ୍ର ନ୍ୟାୟରତ୍ନ, ଚନ୍ଦ୍ରକାନ୍ତ ତର୍କାଳଙ୍କାର ଓ ତାର-ଣୀଚରଣ ଶିରୋମଣି ବଙ୍ଗଭୂତର ପ୍ରଥମ ପଣ୍ଡିତ ଓ ମାନ୍ଦ୍ରାଜର ଯେଉଁ ମୁସଲମାନମାନେ ସମ୍ମାନ ଉପାଧି ପାଇଅଛନ୍ତି ସେମାନଙ୍କ ମଧ୍ୟରେ ମୁଫ୍ତି ମିରମହମ୍ମଦ ଅବାସ୍, ମଉଲବି ମହମ୍ମଦ ସଫ୍ଦର ଓ ସେଖ ମହମ୍ମଦ ଇକ୍ବାଲ ବଙ୍ଗଳାର ଲୋକ ଅଟନ୍ତି।

ବନାରସର ରାଜା ଶିବପ୍ରସାଦ ପୁତ୍ରପୌତ୍ରାଦି କ୍ରମେ ସ୍ୱତ୍ତ୍ୱଉପାଧି ଭୋଗ କରିବେ।

ଛୋଟନାଗପୁର ଅନ୍ତର୍ଗତ ସିରଗୁଜାର ରାଜା ରଘୁନାଥଶରଣ ସିଂହ ଦେବ ମହାରାଜପଦ ପାଇଲେ।

ନବାବ ଅବ୍ଦୁଲଲତିଫ ନବାବବାହାଦୁର ହେଲେ।

ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ରାଜା-ବାହାଦୁର ହେଲେ।

ମେଦନୀପୁରର ଜମିଦାର ବାବୁ ମହୀନ୍ଦ୍ରଲାଲ ଖାନ କଲିକତାର ବାବୁ ଦୁର୍ଗାଚରଣ ଲାହା ଉତ୍ତରପଡ଼ାର ମାନ୍ୟବର ପ୍ୟାରୀମୋହନ ମୁଖର୍ଯ୍ୟା ଓ ମଧ୍ୟପ୍ରଦେଶ ଛତିଶଗଡ଼ର ମହନ୍ତ ବଳରାମ ଦାସ ଅନ୍ୟାନ୍ୟ କେତେକ ଲୋକ-ସହିତ ରାଜ ଉପାଧି ପାଇଲେ।

କଲିକତା ଯୋଡ଼ାଶାଙ୍କୋ ନିବାସୀ ମୃତ ବାବୁ ପ୍ରାଣକୃଷ୍ଣ ମହାନ୍ତିଙ୍କ ସ୍ତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣକୁମାରୀ ଦାସୀ ରାଣୀ ଉପାଧି ପାଇଲେ।

ଏଥିଉତ୍ତାରୁ ଦେବାନ ବାହାଦୁର, ଖାନ୍ ବାହାଦୁର, ରାଏ ବାହାଦୁର, ଖାନ୍ ସାହେବ, ସ୍ୱତ୍ୱ ସାହେବ ଉପାଧିମାନ ଯେଉଁମାନଙ୍କୁ ପ୍ରଦତ୍ତ ହୋଇଅଛି ସେମାନେ ଅଧିକାଂଶରେ ମାନ୍ଦ୍ରାଜ ଓ ବମ୍ବେଇପ୍ରଦେଶର ଲୋକ ଅଟନ୍ତି। ମାନ୍ଦ୍ରାଜ ଏଥିରୁ ଉପାଧିଲାଭରେ ଅଧିକ ଭାଗ୍ୟ-ବନ୍ତ ହୋଇଅଛି। ଓଡ଼ିଶାରେ ଅଦୌ କଥା ନାହିଁ। କେବଳ ବାଲେଶ୍ୱରର ତହସିଲଦାର ବାବୁ ଗୋପୀନାଥ ଗୁରୁ ରାଏ ସାହେବ ପଦ ପାଇବାର ଦେଖାଗଲା। ଆମ୍ଭେମାନେ ଆଶା-କରିଥିଲୁଁ ଯେ ଏହି ଶୁଭ ଅବସରରେ ଓଡ଼ିଶାର କେହି ଯୋଗ୍ୟବ୍ୟକ୍ତି ରାଜା ଓ ରାୟବାହାଦୁର ପଦରେ ଭୂଷିତ ହେବେ।

ସେପରି ଯୋଗ୍ୟବ୍ୟକ୍ତି ଯେ ଏଠାରେ ଅଛନ୍ତି ଏଥିରେ ସନ୍ଦେହ ନାହିଁ ବନ୍ଧୁ ଏଡ୍ଡେରଜ୍ଞାଙ୍କ-ପାଇଁ କର୍ତ୍ତନରେ ଓଡ଼ିଶାର ଭାଗ୍ୟକୁ ଅଧଃପତ୍ୟା (ଯଥା ରାଜା ଶ୍ୟାମାନନ୍ଦ ରାଜାବାହାଦୁର ହେବା) ରୁ ଅଧିକ ମିଳିଲା ନାହିଁ ସାମାନ୍ୟ ଦୁଃଖର ବିଷୟ ନୁହଇ। ଗବର୍ଣ୍ଣମେଣ୍ଟ ଓଡ଼ିଆ-ଙ୍କର ଉତ୍ସାହ ବିଷୟରେ ଏପ୍ରକାର ଦାରୁଣ-ଭାବ ଗ୍ରହଣ କଲେ ଏ ଦେଶର ଉନ୍ନତି ଆଉ କିରୂପେ ସାଧିତ ହେବ ?

କାରାମୋଚନ—ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କ ପ୍ରତି ଏହି ଆଦେଶ ହୋଇଥିଲା କି ଉତ୍ସବ ଏବଂ ଦାଗୀଛଡ଼ା ପ୍ରତି ଜେଲଖାନାର କଏଦୀଙ୍କ ମଧ୍ୟରୁ ଶତକରା ଜ ୧୦ ଣ ଛାଡ଼ିଦେବେ। ଯାହାର ଚରିତ୍ର ଗୁରୁତର ଅପରାଧର ଦୋଷୀ ହୋଇ ନ ଥିବା ସମସ୍ତ ସ୍ତ୍ରୀଲୋକ ଏବଂ ସ୍ତ୍ରୀ ଅବା ପୁରୁଷ ଯାହାଙ୍କର ମିୟାଦ ଆଗାମୀ ଜୁନ ମାସ ତା ୨୦ ରିଖ ଜମା ତହିଁପୂର୍ବେ ଶେଷ ହେବ ସେ ସମସ୍ତଙ୍କୁ ଛାଡ଼ ଦେବ। ପୁନଶ୍ଚ ଯେଉଁମାନଙ୍କୁ ବର୍ତ୍ତମାନ ଛାଡ଼ିଦେବା ଉଚିତ୍ ନୁହଇ ସେମାନଙ୍କର ମିୟାଦ ଊଣା କରିଦେବା ବିଷୟରେ ମଧ୍ୟ ଆଦେଶ ହୋଇଅଛି। ଏମାନେ ବର୍ଷପ୍ରତି ଏକ ମାସ ଲେଖାଏଁ ମିହା ପାଇ ପାରିବେ।

ବନ୍ଦାସ୍ଥାନରେ କଏଦ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜ ୫୦୦ ଣଙ୍କୁ ଇଣ୍ଡିଆଗବର୍ଣ୍ଣମେଣ୍ଟ ଜୁବିଲିଉତ୍ସବ ଛାଡ଼ି ଦେଇଅଛନ୍ତି ଏବଂ ଉକ୍ତା-ଏତ୍ତା ଅପରାଧ ନିମିତ୍ତ କଏଦ ଥିବା ଆଉ ଜ ୫୦ ଣ ସମ୍ପର୍କରେ ଅନୁସନ୍ଧାନ ଲାଗିଅଛି। ସମ୍ଭବତଃ ଏଥିମଧ୍ୟରୁ କେତେକ ଲୋକ ଖଲାସ ପାଇବେ।

ଦେବାନୀ କଏଦୀଙ୍କ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି କି ଯାହାଙ୍କର ଦେଣ ଟ୧୦୦୧ ଟଙ୍କାରୁ ଉର୍ଦ୍ଧ୍ୱ ନୁହଇ ସେମାନଙ୍କ ମଧ୍ୟରୁ ଯେଉଁମାନେ ଗରିବ ଏବଂ କିଛି ଦେଇବାର ନାହାନ୍ତି ସେମାନେ ଖଲାସ ପାଇବେ ଏବଂ ତାହାଙ୍କ ଦେଣ ସରକାର ତହବିଲରୁ ଅଦାୟ କରାଯିବ।

ଏହିସମସ୍ତ ଅନୁଗ୍ରହରେ ସନ ୧୮୮୭ ସାଲ ଫେବୃଏରୀ ମାସ ତା ୧୬ ରିଖ ଜୁବିଲିଉତ୍ସବ ଯେଉଁମାନେ ଖଲାସ ପାଇଅଛନ୍ତି ସେମାନଙ୍କର ତାଲିକା ଯଥା :—

| ଭାରତବର୍ଷର ଜେଲ | ପୁରୁଷ | ସ୍ତ୍ରୀ | ମୋଟ |
| --- | --- | --- | --- |
| ମାନ୍ଦ୍ରାଜରୁ | ୨୧,୨୪୦ | ୧୪୮୨ | ୨୨୭୨୨ |
| ବଲାପ ଶିରୁ | ୩୦୦ | ୫୦ | ୩୫୦ |
| ଦେଶୀ ମାଜବରୁ | ୨୧୮ | „ | ୨୧୮ |
| ମୋଟ | ୨୧୮୫୮ | ୧୪୬୨ | ୨୩୩୦୪ |

ଏଠାରେ କଏଦୀ ଖଲାସ ହେବାସ୍ଥଳେ ପୁରୀର ହତଭାଗ୍ୟ ମହାରାଜା ଦିବ୍ୟସିଂହଦେବ ଖଲାସ ପାଇଅଛନ୍ତି କି ନାହିଁ ଏହି କଥା ଜାଣିବାପାଇଁ ଓଡ଼ିଶାବାସି ସମସ୍ତେ ବ୍ୟସ୍ତ ଅଛନ୍ତି ଏବଂ ତାହାଙ୍କ ନାମମାତ୍ର ଦେଖିବା କାରଣ ଲୋକ-ଙ୍କର ଏପରି ଆଗ୍ରହ ହୋଇଅଛି ଯେ ସେ ଖଲାସ ହେବାର କୌଣସି ଜନରବ ଶୁଣିଲା ମାତ୍ରକେ ବିଶ୍ୱାସ କରୁଅଛନ୍ତି। ଆମ୍ଭେମାନେ ଅଦ୍ୟାବଧି ଏହି ବିଷୟ ସମ୍ବାଦ ପାଇ ନାହୁଁ। ରାଜାଙ୍କ ମୁକ୍ତି ନିମିତ୍ତ ଏଥିପୂର୍ବେ ଗବର୍ଣ୍ଣମେଣ୍ଟ-ରେ ପ୍ରାର୍ଥନା ହୋଇଥିଲା ଏବଂ ମାନ୍ୟବର ଲେଫ୍ଟେନାଣ୍ଟ ସାହେବ ଉତ୍କଳରେ ଥିବା କାଳର କର ଯେପ୍ରତି ଚେଷ୍ଟା କରିଅଛନ୍ତି ମାତ୍ର ଫଳ କିଛି ଜଣାପଡ଼ି ନାହିଁ। ଯେସ୍ଥଳେ ଉତ୍ସବ ପ୍ରଭୃତି-ଙ୍କ ଖଲାସ ଦିଆଯାଇ ଅଛି ସେସ୍ଥଳେ ପୁରୀ-ରାଜାଙ୍କର ଅପରାଧ ଅଧିକ ନୁହଇ ଏବଂ ତାହାଙ୍କର ବଂଶମର୍ଯ୍ୟାଦା ତରୁଣ ବୟସ ଓ ଅନୁସଙ୍ଗୀ ବ୍ୟବହାରମାନ ବିବେଚନା କଲେ ତାହାଙ୍କର ଦୋଷ ପ୍ରକୃତ ହେଲେ ସୁଦ୍ଧା କୌଣସିରୂପେ ଏପ୍ରକାର କୋହ୍ୟାଇ ନ ପାରେ ଯେ ତାହାଙ୍କୁ କ୍ଷମା ଦେଲେ ସମାଜର ଉତ୍ପାତ କ୍ଷତ ହେବ ଆମ୍ଭେମାନେ ଅବଶ୍ୟ ଆଶା କରୁ ଅଛୁଁ ଯେ ଗବର୍ଣ୍ଣମେଣ୍ଟ ତାହାଙ୍କୁ କ୍ଷମା ଦେଇଅଛନ୍ତି ଅଥବା ଶୀଘ୍ର କ୍ଷମା ଦେଇ ମୁକ୍ତିପ୍ରଦାନ କରିବେ। ତାହା ନ କଲେ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟରେ ଲୋକଙ୍କର ତୃପ୍ତି ହେବ ନାହିଁ। ବସ୍ତୁତ ଯାହାଙ୍କୁ କ୍ଷମା ଦେଲେ ଶ୍ରୀମତୀ ଭାରତେଶ୍ୱରୀଙ୍କ ଦୟା ସର୍ବସାଧାରଣଙ୍କ ମନରେ ଦୃଢ଼ରୂପେ ମୁଦ୍ରିତ ହେବ ସେପରି ବ୍ୟକ୍ତିକି ଛାଡ଼ି ଏମନ୍ତ ସହସ୍ର ଲୋକଙ୍କୁ କ୍ଷମା ଦେବା ବଡ଼ ଗୌରବର କଥା ନୁହଇ।

ଏ ପ୍ରସ୍ତାବ ଲେଖାହେଲା ଉତ୍ତାରୁ ମାନ୍ୟ-ବର ଲେଫ୍ଟେନାଣ୍ଟ ସାହେବଙ୍କ ନିଷ୍ପତ୍ତି ସମ୍ବାଦ-ପତ୍ରରେ ପାଠକଙ୍କ ଭିତରେ ଲେଖାଅଛୁ କି ପୁରୀ ରାଜାଙ୍କର ଅପରାଧ ଅତ୍ୟନ୍ତ ଗୁରୁ ଏବଂ ତାହାଙ୍କ କାରବାସ ୧୦ ବର୍ଷ ପୂରା ହୋଇ ନାହିଁ ଅତଏବ ସେ କ୍ଷମାର ପାତ୍ର ବିବେଚନା ହେଲେ ନାହିଁ।

Split by PDF Splitter
Digitized by srujanika@gmail.com

ଶ୍ରୀମତୀ ଭାରତେଶ୍ୱରୀଙ୍କ ଜୁବିଲି ଉପଲକ୍ଷରେ ଏ? ... ସୌଖିନ ଥିଏଟରସ୍ଥାପକ ବଙ୍ଗୀୟ ... ଜୀବ ... ବାବୁଙ୍କ ସତ୍‌ତାରେ ତାହାର ମାସ ତା ୧୬ ଓ ୧୯ ରାତ୍ରରେ ଯେଉଁ ବଙ୍ଗଳା ପ୍ରଥ ପ୍ରଥମ ... ଅଭିନୟ କରିଥିଲେ ତହିଁରେ ... ଯାତ୍ରାରେ ... ନୂତନ "କବି" ସଙ୍ଗୀତ ବଙ୍ଗଳାରେ ଗୀତ ହୋଇଥିଲା । ଉକ୍ତ ସଙ୍ଗୀତ ... ଏହା ଗାମ୍ଭୀର୍ଯ୍ୟ ... ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା ।

ଭଗିଣୀ ଅହଂ । ତାଳ ଏକତାଳ ।
ଏବେ ... ଭାରତେଶ୍ୱରୀ ପ୍ରସନ୍ନମନେ ।
... ଭାରତ ଭାବସ୍ୱେ ସବେ ପୂଜେ ଯତନେ ।
... ଇଂଲଣ୍ଡେଶ୍ୱରୀ ,ରାଜ୍ୟ ଭୁବନ ଭରି,
... ଅସ୍ତ ନା ଜାନେ ।
... ପ୍ରତାପେ ... ସ୍ୱପନେ ।
... ପୂର୍ଣ୍ଣ ... ।
... ବର୍ଷ ... ।
... ଯେ ... ପାଲନେ ।
ଜୟ ଭାରତେଶ୍ୱରୀ, ଜୟ ଇଂଲଣ୍ଡେଶ୍ୱରୀ ।
... ଏ ଶୁଭକ୍ଷଣେ ।
... ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ... ଗୋସାଇଁ | ... | ଅଗ୍ରିମ | ଟ ... |
| ବାବୁ ... | ... | . | ଟ ... |
| ... ସାହେବଙ୍କ | ନାଗପୁର | . | ଟ ... |
| ... | ... | ... | ଟ ... |
| ... ଦେବ | ... | ଅଗ୍ରିମ ଓ . | ଟ ... |
| ବାବୁ ... | ... | | |
| | | ଅଗ୍ରିମ | ଟ ... |
| ଚୌଧୁରୀ ... | | | |
| | ... | . | ଟ ... |
| ବାବୁ ... | | . | ଟ ... |
| ... | ... | . | ଟ ... |
| ... | ... | . | ଟ ... |

## ବି ଜ୍ଞା ପ ନ ।

ବିଶେଷ ଦ୍ରଷ୍ଟବ୍ୟ ।

... କବିରାଜ ଶ୍ରୀ ... ପ୍ରାପ୍ତ ... ମନୁଷ୍ୟମାନଙ୍କୁ ... ମୁକ୍ତ କରିବା ... ପ୍ରସ୍ତୁତ ଅଛନ୍ତି । ... ମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ... ଦେଖାଯାଉ ନାହିଁ । ... ମୁକ୍ତ ପାଇବାର ବାଞ୍ଛା ... ତାହାଙ୍କ ... ଅଳ୍ପବ୍ୟୟରେ ... ମଧ୍ୟରେ ... ଆରୋଗ୍ୟ କରିବେ । ... ଆରୋଗ୍ୟ ହୋଇ ... ପାଇଅଛନ୍ତି ।

ବିଶେଷ ଦ୍ରଷ୍ଟବ୍ୟ ! ବିଶେଷ ଦ୍ରଷ୍ଟବ୍ୟ !!
ବିଶେଷ ଦ୍ରଷ୍ଟବ୍ୟ !!!
ରାଜା କୃଷ୍ଣସିଂହଙ୍କ କୃତ

# ମହାଭାରତ ।

—୦O୦—

ମହାଭାରତ ଯେ କେମନ୍ତ ପରମାଦରଣୀୟ ଗ୍ରନ୍ଥ ଏହା ପ୍ରାୟ କୌଣସି ହିନ୍ଦୁମଣ୍ଡଳୀରେ ଅପ୍ରକାଶ୍ୟ ନାହିଁ । ଏ ମହାଗ୍ରନ୍ଥକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ କାମନାରେ ବିଶୁଦ୍ଧମାନସରେ ସତତ ଶ୍ରବଣ କରିବାର ପ୍ରଥା ଥିବା ପ୍ରତ୍ୟକ୍ଷେ କେବଳ ପ୍ରଧାନ ୨ ଗୃହମାନଙ୍କ ଗୃହରେ ଏଥିର ଏକ ୨ ସାର ଯତ୍ନପୂର୍ବକ ସଞ୍ଚିତ ହୋଇ ରହିଥିବାର ଲକ୍ଷିତ ହୁଏ । ଏଥିର ପୂର୍ଣ୍ଣ ଅଷ୍ଟାଦଶପର୍ବ ଲେଖାଇ ରଖିବା ଯେମନ୍ତ ସୁଦୂର ବ୍ୟାପାର ତେମନ୍ତ ବହୁବ୍ୟୟସାଧ୍ୟ । ସୁତରାଂ ଏଥିର ଅଭାବ ସାଧାରଣରେ ସର୍ବଦା ବିଦ୍ୟମାନ ରହିଅଛି ।

ଦେଶହିତୈଷୀ ବିଜ୍ଞ ଓ ଧନବନ୍ତଙ୍କ ସାହାଯ୍ୟ ବ୍ୟତୀରେକେ ଏତଦଭାବ ବିଦୂରିତ ହେବାର ଉପାୟାନ୍ତର ନାହିଁ । ଏଥିପାଇଁ ଆମ୍ଭେମାନେ ଏତାବେଳକେ ସମସ୍ତ ବ୍ୟୟଭାର ବହନ କରିବାକୁ ତାହାଙ୍କ ଅନୁରୋଧ କରି ନ ପାରୁ, କେବଳ ଏଥିର ମର୍ମଗ୍ରାହୀ ଓ ଅଭିଳାଷିଗଣ ଏଥିରୁ ଏକ ୨ ସାର ଅନୁଗ୍ରହପୂର୍ବକ ଗ୍ରହଣ କରିବା ବିଷୟରେ କୃତସଙ୍କଳ୍ପ ହେଲେ ଆମ୍ଭେମାନେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଅତି ସ୍ୱଳ୍ପମୂଲ୍ୟରେ ସାଧାରଣଙ୍କୁ ଉକ୍ତ ଗ୍ରନ୍ଥ ଯୋଗାଇବା ବିଷୟରେ ଅଗ୍ରସର ହେବୁଁ ।

ଏ ପ୍ରଦେଶରେ ଦୁଇପ୍ରକାର ମହାଭାରତ ପ୍ରଚଳିତ ଅଛି ଅର୍ଥାତ୍ ଶାରଳାଦାସଙ୍କ କୃତ ଓ କୃଷ୍ଣସିଂହଙ୍କ କୃତ । ଶାରଳାଦାସ ମହାଭାରତଠାରୁ କୃଷ୍ଣସିଂହଙ୍କର ମହାଭାରତ ବୃହତ୍ ଓ ଉତ୍କୃଷ୍ଟ, କାରଣ ଏହା ସଂସ୍କୃତମହାଭାରତରୁ ବିଶଦଭାଷାରେ ଅନୁବାଦିତ । ଏଥିର ଉଦ୍‌ଯୋଗପର୍ବରେ ଭଗବଦ୍‌ଗୀତା ସମ୍ପୂର୍ଣ୍ଣ, ଶାନ୍ତିପର୍ବରେ ରାଜଧର୍ମ, ଦାନଧର୍ମ, ମୋକ୍ଷଧର୍ମ ଓ ଶେଷଭାଗରେ ହରିବଂଶପର୍ବ ଇତ୍ୟାଦି ବହୁବିଧ ଉତ୍କୃଷ୍ଟ ବିଷୟ ସନ୍ନିବେଶ୍ଟ ଅଛି । ଶାରଳାଦାସ ମହାଭାରତରେ ଏସବୁ ବିଷୟର ଅଭାବ ଲକ୍ଷିତ ହୁଏ । ଯେ ଏ ମହାଭାରତକୁ ଥରେ ମାତ୍ର ଶୁଣିଅଛନ୍ତି ବା ଶୁଣିବେ, ତାହାଙ୍କର ଶାରଳାଦାସ ମହାଭାରତ ଶ୍ରବଣରେ କଦାପି ତୃପ୍ତି ଲାଭ ହେବ ନାହିଁ ଏଣୁକରି ଏହି ଉତ୍କୃଷ୍ଟଗ୍ରନ୍ଥକୁ ଛପା କରାଇବା ନିମନ୍ତେ ଆମ୍ଭେମାନେ ମନୋନୀତ କରିଅଛୁଁ ।

ଆମ୍ଭେମାନେ ଅନୁମାନ କରୁଁ କି ଏ ଗ୍ରନ୍ଥ ରୟେଲ ଅଠପେଜି ଆକାରରେ ପ୍ରା ୬୦୦ ରମ ଅର୍ଥାତ୍ ପ୍ର ୪୮୦୦ ପୃଷ୍ଠା ହେବ ଏବଂ ସାଧ୍ୟମତ ଅଳ୍ପସମୟରେ ସମ୍ପୂର୍ଣ୍ଣ ପୁସ୍ତକ ଯୋଗାଇ ନ ପାରିଲେ ଗ୍ରାହକମାନଙ୍କର ତୃପ୍ତି ନ ହେବା ଦୃଷ୍ଟିରେ ପ୍ରତିମାସରେ ପ୍ର ୧୬୦ ପୃଷ୍ଠା ଲେଖାଏଁ ମୁଦ୍ରିତ କରି ନ୍ୟୂନାଧିକ ୨ ୨½ ବର୍ଷମଧ୍ୟରେ ପୁସ୍ତକ ସମ୍ପୂର୍ଣ୍ଣ କରିବାକୁ ସଙ୍କଳ୍ପ କରିଅଛୁଁ; ମାତ୍ର ଅନ୍ୟୂନ ଦୁଇଶତ ଗ୍ରାହକ ନ ହେଲେ କାର୍ଯ୍ୟାରମ୍ଭ କରିପାରିବୁଁ ନାହିଁ । ଗ୍ରାହକମାନେ ଆପଣା ୨ ସୁବିଧାକ୍ରମେ ତଳଲିଖିତ ନିୟମରେ ମୂଲ୍ୟ ଦେଇ ପାରିବେ ଯଥା;—

ଏଥିର ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ଅଗ୍ରିମମୂଲ୍ୟ

| | | | |
|---|---|---|---|
| | ସହର ନିମିତ୍ତ | ଟ ୧୦ | |
| ଡାକମାଶୁଲ ସହିତ ମଫସଲ ନିମିତ୍ତ | | ଟ ୧୫ | |
| ତ୍ରୈମାସିକ ଅଗ୍ରିମ ମୂଲ୍ୟ | ଟ ୨୮ | ଡାକମାଶୁଲ | ଟ ... |
| ଷାଣ୍ମାସିକ | . | ଟ ... | . ଟ ... |
| ବାର୍ଷିକ | . | ଟ ... | . ଟ ... |

ଏମନ୍ତ ସ୍ୱଳ୍ପମୂଲ୍ୟରେ ଏ ବୃହତ୍ ମହାଭାରତ ଲଭିବାର ସୁଯୋଗକୁ ବିଜ୍ଞ, ଧାର୍ମିକ ଓ ବିଦ୍ୟାର୍ଥୀ ବ୍ୟକ୍ତିମାତ୍ରକେ ଉପେକ୍ଷା ନ କରିବେ ଏହା ସେମାନଙ୍କଠାରେ ଏକାନ୍ତ ପ୍ରାର୍ଥନା ।

ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରିବେ ସେମାନେ ଆପଣା ନାମ, ଧାମ ଓ ଯେଉଁପ୍ରକାରେ ମୂଲ୍ୟ ଦେବାକୁ ପ୍ରସ୍ତୁତ ହେବେ ତାହା ଲେଖି ପଠାଇବେ । ଗ୍ରାହକ ସଂଖ୍ୟା ପୂର୍ଣ୍ଣ ହେବାର ଏକମାସ ଉତ୍ତାରୁ କାର୍ଯ୍ୟାରମ୍ଭ ହେବ ଏବଂ ତହିଁପୂର୍ବରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

ପ୍ରକାଶ ଥାଉ କି ଯେଉଁମାନେ ଜ ୧୦ ଣ ଗ୍ରାହକଙ୍କର ଏକବର୍ଷର ମୂଲ୍ୟ ଅଗ୍ରିମ ଏକକାଳୀନ ଦାନକରିବେ ସେମାନଙ୍କ ନାମ ଏଜେଣ୍ଟ ଶ୍ରେଣୀଭୁକ୍ତ କରି ବିନା ମୂଲ୍ୟରେ ଏକବର୍ଷର ମହାଭାରତ ଦାନ କରିବୁଁ ।

ଏହି ମହାଭାରତସମ୍ପର୍କୀୟ ମୂଲ୍ୟ ଏବଂ ସମସ୍ତ ପତ୍ରାଦି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେଟରୀ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ମାତ୍ର ଉତ୍ତର ଅର୍ଥାତ୍ ଡବଲକାର୍ଡ ଅଥବା ଦୁଇପଇସିଆ ଡାକ ଟିକଟ ଏକଖଣ୍ଡ ନ ପଠାଇଲେ ଉତ୍ତର ଦିଆଯିବ ନାହିଁ । କମ୍ପା ବେରଙ୍ଗପତ୍ର ଗୃହୀତ ହେବ ନାହିଁ ।

| | |
|---|---|
| ବିଃ କଟକ ପ୍ରିଣ୍ଟିଂ କମ୍ପାନି ଅଫିସ<br>ଚଉଧୁରୀବଜାର କଟକ | ଶ୍ରୀ ... ପ୍ରକାଶକ |

## ସତୀନାଟକ ।

ଅମୃତଭ ଏ ନାଟକର ପ୍ରସଙ୍ଗ ଏହି—କୌଣସି ରଜା ଜଣେ ପରମସୁନ୍ଦରୀ ନାରୀ ପ୍ରତି ଆସକ୍ତ ହେବାରୁ ସେ ସ୍ତ୍ରୀ ବୁଦ୍ଧିଗୁଣର୍ଯ୍ୟ ବଳ କୌଶଳରେ ଓ ଅନେକ କଷ୍ଟ ସହି ଆପଣା ସତୀତ୍ୱ ରକ୍ଷା କଲା ଓ ପରିଶେଷରେ ଅସହାୟ ଅବସ୍ଥାରେ ଆତ୍ମହତ୍ୟା କଲା । ପ୍ରସଙ୍ଗଟି ଅତି ମନୋରମ ଓ ରସଯୁକ୍ତ ଅଟଇ । ଏଥିରେ ଅନେକ ହିତୋପଦେଶ ଅଛି । ଏବଂ କେତେକ ଗୀତ ଓ ଗୀତମାନ ଦିଆ ହୋଇଅଛି । ମୂଲ୍ୟ ଟ ୦।୵ ଆମ୍ଭଠାରେ ଓ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଶ୍ରୀ ଜଗନ୍ମୋହନ ଲାଲ

---

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ବିକ୍ରୟ ହେଉଥିବା ନିମ୍ନଲିଖିତ ପୁସ୍ତକମାନଙ୍କର ମୂଲ୍ୟ ଊଣା ହୋଇଅଛି । ଯଥା;—

| | |
|---|---|
| କାଞ୍ଚିକାବେରୀ ନାଟକ | ଟ ୦ । |
| ପ୍ରେମତରଙ୍ଗ ( ଗାଥା ) | ଟ ୦ ୵ |
| ଶିଶୁପାଠ ୧ ମ ଭାଗ | ଟ ୦ । |
| „ ୨ ୟ ଭାଗ | ଟ ୦ । |
| „ ୩ ୟ ଭାଗ | ଟ ୦ ୰ |

---

## ମେହରୋଗ ।

ସାଡ଼େଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତତ୍କାଳ ରୋଗ ଶାନ୍ତିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସହାୟେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନରକ୍ଷଣସମୟ ପର୍ଯ୍ୟନ୍ତ ରହିବ । ଔଷଧର ବ୍ୟବସ୍ଥାରେ ପରିଣତ ନ ହେଲେ ଔଷଧ ଗୀତ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଳ୍ପଲମ୍ବରେ ପୁସ୍ତିକାକାରରେ ପ୍ରକାଶିତ ହେବ କଲିକତା ଅଟେଇସ୍ତୋଲା ନମ୍ବର ଭବନରେ ସି, କେ, ସେନ୍ କମ୍ପାନୀଙ୍କଠାରେ ଏବଂ କଟକ ବରଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ୧ଶିଶି ୨ଙ୍କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚା ପୃଥକ୍ ।

---

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦଲ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ପଣି | ବାଦାମି ଜମାଇ | ଦ ୧୬ ଟ ୨।୵ |
| ୧୮ ପଣି | „ | „ ଟ ୨। |
| ୧୨ ପଣି | „ | „ ଟ ୧।୵ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକାଥରେ ୧ ୫ ମ ବା ଅଧିକ କ୍ରୟ କରିବେ ଅନ୍ୟର ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଲଗା ଓ ରେଶମୀଓଗେର ଲୁଗା ଓ ଷ୍ଟେସନରୀ ଓ କଳିଙ୍ଗ ତମାଖୁ ସତସତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଜ୍ କେତେକ ଫେନସ ଜିନିଷାତ୍ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଳେଇ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଦରକାର ହେବ ଏକ ମାସକୁ ଟ ବଣ୍ଡି ଟ୍ ୨।୵୬ ହିସାବରେ ଭଡ଼ା ଦେଲେ ଯାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖୋରାକି ଭାର ତାଙ୍କ ଉପରେ ଥିବ । ଖରିଦ କଲେ ଗାଡ଼ିର ଦର ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ଜିନିଷ ।

| | |
|---|---|
| ବଳର ଶୋଭଣୀ ବ ତ-ରହିବରେ ସୁନ୍ଦର ଦେଖେ ସୁନ୍ଦର । | ଦାନ୍ତ ସଫା ଓ ବାଳ ରଙ୍ଗିବା ଓ ସାବୁନ |
| ପମେଟମ୍ | ବିଲାତି କେଶତୈଳ |
| କବରୀକୁ ତେଲ ଲଗାଇବା ଯେଉଁ ଗୋବର ଓ ଗୋଲାପ ଅତର । | ଚର୍ମ ସୁଗନ୍ଧିତ କରିବା ପାଉଡର ଛେଲି ଗୋଲାପ ପାଣି ଏସେନ୍ସ ଅତର |
| ଗୁଆ ଅର୍ଥାତ୍ କଡ଼ା କରିବା ଗୋଲାପ ପେନ୍ସିଲ୍ ଓ କଲମ । | ମାଟିର ଜାତି ଲୁଗାରେ ଦାଗ ଦେଲେ ଶୋଭା ବଡ଼ ହେବ ନାହିଁ । |
| ପେଟନ୍ଟିଲ ଲାଞ୍ଚିବା ଯନ୍ତ୍ର । | ଏ, ବୋତଲ ଅମୃତଧାରା |
| ନାନା ପ୍ରକାରର ଦଉଡ଼ି ଓ ଟିଫିନ | ଦାମୀନ ଓ ବ୍ରୁସ । |
| ରେଶମୀ ସୂତା । | ଚଉଡ଼ା ଅନ୍ୟ ସିଲେଟ । |
| ଚେଉ ଛତା । | ଏକନ ଦାଉସ । |
| ବଟନ ଆଲୁଅ । | ସୁଅଳ ପେନ । |
| ଚାକାଦି ଖାବାର ସହିତ ଲୁଗା ପରିଷ୍କାର ହୁଏ । | ଅଙ୍ଗ ସେଇଣ୍ଟ ପେନ୍ସିଲ୍ ଅର୍ଥାତ୍ ଏ ପେନ୍ସିଲ୍‌ରେ ଲେଖି କାଟିଲେ ପେନ ଅକ୍ଷର ମେଣ୍ଟି ଯାଏ ନାହିଁ ଲେଖା ଯେତେ ଦିନ ଗଲେ ଲିଭିବ ନାହିଁ । |
| ଅଷ୍ଟୋଲ ଗ୍ଲେଜ—ଅର୍ଥାତ୍ ସୁନ୍ଦରୀ ଦର୍ପଣ । | ଜାପାନି ପେପର । |
| ଅବଲ ଘଣ୍ଟି । | ବସ୍ତ୍ରଟି ନ କାଟିଲେ କାଟିବା ଛୁରୀ । |
| ଓଲାଟିଲ ସୁଟ୍ ଛତା । | ଜବରର ଚୋପର ଅର୍ଥାତ୍ ଉଠାଇ ବସିବା ବା ତାଳର ଆସନ । |
| ଚପ୍ ଲ ଅବ । | ମମବାତି । |
| କୋପେଡିଆଳ୍ । | ରେଲ୍ ବୁ ପେନ୍ସିଲ୍ ଆଲ କୋଡଲ |
| ଯୋରବାବୁଲାର ଦେବୀରଙ୍ଗ ଓ ତାଙ୍କ ଲୋକଙ୍କ କଲେ | ଟାଙ୍ଗରୀ ଟାଣି ଓ ଘୋଡ଼ା ଓ ଜନ |
| ଦୃଷ୍ଟିଦୀପ ଯାତ ସର୍ଷତ୍ ଲେଖିବାବେଳେ ଘର ଓ ଶୁଣିଲେ କଳା ହେବ । | ମଶମ୍ପାଦାନ ଓ ଷ୍ଟିଲ ପାଇ ପାଉଡର ଓ ଶାଡ଼ୀ । |
| ଅଗଣା ଚକ୍ରା ୧୨ × ୧୦ ଇଞ୍ଚ ୧୮ × ୧୨ ଇଞ୍ଚ | ଟ୍ରିଙ୍କ ବାକ୍ସ |
| ପକେଟବୁକ୍ ପଂକ୍ତି ପାଙ୍ଗି ସହିତ ଟ ୦ ।୵ ୭ | |
| ମୋଜା ଓ ମୋଜାବନ୍ଦ ଭଲନ ଧୂଆ ଜଳସାଯନ୍ତ୍ର ଦସ୍ତାନା ଖାଉଁଟି କଳା ଚଟି ଓ ପାଦୁକାର ରୌପ୍ୟ ଫିତା | |

ଅର୍ଦ୍ଧେନ୍ଦୁଶେଖର ଦଲ କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ପ୍ରତ୍ୟେକ ପଙ୍କ୍ତି ଲୁହେ ଅକ୍ଷର ହୋଇଥିବ ଯଥା—

ପ୍ରଥମଥର ସକାଶେ

| | |
|---|---|
| ଆଠ ପଦ | ଟ ୦ ୵ |
| ଅଧ ସ୍ତମ୍ଭ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ୩ଟଙ୍କା |

ମାତ୍ର କୌଣସି ଲୋକ ଯେବେ ଶତ ହେଲେ ତାହାଙ୍କ ଠାରୁ ଟ ୦ ୰ ରୁ ଊଣା ନିଆ ହେବ ନାହିଁ ।

ବ ଦାମ୍ ଓ ଦ୍ୱିତୀୟଥର ସକାଶେ ଏହି ପ୍ରଥମ ଥର ଦରରୁ ଅର୍ଦ୍ଧ ନିଆଯିବ ।

ଅଧିକ ସମୟ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା କଟକ ଦରଗାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଶନିବାର ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

୨୨ ଭାଗ
୧୦ ସଂଖ୍ୟା

ତା ୫ ରଖ ମାହେ ମର୍ଚ୍ଚ ୧୮୮୭ ମସିହା । ମୁ । ଫାଲ୍‌ଗୁନ ଦି ୨୦ ୭ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬

## ବାମଣ୍ଡା ।

ଚନ୍ଦ୍ରଭାଗା ।

ଏଥିପୂର୍ବେ ପ୍ରଶ୍ନ ହୋଇଥିଲା ଯେ "ଅଙ୍ଗ ରାଗ ମନେ ଉପୁଜେ ଯେଉଁ କୁସୁମବାଣେ । ଉଲଟା ଯୋଖିଲେ ସେ ବାଣ ପୁଣି ତସ୍କର ଅଣେ"। ଏଥିରେ କବି କେଉଁ କୁସୁମପ୍ରତି ଦୃଷ୍ଟି କରିଅଛନ୍ତି; ଏହାର ଉତ୍ତରରେ ଏକଜଣ କାବ୍ୟଶେଖର ନାମକ ଲେଖିଥିଲେ ଯେ କବି "ମଲ୍ଲୀ" କୁସୁମପ୍ରତି ଦୃଷ୍ଟି ଦେଇଅଛନ୍ତି ଉକ୍ତ ମଲ୍ଲୀ ଶବ୍ଦକୁ ଉଲଟା କଲେ ଲମ ହେଉ ଅଛି ଇତ୍ୟାଦି ଉତ୍କଳଦୀପିକା ।

ଏଥିରେ ଆମ୍ଭର ବକ୍ତବ୍ୟ ଯେ ଯେତେବେଳେ କବି କୁସୁମରୂପ ପଦାର୍ଥରେ ଦୃଷ୍ଟି କରିଅଛନ୍ତି ତେତେବେଳେ କୌଣସି ଗୋଟିଏ କୁସୁମବାଚକ ଶବ୍ଦକୁ ଉଲଟାଇ କରିବାର ପ୍ରସଙ୍ଗ ଓ ସାଭିପ୍ରାୟ ଉତ୍ତର ବୋଧ ହେଉ ନାହିଁ ଯେ ହେଉ କାବ୍ୟଶେଖର ମହାଶୟ ଯେଉଁ ଯତ୍ନ କରିଅଛନ୍ତି ତହିଁରେ ଆମ୍ଭେମାନେ ଆନନ୍ଦସହିତ ଶତ ଧନ୍ୟବାଦ କରୁଅଛୁଁ ।

ଆମ୍ଭମାନଙ୍କର ମତ ନିତାନ୍ତ ଉପଯୁକ୍ତ ହେଉ ଅଛି ଯେ ଉତ୍କଳ ରାଜପଣ୍ଡିତ କବିବରଙ୍କ ଗମ୍ଭୀରଗ୍ରନ୍ଥ ପ୍ରଶ୍ନ ମନୋଗତ ମର୍ମାର୍ଥ କୁସୁମ ପ୍ରସ୍ଫୁଟିତ ହୋଇ ଗୁଣଗ୍ରାହୀ ରସିକମାନଙ୍କୁ ସୁରଭିତ କରୁ । ଅତଏବ ଆମ୍ଭେ ଗୋଟିଏ ଫୁଲର ନିର୍ଦ୍ଦେଶ କରୁ ଅଛୁଁ ଯେ ତାହା ଗୁରୁଜନମାନଙ୍କର ମନକୁ ଅବଶ୍ୟ ତୁଷ୍ଟ କରିବ ତାହା ସୁଲଭ ମନେ ହେଉ ନାହିଁ ତଥାପି ଉପଯୁକ୍ତ ଯଥା;—

"ପଦ୍ମଫୁଲ" ଏ କନ୍ଦର୍ପର ପଞ୍ଚବାଣଗତ ପ୍ରିୟତମଶର, ଏହାର ମୂଳ ଆରକ୍ତବର୍ଣ୍ଣ ସୁତରାଂ ଅନୁରାଗ ବର୍ଦ୍ଧକ ଏବଂ ଏହାକୁ ଉଲଟା ଯୋଖିଲେ ଏହାର ମୃଣାଳ ତସ୍କର* ଶବ୍ଦ ବାଚ୍ୟ ହୋଇଥିବାରୁ ତସ୍କରର ବ୍ୟଞ୍ଜନାଦ୍ୱାରା ନିତାନ୍ତ ତସ୍କରର କାରଣ ହେବ ।

ଏପରି ଭରସା କରୁଁ କବି ନିଜେ ଏହାର ସମାଲୋଚନା କଲେ ପରିଶ୍ରମ ସଫଳ ହେବ ।

ଶ୍ରୀ——ବାମଣ୍ଡା

## ଉତ୍କଳଦୀପିକା

ତା ୫ ରଖ ମର୍ଚ୍ଚ ସନ ୧୮୮୭ ମସିହା ।

ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଆମ୍ଭମାନଙ୍କର ପ୍ରସ୍ତାବ ମତେ ଶ୍ରୀଯୁକ୍ତ ମେଜିଷ୍ଟ୍ରର ସାହେବ ଏଠା ମିଉନିସିପାଲିଟୀ ନ ୧ ମର ବାର୍ଡର କମିଶନର ନିର୍ବାଚନ ସକାଶେ ଆଗାମୀ ଅପ୍ରେଲମାସ ତା ୧୧ ରଖ ଧାର୍ଯ୍ୟ କରିଛନ୍ତି । କମିଶନର ମନୋନୀତର ଦରଖାସ୍ତ ଏମାସ ତା ୧ ରଖରେ ତାହାଠାରୁ ତା ୧୪ ରଖ ମଧ୍ୟରେ କମିଶନର ମନୋନୀତ କରି ମେଜିଷ୍ଟ୍ରର ସାହେବଙ୍କୁ ଜଣାଇବାକୁ ହେବ । ଆମ୍ଭେମାନେ ଭରସା କରୁଁ ସେ ବାର୍ଡର ଟାକ୍ସଦାତାମାନେ ଏଥିର ଚତୁର ଓ ସାବଧାନ ପୂର୍ବକ ସକଳ କାର୍ଯ୍ୟ କରିବେ ।

* ମୃଣାଳଂ ଚୌରମିତ୍ୟମରଃ । ଦନ୍ତ୍ୟଦନ୍ତ୍ୟାନ୍ତର୍ଗତ ସକାର ତନ୍ତ୍ର ମୂର୍ଦ୍ଧନ୍ୟରୂପରେ ଉଭୟଥା ପ୍ରସିଦ୍ଧ ।

---

ଭଦ୍ରକରେ ଗତମାସ ତା ୧୯ ରଖରେ ଜଣେ ବୁଢ଼ା ହାଟକୁ ଯାଉଥିଲା । ହାଟରେ ଯୋଡ଼ାଏ ମାଙ୍କଡ଼ [illegible] କରୁଥିଲେ । ବୁଢ଼ାକୁ ଦେଖି ତହିଁମଧ୍ୟରୁ ଗୋଟାଏ ମାଙ୍କଡ଼ ଦୌଡ଼ିଆସି ଏମନ୍ତ କାମୁଡ଼ି ପକାଇଲା ଯେ ବୁଢ଼ା ତତକ୍ଷଣାତ୍ ମରିଗଲା । ମାଙ୍କଡ଼ମାରିବା ହିନ୍ଦୁମାନେ ଅଧର୍ମ କାର୍ଯ୍ୟବୋଲି ବିଶ୍ୱାସ କରିବାରୁ ମାଙ୍କଡ଼ ଦଳ ଦିନକୁ ଦିନ ବୃଦ୍ଧିହୋଇ ଫିଙ୍ଗାରୁ ଘର କଖାରୁ ଓ ବାଡ଼ରୁ କଦଳୀ ଇତ୍ୟାଦି ଫଳ ଚୋରିକରିବାଦ୍ୱାରା ସାଧାରଣ କ୍ଷତିକର ଅଟନ୍ତି ତେବେହେଁ ପୁଲିସ ହସ୍ତକ୍ଷେପ କରିବାର ଦେଖାଯାଇ ନାହିଁ । ଏଣିକି ନରହତ୍ୟା ଆରମ୍ଭ କଲେ । ଆମ୍ଭମାନଙ୍କ ବିବେଚନାରେ ମାଜିଷ୍ଟ୍ରେଟ ସାହେବଙ୍କର ଆଉ ତୁନିହୋଇ ରହିବା ଉଚିତ ନୁହଇ ।

---

ଅସ୍ତରେଶ୍ୱର ପରଗଣା ବାଲିଆଗ୍ରାମ ନିକଟରେ ସମ୍ବାଦ ନାମରେ ଏକ ସମ୍ମାନ୍ୟ ବୈଷ୍ଣବ ବାସ କରନ୍ତି । ସେ ଲେଖିଅଛନ୍ତି ଯେ ଆଗାମି ଅପ୍ରେଲ ତା ୨ ରଖ । ମୁ । ଚୈତ୍ରମାସ ୨୨ ଦିନ ଶନିବାର ସ୍ୱଗଡକଣିରେ ଏକ ଯଜ୍ଞ ଆରମ୍ଭକରି ପୂର୍ଣ୍ଣିମା ଯାଏଁ

Digitized by srujanika@gmail.com

ପ୍ରତିପଦରେ ଶେଷ କରିବେ । ଏଥିନିମନ୍ତେ ବେଦାନୁରୂପ ଯଜ୍ଞମଣ୍ଡପ ଓ ସ୍ଥଣ୍ଡିଳ ଦେବ ବିରାଜମାନ ହେବା ଯୋଗ୍ୟ ଏବଂ ଅତି ଉଚ୍ଚ କାଛଘର ନିର୍ମାଣ ଏବଂ ଅନେକ ଘୃତର ପ୍ରୟୋଜନ ହେବ । ଏଥିପାଇଁ ସେ ଭକ୍ତ ବୃନ୍ଦଙ୍କର ସାହାଯ୍ୟ ପ୍ରାର୍ଥନା କରୁଅଛନ୍ତି । ମୋଫସଲରେ ସମୟ୨ରେ ଏପରି ଯଜ୍ଞ ହେବାର ଶୁଣାଯାଏ ଏବଂ ଲୋକମାନେ ଯଥେଷ୍ଟ ସାହାଯ୍ୟ କରନ୍ତି । ସେହିପରି ରାମଦାସ ବାବାଜି ଉକ୍ତ ସାହାଯ୍ୟ ପାଇବେ ସନ୍ଦେହ ନାହିଁ ମାତ୍ର ଏଯଜ୍ଞ ପ୍ରମାଣ ଏବଂ ତହିଁର ଫଳାଫଳ ଜନସାଧାରଣଙ୍କୁ ବୁଝାଇ ଦେବାର ଉଚିତ ତାହା ହେଲେ ତହିଁରେ ଲୋକଙ୍କର ଉତ୍ସାହ ବଢ଼ିବ ଏବଂ ସାହାଯ୍ୟ କରିବାକୁ ଅଧିକ ପ୍ରବୃତ୍ତି ହେବ ।

---

ମାହାଙ୍ଗାର ହିତସାଧକ ସାଧୁ ସାହୁର ପିଲା-ମାନଙ୍କ ଦୁର୍ଦ୍ଦଶା କ୍ରମଶ ବୃଦ୍ଧି ହେଉଅଛି । ଖୁନ ଇତ୍ୟାଦି ମକଦ୍ଦମାରେ ସରଜମିନ ତଦାରକ ନିମନ୍ତେ ନଟେଡ ଡେପୁଟୀ ମେଜିଷ୍ଟ୍ରେଟ ଗତମାସ ତା ୨୨ ଋରେ ମାହାଙ୍ଗାରେ ବିରାଜମାନ ହୋଇଥିଲେ । ସାଧୁର ଘରର ସଦର ଦ୍ୱାର ଖୋଲିବ ପିଟାଇ ଦେଖିଲା ବେଳକୁ ତାହା ଘରେ ଓ ତାହାର ପୁତ୍ରଙ୍କ ଘରର ଥାଳର ଘରେ ବଡ଼ା ବଡ଼ ସାମାନ୍ୟ ସାମଗ୍ରୀ ବ୍ୟତୀତ ଅନ୍ୟ ସାମଗ୍ରୀ ସବୁ କିଛି ନାହିଁ । କଂସା ବାସନ ଗାଈ ଗୋରୁ ଅଳଙ୍କାର ଓ ଗ୍ରାହକମାନଙ୍କଠାରୁ ଆଣିଥିବା ସୁନା ରୁପା ଓ ନଗଦ ଟଙ୍କା ଏପରି ଅନେକ ମୂଲ୍ୟବାନ ଜିନିଷ ମାଲ ଅପହୃତ ହୋଇଛି । ଡେପୁଟୀ ତଦନ୍ତ କରିବାରେ କେହି୨ ପ୍ରତିବାସିମାନେ କହିଲେ ସୀତାନାଥ ଘରଟାକୁ ଅଧିକ ଜୋରରେ ଦଖଲ ଆପଣା ଚାକରମାନଙ୍କଦ୍ୱାରା ସେ ସାମଗ୍ରୀସବୁ ନେଇ ଯାଇଅଛି । ସୀତାନାଥ ଉପସ୍ଥିତ ନ ଥିବାରୁ ତାହାର ଅନ୍ତଃପୁର ତଲାସ ହୋଇ ପାରିଲା ନାହିଁ ମାତ୍ର ତାହାର ବାହାର ଘର ଓ ତାହାର ଅନୁଗତ ଓ ଉଦ୍ୟୁକ୍ତ ଜନ ଗୃହସ୍ଥଙ୍କ ଘର ତଲାସ ହେବାରେ ଗୋଟିଏ ତୋଷା ଛଡ଼ା ଅନ୍ୟ ବସ୍ତୁ ପ୍ରାପ୍ତି ହେଲା ନାହିଁ ।

ଫଟାର ସାହୁ ପିତୃ ମାତୃ ସ୍ଥାନ ଓ ସାଧୁଙ୍କଠାରୁ ପୃଥକ୍ । ସେ ଓ ତାହାର ଗୋଟିଏ ଅଳ୍ପ-ବୟସ୍କା ବିଧବା ଭଗିନୀ ଏକତ୍ରରେ ଥାନ୍ତି । ସାଧୁ ଆପଣା ସ୍ତ୍ରୀର କଷ୍ଟ ଭର ବାହନରେ ଥିବାରୁ ତାହାର ଯଥେଷ୍ଟ ଫଳ ଫଳ ମାତୃସ୍ଥାନ ଭୂଲ୍ୟ ହୋଇ ଅଛନ୍ତି । ଏମାନେ ଏ ମକଦ୍ଦମାରେ ସାକ୍ଷି ସ୍ୱରୂପ ଏଠାକୁ ଆସିଥିଲେ ଏଥି-ମଧ୍ୟରେ ଏପରି ଘଟିଲା । ଏପରି ଘଟଣାମାନ ଇଂରାଜଙ୍କ ଅମଳରେ ମହାଙ୍ଗାରେ ସମ୍ଭବ ହେବାରୁ ଅନାୟାସରେ ବୋଲଯାଇ ପାରେ ଯେ ସେଠାରେ ଘୋର ଅରାଜକତ ବିରାଜ ଅଛି । ଏକଥା ସେଠା ଲୋକ ଏବଂ ସ୍ଥାନୀୟ ହାକିମଙ୍କପ୍ରତି ଘୋର କଳଙ୍କ ଅଟଇ । ଶୁଣିଲୁ ସେଠା ଫାଣ୍ଡି ପୁଲିସପ୍ରତି ଏହି ଗୃହସ୍ଥ ଉଦ୍ଧାରଣର ଭାର ହେଇ ପୁଲିସ ନିଶ୍ଚିନ୍ତ ହୋଇ ଅଛନ୍ତି ମାତ୍ର ଜଣେ ସୁଦକ୍ଷ ପୁଲିସ କର୍ମଚାରୀ ଭିନ୍ନ ଏ ମୋକଦ୍ଦମାର ଅନୁସନ୍ଧାନ ହୋଇ ନ ପାରେ ମାଜିଷ୍ଟ୍ରେଟ ସାହେବଙ୍କର ଏ ବିଷୟରେ ବିଶେଷ ଦୃଷ୍ଟି ହେବାର ଉଚିତ । ସାଧୁର ପୁଅ ପୁତୁରା ପିଲମାନେ ଅତି କଷ୍ଟରେ ଅଛନ୍ତି ଓ ଖଣ୍ଡା ବନା ମକଦ୍ଦମା ଚଳାଇ ପାରୁ ନାହାନ୍ତି । ସେମାନେ ଉଠାନ୍ତି ଭୂମିର ପାଣ୍ଡ ସନ୍ଦେହ ନାହିଁ ମାତ୍ର ଏମାନଙ୍କ ସାହାଯ୍ୟ ନିମନ୍ତେ ଅବଶ୍ୟ କୌଣସି ସାଧାରଣ ଉପାୟ ଅବଲମ୍ବିତ ନ ହେବା ବଡ଼ ଦୁଃଖର ବିଷୟ ଅଟଇ ।

---

## ପରୀକ୍ଷା ପ୍ରଶ୍ନଭେଦ ।

ଓଡ଼ିଶାର ମାଇନର ଓ ଭର୍ଣ୍ଣାକ୍ୟୁଲର ପରୀକ୍ଷା ଗତ ମଙ୍ଗଳବାରଠାରୁ ଆରମ୍ଭ ହେବାର ଥିଲା ମାତ୍ର ତହିଁର ଦୁଇଦିନ ପୂର୍ବରୁ ଛାତ୍ରମାନେ କେତେକ ବିଷୟର ପ୍ରଶ୍ନ ଜାଣିଥିବାର ପ୍ରକାଶ ପାଇବା ଓ ପ୍ରଶ୍ନମାନ ଗୋପନ ନ ଥିବା ବିଷୟ ଡିରେକ୍ଟର ଇନସ୍ପେକ୍ଟରଙ୍କ ହୃଦ୍‌ବୋଧ ହେବାରେ ସେ ପରୀକ୍ଷା ବନ୍ଦ କରିବାକୁ ବାଧ୍ୟ ହୋଇ-ଅଛନ୍ତି ନୂତନ ପ୍ରଶ୍ନରେ ଅନ୍ୟ ସମୟରେ ପରୀକ୍ଷା ଗୃହୀତ ହେବ । ଓଡ଼ିଶାରେ ପ୍ରଶ୍ନଭେଦ ନୂତନ କଥା । କେତେକ ବେଳ ପ୍ରଶ୍ନମାନ ଏହି ନଗରରେ ଛପା ହୋଇ ଆସୁଥିବା ପ୍ରତ୍ୟକ୍ଷେ ଏପରି କେବେ ଘଟି ନ ଥିଲା । ଏଥର ଘଟିବାର କାରଣ କି ? ଆମ୍ଭେମାନେ ଯେ ସମସ୍ତ ଜନରବ ଶୁଣୁଅଛୁଁ ଏବଂ ତାହା ସ୍ଥାନାନ୍ତରେ ପ୍ରକାଶିତ ସେରିକପତ୍ରରେ ଲେଖା ଥିବାରୁ ପୁନର୍ବାର ଲେଖିବା ଅନାବଶ୍ୟକ ସେ ସବୁ ସତ୍ୟ ହେଲେ ଏକାର୍ଯ୍ୟରେ ଯେମନ୍ତ ସମ୍ବଲପୁର ତେମନ୍ତ ଶିକ୍ଷକ ଓ ପରୀକ୍ଷକଙ୍କର ଦୋଷ ଦେଖା-ଯାଏ । ପୁଣି ସଂସ୍କାରକ ଡେପୁଟୀଇନସ୍ପେକ୍ଟରଙ୍କ ଅଫିସ ଷ୍ଟାବଲିଷ୍ଟମେଣ୍ଟ ଓ ଇନ୍ସପେକ୍ଟର ସମ୍ବଲପୁର ଯେ ସମସ୍ତ ଦେଖାଇଅଛନ୍ତି ଏବଂ ତହିଁରୁ ଯେ ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ସେସବୁ ସତ୍ୟ ନ ହେଉ ପଛକେ ଆଶଙ୍କା ହୋଇ ଯାଇ ନ ପାରେ । ଏହି ପ୍ରକାର ସନ୍ଦେହ ହେଉ ଶିକ୍ଷା ବିଭାଗର ହେଡ଼ମାଷ୍ଟର ଏ ଗଭୀର ଚିନ୍ତା-ରରେ ନିରପେକ୍ଷଭାବରେ ଡେପୁଟୀ ଇନ୍ସପେକ୍ଟର ଆପଣା କର୍ତ୍ତବ୍ୟ କରିବାରେ ଅକ୍ଷମ ହେବାରୁ ତହିଁ କରିବାରେ ଆମ୍ଭେମାନେ ପୁନଃ୨ ଆପଣା ମତ ପ୍ରକାଶ କରି ଆସୁଅଛୁଁ ଏବଂ ତହିଁ ପ୍ରତି ଅଗ୍ରାହ୍ୟ ପ୍ରକାଶ ନ କରିବାର ଫଳ ଆପେ ବାହାର ପଡ଼ୁଅଛି । ଆମ୍ଭେମାନେ ଆଶା କରୁଁ କି ଡେପୁଟୀ ଇନ୍ସପେକ୍ଟରଙ୍କ ଏଣିକି କାହିଁ ଯଠାରେ ଅଭିଯୁକ୍ତ ହୁଏସ ନ କରି ସାବଧାନପୂର୍ବକ ଆପେ ସମସ୍ତ କାର୍ଯ୍ୟ କରିବେ । ସରକାରୀ କାର୍ଯ୍ୟରେ ତଥ୍ୟ-ଲଙ୍ଘା ବା ସାଇ ବନ୍ଦଶିର ଶୁଣି ପାରନ୍ତି ନାହିଁ । ଯେ୨ ସ୍ଥଳରେ ସେ ପ୍ରକାର ସନ୍ଦେହ ନ ଅଛି ସେ ସମସ୍ତ ଛାଡ଼ାଇ ଦେବାର କହିଲ ଉପାୟ ଶୀଘ୍ର କରନ୍ତୁ ନ ଦେଲେ ସର୍ବସାଧାରଣଙ୍କ ନିକଟରେ ତାହାଙ୍କର ଅଶ୍ୟତ ବଳ ଅନ୍ୟ ବହୁ ଲବ ହେବ ନାହିଁ । ଉପସ୍ଥିତ ଘଟଣାରେ ଆମ୍ଭେମାନେ ପ୍ରାର୍ଥନା କରୁଁ କି ସେ ଯଥେ-ଚିତ ଅନୁସନ୍ଧାନପୂର୍ବକ ଏ ଦୂଷଣରେ ଲିପ୍ତଥିବା ବ୍ୟକ୍ତିମାନଙ୍କୁ ଶେଷ କି ଆହାର କରି ଉପଯୁକ୍ତ ଶିକ୍ଷା ଦେବେ ଯେମନ୍ତ କି ଭବିଷ୍ୟତରେ ଅନ୍ୟ କାହାର ଏ ପ୍ରକାର ମନ୍ଦ କାର୍ଯ୍ୟରେ ପ୍ରବୃତ୍ତ ହେବାର ସାହସ ହେବ ନାହିଁ ।

---

## ମିଉନିସିପଲ ଟିକାର ଅପବ୍ୟୟ ।

ଅଗାମି ବର୍ଷର ବଜେଟ ସ୍ଥିରକରିବା କାରଣ ଗତ ସୋମବାର ଏଠା ମିଉନିସିପଲ କମିସ୍ନର-ମାନଙ୍କର ଏକବୈଠକ ହୋଇଥିଲା । ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ କଲେଷ୍ଟର ରେଭିନ୍ୟୁଙ୍କୁ ଏକ ଗସ୍ତଖର୍ଚ୍ଚ ଦେବା କାରଣ ବାବୁ ଆଳି-ପଦ ବାନାର୍ଜ୍ଜୀ ପ୍ରସ୍ତାବ କଲେ ମାଷ୍ଟ ଗ୍ରାଣ୍ଟ ଚେଅରମ୍ୟାନ ବାବୁ ଯଜ୍ଞେଶ୍ୱରଚନ୍ଦ୍ର ବସୁ ଖର୍ଚ୍ଚ ନେବାକୁ ରାଜି ନ ହେବାରୁ ସେ ପ୍ରସ୍ତାବ ଆଉ ଉଠିଲା ନାହିଁ । ତଦନ୍ତର କାଳୀବାବୁ ପ୍ରସ୍ତାବ କଲେ କି ଅନରେରୀ ମାଜିଷ୍ଟ୍ରେଟଙ୍କର ମକଦ୍ଦମା ଖର୍ଚ୍ଚଦେବାର ଗୋଟିଏ ଘର ବଜେଟ ଫାରମରେ ଲେଖାଥିବାରୁ ମାସକୁ ୫୦୧୦ ଙ୍କା ବେତନରେ ଜଣେ ଚପରାସି ଉକ୍ତ ମାଜିଷ୍ଟ୍ରେଟଙ୍କୁ ଦେବାର ଉଚିତ ଅତଏବ ଏଥିପାଇଁ ବର୍ଷକୁ ଟ ୬୦୧୦ ଙ୍କା ମଞ୍ଜୁରି ହେଉ । ଏପ୍ରସ୍ତାବର

Digitized by srujanika@gmail.com